

◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ



• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-33 ◆SUNDAY ◆27 JULY 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୩୩ ◆ରବିବାର ◆୨୭ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦ (ସିନ୍ଦୂରା ସହ)


## ବିହାରରେ ଚଳନ୍ତା ଆମ୍ବୁଲାନ୍ସରେ ଗଣଦୁଷ୍କର୍ମ

■ **ଗୟା, ୨୬।୭ (ଏଜେନ୍ସି):** ବିହାରର ଗୟା ଜିଲ୍ଲାରେ ହୋମଗାର୍ଡ ଚାକିରି ପାଇଁ ଫିଜିକାଲ ଟେଷ୍ଟ ଦେବାକୁ ଆସିଥିବା ଜଣେ ମହିଳାଙ୍କୁ ଚଳନ୍ତା ଆମ୍ବୁଲାନ୍ସରେ ଗଣଦୁଷ୍କର୍ମ କଲା ଭଳି ଘଟଣା ସାମ୍ନାକୁ ଆସିଛି। ପୁଲିସ ଶନିବାର ଆମ୍ବୁଲାନ୍ସ ଡ୍ରାଇଭର ଓ ଟେକନିସିଆନକୁ ଗିରଫ କରିଛି। କାଣ୍ଡ ଘଟାଇବା ପରେ ଦୁଇ ଅଭିଯୁକ୍ତ ମହିଳାଙ୍କୁ ଚୁପ୍ ରହିବାକୁ ଧମକ ଦେଇଥିଲେ। ଗୁରୁବାର ଏହି ଘଟଣା ଘଟିଥିଲା। କିନ୍ତୁ ଶୁକ୍ରବାର ରାତିରେ ଏହା ଜଣା ପଡ଼ିଥିଲା। ମହିଳା ଜଣକ ବିଏମ୍‌ପି-୩ର ପଡ଼ିଆରେ ହୋମ୍‌ଗାର୍ଡ ଭର୍ତ୍ତି ପାଇଁ ଫିଜିକାଲ ଟେଷ୍ଟ ଦେବାକୁ ପହଞ୍ଚିଥିଲେ। ଫିଜିକାଲ ଟେଷ୍ଟରେ ଦୌଡ଼ିବା ବେଳେ ସେ ବେହୋଶ ହୋଇ ତଳେ ପଡ଼ିଯାଇଥିଲେ। ସେଠାରେ ଥିବା ଏକ ଆମ୍ବୁଲାନ୍ସରେ ତାଙ୍କୁ ହସ୍ପିଟାଲ ନିଆଯାଇଥିଲା। କିନ୍ତୁ ଚଳନ୍ତା ଆମ୍ବୁଲାନ୍ସରେ ପ୍ରଥମେ ଟେକନିଆନ ଜଣକ ତାଙ୍କ ସହ ଦୁଷ୍କର୍ମ କରିଥିଲେ। ଏହାପରେ ଏକ ଶୂନ୍‌ଶାନ ସ୍ଥାନରେ ଗାଡି ରଖି ଡ୍ରାଇଭର ଦୁଷ୍କର୍ମ କରିଥିଲେ। ହସ୍ପିଟାଲ ପହଞ୍ଚିବା ପରେ ମହିଳା ଜଣକ ଡାକ୍ତରଙ୍କୁ ସବୁ କଥା କହିଥିଲେ। ଏହାପରେ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ଟେକନିସିଆନ ଜଣକ ମୁହଁକୁ ସ୍ପ୍ରେ ମାରିଥିଲେ ଓ ବେହୋଶ ହୋଇଯାଇଥିଲି ବୋଲି ▶ପୃଷ୍ଠା-୭

**ହୋମ୍‌ଗାର୍ଡ ଫିଜିକାଲ ଟେଷ୍ଟରେ ଅଚେତ ହେବା ପରେ ଚିକିତ୍ସିତ ହେବାକୁ ଯାଉଥିଲେ ମହିଳା ପ୍ରାର୍ଥୀ**

## ବିଷ ପିଇ ଜୀବନ ହାରିଲେ ପରିବାରର ୪ ସଦସ୍ୟ

■ **ସାଗର(ଏମ୍‌ପି), ୨୬।୭ (ଏଜେନ୍ସି):** ମଧ୍ୟପ୍ରଦେଶର ସାଗର ଜିଲ୍ଲାର ଖୁରଇ ଗାଁର ଟିହରଠାରେ ବିଚଳିତ କଲା ଭଳି ଏକ ଘଟଣା ସାମ୍ନାକୁ ଆସିଛି। ଶୁକ୍ରବାର ବିଳମ୍ବିତ ରାତିରେ ଗୋଟିଏ ପରିବାର ୪ ଜଣ ସଦସ୍ୟ ଘରେ ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ଆତ୍ମହତ୍ୟାର କାରଣ ନେଇ କିଛି ସୂଚନା ମିଳିନାହିଁ। ପରିବାରର ଏହି ୪ ସଦସ୍ୟ ହେଲେ ବାପା ମନୋହର ଲୋଧୀ (୪୫), ଝିଅ ଶିବାନୀ (୧୮) ଓ ପୁଅ ଅନିକେତ (୧୬) ଓ ଜେଜେମା ମା ଫୁଲରାଣୀ (୭୦)। ଚାଷ ଜମି ପାଖରେ ଏକ ଘରେ ଏହି ୪ ଜଣ ରହୁଥିଲେ। ମନୋହରଙ୍କ ପତ୍ନୀ ୪ ଦିନ ତଳେ ବାପଘରକୁ ଯାଇଥିଲେ। ବିଷ ପିଇବା ପରେ ୪ ଜଣ ବାନ୍ତି କରିଥିଲେ। ଉପର ମହଲାରେ ରହୁଥିବା ମନୋହରଙ୍କ ଭାଇ ବାନ୍ତିର ଶବ୍ଦ ଶୁଣି ତଳକୁ ଆସି ଏହା ଦେଖିଥିଲେ ଓ ତୁରନ୍ତ ପୁଲିସକୁ ସୂଚନା ଦେଇଥିଲେ। ଗାଁ ଲୋକଙ୍କ ସାହାଯ୍ୟରେ ସମସ୍ତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଫୁଲରାଣୀ ଓ ଅନିକେତ ଘଟଣାସ୍ଥଳରେ ହିଁ ମୃତ୍ୟୁବରଣ କରିଥିଲେ। ସେହିପରି ଶିବାନୀ ଖୁରଇ ହସ୍ପିଟାଲରେ ମୃତ୍ୟୁବରଣ କରିଥିବା ବେଳେ ଜିଲ୍ଲା ହସ୍ପିଟାଲକୁ ନିଆଯାଉଥିବା ବେଳେ ମନୋହରଙ୍କ ଜୀବନ ଯାଇଥିଲା। ଭାଇମାନଙ୍କ ମଧ୍ୟରେ ମନୋହର ସବୁଠାରୁ ସାନ ଥିଲା। ପୁଅ ଅନିକେତ ୯ମ ଶ୍ରେଣୀରେ ପଢୁଥିଲା ଓ ଝିଅ କଲେଜରେ ପ୍ରଥମ ବର୍ଷର ଛାତ୍ରୀଥିଲା। ମନୋହର ଗାଁର ସମୃଦ୍ଧ ଚାଷୀ ଥିଲେ।

# ପୁଣି ଝୁଲିଲା ରାଜ୍ୟ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ

■ **ଭୁବନେଶ୍ୱର, ୨୬।୭ (ସମିସ):** ରାଜ୍ୟ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣକୁ ନେଇ ଗତ କିଛି ଦିନ ହେଲା କଳ୍ପନାଜଳ୍ପନା ପ୍ରକାଶ ପାଇ ଆସୁଥିଲେ ମଧ୍ୟ ନିକଟ ଭବିଷ୍ୟତରେ ଏହାର ସମ୍ଭାବନା କମ୍। ଦିଲ୍ଲୀରୁ ଫେରି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଯେଉଁ ମନ୍ତବ୍ୟ ଦେଇଛନ୍ତି, ସେଥିରୁ ଏଭଳି ଆଭାସ ମିଳୁଛି। ତାଙ୍କର ବୟାନ ଯୋଗୁଁ ଦଳୀୟ ଆଶାୟୀଙ୍କୁ ପୁଣିଥରେ ନିରାଶ ହେବାକୁ ପଡ଼ିଛି।

ଦିଲ୍ଲୀ ଗସ୍ତ ସାରି ନିଜ ପ୍ରଥମ ବୟାନରେ ସାମଲ କହିଛନ୍ତି ଯେ ଦିଲ୍ଲୀରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ କୌଣସି ଆଲୋଚନା ହୋଇନାହିଁ। ପ୍ରଥମେ ସଂଗଠନ ପୁନର୍ବିନ୍ୟାସ ସହ ନିଗମ ଓ ବୋର୍ଡରେ ନିଯୁକ୍ତି ପ୍ରଦାନ କରାଯିବ। ଏହାପରେ ମନ୍ତ୍ରିମଣ୍ଡଳ ସଂପର୍କରେ ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି। ଆସନ୍ତା ୧୫ରୁ ଏକ ମାସ ମଧ୍ୟରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହୋଇପାରେ ବୋଲି ସେ ଆଶ୍ୱାସନା ଦେଇଛନ୍ତି। ତେବେ ମନମୋହନଙ୍କ କଥାରେ ତାଳମେଳ ରହୁ ନ ଥିବା ବେଳେ ଦଳର ବରିଷ୍ଠ ନେତା ମଧ୍ୟ ଅନିଶ୍ଚିତତାରେ ରହିଛନ୍ତି। ସବୁକିଛି ଦିଲ୍ଲୀ ହାଇକମାଣ୍ଡଙ୍କ ଉପରେ ନିର୍ଭର କରୁଛି।

ସୂଚନାଯୋଗ୍ୟ ଯେ ରାଜ୍ୟରେ ବିଜେପି ସରକାରକୁ ୧୩ ମାସ ବିତି ୧୪ ମାସ ଚାଲିଲାଣି। ମାତ୍ର ଏଯାବତ୍ ପୂର୍ଣ୍ଣାଙ୍ଗ ମନ୍ତ୍ରିମଣ୍ଡଳ ଗଠନ ହୋଇପାରିଲା ନାହିଁ। ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନିଷ୍ପତ୍ତି ପଦ୍ମ ଘୁଞ୍ଚିଲା ପରି ଘୁଞ୍ଚି ଘୁଞ୍ଚି ଯାଉଛି। ରାଜ୍ୟ ମନ୍ତ୍ରିମଣ୍ଡଳରେ ମୁଖ୍ୟମନ୍ତ୍ରୀଙ୍କୁ ମିଶାଇ ଏବେ ୧୬ ମନ୍ତ୍ରୀ ଅଛନ୍ତି। ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ଆହୁରି ୬ଟି ମନ୍ତ୍ରୀପଦ ଖାଲି ରହିଛି। ଜଣେ ଜଣେ ମନ୍ତ୍ରୀ ଏକାଧିକ ବିଭାଗ ସମ୍ଭାଳୁଥିବାରୁ ବିଭାଗୀୟ କାର୍ଯ୍ୟରେ ପାରଦର୍ଶିତା ଆସୁନାହିଁ ଏବଂ ବିଭିନ୍ନ ଅଘଟଣ ମଧ୍ୟ ଘଟୁଛି। ଯାହାକୁ ନେଇ ସରକାରଙ୍କୁ ସାଧାରଣରେ ଲୋକହସା ହେବାକୁ ପଡୁଥିବା ବେଳେ ଦଳୀୟ ଆଶାୟୀ ମଧ୍ୟ ନିରାଶ ହୋଇ ପଡ଼ିଲେଣି। ଇତିମଧ୍ୟରେ ମୁଖ୍ୟମନ୍ତ୍ରୀ, ରାଜ୍ୟ ସଭାପତି ଏକାଧିକ ବାର ଦିଲ୍ଲୀ ଗସ୍ତରେ ଯାଇ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣକୁ ସାକାର ରୂପ ଦେବାକୁ ଚେଷ୍ଟା କରିଛନ୍ତି। ମାତ୍ର ଏକାଧିକ ସମୀକରଣ ସମ୍ପ୍ରସାରଣ ରାସ୍ତାରେ ପ୍ରତିବନ୍ଧକ ସାଜୁଥିବା ଜଣାପଡ଼ିଛି। ଏପଟେ ସରକାର ଗଠନ କରିବାକୁ ବିଜେପିକୁ ୧୩ ମାସ ପୂରିଥିବା ବେଳେ ବିନା କ୍ଷମତାରେ ଦଳର କିଛି ମୂଳ ନେତା ଏବଂ ଦଳଡିଆଁ ଉଭୟ ଅଧୈର୍ଯ୍ୟ ହୋଇ ପଡ଼ିଲେଣି। ଯାହାକୁ ନେଇ ଉଭୟ ସରକାର ଏବଂ ସଂଗଠନ ଏକପ୍ରକାର ଅକଳିଆ ସ୍ଥିତିରେ ପଡ଼ିଥିବା ବେଳେ ପ୍ରଥମେ ସଂଗଠନର ପୁନର୍ବିନ୍ୟାସ ଏବଂ ନିଗମ ବୋର୍ଡରେ ନିଯୁକ୍ତି ଦେବାକୁ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ଏନେଇ ଦଳର ରାଜ୍ୟ ପ୍ରଭାରୀ ବିଜୟ ପାଲ୍ ସିଂ ତୋମାର ମଧ୍ୟ ସୂଚନା ଦେଇଛନ୍ତି। ▶ପୃଷ୍ଠା-୭

**ଦିଲ୍ଲୀରୁ ଫେରିଲେ ମନମୋହନ, କହିଲେ ଆଗ ସଂଗଠନ ପୁନର୍ବିନ୍ୟାସ**

# ଅବପାତ ଆଣିଲା ବନ୍ୟା

## ବିପଦ ସଙ୍କେତ ଉପରେ ବୈତରଣୀ ଓ ଜଳକା

■ **ଭୁବନେଶ୍ୱର, ୨୬।୭ (ସମିସ):** ରାଜ୍ୟରେ ଅବପାତଜନିତ ବର୍ଷା କାରଣରୁ ମୟୂରଭଞ୍ଜ ଏବଂ କେନ୍ଦୁଝର ଜିଲ୍ଲାରେ ଅତ୍ୟଧିକ ବର୍ଷା ହୋଇଛି। ଫଳସ୍ୱରୂପ ସୁବର୍ଣ୍ଣରେଖା, ଜଳକା ଏବଂ ବୈତରଣୀ ନଦୀରେ ଜଳସ୍ତର ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ଜଳସମ୍ପଦ ବିଭାଗର ସୂଚନା ଅନୁଯାୟୀ ଆନନ୍ଦପୁରଠାରେ ବୈତରଣୀର ବିପଦ ସଙ୍କେତ ସ୍ତର ୩୮.୩୬ ମିଟର ଥିବାବେଳେ ବର୍ତ୍ତମାନ ସେଠାରେ ଜଳସ୍ତର ୩୯.୧୬ ମିଟର ରହିଛି। ସେହିପରି ଆଖୁଆପଦାଠାରେ ବିପଦ ସଙ୍କେତ ୧୮.୩୩ ମିଟର ଥିବାବେଳେ ସେଠାରେ ଜଳସ୍ତର ୬ଟା ସୁଦ୍ଧା ୧୮.୮୮ ମିଟର ରହିଛି। ରାତି ୧୦ଟା ସୁଦ୍ଧା ଏଠାରେ ଜଳସ୍ତର ୧୯.୧୦ ମିଟର ପହଞ୍ଚିବା ନେଇ ଆଶଙ୍କା ପ୍ରକାଶ ପାଇଛି। ସମାନ ଭାବରେ ମଥାନୀଠାରେ ଜଳକା ନଦୀର ବିପଦ ସଙ୍କେତ ସ୍ତର ୬.୫୦ ମିଟର ଥିବାବେଳେ ଜଳସ୍ତର ବର୍ତ୍ତମାନ ୭.୧୩ ମିଟର ରହିଛି। ଜାମଶୋଳାଘାଟଠାରେ ସୁବର୍ଣ୍ଣରେଖା ନଦୀର ବିପଦ ସଙ୍କେତ ସ୍ତର ୪୯.୧୬ ମିଟର ଥିବାବେଳେ ସେଠାରେ ବର୍ତ୍ତମାନ ବିପଦ ସଙ୍କେତ ଉପରେ ଅର୍ଥାତ୍ ୫୦.୬୪ ମିଟର ଜଳ ପ୍ରବାହିତ ହେଉଛି। ଆସନ୍ତାକାଲି ଦିନ ୧୧ଟା ସୁଦ୍ଧା ସୁବର୍ଣ୍ଣରେଖା ବିପଦ ସଙ୍କେତ ଅତିକ୍ରମ କରିବା ସହ ପ୍ରାୟ ୧୧.୭ ମିଟରରେ ପ୍ରବାହିତ ହେବା ଆଶଙ୍କା ରହିଛି। ବର୍ତ୍ତମାନ ଅବପାତ ଉତ୍ତର ଛତିଶଗଡ଼ ଓ ଝାଡ଼ଖଣ୍ଡ ଉପରେ ସକ୍ରିୟ ରହିଛି। ଏହାର ପ୍ରଭାବରେ ଆହୁରି ୨ ଦିନ ଯାଏ ରାଜ୍ୟର ଅନେକ ସ୍ଥାନରେ ବର୍ଷା ଜାରି ରହିବ। ଆଭ୍ୟନ୍ତରିଣ ଓଡ଼ିଶାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବା ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସୂଚନାରୁ ଜଣାପଡ଼ିଛି।

**ଉପରମୁଣ୍ଡରୁ ମାଡ଼ି ଆସୁଛି ୬ ଲକ୍ଷ କ୍ୟୁସେକ ବନ୍ୟାଜଳ**



## ଫୁଲୁଛି ମହାନଦୀ — ହୀରାକୁଦର ୨୦ ଗେଟ୍‌ରୁ ଜଳ ନିଷ୍କାସନ

■ **ଭୁବନେଶ୍ୱର/ସମ୍ବଲପୁର,୨୬।୭ (ସମିସ):** ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ଛତିଶଗଡ଼ ତା'ର ବ୍ୟାରେଜ୍ ଓ ଡ୍ୟାମ୍ ଗେଟ୍ ଖୋଲି ଦେଇଛି। ଫଳରେ ଉପରମୁଣ୍ଡରୁ ପ୍ରତି ସେକେଣ୍ଡରେ ଲକ୍ଷଲକ୍ଷ କ୍ୟୁସେକ୍ ଜଳ ହୀରାକୁଦ ଜଳଭଣ୍ଡାରରେ ପ୍ରବେଶ କରୁଛି। ଏହି କ୍ରମରେ, ଆସନ୍ତାକାଲି ସକାଳ ସୁଦ୍ଧା ହୀରାକୁଦରେ ପାଖାପାଖି ୬ଲକ୍ଷ କ୍ୟୁସେକ୍ ଜଳ ପହଞ୍ଚିବ ବୋଲି ଆକଳନ କରାଯାଉଛି। ତେଣୁ, ହୀରାକୁଦ କର୍ତ୍ତୃପକ୍ଷ ଏହା ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ବର୍ତ୍ତମାନ ୨୦ଟି ଗେଟ୍ ଦେଇ ଜଳଭଣ୍ଡାରରୁ ବନ୍ୟାଜଳ ନିଷ୍କାସନ ହେଉଥିବା ବେଳେ ଆବଶ୍ୟକ ପଡ଼ିଲେ ଅଧିକ ଗେଟ୍ ଖୋଲିବାକୁ ତ୍ୱରିତ ନିଷ୍ପତ୍ତି ନିଆଯାଇପାରେ ବୋଲି କୁହାଯାଉଛି। ଏପରି ହେଲେ, ତଳମୁଣ୍ଡରେ ବନ୍ୟା ପରିସ୍ଥିତି ଉପୁନ୍ନ ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇନପାରେ। ହୀରାକୁଦ ଜଳଭଣ୍ଡାରର ଜଳଧାରଣ ସର୍ବୋଚ୍ଚ କ୍ଷମତା ୬୩୦ ଫୁଟ୍। ବର୍ତ୍ତମାନ ତାହା ୬୧୧ ଫୁଟ୍ ଟପି ସାରିଥିବା ବେଳେ ଆଗାମୀ ସମୟରେ ଉପରମୁଣ୍ଡରେ ବର୍ଷା ଲାଗିରହିଲେ ଜଳସ୍ତର ବୃଦ୍ଧି ପାଇବ। ଗତ ୨୪ ଘଣ୍ଟା ମଧ୍ୟରେ ଉପରମୁଣ୍ଡରେ ୪୯.୪୭ ମିମି ବର୍ଷା ହୋଇଛି। ଲଘୁଚାପ କାରଣରୁ ଏହି ବର୍ଷା ଲାଗି ରହିପାରେ। ଆଜି ଶନିବାର ସନ୍ଧ୍ୟା ୬ଟା ସୁଦ୍ଧା ହୀରାକୁଦ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୫,୨୩,୩୭୫ କ୍ୟୁସେକ୍ ଜଳ ପ୍ରବେଶ କରୁଛି। ଜଳସ୍ତର ଗତକାଲି ସନ୍ଧ୍ୟା ୬ଟାରେ ୬୦୯.୩୯ ଫୁଟ ଥିବାବେଳେ ୨୪ ଘଣ୍ଟା ପରେ ଆଜି ସେହି ସମୟରେ ୬୧୧.୫୮ ଫୁଟ୍ ରହିଛି। ଜଳଭଣ୍ଡାରରେ ଏଭଳି ୫ଲକ୍ଷରୁ ଊର୍ଦ୍ଧ୍ୱ କ୍ୟୁସେକ ଜଳ ପ୍ରବେଶ ଜାରି ରହିଲେ ଜଳସ୍ତର ବୃଦ୍ଧି ପାଇବ। ନଦୀବନ୍ଧର ୨୦ଟି ଗେଟ୍ ଖୋଲାଯାଇଥିବାରୁ ମହାନଦୀ ପୂର୍ଣ୍ଣଗର୍ଭା ହୋଇ ପ୍ରବାହିତ ହେଉଛି। ▶ପୃଷ୍ଠା-୭

# କୁଶଭଦ୍ରାକୁ ଖସିପଡ଼ିଲା କାର୍

## ବର୍ତ୍ତିଗଲେ କଟକ ସଦର ବିଡିଓ ଓ ପତ୍ନୀ

■ **କୋଣାର୍କ, ୨୬।୭ (ସମିସ):** ଶନିବାର ଅପରାହ୍ଣ ୪ଟାରେ କୋଣାର୍କ-ପୁରୀ ବେଳାମାର୍ଗ ସଂଲଗ୍ନ ରାମଚଣ୍ଡୀଠାରେ କୁଶଭଦ୍ରା ନଦୀ ଗର୍ଭକୁ ଏକ ଚଳନ୍ତା କାର୍ ଖସିପଡ଼ିବା ଫଳରେ କାର୍ ଚାଳକ କଟକ ସଦର ବିଡିଓ ପ୍ରତୀକ ସାହୁ (୩୩) ଓ ତାଙ୍କ ପତ୍ନୀ ରଶ୍ମି ସାହୁ(୩୧) ଆହତ ହୋଇଛନ୍ତି। ନଦୀଗର୍ଭରେ ସମ୍ପୂର୍ଣ୍ଣ ଓଲଟି ପଡ଼ି ଭାସୁଥିବା କାର୍ ଭିତରୁ ଚିତ୍କାର କରୁଥିବା ଦମ୍ପତିଙ୍କୁ ନିକଟରେ ଥିବା ଅଗ୍ନିଶମ ପ୍ରଶିକ୍ଷଣ କେନ୍ଦ୍ରର ପ୍ରଶିକ୍ଷାର୍ଥୀମାନେ ତତ୍କାଳ ଉଦ୍ଧାର କରିଥିଲେ। ସେମାନଙ୍କୁ ଚିକିତ୍ସା ନିମନ୍ତେ ପ୍ରଥମେ କୋଣାର୍କ ଓ ପରେ ପୁରୀ ସଦର ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ମେରାଇନ୍ ଡ୍ରାଇଭ୍ ଜାତୀୟ ରାଜପଥରୁ ପ୍ରତୀକ ଲୋଟସ୍ ରିସର୍ଟ ହୋଟେଲକୁ ଯାଉଥିବା ସମୟରେ ଅନତି ଦୂରରେ ଏହି ଦୁର୍ଘଟଣା ଘଟିଥିଲା। ରାସ୍ତା କଡ଼ରେ ପାର୍କିଂ ପାଇଁ ଗାଡ଼ି ବୁଲାଉଥିବା ବେଳେ



ବ୍ରେକ୍ ପରିବର୍ତ୍ତେ ଆକ୍ସିଲିରେଟର୍ ଉପରେ ଗୋଡ଼ ରହିଯିବା ଯୋଗୁଁ କାର୍‌ଟି ଦ୍ରୁତ ଗତିରେ ଦକ୍ଷିଣ ପାର୍ଶ୍ୱକୁ ମାଡ଼ିଯାଇ ନଦୀଗର୍ଭକୁ ଖସିପଡ଼ିଥିଲା। କାର୍‌ଟି ସମ୍ପୂର୍ଣ୍ଣ ଓଲଟିଯାଇ ପାଣିରେ ▶ପୃଷ୍ଠା-୭

## ଦେବଝରଣରେ ବୁଡ଼ି ଭିମ୍‌ସାର ଛାତ୍ରଛାତ୍ରୀ ମୃତ

■ **ସମ୍ବଲପୁର, ୨୬।୭ (ସମିସ):** ସମ୍ବଲପୁର ଜିଲ୍ଲା ଯୁଯୁମୁରା ବ୍ଲକ ଅନ୍ତର୍ଗତ ଦେବଝରଣଠାରେ ଆଜି ଏକ ଅଘଟଣ ଘଟିଛି। ବୁର୍ଲା ଭିମସାରର ୬ ଜଣ ଡାକ୍ତରୀ ଛାତ୍ରଛାତ୍ରୀ ଦେବଝରଣ ଜଳପ୍ରପାତ ବୁଲିବାକୁ ଯାଇଥିଲେ। ସେଠାରେ ଗାଧୋଇବା ସମୟରେ ଦୁଇଜଣ ଛାତ୍ରଛାତ୍ରୀ ବୁଡ଼ି ଯାଇଥିବା କୁହାଯାଉଛି। ଲଗାଣ ବର୍ଷା ଯୋଗୁଁ ଜଳପ୍ରପାତର ଜଳସ୍ରୋତ ଅଧିକ ଥିଲା। ସେମାନେ ବାହାରି ନପାରି ପାଣିରେ ବୁଡ଼ି ଯାଇଥିବା ଅନୁମାନ କରାଯାଉଛି।




ଅଗ୍ନିଶମ କର୍ମଚାରୀମାନେ ସେମାନଙ୍କୁ ଉଦ୍ଧାର କରି ଯୁଯୁମୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତକ ଦୁଇଜଣ ଡାକ୍ତରୀ ଶେଷବର୍ଷ ଛାତ୍ରଛାତ୍ରୀ ସନ୍ଦିପ ପୁରୀ (୨୪) ଓ ମୋନିକା ▶ପୃଷ୍ଠା-୭

**ବ୍ରେନଷ୍ଟିନ ରିପୋର୍ଟ**

## ଦେଶରେ ବଢ଼ିଚାଲିଛି ଧନୀ-ଗରିବ ତାରତମ୍ୟ

■ **ନୂଆଦିଲ୍ଲୀ, ୨୬।୭ (ଏଜେନ୍ସି):** ଭାରତରେ ଆର୍ଥିକ ଅସମାନତା କମିବା ପରିବର୍ତ୍ତେ ହୁ ହୁ ହୋଇ ବଢ଼ିବାରେ ଲାଗିଛି। ଗରିବୀ ହଟାଅ ସ୍ଲୋଗାନ ଧୂଆଁବାଣ ସାବ୍ୟସ୍ତ ହୋଇଛି। ଲୋକଙ୍କ ଆୟ ବଢ଼ିବା ବଦଳରେ ବ୍ୟୟ ବଢୁଥିବାବେଳେ ଦେଶରେ ଧନୀ ଅଧିକ ଧନବାନ ହେବାରେ ଲାଗିଛନ୍ତି। ଏକ ପ୍ରତିଶତ ଧନୀ ପରିବାରଙ୍କ ପାଖରେ ପ୍ରାୟ ୧୧.୬ ଲକ୍ଷ କୋଟି ଡଲାରର ମୋଟ ସମ୍ପତ୍ତି ରହିଛି। ଏଥିରେ ପ୍ରାୟ ୨.୭ ଲକ୍ଷ କୋଟିର ଲିକୁଇଡ ଆର୍ଥିକ ସମ୍ପତ୍ତି ରହିଛି। ଏହି ଧନୀଙ୍କ ବର୍ଦ୍ଧିତ ଆର୍ଥିକ ସମ୍ପତ୍ତି ଧନର ପରିଚାଳନା କରୁଥିବା କମ୍ପାନୀଙ୍କ ଲାଗି ବଡ଼ ସୁଯୋଗ ସୃଷ୍ଟି କରିଛି।

ବର୍ଣ୍ଣଷ୍ଟିନ୍ ରିପୋର୍ଟରୁ ଏହି ତଥ୍ୟ ସାମ୍ନାକୁ ଆସିଛି। ଏଥିରେ କୁହାଯାଇଛି ଯେ ଭାରତର ସବୁଠୁ ଅଧିକ ଧନୀ ପରିବାର ଆହୁରି ଅଧିକ ଧନୀ ହେବାକୁ ଯାଉଛନ୍ତି। ଏହା ଦ୍ୱାରା ସମ୍ପତ୍ତି ପରିଚାଳକଙ୍କ ସଂଖ୍ୟା ଅହେତୁକ ବୃଦ୍ଧି ପାଇଛି। ଏହି ଧନୀଙ୍କ ଲିକୁଇଡ୍ ସମ୍ପତ୍ତିରେ ବ୍ୟାଙ୍କ ଜମା ଏବଂ ଅଣ-ପ୍ରମୋଟରଙ୍କ ଇକ୍ୱିଟ ସେୟାର ସାମିଲ ରହିଛି। ଭାରତୀୟ ପରିବାର ଧିରେ ଧିରେ ନିଜ ବର୍ଦ୍ଧିତ ସଞ୍ଚୟ ଏବଂ ଧନର ସିଂହ ଭାଗକୁ ଆର୍ଥିକ ସମ୍ପତ୍ତିରେ ସ୍ଥାନାନ୍ତର କରୁଛନ୍ତି। ଭାରତର ପୁଞ୍ଜି ବଜାରରେ ଏଭଳି ଯୋଗଦାନ ବୃଦ୍ଧି ପାଇବାରେ ଲାଗିଛି। ଅତି ଧନୀ ଲୋକ ଆଇପିଓ ଏବଂ ବ୍ଲକ୍ ଡିଲ୍ ମାଧ୍ୟମରେ ପ୍ରମୋଟର ହୋଲ୍ଡିଙ୍ଗସ୍‌କୁ ଲିକୁଇଡ ସମ୍ପତ୍ତିରେ ବଦଳାଉଛନ୍ତି। ଏମାନେ ପୁଞ୍ଜି ବଜାର ବୃଦ୍ଧିର ଲାଭ ଉଠାଉଛନ୍ତି। ସେହିପରି ଷ୍ଟାର୍ଟଅପ୍ ଇକୋସିଷ୍ଟମରୁ ଧନୀ ବ୍ୟକ୍ତିଙ୍କ ଏକ ନୂଆ ବର୍ଗ ବାହାରିଛି। ଏଥିରେ ପ୍ରତିଷ୍ଠାତା ଏବଂ ପ୍ରାରମ୍ଭିକ କର୍ମଚାରୀ ସାମିଲ ଅଛନ୍ତି। ଏମାନଙ୍କ ମଧ୍ୟରେ ହାଇ ନେଟ୍‌ୱର୍ଥ ଇଣ୍ଡିଭିଜୁଆଲ (ଏଚଏନଆଇ)ଙ୍କ ସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଉଛି।

ଅତ୍ୟଧିକ ଧନୀ ଲୋକଙ୍କ ଏହି ଗୋଷ୍ଠୀ ନିଜ ବର୍ଦ୍ଧିତ ଆର୍ଥିକ ପୋର୍ଟୋଫୋଲିଓର ପରିଚାଳନା ଲାଗି ବୃତ୍ତିଗତ ପରାମର୍ଶଦାତାଙ୍କ ସେବା ନେଉଛନ୍ତି। ତେବେ ପରାମର୍ଶଦାତା ବଜାରରେ ଏବେ ବି ଅଣସଂଗଠିତ କମ୍ପାନୀ ଏବଂ ପାରମ୍ପରିକ ବ୍ୟାଙ୍କର କର୍ତ୍ତୃତ୍ୱ ରହିଛି। ୨.୭ ଲକ୍ଷ କୋଟି ଡଲାରର ଲିକୁଇଡି ଆର୍ଥିକ ସମ୍ପତ୍ତିରେ ସ୍ୱତନ୍ତ୍ର ସମ୍ପତ୍ତି ପରିଚାଳକଙ୍କ ସଂଖ୍ୟା ମାତ୍ର ୧୧ ପ୍ରତିଶତ ରହିଛି।



**୧ ପ୍ରତିଶତ ଲୋକଙ୍କ ପାଖରେ ୧୨ ଲକ୍ଷ କୋଟି ଡଲାରର ସମ୍ପତ୍ତି**

**ଧନ ପରିଚାଳନା ପାଇଁ ବୃତ୍ତିଗତଙ୍କ ସହାୟତା ନେଉଛନ୍ତି**

## ପ୍ରକଳ୍ପ ବିରୋଧରେ ସରକାରୀ ଷଡ଼ଯନ୍ତ୍ର — ମଉଳିଲା ମେଟ୍ରୋ ସ୍ୱପ୍ନ



■ **ଭୁବନେଶ୍ୱର, ୨୬।୭ (ସମିସ):** ଦିଲ୍ଲୀ ଭଳି ଓଡ଼ିଶାରେ ବି ମେଟ୍ରୋ ଗଢ଼ିବ ବୋଲି ରାଜ୍ୟବାସୀ ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ମଉଳି ଯାଇଛି। ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ' କାର୍ଯ୍ୟରେ ଆଜି ସମ୍ପୂର୍ଣ୍ଣ ଭାବେ ପୂର୍ଣ୍ଣଚ୍ଛେଦ ପଡ଼ିଛି। କାରଣ ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ ସମ୍ପର୍କିତ ସମସ୍ତ ଟେଣ୍ଡରକୁ ଦିଲ୍ଲୀ ମେଟ୍ରୋ ରେଳ ନିଗମ ବାତିଲ କରିଦେଇଛି। ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ କାର୍ଯ୍ୟ ନିମନ୍ତେ ୨୦୨୪ ଜୁନରୁ ଅଗଷ୍ଟ ମାସ ମଧ୍ୟରେ ଟେଣ୍ଡର ହାସଲ କରିଥିବା ସୈଗଲ ଇଣ୍ଡିଆ, ରଞ୍ଜିତ ବିଲଡକନ୍‌କୁ ଦିଆଯାଇଥିବା କାର୍ଯ୍ୟାଦେଶକୁ ରଦ୍ଦ କରି ଦିଆଯାଇଛି। ଏହି ଦୁଇ ସଂସ୍ଥା ୨୬ କି.ମି ବ୍ୟାପି ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରରୁ ତ୍ରିଶୂଳିଆ ପର୍ଯ୍ୟନ୍ତ ମେଟ୍ରୋ ରେଳ ଷ୍ଟେସନ ନିର୍ମାଣର କାର୍ଯ୍ୟାଦେଶ ପାଇଥିଲେ। ଓଡ଼ିଶାରେ ସରକାର ବଦଳିବା ପରେ ରାଜ୍ୟରେ କାର୍ଯ୍ୟକାରୀ ହେବାକୁ ଥିବା ବହୁପ୍ରତୀକ୍ଷିତ ମେଟ୍ରୋ ପ୍ରକଳ୍ପ ବିରୋଧରେ ଆରମ୍ଭ ହୋଇଗଲା କୁତ୍ସିତ ଷଡ଼ଯନ୍ତ୍ର। ଦିନ ଗଡ଼ିବା ସହିତ ଏହି ଷଡ଼ଯନ୍ତ୍ରରେ ନୂଆ ସରକାରଙ୍କ ମନ୍ତ୍ରିମଣ୍ଡଳର ବହୁ ମନ୍ତ୍ରୀ ଧିରେ ଧିରେ ସାମିଲ ହୋଇ ଚାଲିଲେ। ମେଟ୍ରୋ ପ୍ରକଳ୍ପକୁ ସ୍ଲୋ ପଏଜନ୍ ଦେବାକୁ ଆରମ୍ଭ ହେଲା ଫୁଲ୍‌ପ୍ରୁଫ୍ ବ୍ଲୁ ପ୍ରିଣ୍ଟ। ସିଧାସଳଖ ସାମ୍ନାକୁ ଆସିଲେ କାଳେ ଲୋକଙ୍କ ଆକ୍ରୋଶର ଶିକାର ହେବେ ସେଥିପାଇଁ ପୂର୍ବରୁ ମେଟ୍ରୋ ପ୍ରକଳ୍ପକୁ ଉପହାସ କରୁଥିଲା ବେଳେ ସରକାରକୁ ଆସିବା ପରେ ଅଚାନକ ଅତ୍ୟନ୍ତ ▶ପୃଷ୍ଠା-୭

**ସମସ୍ତ ଟେଣ୍ଡର ରଦ୍ଦ**

## ୧୦ ବର୍ଷ ପଛକୁ ପଳାଇବ ରାଜଧାନୀ

■ **ଭୁବନେଶ୍ୱର, ୨୬।୭ (ସମିସ):** ମେଟ୍ରୋ ପ୍ରକଳ୍ପ ଏବଂ ରାଜ୍ୟ ସରକାରଙ୍କ ଆଭିମୁଖ୍ୟକୁ ନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କ୍ଷୋଭ ପ୍ରକାଶ କରିଛନ୍ତି। ସେ ତାଙ୍କ ଫେସବୁକ ପୋଷ୍ଟରେ କହିଛନ୍ତି, ବିଜେପି ନେତୃତ୍ୱାଧୀନ ଓଡ଼ିଶା ସରକାର ଭୁବନେଶ୍ୱର ମେଟ୍ରୋ ରେଳ ଚୁକ୍ତିଗୁଡ଼ିକୁ ବାତିଲ କରିଥିବା ଜାଣି ଆମେ ଆଘାତ ପାଇଛୁ। ଭୁବନେଶ୍ୱରକୁ ଏକ ବିଶ୍ୱସ୍ତରୀୟ ସହରରେ ପରିଣତ କରିବା ସବୁବେଳେ ଆମର ସ୍ୱପ୍ନ ରହିଛି। ଆମେ ସବୁସମୟରେ ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି, ଅନ୍ତର୍ଜାତୀୟ ଇଭେଣ୍ଟ ଆୟୋଜନ, ନିରବଚ୍ଛିନ୍ନ ଆଧୁନିକ ପରିବହନ ଏବଂ ଆଇଟି ଇକୋସିଷ୍ଟମ ବିକାଶ ଉପରେ ଧ୍ୟାନ ଦେଇ ମନ୍ଦିର ସହରକୁ ଏକ ବିଶ୍ୱସ୍ତରୀୟ ସହରରେ ରୂପାନ୍ତର କରିବାକୁ ଲକ୍ଷ୍ୟ ରଖିଥିଲୁ। ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ ସହରର ଗତିଶୀଳତାକୁ ନୂଆ ରୂପ ଦେଇଥାନ୍ତା। ମୋବସ୍ ଏବଂ ଅନ୍ୟାନ୍ୟ ସଂଯୋଗୀକରଣ ସହିତ ସହର ପରିବହନକୁ ଉନ୍ନତ ▶ପୃଷ୍ଠା-୭



**ଭୁବନେଶ୍ୱରକୁ ବିଶ୍ୱସ୍ତରୀୟ ସହର କରିବା ଯୋଜନା ଥିଲା**

## ଭୁଲ ରାସ୍ତା ଦେଖାଇଲା ଗୁଗଲ ମ୍ୟାପ୍

● ପୋଲ ତଳକୁ ଖସିଲା ଅଡି କାର୍

ମୁମ୍ବାଇ, ୨୬।୭ (ଏଜେନ୍ସି): ପୁଣିଥରେ ଗୁଗଲ ମ୍ୟାପ ଭୁଲ ରାସ୍ତା ଦେଖାଇବା ଫଳରେ ଏକ ଦୁର୍ଘଟଣା ହୋଇଛି। ନବି ମୁମ୍ବାଇର ବେଲପୁରରେ ଗୁଗଲ ମ୍ୟାପ୍ ଭୁଲ ରାସ୍ତ ଦେଖାଇବାରୁ ଏକ ଅଡି କାର ପୋଲ ତଳକୁ ଖସି ପାଣିରେ ପଡ଼ିଛି। ଜଣେ ମହିଳା ତାଙ୍କ ଅଡି କାର ଚଳାଇ ବେଲାପୁରରୁ ଉଲୱେ ଯାଉଥିଲେ। ଗୁଗଲ ଭୁଲ ରାସ୍ତକୁ ଅନୁସରଣ କରିବା ଫଳରେ କାରଟି ବେଲାପୁର ପୋଲ ତଳକୁ ଖସିପଡ଼ିଥିଲା। ଏହି ଘଟଣା ଶୁକ୍ରବାର ରାତି ୧ଟାରେ ଘଟିଥିଲା। ଗୁଗଲ ମ୍ୟାପ ମହିଳାଙ୍କୁ ପୋଲ ତଳର ଏକ ରାସ୍ତାକୁ ସୂଚାଇଥିଲା। ଫଳରେ ମହିଳା ଜଣକ ପୋଲ ଉପରେ ଯିବା ବଦଳରେ ତଳେ ଥିବା ରାସ୍ତାରେ ଯାଇଥିଲେ। ତାଙ୍କ କାର ସିଧା ୫୦ ଫୁଟ୍ ତଳକୁ ଯାଇ ତଳକୁ ଖସିପଡ଼ିଥିଲା। ସମୁଦ୍ର ସୁରକ୍ଷା ପୁଲିସ କାରକୁ ଖାଇରେ ପଡୁଥିବାର ଦେଖି ଘଟଣାସ୍ଥଳରେ ପହଞ୍ଚିଥିଲା। ଏହାପରେ ମହିଳାଙ୍କୁ ଉଦ୍ଧାର କରାଯାଇଥିଲା। ପୂର୍ବରୁ ମଧ ଗୁଗଲ ମ୍ୟାପ ପାଇଁ ଏକାଧିକ ଦୁର୍ଘଟଣା ଘଟିଛି। ଗତ ଜାନୁଆରୀରେ ଫ୍ରାନ୍ସର ଏକ ଦମ୍ପତି ଗୁଗଲ ମ୍ୟାପ୍ କାରଣରୁ ସର୍ଟକର୍ଟ ରାସ୍ତାରେ ଯାଇ ଏକ ଶୂନଶାନ ରାସ୍ତାରେ ବାଟବଣା ହୋଇଥିଲେ। ଏହି ଦମ୍ପତି ଦିଲ୍ଲୀରୁ ନେପାଳ କାଣ୍ଡମାଣ୍ଡୁ ଯାଉଥିଲେ ଓ ୟୁପିର ବରେଲିରେ ବାଟବଣା ହୋଇଥିଲେ।

## ମୁଖ୍ୟମନ୍ତ୍ରୀ ଅଫିସ, ଏୟାରପୋର୍ଟ ଉଡ଼ାଇବାକୁ ଧମକ

ଜୟପୁର, ୨୬।୭(ଏଜେନ୍ସି): ରାଜସ୍ଥାନ ଜୟପୁରରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଓ ବିମାନ ବନ୍ଦର ବୋମା ମାଡ କରି ଉଡାଇଦେବାକୁ ଧମକ ମିଳିଛି। ଏହାପରେ ପୁଲିସ ପ୍ରଶାସନ ଏହି ଧମକକୁ ଗମ୍ଭୀରତାର ସହ ଗ୍ରହଣ କରି ସକ୍ରିୟ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଓ ବିମାନ ବନ୍ଦରରେ ଚେକିଂ ଆରମ୍ଭ କରାଯାଇଥିଲା। କିନ୍ତୁ ଏକ ଘଣ୍ଟାର ଛାନ୍‌ଭିନ୍ ପରେ ପୁଲିସ କୌଣସି ସନ୍ଦିଗ୍ଧ ବସ୍ତୁ ପାଇ ନଥିଲା। ଶନିବାର ଜୟପୁର ଅନ୍ତର୍ଜାତୀୟ ବିମାନ ବନ୍ଦରର ଅଫିସିଆଲ ଇମେଲ୍ ଆଇଡିକୁ ଏହି ଧମକ ମିଳିଥିଲା। ଗୋଟିଏ କିମ୍ବା ଦୁଇଘଣ୍ଟା ପରେ ଏହି ଦୁଇଟି ଗୁରୁତ୍ୱପୂର୍ଣ୍ଣ ଠିକଣାକୁ ଉଡାଇ ଦିଆଯିବ ବୋଲି ମେଲ୍‌ରେ ଉଲ୍ଲେଖ କରାଯାଇଥିଲା। ଏୟାରପୋର୍ଟ ପୁଲିସ, ଫାୟାର ବ୍ରିଗେଡ୍, ବମ୍ ସ୍କ୍ୱାଡ ଓ ସିଭିଲ ଡିଫେନ୍ସ ଚେକିଂ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ମଧ ବୋମା ନିଷ୍କ୍ରିୟକାରୀ ଦଳ ପହଞ୍ଚିଥିଲା। ସେଠାରେ ମଧ କୌଣସି ସନ୍ଦିଗ୍ଧ ବସ୍ତୁ ମିଳି ନଥିଲା।

## ୟୁପିରେ ଛାତ୍ରୀଙ୍କୁ ଗୁଳି ମାରିଲା ପ୍ରେମିକ

ମନପୁରୀ, ୨୬।୭(ଏଜେନ୍ସି): ୟୁପିର ମେନପୁରୀରେ ଏକ ଶିବ ମନ୍ଦିରରେ ପୂଜା କରୁଥିବାବେଳେ ବିଏସ୍‌ସି ପଢୁଥିବା ଜଣେ ଛାତ୍ରୀଙ୍କୁ ଏକତରଫା ଭାବେ ଭଲ ପାଉଥିବା ଜଣେ ପ୍ରେମିକ ଗୁଳି ମାରିଛନ୍ତି। ଛାତ୍ରୀ ଜଣକ ଯେତେବେଳେ ପୂଜା ଆରମ୍ଭ କରିଥିଲେ ପ୍ରେମିକ ଜଣକ ଗେଟ୍ ବନ୍ଦ କରି ତାଙ୍କୁ ବାଡିଅରେ ଆକ୍ରମଣ କରିଥିଲେ। ଏହାପରେ ସେ ଗୋଟିଏ ପରେ ଗୋଟିଏ ୪ଟି ଗୁଳି ମାରିଥିଲେ। ଦୁଇଟି ଗୁଳି ଛାତ୍ରୀଙ୍କ ହାତରେ ଓ ଆଉ ଦୁଇଟି ଗୁଳି ତାଙ୍କ ପେଟରେ ବାଜିଥିଲା। ଫଳରେ ଛାତ୍ରୀ ଜଣକ ରକ୍ତ ଜୁଡୁବୁଡୁ ହୋଇ ତଳେ ପଡ଼ିଯାଇଥିଲେ। ଛାତ୍ରୀଜଣଙ୍କୁ ତାଙ୍କ ମା ଓ ଭାଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ତାଙ୍କୁ ସଇଫାଇ ମେଡିକାଲକୁ ରେଫର କରାଯାଇଥିଲା। ଏହି ଘଟଣାର ୩ ଘଣ୍ଟା ପରେ ଏନକାଉଣ୍ଟର କରି ପୁଲିସ ଅଭିଯୁକ୍ତ ପ୍ରେମୀକକୁ ଗିରଫ କରିଥିଲା। କିନ୍ତୁ ଗୁଳି ଖାଇବା ପରେ ପ୍ରେମିକ ଜଣକ ହସୁଥିବାର ଦେଖାଯାଇଥିଲା। ଯୁବକ ଜଣକ ଏକତରଫା ପ୍ରେମ କରୁଥିଲା ଓ ଛାତ୍ରୀଙ୍କୁ ବିବାହ କରିବାକୁ ଚାପ ପକାଉଥିଲା। କିନ୍ତୁ ବିବାହ କରିବାକୁ ଛାତ୍ରୀ ମନା କରିବା ପରେ ସେ ଏହି କାଣ୍ଡ ଘଟାଇଥିଲା।

## ପାକିସ୍ତାନ ଟିକ୍‌ଟକ୍ ତାରକାଙ୍କୁ ହତ୍ୟା

ଇସଲାମାବାଦ୍, ୨୬।୭(ଏଜେନ୍ସି): ପାକିସ୍ତାନର ସିନ୍ଧ ପ୍ରଦେଶର ଘୋଟକ ଜିଲ୍ଲାରେ ଜଣେ ମହିଳା ଟିକ୍‌ଟକ୍ ତାରକାଙ୍କୁ ବିଷ ଦେଇ ହତ୍ୟା କରାଯାଇଛି। ଏହି ଟିକଟକ କ୍ରିଏଟରଙ୍କ ନାମ ସୁମୀରା ରାଜପୁତ। ଶନିବାର ସେ ନିଜ ଘରେ ସନ୍ଦେହଜନକ ଭାବେ ମୃତ୍ୟୁ ବରଣ କରିଥିବାର ଦେଖାଯାଇଥିଲା। ସୁମୀରାଙ୍କୁ ଜବରଦସ୍ତ ବିବାହ କରିବାକୁ ଚାପ ପକାଯାଉଥିଲା ବୋଲି ତାଙ୍କ ୧୫ ବର୍ଷୀୟ ଝିଅ ଦାବି କରିଛନ୍ତି। ସୁମୀରା ମନା କରିବା ଫଳରେ ତାଙ୍କୁ ବିଷ ଦେଇ ମାରିଦିଆଯାଇଛି ବୋଲି ଅଭିଯୋଗ ହୋଇଛି। ତାଙ୍କୁ ବିଷ ଟାବଲେଟ ଦିଆଯାଇଥିଲା ବୋଲି ଝିଅ କହିଛନ୍ତି। ସୁମୀରା ଜଣେ ଜଣାଶୁଣା ଡିଜଟାଲ କଣ୍ଟେଟ କ୍ରିଏଟର ଥିଲେ। ଟିକ୍‌ଟକ୍‌ରେ ତାଙ୍କର ୫୮, ୦୦୦ ଫଲୋଅର ରହିଥିଲେ ଓ ତାଙ୍କର ୧୦ ଲକ୍ଷରୁ ଅଧିକ ଲାଇକ୍ ଥିଲା। ତାଙ୍କ ଝିଅ ମଧ ଟିକ୍‌ଟକ୍‌ରେ ସକ୍ରିୟ ଥିଲେ। ଝିଅର ମଧ ବହୁ ସଂଖ୍ୟାରେ ଫଲୋଅର ରହିଛନ୍ତି। ଏ ଘଟଣାରେ ପୁଲିସ ଦୁଇଜଣଙ୍କୁ ଗରିଫ କରିଛି। କିନ୍ତୁ ଏପର୍ଯ୍ୟନ୍ତ ମାମଲା ରୁଜୁ କରାଯାଇନାହିଁ।

## ପାଲେଷ୍ଟାଇନ୍‌କୁ ମାନ୍ୟତା ଦେବାକୁ ଇଟାଲୀ ଅରାଜି

ନୂଆଦିଲ୍ଲୀ, ୨୬।୭(ଏଜେନ୍ସି): ପାଲେଷ୍ଟାଇନ୍‌କୁ ଏକ ସ୍ୱତନ୍ତ୍ର ଦେଶ ଭାବେ ମାନ୍ୟତା ଦେବା ନେଇ ଫ୍ରାନ୍ସ ଘୋଷଣା କରିବାର ଗୋଟିଏ ଦିନ ପରେ ଇଟାଲୀ ଏହାକୁ ବିରୋଧ କରିଛି। ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମିଲୋନୀ ଶନିବାର ପାଲେଷ୍ଟାଇନ୍‌କୁ ମାନ୍ୟତା ଦେବାକୁ ଖୋଲା ଖୋଲି ଭାବେ ବିରୋଧ କରିଛନ୍ତି। ୟୁରୋପରେ ଏବେ ପାଲେଷ୍ଟାଇନକୁ ମାନ୍ୟତା ଦେବା ନେଇ ଅଭିଯାନ ଜୋର ଧରିଥିବା ବେଳେ ମିଲୋନୀ ଏହାର ଫଳ ଓଲଟା ହେବ ବୋଲି କହିଛନ୍ତି। ପାଲେଷ୍ଟାଇନ ଦେଶ ସପକ୍ଷରେ ରହିଛି। କିନ୍ତୁ ଦେଶ ଗଠନ ହେବା ପୂର୍ବରୁ ମାନ୍ୟତା ଦେବାକୁ ଚାହୁଁନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। କେବଳ କାଗଜରେ ଏଭଳି ମାନ୍ୟତାର କିଛି ମୂଲ୍ୟ ନାହିଁ। ତେଣୁ ପ୍ରଥମେ ବାସ୍ତବରେ ପାଲେଷ୍ଟାଇନ ଦେଶ ଗଠନ ହେବା ଜରୁରି। ନହେଲ ସମସ୍ୟାର ସମାଧାନ ନହୋଇ ଭ୍ରମ ଓ ଦ୍ୱନ୍ଦ୍ୱ ସୃଷ୍ଟି ହେବା ସହ ବୃଦ୍ଧି ପାଇବ ବୋଲି ସେ ସତର୍କ କରାଇ ଦେଇଛନ୍ତି। ଫ୍ରାନ୍ସ ଭଳି ଜର୍ମାନୀ ମଧ ପାଲେଷ୍ଟାଇନ୍‌କୁ ମାନ୍ୟତା ଦେବା ସପକ୍ଷରେ ମନ୍ତବ୍ୟ ଦେଇଛି।



# ଥାଇଲାଣ୍ଡ-କାମ୍ବୋଡିଆ ସଂଘର୍ଷ: ମୃତ୍ୟୁସଂଖ୍ୟା ୩୩

ବ୍ୟାଙ୍କକ୍/ନୋମ ପେନ୍ହ, ୨୬।୭(ଏଜେନ୍ସି): ଏକ ହଜାର ବର୍ଷ ପୁରାତନ ଶିବ ମନ୍ଦିରକୁ ନେଇ ଦୁଇ ପୂର୍ବ ଏସୀୟ ଦେଶ ଥାଇଲାଣ୍ଡ ଓ କାମ୍ବୋଡିଆ ମଧ୍ୟରେ ଚାଲିଥିବା ସଂଘର୍ଷ ତୃତୀୟ ଦିନରେ ପହଞ୍ଚିଛି। ଏହି ସଂଘର୍ଷରେ ଏପର୍ଯ୍ୟନ୍ତ ୩୩ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। କାମ୍ବୋଡିଆ ଗୃହ ମନ୍ତ୍ରଣାଳୟ ସୂଚନା ଅନୁସାରେ ସଂଘର୍ଷରେ ୧୩ ଜଣ ଲୋକ ପ୍ରାଣ ହରାଇଛନ୍ତି। ଏଥିରେ ୮ ନାଗରିକ ଓ ୫ ଜଣ ସୈନିକ ସାମିଲ ରହିଛନ୍ତି। ଏହାକୁ ବାଦ୍ ଦେଲେ ୭୧ ଜଣ ଲୋକ ଆହତ ହୋଇଛନ୍ତି। ସେହିପରି ଥାଇଲାଣ୍ଡର ମଧ ୨୦ ଜଣ ଲୋକ ପ୍ରାଣ ହରାଇଛନ୍ତି। ଏଥିରେ ୧୪ ନାଗରିକ ଓ ୬ ଜଣ ସୈନିକ ସାମିଲ ରହିଛନ୍ତି। ଥାଇଲାଣ୍ଡ ଜାଣିଶୁଣି ଆକ୍ରମଣ କରୁଛି ବୋଲି କାମ୍ବୋଡିଆ ଅଭିଯୋଗ କରିଛି। ଥାଇସେନା କାମ୍ବୋଡିଆର ସାର୍ବଭୌମତ୍ୱ ଉପରେ ଆଞ୍ଚ୍ ଆଣୁଛି ବୋଲି କୁହାଯାଉଛି। ଜୁଲାଇ ୨୪ରେ ମାଲେସିଆର ମଧ୍ୟସ୍ଥତାରେ ଅସ୍ତ୍ରବିରତି ପାଇଁ ଦୁଇଦେଶ ମଧ୍ୟରେ ସହମତି ହୋଇଥିଲା ବୋଲି କାମ୍ବୋଡିଆ ପ୍ରଧାନମନ୍ତ୍ରୀ ହୁନ ମାନେଟ୍ ଶନିବାର ଦାବି କରିଛନ୍ତି। କିନ୍ତୁ ଏହାର ଏକ ଘଣ୍ଟା ମଧ୍ୟରେ ଥାଇଲାଣ୍ଡ ନିଜର ରୂପ ବଦଳାଇ ଥିଲା ବୋଲି ସେ କହିଛନ୍ତି। ସେହିପରି ଜାତିସଂଘ ସୁରକ୍ଷା ପରିଷଦର ଜରୁରୀକାଳୀନ ବୈଠକରେ କାମ୍ବୋଡିଆ ସଂଘର୍ଷ ରୋକିବାକୁ ଅପିଲ କରିଥିଲା। ତେବେ ଦୁଇଦେଶକୁ କୁଟନୈତିକସ୍ତରରେ ସମାଧାନ ବାହର କରିବାକୁ ପରାମର୍ଶ ଦେଇଥିଲେ। ଆହୁରି ଅଧିକ ଆକ୍ରମଣ କରିବାକୁ ଥାଇଲାଣ୍ଡ ପ୍ରସ୍ତୁତି ଚଲାଉଛି ବୋଲି କାମ୍ବୋଡିଆ କହିଛି। ଏହି ସଂଘର୍ଷରେ କାମ୍ବୋଡିଆରେ ୩୫ ହଜାର ଲୋକ ପଳାୟନ କରିବାକୁ ବାଧ ହୋଇଛନ୍ତି। ଓଡାର ମିନଚେରେ ୨୨, ୦୦୦ ଲୋକ ଓ ପ୍ରୀହ ବିହାରରେ ୧୦, ୦୦୦ ଲୋକ ପଳାୟନ କରିଛନ୍ତି।

# ଟ୍ରମ୍ପଙ୍କ ୟୁରୋପ ଚିନ୍ତା

ଏଡିନବର୍ଗ, ୨୬।୭ (ଏଜେନ୍ସି): ନିଜ ମନ ମୁତାବକ ନୀତି ବଳରେ ବିଶ୍ୱରେ ଅସ୍ଥିରତା ସୃଷ୍ଟି କରିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶନିବାର ପ୍ରବାସୀଙ୍କ ଅନୁପ୍ରବେଶକୁ ନେଇ ୟୁରୋପକୁ ବଡ଼ ଚେତାବନୀ ଦେଇଛନ୍ତି। ପ୍ରବାସୀ ୟୁରୋପକୁ ଗିଳି ଯାଉଛନ୍ତି। ମିଳିତ ହୋଇ ଦେଶଗୁଡିକୁ ନିଜ କାମ କରିବାକୁ ହେବ। ୟୁରୋପରେ ଚାଲିଥିବା ଭୟାନକ ଅନୁପ୍ରବେଶକୁ ରୋକିବାକୁ ହେବ। ତେବେ କିଛି ନେତା ଏହି ଅନୁପ୍ରବେଶକୁ ରୋକିବାକୁ ଚାହୁଁ ନାହାନ୍ତି। ସେମାନଙ୍କୁ ଏହାର ଶ୍ରେୟ ମଧ ମିଳୁନାହିଁ। ଏବେ କିଛି ନେତାଙ୍କ ନାମ କହିପାରିବି, କିନ୍ତୁ ଏପରି କରି ଅନ୍ୟମାନଙ୍କୁ ଲଜ୍ଜିତ ହେବାକୁ ଦେବି ନାହିଁ। ୟୁରୋପରୁ ଆମେରିକାକୁ ପ୍ରବାସୀ ଭାବେ ଆସିଥିବା ଟ୍ରମ୍ପ ଏହି ମନ୍ତବ୍ୟ ଦେଇଛନ୍ତି। ଟ୍ରମ୍ପଙ୍କ ବାପା ଫ୍ରେଡ ଏବଂ ମା' ମେରି ଆନେ ମାକଲିଓଡ ୟୁରୋପରୁ ଆମେରିକା ଆସିଥିଲେ।

### ୟୁରୋପକୁ ଗିଳି ଯାଉଛନ୍ତି ପ୍ରବାସୀ

### ଭୟଙ୍କର ଅନୁପ୍ରବେଶକୁ ବନ୍ଦ କର



ଭାବେ ଏହାର ମୁକାବିଲା କରିବା ଜରୁରୀ। ଅନେକ ୟୁରୋପୀୟ ରାଷ୍ଟ୍ର ଏହି ଭୟାନକ ଅନୁପ୍ରବେଶକୁ ରୋକିବା ଜରୁରୀ ବୋଲି ଟ୍ରମ୍ପ କହିଛନ୍ତି। ସ୍କଟଲାଣ୍ଡ ଗସ୍ତରେ ଯାଇଥିବା ଆମେରିକା ରାଷ୍ଟ୍ରପତି 'ଏୟାର ଫୋର୍ସ ୱାନ'ରୁ ଓହ୍ଲାଇବା ପରେ ଏହି ଟିପ୍ପଣୀ ଦେଇଛନ୍ତି। ସେ ଏହି ଗସ୍ତରେ ପତ୍ନୀ ମେଲାନିଆ ଟ୍ରମ୍ପ ତାଙ୍କ ସହ ଯାଇ ନାହାନ୍ତି। ତେଣୁ ଉଭୟଙ୍କ ମଧ୍ୟରେ କୌଣସି କାରଣରୁ ବିବାଦ ସୃଷ୍ଟି ହୋଇଥିବା କୁହାଯାଉଛି।

ଟ୍ରମ୍ପ କହିଛନ୍ତି ଯେ ପ୍ରବାସୀଙ୍କ ମାମଲାରେ ସବୁ ଦେଶ ନିଜ ରଣନୀତି ଉପରେ କାର୍ଯ୍ୟ କରିବା ଉଚିତ। ସତର୍କ ନ ହେଲେ ୟୁରୋପ ଆଉ ତୁମର ହୋଇ ରହିବ ନାହିଁ। ତେଣୁ ଏକାଠି

ଅନ୍ୟପକ୍ଷରେ ଆମେରିକାର ଫେଡେରାଲ କୋର୍ଟ ଟ୍ରମ୍ପଙ୍କ ନିର୍ଦ୍ଦେଶ 'ଜନ୍ମଗତ ନାଗରିକତା ଅଧିକାର'ଉପରେ କଟକଣା ଲଗାଇ ଦେଇଛନ୍ତି। ଆମେରିକାରେ ବେଆଇନ ଭାବେ ରହିଥିବା ମାତାପିତାଙ୍କଠାରୁ ଜନ୍ମିତ ଶିଶୁକୁ ଆମେରିକା ନାଗରିକତା ମିଳିବ ନାହି ବୋଲି ପୂର୍ବରୁ ଟ୍ରମ୍ପ ଘୋଷଣା କରିଥିଲେ। ଏବେ ତୃତୀୟ ଥର ପାଇଁ କୋର୍ଟ ଟ୍ରମ୍ପଙ୍କ ଆଦେଶ ଉପରେ କଟକଣା ଲଗାଇ ଦେଇଛନ୍ତି। ତେବେ ଏହା ଉପରେ ସୁପ୍ରିମକୋର୍ଟ ଶେଷ ନିଷ୍ପତ୍ତି ନେବେ ବୋଲି ଫେଡେରାଲ କୋର୍ଟ କହିଛନ୍ତି। ଦ୍ୱିତୀୟ ଥର ରାଷ୍ଟ୍ରପତି ହେବାପରେ ଆମେରିକାରୁ ବିଦେଶୀ ନାଗରିକମାନଙ୍କୁ ବିଭିନ୍ନ କାରଣ ଦେଖାଇ ବିତାଡ଼ିତ କରିବା ସହିତ ବିଭିନ୍ନ ଦେଶ ସହ ଶୁଳ୍କ ଯୁଦ୍ଧ ଚଳାଇଥିବା ଟ୍ରମ୍ପ ଏବେ ପ୍ରବାସୀଙ୍କ ନାମରେ ୟୁରୋପୀୟ ଦେଶଙ୍କୁ ଉସୁକାଇବାରେ ଲାଗିଛନ୍ତି। ଏହା ବିଶ୍ୱ ଶାନ୍ତି ଓ ସ୍ଥିରତା ପ୍ରତି ବିପଦ ସୃଷ୍ଟି କରିବ ବୋଲି କୁହାଯାଉଛି।

ଡେମୋକ୍ରାଟିକ୍ ଲିଡର ଆପ୍ରୁଭାଲ ରେଟିଂ

## ଶୀର୍ଷରେ ମୋଦୀ, ଅଷ୍ଟମ ସ୍ଥାନରେ ଟ୍ରମ୍ପ



ନୂଆଦିଲ୍ଲୀ, ୨୬।୭ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପୁଣିଥରେ ବିଶ୍ୱର ସର୍ବାଧିକ ଲୋକପ୍ରିୟ ନେତାର ମାନ୍ୟତା ହାସଲ କରିଛନ୍ତି। ଶନିବାର ଜାରି ହୋଇଥିବା 'ଡେମୋକ୍ରାଟିକ୍ ଗ୍ଲୋବାଲ ଲିଡର ଆପ୍ରୁଭାଲ ରେଟିଂ'ରେ ମୋଦୀ ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ତାଙ୍କୁ ୭୫ ପ୍ରତିଶତ ଆପ୍ରୁଭାଲ ରେଟିଂ ମିଳିଛି। ଦକ୍ଷିଣ କୋରିଆ ରାଷ୍ଟ୍ରପତି ଲି ଜାଏ ମ୍ୟୁଙ୍ଗ୍ ଏହି ତାଲିକାର ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ତାଙ୍କୁ ୫୯ ପ୍ରତିଶତ ରେଟିଂ ମିଳିଛି। ଆର୍ଜେଣ୍ଟିନା ରାଷ୍ଟ୍ରପତି ଜାଭିଏର ମିଲେଇ ତୃତୀୟ ସ୍ଥାନରେ ରହିଛନ୍ତି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଶ୍ରେଷ୍ଠ-୫ରେ ସ୍ଥାନ ମିଳିନାହିଁ। ଟାରିଫ୍ ବିବାଦ କାରଣରୁ ତାଙ୍କୁ ୮ମ ସ୍ଥାନ ମିଳିଛି। ଆମେରିକାର ବ୍ୟବସାୟିକ ଗୋଇନ୍ଦା ଫାର୍ମ ମର୍ଣ୍ଣିଂ କନସଲ୍ଟ ବିଭିର୍ଣ୍ଣ ତଥ୍ୟ ବିଶ୍ଳେଷଣ କରି ଏହି ରେଟିଂ ଜାରି କରିଛି। ବିଶ୍ୱବ୍ୟାପୀ ନେତା, ଖାସ୍ କରି ଗଣତାନ୍ତ୍ରିକ ଦେଶଗୁଡିକର ନେତାମାନଙ୍କ ଲୋକପ୍ରିୟତାର ସର୍ଭେ କରି ରେଟିଂ ଆକଳନ କରାଯାଇଥାଏ। ବିଭିନ୍ନ ଦେଶରେ ପ୍ରତିଦିନ ହଜାର ଲୋକଙ୍କ ସାକ୍ଷାତକାରକୁ ଆଧାର କରି ଏହି ସର୍ଭେ କରାଯାଇଥାଏ।

## ୧୭ ସାଂସଦଙ୍କୁ ସଂସଦରତ୍ନ ସମ୍ମାନ

ନୂଆଦିଲ୍ଲୀ, ୨୬।୭(ଏଜେନ୍ସି): ଲୋକସଭାରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ବିଭିନ୍ନ ଦଳର ୧୭ ଜଣ ସାଂସଦଙ୍କୁ ସଂସଦରତ୍ନ ପୁରସ୍କାର ୨୦୨୫ ପ୍ରଦାନ କରାଯାଇଛି। ସୁପ୍ରିଆ ସୁଲେ, ରବି କିଷନ, ନିଶିକାନ୍ତ ଦୁବେ, ଅରବିନ୍ଦ ସାମନ୍ତ, ଭର୍ତ୍ତୃହରି ମହତାବ, ଏନ୍‌କେ ପ୍ରେମଚାନ୍ଦ, ଶ୍ରୀରଙ୍ଗ ଆପ୍ପା ବାର୍ଣ୍ଣେଙ୍କୁ ଆଜି ସମ୍ମାନିତ କରାଯାଇଛି। ମହାରାଷ୍ଟ୍ରରୁ ସର୍ବାଧିକ ୭ ଜଣ ସାଂସଦ ଏହି ସମ୍ମାନ ହାସଲ କରିଛନ୍ତି। ସେହିପରି ଉତ୍ତରପ୍ରଦେଶର, ଝାଡଖଣ୍ଡର, ରାଜସ୍ଥାନର ଦୁଇଜଣ ଲେଖାଏ ସାଂସଦ ଏବଂ ଓଡ଼ିଶା, ତାମିଲନାଡୁ ଓ ଆସାମର ଜଣେ ଲେଖାଏ ସାଂସଦଙ୍କୁ ଏହି ସମ୍ମାନ ମିଳିଛି। ଉଲ୍ଲେଖଥାଉ କି, ୨୦୧୦ରେ ପ୍ରାଇମ ପଏଣ୍ଟ ଫାଉଣ୍ଡେସନ ଓ ଇମାଗାଜିନ୍ ପ୍ରିସେନ୍ସ ପ୍ରଥମଥର ପାଇଁ ଏହି ପୁରସ୍କାର ଦେବାର ପରମ୍ପରା ଆରମ୍ଭ କରିଥିଲେ। ପୂର୍ବତନ ରାଷ୍ଟ୍ରପତି ଡ. ଏପିଜେ ଅବଦୁଲ କଲାମ ଏହି ପୁରସ୍କାର ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ। ୨୦୧୦ରେ ଅନୁଷ୍ଠିତ ପ୍ରଥମ ପୁରସ୍କାର ଉତ୍ସବରେ ସେ ଏହି ପୁରସ୍କାରର ଉଦ୍‌ଘାଟନ କରିଥିଲେ। ସଂସଦରେ ପ୍ରଶ୍ନ ପଚାରିବାର ସଂଖ୍ୟା, ବୈଠକ ଓ ଚର୍ଚ୍ଚାରେ ଭାଗୀଦାରି ଭଳି ବିଷୟକୁ ଦୃଷ୍ଟିରେ ରଖି ପୁରସ୍କାର ଦିଆଯାଏ।

## ବିହାରରେ ସାମ୍ବାଦିକଙ୍କୁ ମିଳିବ ୧୫ ହଜାର ଟଙ୍କା ପେନସନ

ପାଟନା, ୨୬।୭(ଏଜେନ୍ସି): ବିଧାନସଭା ନିର୍ବାଚନ ପୂର୍ବରୁ ନୀତୀଶ କୁମାରଙ୍କ ନେତୃତ୍ୱାଧୀନ ବିହାର ସରକାର ଏକ ବଡ଼ ଘୋଷଣା କରିଛନ୍ତି। ଏବେ ବିହାରରେ ମାନ୍ୟତାପ୍ରାପ୍ତ ସମ୍ବାଦିକଙ୍କୁ ମାସକୁ ୧୫ ହଜାର ଟଙ୍କାର ପେନସନ ମିଳିବ ବୋଲି ଘୋଷଣା କରାଯାଇଛି। ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ସୋସିଆଲ ମିଡିଆରେ ପୋଷ୍ଟ କରି ଏ ନେଇ ସୂଚନା ଦେଇଛନ୍ତି। ପୂର୍ବରୁ ସାମ୍ବାଦିକଙ୍କୁ ୬ ହଜାର ଟଙ୍କା ପେନସନ ଦିଆଯାଉଥିଲା ଓ ଏହାକୁ ୧୫ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ପୁଣି ଯଦି କୌଣସି ସାମ୍ବାଦିକଙ୍କ ପରଲୋକ ହୁଏ ତେବେ ତାଙ୍କ ପତ୍ନୀଙ୍କୁ ୩ ହଜାର ବଦଳରେ ୧୦ ହଜାର ଟଙ୍କା ପେନସନ ଦିଆଯିବ ବୋଲି କୁହାଯାଇଛି। ଗଣତନ୍ତ୍ରରେ ସାମ୍ବାଦିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଆସିଛି ଓ ଗଣମାଧ୍ୟମ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ବୋଲି କୁହାଯାଇଥାଏ। ତେଣୁ ସମ୍ବାଦିକଙ୍କ ପାଇଁ ପେନସନ ବୃଦ୍ଧି କରାଯିବା ଆବଶ୍ୟକାତା ରହିଛି ବୋଲି ନୀତୀଶ କହିଛନ୍ତି।

କପିଳ ଶର୍ମାଙ୍କ କାଫେକୁ ଗୁଳିମାଡ଼ ମାମଲା

## ନିଜକୁ ଦୂରେଇଲା ବବର ଖାଲସା

ଅମ୍ରିତଶର, ୨୬।୭(ଏଜେନ୍ସି): କାନାଡାର ସରେ ସହରରେ କମେଡିଆନ କପିଲ ଶର୍ମାଙ୍କ ନୂଆ କାଫେ 'କେପ୍ସ କାଫେ' ଉପରେ ହୋଇଥିବା ଗୁଳିମାଡ଼ ଘଟଣା ଏବେ ନୂଆ ମୋଡ ନେଇଛି। ଏହି ଘଟଣା ପାଇଁ ଆମେ ଦାୟୀ ନୁହଁ ଓ ଆମର କିଛି ଯାଏ ଆସେ ନାହିଁ ବୋଲି ଖଲିସ୍ତାନୀ ସଂଗଠନ ବବର ଖାଲସା ଇଣ୍ଟରନ୍ୟାସନାଲ (ବିକେଆଇ) ତରଫରୁ କୁହାଯାଉଛି। ଏ ନେଇ ବିକେଆଇ ୨ ପୃଷ୍ଠାର ଚିଠି ଜାରି କରିଛି। ଜୋରଜବରସ୍ତି ଅର୍ଥ ଆଦାୟ, ଧମକ କିମ୍ବା ହିଂସାର କୌଣସି ଘଟଣାରେ ଆମର କୌଣସି ସମ୍ପର୍କ ନାହିଁ। ଆମେ କୌଣସି ପ୍ରକାର ଆକ୍ରମଣ କରିନାହୁଁ। ଏଭଳି ଘଟଣାରେ ଆମକୁ ଦାୟୀ କରିବା ଠିକ୍ ନୁହଁ ବୋଲି ବିକେଆଇ ଶନିବାର ସ୍ପଷ୍ଟ କରିଛି। ଉଲ୍ଲେଖଥାଉ କି, ଜୁଲାଇ ୧୦ରେ କପିଲଙ୍କ କାଫେ ଉପରେକୁ ଗୁଳିମାଡ ହୋଇଥିଲା। ଜୁଲାଇ ୭ରେ କପିଲ ଏହାର ଉଦ୍‌ଘାଟନ କରିଥିଲେ। ଏହି ଘଟଣାରେ ଖଲିସ୍ତାନୀ ଆତଙ୍କୀ ହରଜିତ ସିଂହ ଲାଡି ନିଜକୁ ଦାୟୀ କରିଥିଲା



ଶନିବାର ଦିନ ମୁମ୍ବାଇ-ପୁଣେ ଏକ୍ସପ୍ରେସ ହାଇୱେରେ ପ୍ରବଳ ବର୍ଷା ଓ ଦୁର୍ଘଟଣାକୁ ନେଇ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ବ୍ରେକ ଫେଲ୍ ହୋଇଯିବାରୁ ଗୋଟିଏ ଟ୍ରକ ଅତିକମରେ ୧୨ଟି କାର ଉପରେ ମାଡ଼ିଯିବାରୁ ଜଣେ ବ୍ୟକ୍ତି ପ୍ରାଣ ହରାଇବା ସହିତ ୨୦ରୁ ଅଧିକ ଆହତ ହୋଇଛନ୍ତି। ଦୁର୍ଘଟଣା ପରେ ୫ କିଲୋମିଟର ପର୍ଯ୍ୟନ୍ତ ରାସ୍ତା ଜାମ୍ ରହିଥିଲା।

**ଭାରତୀୟ ଇତିହାସରେ ପ୍ରଥମ**

# ଯବାନଙ୍କ ପରିବାରକୁ ମିଳିବ ଆଇନଗତ ସୁରକ୍ଷା

ଶ୍ରୀନଗର, ୨୬।୭ (ଏଜେନ୍ସି): କାର୍‌ଗିଲ ବିଜୟ ଦିବସରେ ଯବାନଙ୍କ ନିମନ୍ତେ ଐତିହାସିକ ପଦକ୍ଷେପ ନିଆଯାଇଛି। ଭାରତରେ ପ୍ରଥମ ଥର ପାଇଁ ଯବାନଙ୍କ ପରିବାରକୁ ଆଇନଗତ ସହାୟତା ପ୍ରଦାନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ନୂଆ ଯୋଜନା ଆରମ୍ଭ କରାଯାଇଛି। ଏହାର ନାମ 'ନାଲ୍‌ସା ବୀର ପରିବାର ସହାୟତା ଯୋଜନା-୨୦୨୫' ରଖାଯାଇଛି। ଉପାନ୍ତ ଅଞ୍ଚଳରେ ତଥା ଦୂରଦୂରାନ୍ତ କ୍ଷେତ୍ରରେ ମୁତୟନ ଥିବା ଯବାନଙ୍କୁ ଘରୋଇ ଆଇନର ବୋଝରୁ ମୁକ୍ତି ପ୍ରଦାନ କରିବା ଏହାର ଉଦ୍ଦେଶ୍ୟ। ନ୍ୟାସନାଲ ଲିଗାଲ ସର୍ଭିସେସ୍ ଅଥରିଟି (ନାଲ୍‌ସା)ର କାର୍ଯ୍ୟନିର୍ବାହୀ ଅଧକ୍ଷ ତଥା ସୁପ୍ରିମକୋର୍ଟର ପରବର୍ତ୍ତୀ ପ୍ରଧାନ ବିଚାରପତି ହେବାକୁ ଥିବା ଜଷ୍ଟିସ ସୂର୍ଯ୍ୟକାନ୍ତ ଶନିବାର ଶ୍ରୀନଗରରେ ଏହି ଯୋଜନାର ଶୁଭାରମ୍ଭ କହିଛନ୍ତି। ଅଭିଯାନ ସମୟରେ ସଶସ୍ତ୍ର ବାହିନୀର ବଳିଦାନ ଦ୍ୱାରା ଜଷ୍ଟିସ ସୂର୍ଯ୍ୟକାନ୍ତ ଗଭୀର ଭାବେ ପ୍ରଭାବିତ ହୋଇଥିଲେ ଏବଂ ସେ ଯବାନଙ୍କ ମଙ୍ଗଳ ପାଇଁ ନ୍ୟାୟପାଳିକା ମାଧ୍ୟମରେ କି ଯୋଗଦାନ ଦିଆଯାଇପାରିବ ତାହା ଖୋଜିବା ଆରମ୍ଭ କରି ଦେଇଥିଲେ। ସୂଚନା ଅନୁଯାୟୀ ଦେଶର ସୁରକ୍ଷାରେ ନିୟୋଜିତ ଯବାନଙ୍କୁ ବ୍ୟକ୍ତିଗତ ମାମଲାର ଲଢ଼େଇରେ ଆଇନଗତ ସୁବିଧା ସୁନିଶ୍ଚିତ କରି ଏକାକୀ ହେବାକୁ ନ ଦେବା ଉଚିତ ବୋଲି ଜଷ୍ଟିସ ସୂର୍ଯ୍ୟକାନ୍ତ ଚାହୁଁଥିଲେ। ଏହି ଚିନ୍ତାଧାରା 'ନାଲସା ବୀର ପରିବାର ସହାୟତା ଯୋଜନା'ରେ ପରିଣତ ହୋଇଛି। ନଭେମ୍ବର ୨୪ରେ ଭାରତର ପ୍ରଧାନ ବିଚାରପତି ଭାବେ ଶପଥ ନେବା ପୂର୍ବରୁ ଜଷ୍ଟିସ ସୂର୍ଯ୍ୟକାନ୍ତ ଏହି ଯୋଜନାର ଶୁଭାରମ୍ଭ କରିବେ। ଏଥିରେ ଦୂର ଦୂରାନ୍ତ କ୍ଷେତ୍ରରେ ମୁତୟନ ଥାଇ ଆଇନଗତ ମାମଲା ପାଇଁ ହାଜର ହୋଇ ପାରୁ ନ ଥିବା ଯବାନଙ୍କୁ ସହାୟତା ପ୍ରଦାନ କରାଯିବ। ପାରିବାରିକ ସମ୍ପତ୍ତି ବିବାଦ, ଘରୋଇ ବିବାଦ ଏବଂ ଜମିଜମା ଆଦି ମାମଲାରେ ଆଇନଗତ ସହାୟତା ଦିଆଯିବ। ଏଭଳି ସ୍ଥିତିରେ ନାଲ୍‌ସା ମାଧ୍ୟମରେ ମାମଲାକୁ ଉଚିତ ଭାବେ କୋର୍ଟରେ ଉପସ୍ଥାପନା କରିବାକୁ ସୁନିଶ୍ଚିତ କରାଯିବ।

## ଆରବ, ଇସଲାମ ଶିଖିବାକୁ ସୈନିକଙ୍କୁ ନିର୍ଦ୍ଦେଶ ଦେଲା ଇସ୍ରାଏଲ

ତେଲ ଅଭିଭ୍, ୨୬।୭(ଏଜେନ୍ସି): ଇସ୍ରାଏଲ୍ ଏବେ ତା'ର ସବୁ ସୈନିକ, ଅଧିକାରୀ ଓ ଗୋଇନ୍ଦା ବିଭାଗକୁ ଆରବ ଭାଷା ଓ ଇସ୍‌ଲାମ ଧର୍ମ ବିଷୟରେ ଶିକ୍ଷା କରିବାକୁ ନିର୍ଦ୍ଦେଶ ଦେଇଛି। ଆରବ ଭାଷା ଓ ଇସ୍ଲାମିକ ଷ୍ଟଡିଜର ପ୍ରଶିକ୍ଷଣ ନେବା ବାଧ୍ୟତାମୂଳକ ବୋଲି ଇସ୍ରାଏଲ ଡିଫେନ୍ସ ଫୋର୍ସ ତରଫରୁ କୁହାଯାଇଛି। ଜେରୁସଲମ ପୋଷ୍ଟରେ ଏ ନେଇ ଏକ ରିପୋର୍ଟ ପ୍ରକାଶ ପାଇବା ପରେ ଇସ୍ରାଏଲ ଏହି ପଦକ୍ଷେପ ଗ୍ରହଣ କରିଛି। ୨୦୨୩ ଅକ୍ଟୋବରରେ ଇସ୍ରାଏଲ ଉପରେ ପାଲେଷ୍ଟାଇନ୍ ଆତଙ୍କବାଦୀ ସଂଗଠନ ହମାସ ଆକ୍ରମଣ କରିଥିଲା। ସେତେବେଳେ ଇସ୍ରାଏଲ ଗୋଇନ୍ଦା ବିଭାଗର ବିଫଳତା କାରଣରୁ ଏହା ଘଟିଥିଲା ବୋଲି କୁହାଯାଇଥିଲା। ଗୋଇନ୍ଦା ବିଭାଗର ଅଧିକାରୀମାନେ ଆତଙ୍କୀ ଭାଷାକୁ ସ୍ପଷ୍ଟ ଭାବେ ବୁଝିବାରେ ବିଫଳ ହୋଇଥିଲେ। ଇସ୍ରାଏଲ ମଧ ଏହାର ଗମ୍ଭୀରତାକୁ ହୃଦୟଙ୍ଗମ କରି ଏହି ପଦକ୍ଷେପ ନେଇଛି। କେବଳ ସେତିକି ନୁହଁ ଏହି କାର୍ଯ୍ୟକ୍ରମ ଅନୁସାରେ ସୈନିକମାନଙ୍କୁ ହୁତି ଓ ଇରାକର କଥିତ ଭାଷା ଶିକ୍ଷା କରିବାକୁ କୁହାଯିବ। ହୁତି ଭାଷା ବୁଝିବାରେ ଗୋଇନ୍ଦା ଅଧିକାରୀମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ୟେମେନ ଓ ଅନ୍ୟ ଆରବ ଅଞ୍ଚଳରେ ଲୋକ ଗୁଟଖା ଭଳି 'କାତ' (ହାଲକା ନିଶା ଯୁକ୍ତ ପତ୍ର) ଚୋବାଇବାରେ ଅଭ୍ୟାସ ରଖନ୍ତି। ଏହା ଦ୍ୱାରା ସ୍ପଷ୍ଟ ଭାବେ କଥା କୁହାଯାଇପାରି ନଥାଏ। ଆତଙ୍କୀଙ୍କ ଭାଷା ବୁଝିବାକୁ ହେଲେ ଏହି ସବୁ ଶିକ୍ଷା କରିବା ଆବଶ୍ୟକୟ। ତେଣୁ ଏହି ସବୁ ଭାଷା ଶିକ୍ଷା କରିବାକୁ ଇସ୍ରାଏଲ ବାଧ୍ୟତାମୂଳକ କରିଛି।

## କାର୍ଗିଲ ବିଜୟ ଦିବସରେ ସହିଦଙ୍କୁ ଶ୍ରଦ୍ଧାଞ୍ଜଳି



ନୂଆଦିଲ୍ଲୀ, ୨୬।୭ (ଏଜେନ୍ସି): ଲାଦାଖ ଦ୍ରାସ ସେକ୍ଟରରେ ଆଜି କାରଗିଲ ବିଜୟ ଦିବସ ପାଳନ ହୋଇଛି। ଏଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି ଭାରତୀୟ ସ୍ଥଳସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ। ଏହି ଅବସରରେ ସେ କହିଛନ୍ତି ଯେ ଅପରେସନ ସିନ୍ଦୂର ମାଧ୍ୟମରେ ପାକିସ୍ତାନକୁ କଡ଼ା ସନ୍ଦେଶ ଦେବାରେ ଭାରତ ସଫଳ ହୋଇଛି। ଆତଙ୍କବାଦ ଓ ଏହାର ସମର୍ଥକଙ୍କୁ ବରଦାସ୍ତ କରାଯିବ ନାହିଁ ବୋଲି ଏହି ଅପରେସନ ଦ୍ୱାରା ସ୍ପଷ୍ଟ କରାଯାଇଛି। ପହଲଗାମରେ ହୋଇଥିବା ଆତାଙ୍କବାଦୀ ଆକ୍ରମଣକୁ ଅପରେସନ ସିନ୍ଦୂର ଦ୍ୱାରା ଦୃଢ ଜବାବ ଦିଆଯାଇଥିଲା। କାରଗିଲ ବିଜୟ ଦିବସକୁ ୨୬ ବର୍ଷ ପୂର୍ତ୍ତୀପାଳନ କରିବାକୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଦିଲ୍ଲୀର ନ୍ୟାସନାଲ ମେମୋରିଆଲ ପହଞ୍ଚିଥିଲେ। ତାଙ୍କ ସହ ୩ ସେନା ପ୍ରମୁଖ ମଧ ଏହି ଅବସରରେ ଉପସ୍ଥିତ ଥିଲେ। ରାଜନାଥ ଶହୀଦ ଜବାନଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଉଲ୍ଲେଖଥାଉ କି, ୧୯୯୯ ମେ ୫ରେ ପାକିସ୍ତାନ ସୈନ୍ୟ ଅନୁପ୍ରବେଶ କରିଥିଲା। ଫଳରେ ଦୁଇ ଦେଶ ମଧ୍ୟରେ କାରଗିଲରେ ଯୁଦ୍ଧ ହୋଇଥିଲା। ଏହି ଯୁଦ୍ଧ ପାଖାପାଖି ୮୪ ଦିନ ପର୍ଯ୍ୟନ୍ତ ଚାଲିଥିଲା। ତେବେ ୧୯୯୯ ଜୁଲାଇ ୨୬ରେ ଭାରତର ବିଜୟ ସହ ଏହି ଯୁଦ୍ଧ ଶେଷ ହୋଇଥିଲା।

# ମୋରଡ଼ା ଓ ରାସଗୋବିନ୍ଦପୁରରେ ବନ୍ୟା

## ୨ ହଜାର ଏକର ଚାଷଜମି ଜଳାର୍ଣ୍ଣବ



ମୋରଡ଼ା, ୨୬।୭ (ସମିସ): ଶୁକ୍ରବାର ବର୍ଷାରେ ମୋରଡ଼ା ଓ ରାସଗୋବିନ୍ଦପୁର ବ୍ଲକ୍‌ରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଫଳରେ ନଦୀକୂଳରେ ବସବାସ କରୁଥିବା ଏହି ଦୁଇଟିଯାକ ବ୍ଲକ୍‌ର ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ବ୍ୟାପକ ଚାଷ ଜମିରେ ବନ୍ୟାଜଳ ମାଡ଼ି ଯାଇଛି। ସେହିପରି, ବାରିପଦା-ଚିତ୍ରଡ଼ା ୬୧ନମ୍ବର ରାଜ୍ୟ

### ବାରିପଦା-ଚିତ୍ରଡ଼ା ରାସ୍ତାରେ ଯାତାୟାତ ଠପ୍

ରାଜପଥର ରାଜାବନ୍ଧ ବାଙ୍କ ପୋଲର ହୋମପାଇପ୍‌ଗୁଡ଼ିକ ବନ୍ଦ ହୋଇଯାଇଥିବାରୁ ପାଣି ନିଷ୍କାସନ ହୋଇ ନପାରି ପୋଲ ଉପରେ ୧୦ ଫୁଟ୍‌ର ବର୍ଷାଜଳ ପ୍ରବାହିତ ହେଉଛି। ଫଳରେ ୨୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଯାତାୟାତ ଠପ୍ ହୋଇଥିବା ବେଳେ ଏକ ଆମ୍ବୁଲାନ୍ସ ମଧ୍ୟ ଅଟକି ରହିଥିଲା। ମାତ୍ରାଧିକ ବର୍ଷାରେ ପ୍ରଭାବିତ ହୋଇଥିବା ହଳଦୀପାଳ ପଞ୍ଚାୟତର ଲୋକଙ୍କୁ ଏକ ସ୍କୁଲଘରକୁ ସ୍ଥାନାନ୍ତର କରାଯାଇଛି। ସେହିପରି ରାସଗୋବିନ୍ଦପୁର ବ୍ଲକକୁ ସଂଯୋଗ କରୁଥିବା ଭଡ଼ରାନଣ୍ଡା ପୋଲ ଉପରେ ଝମ୍ପୀରା ନଦୀର ବନ୍ୟାଜଳ ୫ ଫୁଟ୍ ଉପରେ ପ୍ରବାହିତ ହେବାରୁ ବାରିପଦା-ଜଳେଶ୍ୱର ତଥା ମୋରଡ଼ା-ରାସଗୋବିନ୍ଦପୁର ବ୍ଲକ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ରାସଗୋବିନ୍ଦପୁର ବ୍ଲକ ବଡାମପୁରଠାରେ ନଦୀ ଆଡ଼ିବନ୍ଧ ଭାଙ୍ଗିଯିବାରୁ ପ୍ରାୟ ୨ହଜାର ଏକର ଚାଷଜମି ସମ୍ପୂର୍ଣ୍ଣ ଜଳମଗ୍ନ ହୋଇଛି।

ଏହାବ୍ୟତୀତ ସାନମାଣିଦା ପଞ୍ଚାୟତ ପଦ୍ମତଳିଆ, ପିଙ୍ଗୁଳି ଏବଂ ଡୁଇଲିପୁରା ସମେତ ଭେଡିସାହି ଆଦି ଗାଁର ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ଲୋକ ଜଳବନ୍ଦୀ ହୋଇ ରହିଛନ୍ତି। ଶନିବାର ବର୍ଷା କମିଥିବା ବେଳେ ଜିଲ୍ଲାପାଳ ହେମକାନ୍ତ ସଏ, ଉପଜିଲ୍ଲାପାଳ ଦୟାସିନ୍ଧୁ ପରିଡ଼ା ଏବଂ ବ୍ଲକ୍ ପ୍ରଶାସନ ବନ୍ୟାପ୍ରଭାବିତ ଅଞ୍ଚଳକୁ ଓଡ୍ରାଫ୍ ଟିମ୍ ସହ ପରିଦର୍ଶନ କରିଥିଲେ। ପ୍ରାୟ ୧୫୦ଲୋକଙ୍କୁ ସ୍ଥାନାନ୍ତର କରାଯାଇ ଶୁଖିଲା ଏବଂ ରନ୍ଧାଖାଦ୍ୟ ପ୍ରଦାନ କରାଯାଇଛି। ପରବର୍ତ୍ତୀ ସମୟରେ ପ୍ରଶାସନ ତରଫରୁ ରାଜାବନ୍ଧ ପୋଲକୁ ଦୁଇଟି ଜେସିବିରେ ସଫା କରାଯିବା ପରେ ଯାତାୟାତ ସ୍ୱାଭାବିକ ହୋଇଛି।

■ ବୈତରଣୀ ବନ୍ୟାକୁ ନେଇ ନଦୀକୂଳିଆ ଆତଙ୍କିତ

## ଆଖୁଆପଦାଠାରେ ବିପଦ ସଂକେତ ଉପରେ



ଭଦ୍ରକ/ଆରଡି,୨୬।୭(ସମିସ): ଲଘୁଚାପ ପ୍ରଭାବରେ ବୈତରଣୀ ନଦୀର ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ବଡଧରଣର ବନ୍ୟା ଦେଖାଦେଇଛି। ଆଖୁଆପଦାଠାରେ ବୈତରଣୀ ନଦୀର ବନ୍ୟାଜଳ ବିପଦ ସଂକେତ ଉପରେ

### କୁଆଖିଆ-ଆଖଣ୍ଡଳମଣି ଜାତୀୟ ରାଜପଥ ବିଚ୍ଛିନ୍ନ ଆଶଙ୍କା

ପ୍ରବାହିତ ହେଉଥିବାରୁ ଚାନ୍ଦବାଲି ବ୍ଲକର ଆରଡି, ଓଳଗ, ସୁନ୍ଦରପୁର, ନାନ୍ଦପୁର ଆଦି ନଦୀକୂଳିଆ ଲୋକ ଆତଙ୍କିତ ହୋଇପଡିଛନ୍ତି। ବିଶେଷକରି କୁଆଖିଆ-ଆଖଣ୍ଡଳମଣି ଜାତୀୟ ରାଜପଥ ବୋଡକ ନିକଟରେ ବୈତରଣୀ ନଦୀକୂଳ ଦେଇଯାଇଥିବାରୁ ଗତ ୨ ବର୍ଷ ହେବ ୨ ଶହ ଫୁଟ ରାସ୍ତା ନଦୀ ଆଡକୁ ଢଳି ରହିବା ସହ କିଛି ଅଂଶ ଦବିଯାଇଛି। ତେଣୁ ବୈତରଣୀରେ ଆସୁଥିବା ବନ୍ୟାପାଣି ରାସ୍ତାକୁ ବୁଡାଇବା ଆଶଙ୍କା ଦେଖାଦେଇଛି। ଫଳରେ ଜାତୀୟ ରାଜପଥ ବିଭାଗ ପକ୍ଷରୁ ରାସ୍ତା କଡ଼ରେ ବାଉଁଶ ବାଡା ସହ କିଛି ବାଲିବସ୍ତା ପକାଯାଇଛି। ଏପଟେ ଧାମରାଠାରେ ସମୁଦ୍ର ଅଶାନ୍ତ ହୋଇ ପଡ଼ିଥିବାରୁ ଉଚ୍ଚଜୁଆର ଢେଉ ବଢ଼ିବାରେ ଲାଗିଛି; ଯାହାକି ବୈତରଣୀ ନଦୀର ଉପରମୁଣ୍ଡରୁ ଆସୁଥିବା ବନ୍ୟାପାଣି ନିଷ୍କାସନରେ ବାଧକ ସାଜିପାରେ। ବୈତରଣୀ ନଦୀରେ ଏବେ ବନ୍ୟା ପାଣି ଦ୍ରୁତଗତିରେ ବୃଦ୍ଧି ପାଉଥିବାରୁ ଆରଡି ନିକଟ ମୁଆଁକଜଳା ମାହାରା ନିକଟରେ ନଦୀବନ୍ଧ ଅତ୍ୟନ୍ତ ଦୁର୍ବଳ ରହିବା ସହିତ ସାଠିବାଙ୍କୁଡା ଓ ସୁନ୍ଦରପୁର ଗାଁ ନିକଟରେ ମଧ୍ୟ ନଦୀବନ୍ଧ ଦୁର୍ବଳ ରହିଛି; ଯାହାକୁ ନେଇ ନଦୀକୂଳିଆବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି।

ରାଜ୍ୟରେ କୃଷକଙ୍କ ଆୟ ଦ୍ୱିଗୁଣ ବୃଦ୍ଧି ନେଇ ପ୍ରଶ୍ନ କଲେ ମାନସ

## ଦେଶର କୃଷି ପରିବାର ଆୟ ତୁଳନାରେ ଓଡ଼ିଶାର କୃଷି ପରିବାରର ଆୟ ଅଧା

ଭୁବନେଶ୍ୱର,୨୬।୭(ସମିସ): ରାଜ୍ୟରେ କୃଷକଙ୍କ ଆୟ ଏବଂ ଏଥିରେ କେନ୍ଦ୍ରର ଭୂମିକା ନେଇ ବିଜେଡି ରାଜ୍ୟସଭା ସାଂସଦ ମାନସ ରଞ୍ଜନ ମଙ୍ଗରାଜ ପଚାରିଥିବା ଏକ ପ୍ରଶ୍ନକୁ ଚତୁରତାର ସହ ଏଡ଼ାଇ ଯାଇଛନ୍ତି କେନ୍ଦ୍ର ସରକାର। ଓଡ଼ିଶାରେ କୃଷକଙ୍କ ଆୟ ଦ୍ୱିଗୁଣିତ ନେଇ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହୋଇଛି କି ବୋଲି ରାଜ୍ୟସଭାରେ ସାଂସଦ ଶ୍ରୀ ମଙ୍ଗରାଜ ଏକ ଅଣତାରକା ପ୍ରଶ୍ନ କରିଥିବା ବେଳେ କେନ୍ଦ୍ର ସରକାର ଏନେଇ କୌଣସି ସିଧାସଳଖ ଉତ୍ତର ଦେଇନାହାନ୍ତି। ଓଡ଼ିଶାର କୃଷକଙ୍କ ଆୟ ବାବଦରେ ସୂଚନା ଦେବା ପରିବର୍ତ୍ତେ ଦେଶର କୃଷି ପରିବାରର ଆୟ ବୃଦ୍ଧି ନେଇ କେନ୍ଦ୍ର କୃଷି ରାଷ୍ଟ୍ର ମନ୍ତ୍ରୀ ରାମନାଥ ଠାକୁର ଉତ୍ତର ରଖିଛନ୍ତି।

ଶ୍ରୀ ମଙ୍ଗରାଜଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ଠାକୁର କହିଛନ୍ତି ଯେ ରାଷ୍ଟ୍ରୀୟନମୂନା ସର୍ଭେକ୍ଷଣ କାର୍ଯ୍ୟାଳୟ(ଏନଏସଏସଓ)ର ଗତ ୨୦୧୯ ମସିହା ଜାନୁଆରୀରୁ ଡିସେମ୍ବର ମାସ ଯାଏଁ ଏକ ସର୍ଭେ କରିଥିଲା। ଏହି ସର୍ଭେରେ କୃଷି ପରିବାରଙ୍କ ସ୍ଥିତି ଆକଳନ କରାଯାଇଥିଲା। ଏହି ସର୍ଭେକ୍ଷଣ ଅନୁଯାୟୀ ୨୦୧୨-୧୩ରେ ଦେଶରେ ପ୍ରତି କୃଷି ପରିବାରର ମାସିକ ଆୟ ୬୪୨୬ ଟଙ୍କାରୁ ବଢ଼ି ୨୦୧୮-୧୯ରେ ୧୦୨୧୮ ଟଙ୍କାରେ ପହଞ୍ଚିଛି। ସମାନ ଅବଧି ସମୟରେ ଓଡ଼ିଶାର ପ୍ରତି କୃଷକଙ୍କ ପରିବାର ଆୟ ବୃଦ୍ଧି ପାଇ ୫୧୧୨ ଟଙ୍କା ରହିଥିବା ମନ୍ତ୍ରୀ ନିଜ ଉତ୍ତରରେ ଉଲ୍ଲେଖ କରିଛନ୍ତି। ମାତ୍ର ୨୦୧୨-୧୩ରେ ଓଡ଼ିଶାର ପ୍ରତି କୃଷି ପରିବାରର ମାସିକ ଆୟ କେତେ ଥିଲା ସେନେଇ ମନ୍ତ୍ରୀ ନିଜ ଉତ୍ତରରେ ଉଲ୍ଲେଖ କରିନାହାନ୍ତି। ତେବେ ମନ୍ତ୍ରୀଙ୍କ ଉତ୍ତର ଅନୁଯାୟୀ ୨୦୧୮-୧୯ ମସିହାରେ ଦେଶରେ କୃଷି ପରିବାରର ଆୟ ତୁଳନାରେ ଓଡ଼ିଶାର କୃଷି ପରିବାରର ଆୟ ୫୦୧୬ ଟଙ୍କା କମ୍ ଥିବା ଜଣାପଡ଼ିଛି। ସମାନ ଭାବେ ଶ୍ରୀ ମଙ୍ଗରାଜ ଓଡ଼ିଶାର କୃଷକଙ୍କ ଆୟ ବୃଦ୍ଧି ପାଇଁ କେଉଁ ପଦକ୍ଷେପ ନିଆଯାଇଚି ପ୍ରଶ୍ନ କରିଥିଲେ ହେଁ କେନ୍ଦ୍ର ସରକାର ଏନେଇ କୌଣସି ସ୍ପଷ୍ଟ ଉତ୍ତର ରଖିନାହାନ୍ତି। ବରଂ ଦେଶରେ କୃଷକଙ୍କ ଆୟ ବୃଦ୍ଧି ପାଇଁ ଫସଲ ଓ ପଶୁଧନ ଉତ୍ପାଦକତା ବୃଦ୍ଧି, ଫସଲ ସଘନତା ବୃଦ୍ଧି, ଉଚ୍ଚ ମୂଲ୍ୟ ଯୁକ୍ତ କୃଷିରେ ବିବିଧକରଣ, କୃଷକଙ୍କ ଉତ୍ପାଦିତ ସଶ୍ୟର ଲାଭକାରୀ ମୂଲ୍ୟ ପ୍ରଦାନ ପରି ପଦକ୍ଷେପ କେନ୍ଦ୍ର ସରକାର ନେଇଥିବା ମନ୍ତ୍ରୀ ଶ୍ରୀ ଠାକୁର ଉତ୍ତର ରଖିଛନ୍ତି। ଅପରପକ୍ଷେ ରାଜ୍ୟରେ ଡିଜିଟାଲ କୃଷିକୁ ଆଗକୁ ବଢ଼ାଇବା ପାଇଁ ରାଜ୍ୟ ସରକାର ଅନେକ ଯୋଜନା ପ୍ରଣୟନ କରିଥିବା ମନ୍ତ୍ରୀ ନିଜ ଉତ୍ତରରେ ଉଲ୍ଲେଖ କରିଛନ୍ତି। କୃଷକ ଓଡ଼ିଶା, ଏଗ୍ରିଷ୍ଟେକ ମିଶନ, ଗୋ-ସୁଗମ, ସଫଳ, ଏଡିଏପିଟି, କୃଷି ସମୀକ୍ଷା କେନ୍ଦ୍ର ପରି ଯୋଜନା ସମ୍ପର୍କରେ ମନ୍ତ୍ରୀ ଶ୍ରୀ ଠାକୁର ଉଲ୍ଲେଖ କରିଛନ୍ତି। ସୂଚନାଯୋଗ୍ୟ ଯେ ଉପରୋକ୍ତ ନୀତି ଗୁଡ଼ିକ ପ୍ରାୟତଃ ପୂର୍ବ ବିଜେଡି ସରକାର ସମୟରେ ଲାଗୁ ହୋଇଥିଲା।

## ସରକାରୀ ବାସଭବନରୁ ସ୍ତ୍ରୀଙ୍କ ମୃତଦେହ ଉଦ୍ଧାର; ଡାକ୍ତର ସ୍ୱାମୀ ଫେରାର୍

ଆନନ୍ଦପୁର/ହାଟଡିହୀ,୨୬।୭(ସମିସ): ହରିଚନ୍ଦନପୁର ପୁଲିସ୍ ଆଜି କେନ୍ଦୁଝର ଜିଲ୍ଲା ଚକ୍ରଧରପୁର ଡାକ୍ତରଖାନା କ୍ୱାର୍ଟର୍ସରୁ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି। ମୃତ ମହିଳାଜଣଙ୍କ ହେଲେ, ଡାକ୍ତର ବିଭୁପ୍ରସାଦ ନାୟକଙ୍କ ପତ୍ନୀ ରୋଜିନା ନାୟକ (୨୫)। ପୁଲିସ୍ ଘରର ତାଲା ଭାଙ୍ଗି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଆରମ୍ଭ କରିଛି। ତେବେ, ରୋଜିନାଙ୍କ ଅସ୍ୱାଭାବିକ ମୃତ୍ୟୁକୁ ତାଙ୍କ ପରିବାରଲୋକ ଗ୍ରହଣ କରିପାରିନାହାନ୍ତି। ଡାକ୍ତର ନାୟକ ତାଙ୍କୁ ହତ୍ୟା କରିବା ପରେ ଆତ୍ମହତ୍ୟାର ରୂପ ଦେବା ପାଇଁ ଶବକୁ ଫ୍ୟାନ୍‌ରେ ଝୁଲାଇ ଦେଇଥିବା ରୋଜିନାଙ୍କ ବାପା ପଞ୍ଚାନନ ନାୟକ ଅଭିଯୋଗ କରିଛନ୍ତି। ଅପରପକ୍ଷେ, ଘଟଣା ପରଠାରୁ ଡାକ୍ତର ନାୟକ ଫେରାର୍ ହୋଇଯାଇଥିବାରୁ ପୁଲିସ୍‌ର ସନ୍ଦେହ ତାଙ୍କ ଉପରେ ଦୃଢ଼ୀଭୂତ ହୋଇଛି।

ଗତବର୍ଷ ଜୁଲାଇରେ ତରଭା ଗ୍ରାମର ରୋଜିନାଙ୍କୁ ବିଭୁପ୍ରସାଦ ବିବାହ କରିଥିଲେ। କିନ୍ତୁ ବିବାହର କିଛି ଦିନ ପରେ ତାଙ୍କ ଉପରେ ଅତ୍ୟାଚାର ଆରମ୍ଭ ହୋଇଯାଇଥିଲା। ଅଧିକ ଯୌତୁକ ଦାବି କରି ଶାଶୂ, ଶଶୁର ଓ ସ୍ୱାମୀ ତାଙ୍କୁ ନିର୍ଯାତନା ଦେଇଥିଲେ। ଏନେଇ ରୋଜିନା ନନ୍ଦିପଦା ଥାନାରେ ଏତଲା ବି ଦେଇଥିଲେ। କିନ୍ତୁ, ପରେ ଦୁଇ ପରିବାର ମଧ୍ୟରେ ଆପୋଷ ବୁଝାମଣା ହୋଇଯାଇଥିଲା। ଗତ ସାବିତ୍ରୀ ବ୍ରତ ପୂର୍ବ ଦିନ ଉଭୟ ସ୍ୱାମୀ-ସ୍ତ୍ରୀ ଆସି ଚକ୍ରଧରପୁର ଡାକ୍ତରଖାନା ପରିସରରେ ଥିବା ସରକାରୀ



କ୍ୱାର୍ଟର୍ସରେ ରହୁଥିଲେ। ତେବେ, ଆଜି ସକାଳେ ଡାକ୍ତର ବିଭୁପ୍ରସାଦ ଘରେ ତାଲା ପକାଇ ଫେରାର୍ ହୋଇଯିବା ଏବଂ ପରେ ଉକ୍ତ ଘରୁ ରୋଜିନାଙ୍କ ଝୁଲନ୍ତା ମୃତଦେହ ଜବତ ହେବା ଘଟଣା ଯୋଜନାବଦ୍ଧ ହତ୍ୟାକାଣ୍ଡ ଆଡ଼କୁ ଇଙ୍ଗିତ କରୁଥିବା ନେଇ ଚର୍ଚ୍ଚା ଜୋର୍ ଧରିଛି। ଥାନାଧିକାରୀ ଦେବକୀ ନାଏକ, ଏସ୍‌ଡିପିଓ ବିଜୟ ମହାପାତ୍ର ଏବଂ ଅତିରିକ୍ତ ତହସିଲଦାର ନରେନ୍ଦ୍ର ସେଠୀଙ୍କ ଉପସ୍ଥିତରେ ଶବ ଜବତ କରାଯାଇ ବ୍ୟବଚ୍ଛେଦ ପାଇଁ ଆନନ୍ଦପୁର ଡାକ୍ତରଖାନାକୁ ପଠାଯାଇଛି। ସାଇଣ୍ଟିଫିକ୍ ଦଳ ଘଟଣାସ୍ଥଳରେ ତଦନ୍ତ କରିଛନ୍ତି।

## ସ୍କୁଲରୁ ଅପହୃତା ଛାତ୍ରୀ ସୀମାନ୍ତରୁ ଉଦ୍ଧାର

ବୈଶିଙ୍ଗା, ୨୬।୭ (ସମିସ): ବେତନଟୀ ଥାନା ପୁଲିସ୍ ଆଜି ଜଣେ ଅପହୃତ ଛାତ୍ରୀଙ୍କୁ ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତ ବହଳଦା ଅଞ୍ଚଳରୁ ଉଦ୍ଧାର କରିଛି। ଛାତ୍ରୀଜଣଙ୍କ ବେତନଟୀ ସରକାରୀ ବାଳିକା ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ।

ଗତକାଲି ସେ ସ୍କୁଲ ଯାଇଥିବା ବେଳେ ଛୁଟି ପରେ ରହସ୍ୟଜନକ ଭାବେ ନିଖୋଜ ହୋଇଯାଇଥିଲେ। ନାବାଳିକାଙ୍କ ମା'ଙ୍କ ଏତଲାକ୍ରମେ ପୁଲିସ୍ ଏକ ଅପହରଣ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଆଜି ପୁଲିସ୍ ଛାତ୍ରୀଙ୍କୁ ବହଳଦା ଅଞ୍ଚଳରୁ ଉଦ୍ଧାର କରିଛି। ତେବେ କିଏ ଓ କେଉଁ ଉଦ୍ଦେଶ୍ୟରେ ନାବାଳିକାଙ୍କୁ ଅପହରଣ କରିଥିଲେ, ସେ ସଂପର୍କରେ ପୁଲିସ୍ ସ୍ପଷ୍ଟ କରିନାହିଁ। ଆଜି ଛାତ୍ରୀଙ୍କ ଡାକ୍ତରୀ ପରୀକ୍ଷା କରାଯିବା ସହ ବୟାନ ରେକର୍ଡ କରାଯାଇଛି।

## ୩ ଦଶନ୍ଧି ଧରି ସକ୍ରିୟ ଥିବା ମାଓ ଦମ୍ପତିଙ୍କ ଆତ୍ମସମର୍ପଣ

ମାଲକାନଗିରି, ୨୬।୭ (ସମିସ): ୩ ଦଶନ୍ଧି ଧରି ମାଓ ସଂଗଠନରେ ସକ୍ରିୟ ମାଓ ଦମ୍ପତି ଜୋରିଗେ ନାଗରାଜୁ ଓରଫ୍ କମଲେଶ ଏବଂ ତାଙ୍କ ପତ୍ନୀ ମେଡକା ଜ୍ୟୋତିଶ୍ୱରୀ ଓରଫ ଅରୁଣା ଆତ୍ମସମର୍ପଣ କରିଛନ୍ତି। ଉଭୟ ଆନ୍ଧ୍ରପ୍ରଦେଶ ପୁଲିସ



### ଧରାଇଲେ ବିପୁଳ ମାଓ ସାମଗ୍ରୀ

ମହାନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ଆତ୍ମସମର୍ପଣ କରିଛନ୍ତି। କମଲେଶ ରାଜ୍ୟ ଜୋନାଲ କମିଟି ସଦସ୍ୟ ଏବଂ ପୂର୍ବ ବସ୍ତର ଡିଭିଜନ୍‌ର ମାଓ ସଙ୍ଗଠନର ପ୍ରଭାରୀ ଥିଲେ। ୩୪ବର୍ଷ ଧରି ମାଓ ସଂଗଠନରେ ସେ ସକ୍ରିୟ ଥିଲେ। ସେହିପରି ଅରୁଣା ଡିଭିଜନାଲ କମିଟି ସଦସ୍ୟ ଏବଂ ମାଓ ସଂଗଠନର ମୋବାଇଲ୍ ଏକାଡେମିକ୍ ପଲିଟିକାଲ୍ ଅର୍ଗାନାଇଜେସନ୍‌ର ପ୍ରଭାରୀ ଥିଲେ। ୩୦ ବର୍ଷ ଧରି ସେ ସଂଗଠନରେ କାର୍ଯ୍ୟ କରିଥିଲେ। ମାଓ ସଂଗଠନର ନୀତି ଏବଂ ବିଫଳତାରେ ନିରାଶ ହୋଇ ଉଭୟ ସାଧାରଣ ଜୀବନଯାପନ ପାଇଁ ଆତ୍ମସମର୍ପଣ କରିଥିବା ପ୍ରକାଶ କରିଛନ୍ତି। ଉଭୟଙ୍କୁ ୨୦ହଜାର ଲେଖାଏଁ ଅର୍ଥରାଶି ପ୍ରଦାନ ସହ ଆଗାମୀ ଦିନରେ ସରକାରୀ ନୀତି ନିୟମ ଅନୁଯାୟୀ ଥଇଥାନ କରାଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ବଡ଼ କଥା ହେଉଛି, ଆତ୍ମସମର୍ପଣ ପରେ ଏହି ମାଓଦମ୍ପତିଙ୍କ ସୂଚନା ଆଧାରରେ ଆନ୍ଧ୍ରପ୍ରଦେଶ ପୁଲିସ ବିଭିନ୍ନ ଜଙ୍ଗଲ ମଧ୍ୟରୁ ମାଓବାଦୀଙ୍କ ଦ୍ୱାରା ଲୁଚାଇ ରଖାଯାଇଥିବା ବିପୁଳ ପରିମାଣର ମାଓସାମଗ୍ରୀ, ଅସ୍ତ୍ରଶସ୍ତ୍ର ଆଦି ଜବତ କରିଛି।

ପୁଣି ମୁଙ୍ଗେର୍ ବନ୍ଧୁକ କାରବାର ରାକେଟ୍ ଠାବ

## ୬ କୁଖ୍ୟାତ ଅପରାଧୀ ଗିରଫ; ୫ ବନ୍ଧୁକ ଜବତ

କଟକ, ୨୬।୭ (ସମିସ): ମାଲଗୋଦାମ ଥାନା ଅନ୍ତର୍ଗତ ଯୋବ୍ରାଠାରେ ହେଉଥିଲା ବେଆଇନ ବନ୍ଧୁକ ବ୍ୟବସାୟ। ବିହାରର ମୁଙ୍ଗେର୍‌ରୁ ଅତ୍ୟାଧୁନିକ ପିସ୍ତଲ୍, ମାଉଜର ଓ ଅନ୍ୟାନ୍ୟ ବନ୍ଧୁକ ଯନ୍ତ୍ରାଂଶ ସହିତ ଗୁଳି ଆଣି ବିକ୍ରି ହେଉଥିଲା। ଏହି ବେଆଇନ ବନ୍ଧୁକ କାରବାର କରୁଥିବା ଜଣେ କୁଖ୍ୟାତ ଅପରାଧୀକୁ ମାଲଗୋଦାମ ଥାନା ପୁଲିସ ଆଜି ଗିରଫ କରିଛି। ଅଭିଯୁକ୍ତଜଣଙ୍କ ହେଉଛି, ଯୋବ୍ରା ମାଟିଆମଙ୍ଗଳା ସାହିର କାଦୁଅ ଓରଫ ଦେବଦତ୍ତ ସିଂହ ବେହେରା (୨୬)। ତା' ନିକଟରୁ ବନ୍ଧୁକ କିଣିଥିବା ୫ଜଣ ଯଥାକ୍ରମେ ଯୋବ୍ରା ମଲ୍ଲା ସାହିର ରାଜା ଓରଫ୍ ପୀୟୂଷ ରେଡ୍ଡୀ(୨୦), ନଦୀକୂଳ ସାହିର ଦୁର୍ଦ୍ଦାନ୍ତ ନନ୍ଦ ଓରଫ୍ ବିଜୟ ରାଓ(୩୬), ନୂଆସାହିର ଜ୍ୟୋତି ରଞ୍ଜନ ନାୟକ ଓରଫ୍ ହାପି(୨୩), ବୈଦ୍ୟନାଥ ବେହେରା ଓରଫ ବିଦୁ (୨୨) ଓ ତଳସାହିର ତପନ ସେଠୀ ଓରଫ ତପୁ (୨୦)କୁ ଗିରଫ କରାଯାଇଛି। ଏମାନଙ୍କ ପାଖରୁ ପୁଲିସ୍ ୫ଟି ୭.୬୫ ଏମ୍‌ଏମ୍ ପିସ୍ତଲ, ୧୩ ରାଉଣ୍ଡ ଗୁଳି, ଗୋଟିଏ ସ୍କୁଟି ଏବଂ ୩ଟି ମୋବାଇଲ ଜବତ କରିଛି। ଆଜି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ପୁଲିସ କମିସନର୍ ଏସ୍. ଦେବଦତ୍ତ ସିଂହ ଡସିପିଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।



ପୁଲିସ ସୂଚନା ଅନୁସାରେ, ଗତକାଲି ସନ୍ଧ୍ୟାରେ ଯୋବ୍ରା ଅଞ୍ଚଳରେ କିଛି ସନ୍ଦିଗ୍ଧ ଗତିବିଧି ନେଇ ପୁଲିସକୁ ସୂଚନା ମିଳିଥିଲା। ବନ୍ଧୁକ କାରବାରରେ ଜଡିତ କିଛି ଦୁର୍ବୃତ୍ତ ବଡ଼ଧରଣର ଅପରାଧିକ କାଣ୍ଡ ଭିଆଇବା ଉଦ୍ଦେଶ୍ୟରେ ଏକତ୍ରିତ ହେଉଥିବା ଜଣାପଡ଼ିଥିଲା। ପରେ ଏସିପି ଅରୁଣ ସ୍ୱାଇଁଙ୍କ ନେତୃତ୍ୱରେ ସ୍ପେସାଲ୍ ସ୍କ୍ୱାଡ ତୁରନ୍ତ ଯୋବ୍ରା ମାଟିଆ ମଙ୍ଗଳା ଛକରେ ଚଢ଼ଉ କରିଥିଲେ। ଏହି ସମୟରେ ସ୍କୁଟି ଧରି ଛିଡ଼ା ହୋଇଥିବା କାଦୁଅ ଖସି ପଳାଇବାକୁ ଉଦ୍ୟମ କରି ବିଫଳ ହୋଇଥିଲା। ସ୍କ୍ୱାଡ୍ ତାକୁ କାବୁ କରି ତଲାସି ନେବାରୁ ତା' ପାଖରୁ ଗୋଟିଏ ୭.୬୫ ଏମଏମର ପିସ୍ତଲ ସହ ୫ ରାଉଣ୍ଡ ଗୁଳି ମିଳିଥିଲା। ପରେ ତାକୁ ଥାନାକୁ ଆଣି ପଚରାଉଚରା କରିବାରୁ କଟକ ସହରରେ ଚାଲିଥିବା ବନ୍ଧୁକ କାରବାର ରାକେଟ ସମ୍ପର୍କରେ ତଥ୍ୟ ମିଳିଥିଲା।

ଅଭିଯୁକ୍ତ କାଦୁଅ ବିହାରର ମୁଙ୍ଗେର୍‌ରୁ ଲୁଚାଛପାରେ ବନ୍ଧୁକ ଆଣି ବିଭିନ୍ନ ଅପରାଧିକ ଗୋଷ୍ଠୀକୁ ଯୋଗାଉଥିଲା। ଖାଲି କଟକ ନୁହେଁ, ଜିଲ୍ଲା ବାହାରର ବହୁ ଅପରାଧୀ ତା'ର ଗ୍ରାହକ ଥିଲେ। କିଛି ଦିନ ତଳେ କାଦୁଅ ବିହାର ମୁଙ୍ଗେରରୁ ୬ଟି ବନ୍ଧୁକ ଆଣିଥିଲା। ସେଥିରୁ ୫ଟି ବନ୍ଧୁକକୁ ସେ ଯୋବ୍ରା ଅଞ୍ଚଳର ଦୁର୍ଦ୍ଦାନ୍ତ ବିଜୟ ରାଓ ସମେତ ୫ଜଣଙ୍କୁ ବିକ୍ରି କରିଥିଲା। ଆଉ ଗୋଟିଏ ବନ୍ଧୁକ ଅନ୍ୟଜଣଙ୍କୁ ହସ୍ତାନ୍ତର କରିବାକୁ ଆସିଥିଲା ବେଳେ ପୁଲିସ ତାକୁ କାବୁ କରିଥିଲା। ପୁଲିସ ରାତିତମାମ ଯୋବ୍ରାର ବିଭିନ୍ନ ସାହିରେ ଚଢଉ କରି ବିଜୟ ଓ ତା'ର ସହଯୋଗୀ ରାଜା, ହାପି, ବିଦୁ ଓ ତପୁକୁ ଗିରଫ କରିଥିଲା। ଏଥିସହିତ ସେମାନଙ୍କ ପାଖରୁ ଆଉ ୪ଟି ୭.୬୫ ଏମଏମ୍ ପିସ୍ତଲ ଓ କିଛି ଗୁଳି ଜବତ କରିଥିଲା। ମୋଟ ୬ଟି ବନ୍ଧୁକରୁ ୫ଟି ଜବତ ହୋଇଥିଲା ବେଳେ ଏବେ ବି ଗୋଟିଏ ପୁଲିସ ଜବତ କରି ପାରିନାହିଁ।

ଅଭିଯୁକ୍ତ ନନ୍ଦ ରାଓ ଜଣେ ପେସାଦାର ଅପରାଧୀ। ପୂର୍ବରୁ ତା' ନାଁରେ ଦାଦାବଟି, ଡକାୟତି, ହତ୍ୟା ଉଦ୍ୟମ ଭଳି ୧୪ଟି ସଂଗୀନ ମାମଲା ମଙ୍ଗଳାବାଗ, ମର୍କତନଗର, ମାଲଗୋଦାମ ଥାନରେ ରହିଛି। ଗତ କିଛି ଦିନ ହେବ, ସେ ସହଯୋଗୀଙ୍କୁ ଧରି ଏକ ଗ୍ୟାଙ୍ଗ

■ ଅପରାଧିକ ସାମ୍ରାଜ୍ୟ ଚଳାଇବା ସହ କରୁଥିଲା ବନ୍ଧୁକ ବ୍ୟବସାୟ
■ ରାଜ୍ୟତମାମ ଲମ୍ବିଛି ଚେର
■ ଯୋବ୍ରାରେ ରାକେଟ୍ ଚଳାଉଥିଲା ମୁଖ୍ୟ ଅଭିଯୁକ୍ତ
■ ଆଗକୁ ବଢ଼ିବ ଗିରଫଦାରୀ

ଗଢ଼ିଥିଲା। ଆଗକୁ ପାର୍ବଣ ସମୟରେ ଡକାୟତି ଉଦ୍ଦେଶ୍ୟରେ ପିସ୍ତଲ ଓ ଗୁଳି କାଦୁଅ ମାଧ୍ୟମରେ ଆମଦାନୀ କରିଥିବା ତଦନ୍ତରୁ ଜଣାପଡ଼ିଛି। ସେହିପରି କାଦୁଅ ନାଁରେ ମାଲଗୋଦାମ ଥାନାରେ ୩ଟି ଓ ମର୍କତନଗର ଥାନାରେ ଗୋଟିଏ ମାମଲା ରହିଛି। ଅଭିଯୁକ୍ତ ରାଜା ଓ ବିଦୁ ନାଁରେ ଚାଉଳିଆଗଞ୍ଜ, ମାଲଗୋଦାମ ଥାନାରେ ୪ଟି ମାମଲା ରହିଛି। ପୁଲିସ ନନ୍ଦ ଗ୍ୟାଙ୍ଗର ଅନ୍ୟ ସହଯୋଗୀଙ୍କ ସହ କାଦୁଅ ଲିଙ୍କରେ ବନ୍ଧୁକ କିଣିଥିବା ଅପରାଧୀଙ୍କ ତଥ୍ୟ ସଂଗ୍ରହ କରୁଛି। ଏହି ମାମଲାରେ ଆଗକୁ ଗିରଫଦାରୀ ସଂଖ୍ୟା ବଢ଼ିବ ବୋଲି ପୁଲିସ୍ କହିଛି। ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଡିସିପି ଋଷିକେଶ ଖିଲାରୀ ଦ୍ୟାନଦେଓ ଓ ମାଲଗୋଦାମ ଥାନା ଅଧିକାରୀ ରଜନୀକାନ୍ତ ଦାସ ପ୍ରମୁଖ ଏହି ସୂଚନା ଦେଇଥିଲେ।

ଏସ୍‌ସି, ଏସ୍‌ଟି ସ୍କୁଲ ଛାତ୍ରାବାସରେ ଯୌନ ଅତ୍ୟାଚାର ଘଟଣା

## ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିକଲା ବିଜେଡି

ଭୁବନେଶ୍ୱର,୨୬।୭(ସମିସ): ଅନୁସୂଚିତ ଜାତି ଓ ଜନଜାତି ସ୍କୁଲ ଛାତ୍ରାବାସରେ ଯୌନ ଅତ୍ୟାଚାର ଘଟଣାରେ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛି ବିଜେଡି। ଦଳ ପକ୍ଷରୁ ଶନିବାର ଜାତୀୟ ଜନଜାତି ଆୟୋଗ(ଏନସିଏସଟି)ଙ୍କ ନିକଟରେ ଏନେଇ ଏକ ଦାବିପତ୍ର ଦାଖଲ କରାଯାଇଛି। ଓଡ଼ିଶାର ଏସ୍‌ସ/ଏସ୍‌ଟି ସ୍କୁଲ ହଷ୍ଟେଲ୍ ଗୁଡିକରେ ଅବସ୍ଥିତ ଅନୁସୂଚିତ ଜାତି ଓ ଜନଜାତି ଝିଅମାନଙ୍କ ଉପରେ ଘଟୁଥିବା ଯୌନ ଅତ୍ୟାଚାର ଓ ଗର୍ଭଧାରଣ ଘଟଣା ବାବଦରେ ତୁରନ୍ତ ହସ୍ତକ୍ଷେପ ପାଇଁ ଏଥିରେ ଦାବି କରାଯାଇଛି। ବିଜେଡି ଏହି ଘଟଣାଗୁଡିକୁ ଦୁଃଖଦାୟକ ଓ ଚିନ୍ତାଜନକ ବୋଲି କହି ଏକ ଉଚ୍ଚସ୍ତରୀୟ ତଦନ୍ତ ସହ ଦାୟୀ ଅଧିକାରୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛି।

ଦଳ ପକ୍ଷରୁ କୁହାଯାଇଛି ଯେ ରାୟଗଡ଼ା, ମୟୂରଭଞ୍ଜ ଓ କନ୍ଧମାଳ ଜିଲ୍ଲା ସହିତ ଅନ୍ୟାନ୍ୟ ଅଞ୍ଚଳରେ ଏପରି ଅନେକ ଘଟଣା ଘଟିଛି, ଯେଉଁଠି ଏସସି/ଏସଟି ବିଭାଗ ଦ୍ୱାରା ପରିଚାଳିତ ସ୍କୁଲ ହଷ୍ଟେଲରେ ଅନେକ ଅନୁସୂଚିତ ଜାତି ଓ ଜନଜାତିର ଝିଅମାନେ ଯୌନ ଅତ୍ୟାଚାରର ଶିକାର ହୋଇ ଗର୍ଭବତୀ ହେଉଛନ୍ତି। ଏହା ଏକ ଗମ୍ଭୀର ପ୍ରଶାସନିକ ବିଫଳତା ଓ ଅନୁପଯୁକ୍ତ ନିରୀକ୍ଷଣ ପ୍ରଣାଳୀର ପ୍ରତିଫଳନ ଅଟେ। ଏ

■ ଜାତୀୟ ଜନଜାତି ଆୟୋଗଙ୍କୁ ଦାବିପତ୍ର ପ୍ରଦାନ
■ ସମସ୍ତ ଘଟଣାକୁ ନେଇ ହେଉ ଉଚ୍ଚସ୍ତରୀୟ ତଦନ୍ତ
■ ପୀଡ଼ିତାଙ୍କୁ ଆଇନ ସହାୟତା ଓ ସହଯୋଗ ମିଳୁ
■ ସ୍କୁଲ ଛାତ୍ରାବାସରେ ସୁରକ୍ଷା ବୃଦ୍ଧି କରାଯାଉ

ସମସ୍ତ ଘଟଣାକୁ ନେଇ ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯାଉ ଓ ଏଥିରେ ସମ୍ପୃକ୍ତ ଅଧିକାରୀ, ହଷ୍ଟେଲ୍ ସୁପରିଟେଣ୍ଡେଣ୍ଟ ଓ ଥାନା ଅଧିକାରୀଙ୍କ ବିରୁଦ୍ଧରେ କଠୋର ପଦକ୍ଷେପ ନିଆଯାଉ। ଛାତ୍ରଛାତ୍ରୀଙ୍କ ସୁରକ୍ଷା ପାଇଁ ହଷ୍ଟେଲରେ ସିସିଟିଭି, ନିୟମିତ ଡାକ୍ତରୀ ପରୀକ୍ଷା, ପରାମର୍ଶଦାତା ସୁବିଧା ଓ ମହିଳା ସୁରକ୍ଷା କର୍ମଚାରୀ ତୁରନ୍ତ ନିଯୁକ୍ତି ଦିଆଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଏହାସହ ଏକ ସ୍ୱତନ୍ତ୍ର ଦଳ (ଏସ୍‌ଆଇଟି) ଗଠନ କରି ପୀଡ଼ିତାଙ୍କୁ ଚିକିତ୍ସା ଆଇନ ଓ ମାନସିକ ସ୍ତରରେ ସହଯୋଗ ଦେବା ପାଇଁ କରାଯାଇଛି। ଏଥିସହ ଏହିଭଳି ଘଟଣା ଆଗକୁ ଯେଭଳି ନ ଘଟିବ, ସେଥିପାଇଁ ସ୍କୁଲ ହଷ୍ଟେଲଗୁଡ଼ିକୁ ନିୟମିତ ମନିଟରିଂ ବ୍ୟବସ୍ଥା କରିବା ସହ ଅଭିଯୋଗ ପ୍ରକୋଷ୍ଠ ଖୋଲିବା ନିମନ୍ତେ ପଦକ୍ଷେପ ଗ୍ରହଣ କରିବା ପାଇଁ ଏନସିଏସଟି ରାଜ୍ୟ ସରକାରଙ୍କୁ ପରାମର୍ଶ ଦେବା ପାଇଁ ଅନୁରୋଧ କରାଯାଇଛି। ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀଙ୍କ ସୁରକ୍ଷା ଓ ଗାରିମା ସର୍ବୋପରି ଗୁରୁତ୍ୱପୂର୍ଣ୍ଣ। ଏହିପରି ଦୁଃଖଦ ଘଟଣା ପୁନର୍ବାର ନ ଘଟିବା ପାଇଁ କମିଶନ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକ ଅଛି ବୋଲି ଦଳ କହିଛି। ଏହି ଦାବିପତ୍ରକୁ ଦଳର ମିଡିଆ ସଂଯୋଜକ ଡ. ପ୍ରିୟବ୍ରତ ମାଝୀ ଓ ଡ. ଲେଳିନ ମହାନ୍ତିଙ୍କ ନେତୃତ୍ୱରେ କମିଶନଙ୍କ ନିକଟରେ ଦାଖଲ କରାଯାଇଛି।

## ରାଜ୍ୟରେ କମୁନି ଡାଇରିଆ ଆତଙ୍କ

ଭୁବନେଶ୍ୱର, ୨୬।୭(ସମିସ): ରାଜ୍ୟରେ ଡାଇରିଆ ଆତଙ୍କ ଥମିବାର ନାଁ ଧରୁନି। ଗୋଟିଏ ଜିଲ୍ଲାରେ ସ୍ଥିତି ସୁଧୁରିବାବେଳକୁ ଆଉ ଗୋଟେ ଜିଲ୍ଲାରେ ପରିସ୍ଥିତି ଅଣାୟତ୍ତ ହୋଇଯାଉଛି। ଝାଡ଼ାବାନ୍ତି ବ୍ୟାପିବାର ଉତ୍ସକୁ ବି ସ୍ୱାସ୍ଥ୍ୟ ବିଭାଗ ଚିହ୍ନଟ କରିପାରୁନି। ପ୍ରଥମେ ଯାଜପୁରରେ କଲେରା ଭୂତାଣୁ ଚିହ୍ନଟ ହୋଇଥିବାବେଳେ ଅନ୍ୟ ଜିଲ୍ଲାଗୁଡ଼ିକରେ ଖାଦ୍ୟରେ ବିଷକ୍ରିୟା ନା ଡାଇରିଆ ବ୍ୟାପିଛୁ, ତାକୁ ଚହ୍ନଟ କରିବା କାଠିକାର ପାଠ ହୋଇଗଲାଣି। ଜଳ ଉତ୍ସ ସଫା ରଖିବା ସହ ନିୟମିତ ବ୍ୟବଧାନରେ ସଚେତନତା ଜାରି ରହିଛି। ଏହା ସତ୍ତ୍ୱେ ବି ଡାଇରିଆ ନିୟନ୍ତ୍ରଣକୁ ଆସୁନି। ବର୍ଷା ଋତୁ ଆରମ୍ଭରୁ ବ୍ୟାପିଥିବା ଏହି ସଂକ୍ରମଣ ଦିନକୁ ଦିନ ଭୟାବହ ହେବାରେ ଲାଗିଛି। ଶତାଧିକ ଲୋକେ ସଂକ୍ରମଣ ହେବା ସହ ପ୍ରାଣହାନୀ ବି ଘଟୁଛି। ତେଣୁ ଏହାର ସ୍ଥାୟୀ ପ୍ରତିକାର କରିବା ସହ ସଂକ୍ରମଣ ରୋକିବା ଦିଗରେ ଦୃଢ଼ ପଦକ୍ଷେପ ନେବାକୁ ଦାବି ହେଉଛି।

ଗଞ୍ଜାମ ଜିଲ୍ଲାର ଦିଗପହଣ୍ଡି ଅଞ୍ଚଳରେ ଝାଡ଼ାବାନ୍ତି ଲାଗି ରହିଛି। ବର୍ତ୍ତମାନ ସ୍ଥିତି ସ୍ଥିର ରହିଥିବାବେଳେ ଗଞ୍ଜାମ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଘଟଣାସ୍ଥଳରେ ଅନୁଧ୍ୟାନ କରୁଛନ୍ତି। ଏପଟେ ଗଜପତି ଜିଲ୍ଲାର ମୋହନାରେ ମଧ୍ୟ ଝାଡ଼ାବାନ୍ତି ବ୍ୟାପିଥିବା ଦେଖିବାକୁ ମିଳିଛି। ଉକ୍ତ ସ୍ଥାନରେ ରାଜ୍ୟ ଜନସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଗଠନ ହୋଇଥିବା ଟିମ୍‌ର ଜଣେ ସଦସ୍ୟ ଅଛନ୍ତି। ଘଟଣାସ୍ଥଳରେ କ'ଣ ପରିସ୍ଥିତି ରହିଛି, ସାଧାରଣ ଭାବେ ରୋଗର ଉତ୍ସ କ'ଣ ରହିଛି, ସେନେଇ ଏକ ସମ୍ପୂର୍ଣ୍ଣ ରିପୋର୍ଟକୁ ଅପେକ୍ଷା କରାଯାଇଛି। ଅନୁରୂପ ଅବସ୍ଥା ନୂଆପଡ଼ା ଜିଲ୍ଲାରେ ସଂକ୍ରମଣ

■ ସଂକ୍ରମଣ ଉତ୍ସ ପାଉନି ସ୍ୱାସ୍ଥ୍ୟ ବିଭାଗ
■ ଚିନ୍ତା ବଢ଼ାଉଛି ଗଞ୍ଜାମ, ନୂଆପଡ଼ା

ବ୍ୟାପିଥିବାବେଳେ ବଲାଙ୍ଗିର ମେଡିକାଲ କଲେଜର ଜଣେ ପ୍ରଫେସର ଓ ଜନସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ନୂଆପଡ଼ା ଯାଇଛନ୍ତି। ଏଠାରେ ଆକ୍ରାନ୍ତ ରୋଗୀମାନେ ସୁସ୍ଥ ହୋଇ ଘରକୁ ଫେରିଥିଲେ ହେଁ ସଂକ୍ରମଣ ବ୍ୟାପିବାର କାରଣ ଖୋଜା ଚାଲିଛି। ପାଣି ଓ ମଳର ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ଲ୍ୟାବ୍‌କୁ ପଠାଯାଇଛି।

ମୟୂରଭଞ୍ଜ ଜିଲ୍ଲାର ଠାକୁରମୁଣ୍ଡା ଆଶ୍ରମ ସ୍କୁଲରେ ବି ସମାନ ସ୍ଥିତି ଦେଖାଦେଇଛି। ମୟୂରଭଞ୍ଜ ସିଡିଏମ୍‌ଓଙ୍କ ରିପୋର୍ଟକୁ ଅପେକ୍ଷା କରାଯାଇଛି। ଡାଇରିଆର ଭୟାବହତାକୁ ଦୃଷ୍ଟିରେ ରଖି ସମସ୍ତ ପ୍ରକାର ସତର୍କତାମୂଳକ ପଦକ୍ଷେପ ନିଆଯାଇଛି। ତେଣୁ ଏବେ ବ୍ୟାପୁଥିବା ଡାଇରିଆର ଉତ୍ସକୁ ଖୋଜିବା ସ୍ୱାସ୍ଥ୍ୟ ବିଭାଗ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ଏ ସମ୍ପର୍କରେ ସ୍ୱାସ୍ଥ୍ୟ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଆମେ ନିୟମିତ ବ୍ୟବଧାନରେ ବିଭାଗୱାରୀ ବୈଠକ କରୁଛୁ। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ସହ ମିଶି ଜଳ ଉତ୍ସ ସଫା କରିବା ଉପରେ ଗୁରୁତ୍ୱ ଦିଆଯାଉଛି। ସ୍ୱାସ୍ଥ୍ୟ ଅଧିକାରୀ, ଅଙ୍ଗନବାଡି ଦିଦି, ଆଶାକର୍ମୀ ତୃଣମୂଳସ୍ତରରେ ଲୋକଙ୍କୁ ସଚେତନ କରୁଛନ୍ତି। ଏହାସତ୍ତ୍ୱେ କେଉଁ କାରଣ ପାଇଁ ସଂକ୍ରମଣ ବ୍ୟାପୁଛି, ଦୃଢ଼ତାର ସହ ତା'ର ନିରୀକ୍ଷଣ କରାଯାଉଛି। ସଂକ୍ରମଣ ବ୍ୟାପୁଥିବା ସ୍ଥାନଗୁଡ଼ିକରୁ ନମୁନା ସଂଗ୍ରହ କରି ଲ୍ୟାବ୍‌କୁ ପଠାଯାଇଛି। ରିପୋର୍ଟ ଆସିବା ପରେ ବାସ୍ତବରେ କେଉଁ କାରଣ ପାଇଁ ସଂକ୍ରମଣ ବ୍ୟାପୁଛି, ତା' ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି।

# ବ୍ଲାଷ୍ଟିଂରେ ଘର ଭାଙ୍ଗି ଛାରଖାର

## ■ ଅଳ୍ପକେ ବର୍ତ୍ତିଲେ ପରିବାର ଲୋକେ



ତାଳଚେର,୨୬।୭(ସମିସ): ଲିଙ୍ଗରାଜ କୋଇଲା ଖଣିର ଉଚ୍ଚ କ୍ଷମତାସମ୍ପନ୍ନ ଡିନାମାଇଟ୍ ବିସ୍ଫୋରଣ ଯୋଗୁଁ ଶନିବାର ମଦନମୋହନପୁର ଗ୍ରାମର ହେମନ୍ତ ପ୍ରଧାନଙ୍କ ଘର ଆଜବେଷ୍ଟସ ଉପରେ ଏକ ବଡ଼ ପଥର ପଡ଼ିବା ଫଳରେ ଆଜବେଷ୍ଟସ ଭାଙ୍ଗି ଚୂରମାର ହୋଇଯାଇଛି। ବ୍ଲାଷ୍ଟିଂରେ ଘର କାନ୍ଥ ମଧ୍ୟ ଫାଟିଥିବା ଅଭିଯୋଗ ହୋଇଛି। ଏଥିସହ ଘର ଭିତରେ ଥିବା ଆସବାବପତ୍ର ଭାଙ୍ଗିରୁଜି ନଷ୍ଟ ହୋଇଯାଇଛି। ତେବେ ପରିବାର ଲୋକେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଏହା ପୂର୍ବରୁ ମଧ୍ୟ ସେହି ଗ୍ରାମ ବାସିନ୍ଦା ତଥା ପୂର୍ବତନ ସମିତି ସଭ୍ୟ ଚୈତନ୍ୟ ପ୍ରଧାନ ଓ କାନୁନ ପ୍ରଧାନଙ୍କ ଘର ବ୍ଲାଷ୍ଟିଂରେ ଭାଙ୍ଗିଥିବା ଅଭିଯୋଗ ହୋଇଛି। ଏ ନେଇ ସେଠାରେ ଏକ ଅପ୍ରୀତିକର ପରିସ୍ଥିତ ସୃଷ୍ଟି ହୋଇଥିଲା। ତେବେ ଖଣି କର୍ମଚାରୀ ପହଞ୍ଚି ବୁଝାସୁଝା କରିବା ସହ ଭାଙ୍ଗିଥିବା ଘରଗୁଡ଼ିକୁ ମରାମତି କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।

# ଲଟକିଛି ତାଳଚେର-ବିମଳାଗଡ଼ ରେଳପ୍ରକଳ୍ପ

ତାଳଚେରସଦର,୨୬।୭(ସମିସ):



ତାଳଚେର-ବିମଳାଗଡ଼ ରେଳପଥ ପାଇଁ ଅନୁଗୋଳରେ ଜମି ଅଧିଗ୍ରହଣ ସରିଲାଣି। କିନ୍ତୁ ଦେବଗଡ଼ରେ ରେଳବାଇକୁ ଏପର୍ଯ୍ୟନ୍ତ ଜମି ହସ୍ତାନ୍ତର ହୋଇନି। ସୁନ୍ଦରଗଡ଼ରେ ବି ସମାନ ସ୍ଥିତି। ଏହି ପ୍ରକଳ୍ପ ପାଇଁ ପ୍ରାୟ ୯୮୫ ବେସରକାରୀ ଜମି ଆବଶ୍ୟକ ଥିବା ବେଳେ ରେଳବାଇକୁ ମିଳିଛି ମାତ୍ର ୫୫୫ ଏକର। ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ପ୍ରମୁଖ ସମସ୍ୟା ଭାବେ ଛିଡ଼ା ହୋଇଥିବା ବେଳେ ଦେବଗଡ଼ ଓ ସୁନ୍ଦରଗଡ଼ରେ ଲାଗି ରହିଥିବା ସମସ୍ୟା ପାଇଁ ପ୍ରକଳ୍ପ ଆହୁରି ବିଳମ୍ବ ହେବା ଆଶଙ୍କା ପ୍ରକାଶ ପାଇଛି।

ଏହି ପ୍ରକଳ୍ପ ରାଉରକେଲା ଓ ଭୁବନେଶ୍ୱର ମଧ୍ୟରେ ଦୂରତା କମାଇବା ସହ ଖଣିଜ ପରିବହନ କ୍ଷେତ୍ରରେ ଏକ ପ୍ରମୁଖ ରୁଟ୍ ପାଲଟିବ। ରାଉରକେଲା ସହିତ ତାଳଚେର-ଅନୁଗୋଳ ଶିଳ୍ପାଞ୍ଚଳକୁ ଏହି ରେଳପଥ ଯୋଡୁଥିବାରୁ ଏହା ରାଜ୍ୟ ଅର୍ଥନୀତିରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ସେହିପରି ଅନୁଗୋଳ ଜିଲ୍ଲାରେ ପାଲଲହଡ଼ା ବ୍ଲକ ସମେତ ଦେବଗଡ଼ ଓ ସୁନ୍ଦରଗଡ଼ ଜିଲ୍ଲାର ଅଧିକାଂଶ ଅଞ୍ଚଳ ରେଳ ଲାଇନ୍ ସହ ଯୋଡ଼ି ହେବ। ତେଣୁ ଏହି ପ୍ରକଳ୍ପକୁ ଲୋକେ ଅପେକ୍ଷା କରି ରହିଛନ୍ତି। ୧୫୪ କିମି ରେଳଲାଇନ୍ ନିର୍ମାଣ ପାଇଁ ୨୦୦୩-୦୪ରେ ସରକାରୀ ମଞ୍ଜୁରୀ ମିଳିଥିଲା। ୨୦୦୭ରୁ ରେଳବାଇ ବିଭିନ୍ନ ପର୍ଯ୍ୟାୟରେ ଜମି ବରାଦ କରିବା ପରେ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏହି ପ୍ରକଳ୍ପରେ ଅନୁଗୋଳର ସବୁଠାରୁ ଅଧିକ ଜମି ଯାଉଥିବାରୁ ଏଠାରେ ଅଧିଗ୍ରହଣ ପ୍ରକ୍ରିୟା ଶେଷ ହୋଇଛି। ରାଜ୍ୟ ସରକାର ଦେଇଥିବା ତଥ୍ୟ ଅନୁସାରେ ଏହି ଜିଲ୍ଲାରେ ୫୪୯.୮୬୫ ଏକର ବେସରକାରୀ ଜମିରୁ ୫୪୩.୬୭୫ ଏକର ଜମି ଅଧିଗ୍ରହଣ କରାଯାଇ ରେଳବାଇକୁ ହସ୍ତାନ୍ତର କରଯାଇଛି। ସେହିପରି ସୁନ୍ଦରଗଡ଼ ଜିଲ୍ଲାରେ ୨୪୭.୬୪୦ ଏକର ବେସରକାରୀ ଜମିରୁ ମାତ୍ର ୧୧.୮୯୦ ଏକର ଜମି ରେଳବାଇକୁ ପ୍ରଦାନ କରାଯାଇଛି। ଦେବଗଡ଼ ଜିଲ୍ଲାରେ ଆବଶ୍ୟକ ୧୮୮.୨୪୦ ଏକର ବେସରାକରୀ ଜମି ଅଧିଗ୍ରହଣ ପ୍ରକ୍ରିୟା ଚାଲିଛି। କିନ୍ତୁ ଳେବାଇକୁ ଜମି ହସ୍ତାନ୍ତର ହୋଇ ନ ଥିବାରୁ କାମ ଆରମ୍ଭ ହୋଇପାରିନି।

ଜମି ଅଧିଗ୍ରହଣ ବିଳମ୍ବ ହେବାର ଏକାଧିକ କାରଣ ଦର୍ଶାଇଛନ୍ତି ରାଜ୍ୟ ସରକାର। ଅନୁଗୋଳ ଜିଲ୍ଲାରେ ପାଲଲହଡ଼ା ମୌଜାର ମାତ୍ର ୬.୧୯୦ ଏକର ବେସରକାରୀ ଜମି ହସ୍ତାନ୍ତର ହୋଇପାରିନି। ସୁନ୍ଦରଗଡ଼ରେ କ୍ଷତିଗ୍ରସ୍ତ ପ୍ରଜାମାନେ ଅଧିକ କ୍ଷତିପୂରଣ ଦାବିକରି ଜମି ଅଧିଗ୍ରହଣ ପକ୍ରିୟାରେ ସହଯୋଗ କରୁନାହାନ୍ତି। ଏପଟେ ଦେବଗଡ଼ ଜିଲ୍ଲାରେ କୋଭିଡ୍ ପାଇଁ ଜମି ଅଧିଗ୍ରହଣ ହୋଇପାରି ନ ଥିଲା। ଏଠାରେ ଭୂଅର୍ଜନ ଅଧିକାରୀ ଅଭାବ ପାଇଁ ଅଧିଗ୍ରହଣରେ ସମସ୍ୟା ହେଉଛି।

ଏହ ରେଳ ପ୍ରକଳ୍ପରେ ଅନୁଗୋଳର ୮୩କମି ରହିଥିବା ବେଳେ ଦେବଗଡ଼ ୩୨କମି ଓ ସୁନ୍ଦରଗଡ଼ ୩୯କିମି ରହିଛି। ଜମି ହସ୍ତାନ୍ତର ପରେ ତାଳଚେର ପଟୁ କାମ ଆରମ୍ଭ ହୋଇଥିଲେ ମଧ୍ୟ ବିମଳାଗଡ଼ ପଟୁ କାମ ଆଗେଇ ପାରୁନି। ତାଳଚେରରୁ ସୁନାଖଣି ପର୍ଯ୍ୟନ୍ତ ୨୦କିମି ରାସ୍ତା ଶେଷ ହେବା ସହ କାର୍ଯ୍ୟକ୍ଷମ ହୋଇସାରିଛି। ସୁନାଖଣିରୁ ପରାବିଲ ପର୍ଯ୍ୟନ୍ତ ଆଉ ୧୬.୩୧ କିମି ରେଳଲାଇନ ନିର୍ମାଣ ଶେଷ ହୋଇଥିବା ବେଳେ ଖମାର ପର୍ଯ୍ୟନ୍ତ କାମ ଚାଲିଛି। ସମ୍ପୂର୍ଣ୍ଣ କାମ ହୋଇସାରିଲେ ତାଳଚେର ଓ ରାଉରକେଲା ମଧ୍ୟରେରେ ଯାତ୍ରୀ ପରିବହନ ସୁଗମ ହୋଇପାରିବ।

## ବିଦ୍ୟୁତ ବିଭାଗ ନାଁରେ ଥାନାରେ ଅଭିଯୋଗ

କିଶୋରନଗର/ବଇଣ୍ଡା,୨୬।୭(ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ଥାନା ହରିଡ଼ାନାଳୀ ଗ୍ରାମର ୫ ବର୍ଷର ଶିଶୁପୁତ୍ର ମଧୁସୂଦନ ଦେହୁରିଙ୍କ ବିଦ୍ୟୁତ ଆଘାତରେ ମୃତ୍ୟୁ ହୋଇଛି। ଏ ନେଇ ମଧୁସୂଦନଙ୍କ ବାପା ବସନ୍ତ ଦେହୁରି ବିଦ୍ୟୁତ୍ ବିଭାଗ ନାଁରେ ଶୁକ୍ରବାର କିଶୋରନଗର ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଗ୍ରାମରେ ଥିବା ବିଦ୍ୟୁତ ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସି ମଧୁସୂଦନ ଗୁରୁତର ହୋଇ ପଡ଼ିଥିଲେ। ପରେ କଟକ ବଡ଼ ମେଡିକାଲରେ ତାଙ୍କ ମୃତ୍ୟୁ ହୋଇଥିଲା। ବିଦ୍ୟୁତ ବିଭାଗର ଅବହେଳା ଯୋଗୁଁ ମଧୁସୂଦନଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି।

## ଅଙ୍ଗନବାଡ଼ି କେନ୍ଦ୍ରରୁ ଚୋରି ଅଭିଯୋଗ

ବଇଣ୍ଡା,୨୬।୭(ସମିସ): ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା କୁରୁମଟାପ ଅଙ୍ଗନବାଡ଼ି କେନ୍ଦ୍ରର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ବିଭିନ୍ନ ସାମଗ୍ରୀ ଚୋରି କରିଥିବା କେନ୍ଦ୍ରର ପରିଚାଳିକା ଅରୁଣୀ ସାହୁ ଶୁକ୍ରବାର ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଦୁର୍ବୃତ୍ତମାନେ ଅଙ୍ଗନବାଡ଼ି କେନ୍ଦ୍ରରୁ ଗ୍ୟାସ ଟାଙ୍କି, ମଧ୍ୟାହ୍ନଭୋଜନ ସାମଗ୍ରୀ ସହ ଅନ୍ୟାନ୍ୟ ସାମଗ୍ରୀ ଚୋରି କରି ନେଇଥିବା ଅଭିଯୋଗରେ ଦର୍ଶାଯାଇଛି।

## ଅବକାରୀ ବିଭାଗର ଚଢ଼ଉ; ୩ ଗିରଫ



ପାଲଲହଡ଼ା,୨୬।୭(ସମିସ): ଅନୁଗୋଳ ଜିଲ୍ଲା ପାଲଲହଡ଼ା ଉପଖଣ୍ଡ ଅବକାରୀ ବିଭାଗ ଚଢ଼ଉ କରି ୩ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଙ୍କଠାରୁ ୪୨ ଲିଟର ଦେଶୀ ମଦ ଜବତ କରିବା ସହ ୬୦ ଲିଟର ପୋଚ ନଷ୍ଟ କରିଛି। ଶନିବାର ଅବକାରୀ ବିଭାଗ ତାଳଚେର ରେଞ୍ଜ ଇନ୍ସପେକ୍ଟର ଉମାକାନ୍ତ ସ୍ୱାଇଁଙ୍କ ନେତୃତ୍ୱରେ ପାଲଲହଡ଼ା ଅବକାରୀ ଅଧିକାରୀ ନିରାକାର ଦେହୁରୀ, ସହକାରୀ ଅଧିକାରୀ ନରେନ୍ଦ୍ର ମହାନନ୍ଦ, ସସ୍ମିତା ସାହୁ ମିଳିତ ଭାବେ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଝରିଆଖମଣ ଗାଁର ରମେଶ ଚନ୍ଦ୍ର ବୋଇପାଇଙ୍କଠାରୁ ୧୨ ଲିଟର ଦେଶୀମଦ ଜବତ କରିବା ସହ ୨୦ ଲିଟର ପୋଚ ନଷ୍ଟ କରିଥିଲେ। ସେହିପରି କରଡ଼ାଖମଣର ପ୍ରଧାନ ପୂର୍ତ୍ତିଙ୍କଠାରୁ ୧୫ ଲିଟର ମଦ ଜବତ କରିବା ସହ ୨୦ ଲିଟର ପୋଚ ନଷ୍ଟ କରିଥିଲେ। କନ୍ତଲା ଗାଁର ଭଞ୍ଜ ନାଏକଙ୍କଠାରୁ ୧୫ ଲିଟର ମଦ ଜବତ ସହ ୨୦ ଲିଟର ଗୁଡ଼ ପୋଚ ନଷ୍ଟ କରିଥିଲେ। ଗିରଫ ତିନିଜଣଙ୍କୁ ଅବକାରୀ ଆଇନ ଅନୁଯାୟୀ କୋର୍ଟ ଚାଲାଣ କରାଯାଇଥିବା ପାଲଲହଡ଼ା ଅବକାରୀ ଥାନା ଅଧିକାରୀ ନିରାକାର ଦେହୁରୀ ସୂଚନା ଦେଇଛନ୍ତି।

# ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ତାଳଚେର,୨୬।୭(ସମିସ): ଭାରତ ସରକାରଙ୍କ ଆୟୁଷ୍ମାନ ଭାରତ ଯୋଜନା ଅନ୍ତର୍ଭୁକ୍ତ ସହରାଞ୍ଚଳ ଆରୋଗ୍ୟ ମନ୍ଦିର ଆନୁକୂଲ୍ୟରେ ସହରାଞ୍ଚଳରେ ବାସ କରୁଥିବା ବରିଷ୍ଠ ନାଗରିକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ତାଳଚେର ପୌରାଞ୍ଚଳ ୯ନଂ ୱାର୍ଡ ରାମଚନ୍ଦ୍ର ବଜାର ନିକଟ ପାଟରାସାହି ସ୍କୁଲ ପରିସରରେ ଥିବା ଅଙ୍ଗନବାଡ଼ି କେନ୍ଦ୍ରରେ ଶନିବାର ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ୱାର୍ଡ କାଉନସିଲର ମମତା ରାଉତ ଶିବିରକୁ ଉଦଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ସାମ୍ବାଦିକ ତପନ କୁମାର ମହାରଣା ଯୋଗଦେଇଥିଲେ। ମେଡିକାଲ ଅଫିସର ଡା. ପ୍ରଦ୍ୟୁମ୍ନ ମହାନ୍ତିଙ୍କ ଦ୍ୱାରା ଶତାଧିକ ବରିଷ୍ଠ ନାଗରିକଙ୍କ ରକ୍ତଚାପ, ମଧୁମେହ, ହିମୋଗ୍ଲବିନ ଆଦି ଅନେକ ପ୍ରକାର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା।



ନିଜ ୱାର୍ଡ ତଥା ଘର ପାଖରେ ଏହି ସ୍ୱାସ୍ଥ୍ୟ ପରୀକ୍ଷା ସୁବିଧା ପାଇ ବରିଷ୍ଠ ନାଗରିକମାନେ ବେଶ୍ ଖୁସି ପ୍ରକଟ କରିଛନ୍ତି। ଶିବିରରେ ଫାର୍ମାସିଷ୍ଟ ସୀତାକାନ୍ତ ଖିଲାର, ଲାବୋରେଟରୀ ଟେକ୍ନିସିଆନ ପିଣ୍ଟୁ ବିଶ୍ୱାସ, ଷ୍ଟାଫ୍ ନର୍ସ ପଦ୍ମିନୀ ସାହୁ, ସ୍ୱାଗତିକା ସାହୁ, ଏଏନ୍ଏମ ଜ୍ୟୋତିର୍ମୟୀ ଦେହୁରୀ, ଐଶ୍ୱର୍ଯ୍ୟା ଦେବତା, ଗୌରୀ ବେହେରା, ପିଙ୍କି ସାହୁ, ସ୍ୱାଧୀନତା ସାହୁ, ଆଶାକର୍ମୀ ସତ୍ୟଭାମା ଦାସ, ଅଙ୍ଗନବାଡ଼ି କର୍ମୀ ବନଜ୍ୟୋତ୍ସ୍ନା ସାହୁ, ସମାଜସେବୀ ଲଳିତ ବଲ୍ଲଭ ରାଉତ ପ୍ରମୁଖ ସହଯୋଗ କରିଥିଲେ।

## ପ୍ରିୟଙ୍କାଙ୍କୁ ରସାୟନ ବିଜ୍ଞାନରେ ପିଏଚ୍‌ଡି

ଅନୁଗୋଳ,୨୬।୭(ସମିସ): ସେଣ୍ଟ୍ରାଲ ୟୁନିଭର୍ସିଟି ଅଫ୍ ଝାଡ଼ଖଣ୍ଡର ରସାୟନ ବିଜ୍ଞାନ ବିଭାଗରେ ଗବେଷଣାରତ ଛାତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ସାମଲ ସଫଳତା ସହିତ ତାଙ୍କ ଗବେଷଣା ସମାପ୍ତ କରି ପିଏଚଡି ଡିଗ୍ରୀ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ତାଙ୍କ ଡକ୍ଟରେଟ୍ କାର୍ଯ୍ୟ ସହାୟକ ପ୍ରଫେସର ଡ. ସୌମେନ୍ ଦେଙ୍କ ନେତୃତ୍ୱରେ ସଫଳତାର ସହ ସମ୍ପନ୍ନ ହୋଇଛି। ଜଳ ଉପଚାର କ୍ଷେତ୍ରରେ ପ୍ରାକୃତିକ ଓ ସିନ୍ଥେଟିକ ସାମଗ୍ରୀର ପ୍ରୟୋଗ ଉପରେ ପ୍ରିୟଙ୍କା ଗବେଷଣା କରିଥିଲେ। ଡ. ପ୍ରିୟଙ୍କାଙ୍କ ଦ୍ୱାରା ୩୦ରୁ ଅଧିକ ଗବେଷଣା ପ୍ରବନ୍ଧ ପ୍ରସିଦ୍ଧ ଅନ୍ତର୍ଜାତୀୟ ଜର୍ଣ୍ଣାଲଗୁଡ଼ିକରେ ପ୍ରକାଶିତ ହୋଇଛି। ବିଭିନ୍ନ ରାଷ୍ଟ୍ରୀୟ ଓ ଅନ୍ତର୍ଜାତୀୟ ସମ୍ମିଳନୀରେ ସେ ତାଙ୍କ ଗବେଷଣାର ନିବନ୍ଧ ପ୍ରସ୍ତୁତ କରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି।



ଢେଙ୍କାନାଳ ଜିଲ୍ଲା ନିବାସୀ ଶରତ କୁମାର ସାମଲ ଓ ମିନତୀ ସାମଲଙ୍କ ଝିଅ ପ୍ରିୟଙ୍କା ନିଜ ଗବେଷଣା ପାଇଁ ବିଭିନ୍ନ ମହଲରେ ପ୍ରଶଂସିତ ହୋଇଛନ୍ତି। ଡ. ପ୍ରିୟଙ୍କା ସାମଲ ତାଙ୍କର ଏହି ଉପଲବ୍ଧିର ଶ୍ରେୟ ଜଗତରନାଥ ଜଗନ୍ନାଥ, ଗାଇଡ୍ ଡ. ଦେ, ମାତାପିତା, ପରିବାରବର୍ଗ, ଶିକ୍ଷକ, ଗୁରୁଜନ ଓ ସମସ୍ତ ଶୁଭେଚ୍ଛୁଙ୍କୁ ଦେଇଛନ୍ତି। ନିକଟରେ ବିର୍ଲା ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି, ମେସରାରେ ସେ ପୋଷ୍ଟ ଡକ୍ଟରାଲ ଗବେଷଣା ଜାରି ରଖିଛନ୍ତି।

## ସାପ କାମୁଡ଼ିବା ପରେ ସାପକୁ ଧରି ହସ୍ପିଟାଲ ପହଞ୍ଚିଲେ

ଅନୁଗୋଳ,୨୬।୭(ସମିସ): ଅନୁଗୋଳ ଜିଲ୍ଲା ନିଶା ଥାନା ଅନ୍ତର୍ଗତ କାଳିଆକଟା ଗ୍ରାମର ଜଣେ ଯୁବକ ସାପ କାମୁଡ଼ାର ଶିକାର ହେବାପରେ ଚିକିତ୍ସା ନିମନ୍ତେ ସାପକୁ ଧରି ହସ୍ପିଟାଲ ପହଞ୍ଚିବା ଭଳି ଘଟଣା ଘଟିଛି। କାଳିଆ କଟା ଗ୍ରାମର ବଳଭଦ୍ର ଭୋଇଙ୍କ



ପୁଅ ବବୁଲ ଭୋଇ (୩୪) ଗ୍ରାମରେ ଥିବାବେଳେ ତାଙ୍କ ପିଉସାଙ୍କ ଘରେ ସାପ ପଶିଥିବା ଜାଣିବାକୁ ପାଇଥିଲେ। ସାପକୁ ଘରୁ ବାହାର କରିବା ବେଳେ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ବବୁଲ ହାତରେ କପଡ଼ା ବାନ୍ଧିବା ସହ ବିଷ ଝଡ଼ିବା ପାଇଁ କ୍ଷତ ସ୍ଥାନକୁ କାମୁଡ଼ି ରକ୍ତାକ୍ତ କରିଥିଲେ। ପରେ ଗ୍ରାମବାସୀଙ୍କ ସହାୟତାରେ ସାପକୁ ଧରି ଜିନ୍ଦଲ ହସ୍ପିଟାଲରେ ପହଞ୍ଚିଥିଲେ। ସେଠାରେ ସାପକୁ ଉଦ୍ଧାର କରାଯିବା ସହ ଉନ୍ନତ ଚିକିତ୍ସା ନିମନ୍ତେ ବବୁଲଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ବବୁଲଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ସମାଜସେବୀ ଚିନ୍ମୟୀ ସୂଚନା ଦେଇଛନ୍ତି।

## ୧୦.୩୧ ଗ୍ରାମ ଧଳାଜହର ଜବତ

ତାଳଚେର,୨୬।୭(ସମିସ): କଳାହୀରା ସହର ତାଳଚେର ଧଳାଜହର କବଳରେ ଜର୍ଜରିତ ହେଉଥିବା ବେଳେ ଶନିବାର ଟାଉନ ଥାନା ପୁଲିସ୍



**୩ ମହିଳା ସମେତ ୬ ଗିରଫ**

ଧଳାଜହର କାରବାରରେ ସମ୍ପୃକ୍ତ ୩ ମହିଳା ସମେତ ୬ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଓମଶୁଭମ ଦାନୀ, ତପନ ବେହେରା, ବାବୁନା ବେହେରା, ସାନଝିଅ ବେହେରା, ସୁଦାନୀ ବେହେରା ଓ ସବିତା ନାଏକ। ଏମାନଙ୍କଠାରୁ ୧୦.୩୧ ଗ୍ରାମ ବ୍ରାଉନସୁଗର ସହ ୪ ହଜାର ଟଙ୍କା, ଗୋଟିଏ ମୋବାଇଲ୍ ଓ ଏକ ହୋଣ୍ଡାସ୍କୁଟି ଜବତ କରାଯାଇଛି। ଜବତ ବ୍ରାଉନସୁଗରର ଆନୁମାନିକ ମୂଲ୍ୟ ୧ ଲକ୍ଷ ୩୦ ହଜାର ଟଙ୍କା ହେବ ବୋଲି ପୁଲିସ କହିଛି। ଶୁକ୍ରବାର ବିଳମ୍ବିତ ରାତିରେ ସହରର ୪ ଓ ୫ନମ୍ବର ୱାର୍ଡରେ ବ୍ରାଉନସୁଗର କାରବାର ଚାଲିଥିବା ସୂଚନା ପାଇ ପୁଲିସ ଚଢ଼ଉ କରିବା ସହ ଅଭିଯୁକ୍ତମାନଙ୍କୁ ଗିରଫ କରିଛି।

## କାର୍ଗିଲ ବିଜୟ ଦିବସ ପାଳିତ



ଅନୁଗୋଳ,୨୬।୭(ସମିସ): ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରାଳୟ ଓ ମେରା ଯୁବା ଭାରତ ଅନୁଗୋଳ ଜିଲ୍ଲା ତରଫରୁ ନାଲକୋନଗର ଦିଲ୍ଲୀ ପବ୍ଲିକ ସ୍କୁଲ ପରିସରରେ କାର୍ଗିଲ ବିଜୟ ଦିବସ ପାଳିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ନାଲକୋ ସିଆଇଏସଏଫ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ସିଦ୍ଧାନ୍ତ ଗୋସ୍ୱାମୀ, ସମ୍ମାନିତ ଅତିଥି ଭାବେ ନାଲକୋନଗର ଦିଲ୍ଲୀ ପବ୍ଲିକ ହାଇସ୍କୁଲର ପ୍ରଧାନଶିକ୍ଷକ ମାଧବଚନ୍ଦ୍ର ବେହେରା, ଲାଇଟ୍ ହାଉସର ସଂଯୋଜକ ହିମଦ୍ୟୁତ ବେହେରା, ଉତ୍କର୍ଷ ପରିବାର ସଭାପତି ଭୀଷ୍ମ ସାହୁ, ରୀମିଟ କଲେଜର ଅନୁପ ଶତପଥୀ ଯୋଗଦେଇଥିଲେ। ଦେଶ ପାଇଁ ପ୍ରାଣବଳି ଓ ତାହାର ମହତ୍ତ୍ୱ ଉପରେ ମୁଖ୍ୟଅତିଥି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉପସ୍ଥାପନ କରିଥିଲେ। ଦେଶ ଲାଗି କିଛି କରିବା ଲାଗି ଯୁବଗୋଷ୍ଠୀଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଏକ ବକ୍ତୃତା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ମେରା ଯୁବା ଭାରତ, ଅନୁଗୋଳ ଜିଲ୍ଲା ତରଫରୁ ତପନ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଅତିଥିମାନଙ୍କ ଦ୍ୱାରା ଚାରାରୋପଣ କରାଯାଇଥିଲା।

## ମଦ୍ୟପ ଚାଳକ ଗିରଫ; ବାଇକ୍ ଜବତ

ବଇଣ୍ଡା,୨୬।୭(ସମିସ): ହଣ୍ଡପା ଥାନା ପୁଲିସ ଶୁକ୍ରବାର ଗାଡ଼ିମଟର ଯାଞ୍ଚ କରିଥିଲା। ଏହି ସମୟରେ ମଦ୍ୟପାନ କରି ବାଇକ ଚଳାଉଥିବା ଅଭିଯୋଗରେ ଇଚ୍ଛାପୁର ଗ୍ରାମର କାଳିଆ ବେହେରାଙ୍କୁ ଗିରଫ କରିଛି। ଏଥିସହ ତାଙ୍କ ବାଇକ ଜବତ କରାଯାଇଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

## ମାଛର ଓଜନ ୧୭୦ କେଜି

### ● ବ୍ରାହ୍ମଣୀ ନଦୀରୁ ଧରିଲେ ମତ୍ସ୍ୟଜୀବୀ

ତାଳଚେର ସହର,୨୬।୭(ସମିସ): ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ସମଲ ବ୍ୟାରେଜ୍ ତଳମୁଣ୍ଡ ଓପିସିଏଲ୍ ଗେଟ୍ ପାଖରୁ ଶନିବାର ସକାଳେ ଧରାଯାଇଛି ୧୭୦ କେଜି ଓଜନର ବିଶାଳକାୟ ମାଛ। ମାଛଟି ଜାଲରେ ପଡ଼ିଥିବା ଜଣେ ମତ୍ସ୍ୟଜୀବୀ ଦେଖିଥିଲେ। ତେବେ ସେ ଏକୁଟିଆ ଏହି ମାଛକୁ ଧରିବାକୁ ଅକ୍ଷମ ହୋଇଥିଲେ। ଆଉ ତିନି ଜଣଙ୍କୁ ଡାକି ମାଛକୁ ନଦୀ ମଧ୍ୟରୁ ଉପରକୁ ଆଣିଥିଲେ। ତେବେ ଏହି ମାଛକୁ କୋଲକାତା ପଠାଇବାକୁ ମାଛଧରାଳିମାନେ ସୂଚନା ଦେଇଛନ୍ତି।



## ପଇଁଚକୁଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରତିଷ୍ଠା ଉତ୍ସବ



ଆଠମଲ୍ଲିକ,୨୬।୭(ସମିସ): ଆଠମଲ୍ଲିକ ବ୍ଲକ ଅଏଡ଼ା ପଞ୍ଚାୟତ ବିନିକେୟୀ ବିହାର ପଇଁଚକୁଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୬ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କ ମୌଳିକ ସୁବିଧା ଅସୁବିଧା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ରକ୍ତଦାନ ଶିବିରକୁ ମୁଖ୍ୟଅତିଥି ପ୍ରଧାନ ଉଦଘାଟନ କରିଥିଲେ। ଜିଲ୍ଲା ପରିଷଦ ଅନୁଦାନରୁ ନିର୍ମିତ ପାଠାଗାରକୁ ମଧ୍ୟ ବିଧାୟକ ପ୍ରଧାନ ଉଦଘାଟନ କରିଥିଲେ। ସାମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ବ୍ଲକ ଅଧ୍ୟକ୍ଷ ଦୁଃଶାସନ ରାଉଳ, ଏନ୍ଏସି ଅଧ୍ୟକ୍ଷା ଆଶା କୁମାରୀ ସାହୁ, ଜିଲ୍ଲା ପରିଷଦ ସଭ୍ୟା ବବିତା କର୍ଣ୍ଣ, ଜାମୁଡୋଳି ସମିତି ସଭ୍ୟ ଅଖିଳ ପ୍ରଧାନ ଉପସ୍ଥିତ ଥିଲେ। ମାଧ୍ୟମିକ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପୂର୍ବତନ ବ୍ଲକ ଅଧ୍ୟକ୍ଷ ଚିତ୍ତରଞ୍ଜନ କର୍ଣ୍ଣ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମ୍ପାଦକ ମାଧବ ଚନ୍ଦ୍ର ସାହୁ ବିବରଣୀ ପାଠ କରିଥିଲେ। ଅଧ୍ୟକ୍ଷା କଳ୍ପନା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# କାରଗିଲ ବିଜୟ ଦିବସରେ ସହିଦଙ୍କୁ ଶ୍ରଦ୍ଧାଞ୍ଜଳି

ଅନୁଗୋଳ,୨୬।୭(ସମିସ):



ସହିଦ ମାନସ ରଞ୍ଜନ ସ୍ମୃତି ପରିଷଦ ପକ୍ଷରୁ ଅନୁଗୋଳ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ କାରଗିଲ ବିଜୟ ଦିବସ ଆୟୋଜିତ ହୋଇଛି। ମୁଖ୍ୟଅତିଥି ଭାବେ ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର ଯୋଗଦେଇ ସହିଦ ମାନସଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ସମାରୋହକୁ ଉଦଘାଟନ କରିଥିଲେ। ଭାରତୀୟ ସେନା ଦେଶର ଅଖଣ୍ଡତା ଓ ସଂହତି ରକ୍ଷା ପାଇଁ ସୀମାନ୍ତରେ ଅହରହ କାର୍ଯ୍ୟ କରୁଛନ୍ତି। ପାକିସ୍ତାନ ସେନା ଯେତେବେଳେ ଭାରତ ଉପରେ ଆକ୍ରମଣ କରିଛି ଆମ ସେନା ଏହାର ଦୃଢ଼ ଜବାବ ଦେଇଛି। ୧୯୯୯ କାରଗିଲ ଯୁଦ୍ଧରେ ଅନୁଗୋଳର ମାନସ ରଞ୍ଜନ ସାହୁ ପାକିସ୍ତାନୀ ସୈନ୍ୟଙ୍କ ଗୁଳିରେ ସହିଦ ହୋଇଥିଲେ। ଦେଶ ପାଇଁ ସୈନିକର ଆତ୍ମବଳି କେବେ ବୃଥା ଯାଏନା ବୋଲି ମୁଖ୍ୟଅତିଥି ମହାପାତ୍ର ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ରୂପେ ଶିଶୁ କଲ୍ୟାଣ ସମିତି ସଦସ୍ୟ କଲ୍ୟାଣ କିଶୋର ମହାନ୍ତି ଯୋଗଦେଇ ଜାତୀୟ ସଂହତି ରକ୍ଷା କରିବାରେ ନାଗରିକର ଭୂମିକା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ରୂପେ ଜେଏସପିଏଲର କର୍ପୋରେଟ କମ୍ୟୁନିକେସନ ବିଭାଗ ଏଜିଏମ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ଓ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରିୟରଞ୍ଜନ ପ୍ରଧାନ ଯୋଗଦେଇ କାରଗିଲ ଯୁଦ୍ଧର ପୃଷ୍ଠଭୂମି ଓ ଭାରତୀୟ ସେନାର ସାହସିକତା ସମ୍ପର୍କରେ ଉଲ୍ଲେଖ କରିଥିଲେ। ପୂର୍ବରୁ ଆୟୋଜିତ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ଛାତ୍ରୀମାନଙ୍କୁ ସମାରୋହରେ ପୁରସ୍କୃତ କରାଯାଇଥିଲା। ରକ୍ତଦାନ କ୍ଷେତ୍ରରେ ଉତ୍କର୍ଷତା ପାଇଁ ଜେଏସପି ଫାଉଣ୍ଡେସନ ପକ୍ଷରୁ ରକ୍ତଦାତା ଆୟୋଜକ ତାପସ କୁମାର ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ୱେଚ୍ଛାସେବୀ ପର୍ଶୁରାମ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହରେ ସଂସ୍ଥାର ସଭାପତି ପ୍ରତାପ ମହାପାତ୍ର ସହିଦ ସ୍ମୃତି କମିଟିର କାର୍ଯ୍ୟାବଳୀ ବର୍ଣ୍ଣନା କରିଥିଲେ। ପର୍ଶୁରାମ ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଦସ୍ୟ ଅକ୍ଷୟ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପ୍ରାରମ୍ଭରେ କଣ୍ଠଶିଳ୍ପୀ ବିଦ୍ୟାଧର ନାଏକ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରିଥିଲେ। ବିଶ୍ୱରଞ୍ଜନ ପଟ୍ଟନାୟକ ଓ ସୁବ୍ରତ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଘରୁ ସାମଗ୍ରୀ ଚୋରି; ଜଣେ ଗିରଫ

ଅନୁଗୋଳ,୨୬।୭(ସମିସ): ଅନୁଗୋଳ ସହର ତାମ୍ରିତ କଲୋନୀର ଏକ ଘରୁ ଏସି, ଫ୍ରିଜ ସମେତ ଅନ୍ୟାନ୍ୟ ସାମଗ୍ରୀ ଚୋରି ଘଟଣାରେ ପୁଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି।



ଗିରଫ ଅଭିଯୁକ୍ତ ହେଲେ ତୁରଙ୍ଗ ଅଞ୍ଚଳରେ ରହୁଥିବା କଟକ ଜିଲ୍ଲା କିଶନନଗର ଥାନା ଅଞ୍ଚଳର ଅସିତ କୁମାର (୩୦)। ତାଙ୍କଠାରୁ ପୁଲିସ ଚୋରି ସାମଗ୍ରୀ ସମେତ ବ୍ୟବହୃତ ପଲସର ବାଇକ ଓ ଗୋଟିଏ ମୋବାଇଲ ଜବତ କରିଛି। ପୁଲିସ ସୂଚନା ମୁତାବକ ଗତ ୨୩ ତାରିଖ ସକାଳେ ବିଜୟ ଠାକୁର (୪୪) ତାଙ୍କ ତାମ୍ରିତ କଲୋନୀ ଭଡ଼ାଘରେ ତାଲା ପକାଇ ଡ୍ୟୁଟିକୁ ଯାଇଥିଲେ। ସନ୍ଧ୍ୟା ୬ଟାରେ ଫେରି ଘର ତାଲା ଭଙ୍ଗାଯାଇଥିବା ଓ ଏସି, ଫ୍ରିଜି, ୨ଟି ଡୋର ସ୍କ୍ରୀନ, ୭ଟି ଝରକା ସ୍କ୍ରୀନ, ଗୋଟିଏ ବେଡ୍‌ସିଟ ଓ ଗୋଟିଏ ଟ୍ରଲି ବ୍ୟାଗ ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ଏ ନେଇ ସେ ଅନୁଗୋଳ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଥାନା ଅଧିକାରୀ ଧୀରେଶ କୁମାର ଦାସ ଆଖପାଖରେ ଥିବା ସିସିଟିଭି ଫୁଟେଜ ଓ ଖବରୀମାନଙ୍କ ସୂଚନା ଆଧାରରେ ଅସିତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି।

■ ବ୍ରାଉନସୁଗର କାରବାର

## ମହିଳା ସମେତ ୩ ଗିରଫ

ଅନୁଗୋଳ,୨୬।୭(ସମିସ): ଶନିବାର ସକାଳ ୯ଟାରେ ବ୍ରାଉନସୁଗର କାରବାର ସମ୍ପର୍କରେ ବିଶେଷ ସୂତ୍ରରୁ ଖବର ପାଇ ଅନୁଗୋଳ ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ଅନୁଗୋଳ



ଥାନା ପୁଲିସ ଓ ସ୍ପେଶାଲ ସ୍କ୍ୱାଡ୍ ମିଶି ଅମଲାପଡ଼ା ମୁସଲମାନ ସାହି ଛକ ପାଖରେ ଥିବା ନବନିର୍ମିତ କ୍ଲବ ଘର ନିକଟରେ ଚଢ଼ଉ କରି ସେଖ ଅନିଶ, ସେଖ ସକିଲ ଓ କୁରେଷା ବିବିଙ୍କୁ ଗିରଫ କରିଛନ୍ତି। ଏମାନଙ୍କ ନିକଟରୁ ୧୮ ଗ୍ରାମ ୧ ମିଲିଗ୍ରାମ ବ୍ରାଉନସୁଗର, ୧୯ ହଜାର ୨୦୦ ଟଙ୍କା, ଦୁଇଟି ମୋବାଇଲ ଫୋନ ଜବତ କରିଛନ୍ତି। ପରେ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

**ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟର ତ୍ୱରିତ ମରାମତି ପାଇଁ ଧର୍ମେନ୍ଦ୍ରଙ୍କ ପଦକ୍ଷେପ**

## କୃତଜ୍ଞତା ଜଣାଇଲେ ପରିଚାଳନା କମିଟି ଓ ଅଭିଭାବକ

କିଶୋରନଗର,୨୬।୭(ସମିସ): ଐତିହାସିକ ପିଏମ୍‌ଶ୍ରୀ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟର ତ୍ୱରିତ ମରାମତି ଏବଂ ଭିତ୍ତିଭୂମି ବିକାଶ ପାଇଁ ମାଷ୍ଟରପ୍ଲାନ ପ୍ରସ୍ତୁତ କରିବାକୁ ପଦକ୍ଷେପ ନେଇଥିବାରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କୃତଜ୍ଞତା ଜଣାଇଛନ୍ତି ବିଦ୍ୟାଳୟ ପରିଚାଳନା କମିଟି ଓ ଅଭିଭାବକ ବୃନ୍ଦ। କମିଟି ସଭାପତି ସଦାନନ୍ଦ ଦନ୍ତା କହିଛନ୍ତି ଯେ ଆଠମଲ୍ଲିକର ସର୍ବପୁରାତନ ଏହି ବିଦ୍ୟାଳୟର ଏକାଧିକ ଶ୍ରେଣୀଗୃହ ବହୁଦିନରୁ ନିର୍ମାଣ ହୋଇଥିବାରୁ ବର୍ଷାଦିନେ ପାଣି ଗଳୁଛି। ପାଠ ପଢ଼ିବାରେ ଛାତ୍ରଛାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅସୁବିଧା ସମ୍ପର୍କରେ ଗତକାଲି ଅର୍ଥାତ ଶୁକ୍ରବାର ମନ୍ତ୍ରୀ ପ୍ରଧାନଙ୍କୁ ଅବଗତ କରାଯାଇଥିଲା। ଅସୁବିଧା ସମ୍ପର୍କରେ ଜାଣିବା ମାତ୍ରେ ସେ ତ୍ୱରିତ ପଦକ୍ଷେପ ନେଇଛନ୍ତି। ଅନୁଗୋଳ ଜିଲ୍ଲାପାଳଙ୍କ ସହ ଆଲୋଚନା କରି ତ୍ୱରିତ ମରାମତି ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ବିଦ୍ୟାଳୟର ଭିତ୍ତିଭୂମି ବିକାଶ ପାଇଁ ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଛନ୍ତି। ମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ଜିଲ୍ଲାପାଳ ମଧ୍ୟ ତ୍ୱରିତ ପଦକ୍ଷେପ ନେଇଛନ୍ତି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଆଠମଲ୍ଲିକ ବିଡିଓ ବିଦ୍ୟାଳୟରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ଆଜିଠାରୁ ମରାମତି କାର୍ଯ୍ୟ ଆରମ୍ଭ ହୋଇଛି। ତ୍ୱରିତ ପଦକ୍ଷେପ ପାଇଁ ମନ୍ତ୍ରୀ ପ୍ରଧାନ ଏବଂ ପ୍ରଶାସନକୁ ବିଦ୍ୟାଳୟ ପରିଚାଳନା କମିଟି, ଅଭିଭାବକ ଏବଂ ଅଞ୍ଚଳବାସୀଙ୍କ ପକ୍ଷରୁ କୃତଜ୍ଞତା ଜଣାଉଛି ବୋଲି ସଭାପତି ଦନ୍ତା କହିଛନ୍ତି।




# ମିନି ବିଜ୍ଞାନ କେନ୍ଦ୍ର ଉଦଘାଟିତ

ଢେଙ୍କାନାଳ,୨୬।୭(ସମିସ):



ସ୍ଥାନୀୟ ବ୍ରଜନାଥ ବଡ଼ଜେନା ସରକାରୀ ହାଇସ୍କୁଲ୍‌ରେ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀ ଇଣ୍ଡିଆନ ଅଏଲ କର୍ପୋରେସନ ଲିମିଟେଡ୍ (ଆଇଓସିଏଲ୍) ସହାୟତାରେ ଷ୍ଟେମ୍ ଲର୍ଣ୍ଣ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ବିବି ହାଇସ୍କୁଲ ସହ ଜିଲ୍ଲାର ୧୦ ବିଦ୍ୟାଳୟରେ ପ୍ରତିଷ୍ଠା ହୋଇଥିବା ମିନି ବିଜ୍ଞାନ କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ଓଡ଼ିଶା ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ଆମ ରାଜ୍ୟ ବିକାଶ ପଥରେ ଅଗ୍ରଗତି କରି ବିଜ୍ଞାନ ଓ ବୈଷୟିକ ଶକ୍ତିର ପ୍ରୟୋଗରେ ଏକ ଜ୍ଞାନ ଅର୍ଥନୀତି ବା ନଲେଜ ଇକୋନୋମି ଦିଗରେ ଅଗ୍ରସର ହେବା ନିମନ୍ତେ ସମସ୍ତ ପ୍ରଚେଷ୍ଟା କରାଯାଉଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ତଥା ପ୍ରଧାନଶିକ୍ଷକ ମନୋଜ ରଞ୍ଜନ ଦଳେଇ, ଆଇଓସିଏଲ୍‌ର ଚିଫ୍ ଜେନେରାଲ ମ୍ୟାନେଜର ତଥା ଓଡ଼ିଶା ରାଜ୍ୟ ମୁଖ୍ୟ କାର୍ଯ୍ୟନିର୍ବାହୀ କମଳ ଶୀଳ, ମାନବ ସମ୍ବଳ ବିଭାଗ ଡେପୁଟି ଜେନେରାଲ ମ୍ୟାନେଜର ଉତ୍ପଳ ଚୌଧୁରୀ, ସିଏସ୍‌ଆର୍ ଡେପୁଟି ଜେନେରାଲ ମ୍ୟାନେଜର ପ୍ରଦୀପ କୁମାର ପଣ୍ଡା, ସେବା ସହଯୋଗ ଫାଉଣ୍ଡେସନ୍‌ର ପ୍ରକଳ୍ପ ସଂଯୋଜକ ଅମିତ କୁମାର ଓ ଷ୍ଟେମ୍ ଲର୍ଣ୍ଣର ଆଞ୍ଚଳିକ ମ୍ୟାନେଜର ମେହାକ ସରାଫ୍ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ପିଏମ୍‌ଶ୍ରୀ ବିବି ସରକାରୀ ହାଇସ୍କୁଲ ସମେତ ସୁଲକ୍ଷଣା ଦେବୀ ଉଚ୍ଚ ବିଦ୍ୟାଳୟ, ପିଏମ୍‌ଶ୍ରୀ କାଇମାଟି ସରକାରୀ ଉଚ୍ଚ ବିଦ୍ୟାଳୟ, ରାଧାକାନ୍ତଜୀଉ ନୋଡାଲ ବିଦ୍ୟାପୀଠ, ଯୋରନ୍ଦା ସରକାରୀ ହାଇସ୍କୁଲ୍, ପିଙ୍ଗୁଆ ସରକାରୀ ହାଇସ୍କୁଲ୍, ନିହଳପ୍ରସାଦ ସରକାରୀ ହାଇସ୍କୁଲ୍, ଡାଳସିଂହ ମାର୍ଥାପୁର ସରକାରୀ ହାଇସ୍କୁଲ୍, ଖଙ୍କିରା ସରକାରୀ ହାଇସ୍କୁଲ୍ ଓ କପିଳାସ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ମିନି ସାଇନ୍ସ ସେଣ୍ଟର୍ ଉଦଘାଟିତ ହୋଇଛି। ଜିଲ୍ଲାର ସମୁଦାୟ ୩୨ ବିଦ୍ୟାଳୟରେ ଏହି ଯୋଜନା କାର୍ଯ୍ୟକାରୀ କରାଯାଇଛି। ପ୍ରାୟ ୧୫୦୦୦ ଛାତ୍ରଛାତ୍ରୀ ଓ ୨୫୦ ଶିକ୍ଷକ ଶିକ୍ଷୟିତ୍ରୀ ଏହାକୁ ବ୍ୟବହାର କରି ଉପକୃତ ହେବେ ବୋଲି କୁହାଯାଇଛି। ଷ୍ଟେମ୍ ଲର୍ଣ୍ଣ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଅବିନାଶ ତରାଇ, ଆଶିଷ ମିଶ୍ର, ମୀନକେତନ ସାହୁ ଓ ରାକେଶ ଜେନା ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ଏହି ଅବସରରେ ହୋଇଥିବା ଟିଙ୍କରିଂ ବିଭାଗ ପ୍ରତିଯୋଗିତାରେ ଏକ ନମ୍ବର କ୍ଲଷ୍ଟର ପିଏମ୍‌ଶ୍ରୀ ବିବି ସରକାରୀ ଉଚ୍ଚ ବିଦ୍ୟାଳୟର ଅରୂପ ଅନୁପମ ସାହୁ, ସୌରଭ ସିଂ, ଆୟୁଷ ସାହୁ ଓ ମଡେଲ ପ୍ରସ୍ତୁତି ବିଭାଗରେ ସମ୍ବିତ ଦାଶ, ସାନ୍‌ଭି ତ୍ରିପାଠୀ ଓ ଆରିଫା ଜାରିନ୍ ପ୍ରମୁଖ ଜୋନ ସ୍ତରକୁ ଉତ୍ତୀର୍ଣ୍ଣ ହୋଇ କୋଲକୋତାଠାରେ ଅଂଶଗ୍ରହଣ କରିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ରାଜ୍ୟ ପୁରସ୍କାରପ୍ରାପ୍ତ ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସର ଜିଲ୍ଲା ସଂଯୋଜକ ତଥା ଅବସରପ୍ରାପ୍ତ ଗଣିତ ଓ ବିଜ୍ଞାନ ଶିକ୍ଷକ ଡ. ଦେବୀପ୍ରସାଦ ମିଶ୍ର, ରଞ୍ଜନ କୁମାର ରଣା, ଶିକ୍ଷୟିତ୍ରୀ ସୁନୀତାବାଳା ଷଡ଼ଙ୍ଗୀ, ସ୍ୱାଗତିକା ରଥଙ୍କ ସମେତ ସମସ୍ତ ପ୍ରଧାନଶିକ୍ଷକ, ପ୍ରଧାନଶିକ୍ଷୟିତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ ଓ ଛାତ୍ରଛାତ୍ରୀ ଉଦଘାଟନୀ ଉତ୍ସବରେ ଯୋଗଦେଇଥିଲେ। ଆଇଓସିଏଲ୍‌ର ଡେପୁଟି ଜେନେରାଲ ମ୍ୟାନେଜର ପ୍ରଦୀପ କୁମାର ପଣ୍ଡା ମିନି ସାଇନ୍ସ ସେଣ୍ଟର୍‌ଗୁଡ଼ିକ କିପରି କାର୍ଯ୍ୟକାରୀ କରାଯାଇ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦ୍ୱାରା ବ୍ୟବହୃତ ହୋଇପାରିବ ସେ ସମ୍ପର୍କରେ ସୂଚନା ଦେଇଥିଲେ।

## କାରଗିଲ ବିଜୟ ଦିବସ ପାଳିତ




କଣିହାଁ,୨୬।୭(ସମିସ): କଣିହାଁ ବ୍ଲକ ପବିତ୍ରନଗର ନଗରରେ ବିଜେପି ତରଫରୁ ଶନିବାର କାରଗିଲ ବିଜୟ ଦିବସ ପାଳିତ ହୋଇଛି। ଦଳୀୟ ନେତୃବୃନ୍ଦ ଓ କର୍ମୀମାନେ ସିଲିଂ ହନୁମାନ ମନ୍ଦିର ନିକଟରୁ ଶୋଭାଯାତ୍ରାରେ ବାହାରି ପବିତ୍ର ପ୍ରଧାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ପବିତ୍ରନଗର ବଜାର ପରିକ୍ରମା କରି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚିଥିଲେ। ସେଠାରେ ମାଲ୍ୟାର୍ପଣ ପରେ ନେତୃମଣ୍ଡଳୀ କାରଗିଲ ବିଜୟ ଦିବସ ପାଳନର ପୃଷ୍ଠଭୂମି ଉପରେ ବକ୍ତବ୍ୟ ରଖିଥିଲେ। ପାଲଲହଡ଼ା ବିଧାନସଭା କ୍ଷେତ୍ର ସଂଯୋଜକ ପ୍ରହ୍ଲାଦ ସାମଲଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ନେତା ନୃସିଂହ ବରାଳ, ରମେଶ ଚନ୍ଦ୍ର ପ୍ରଧାନ, ପବିତ୍ରନଗର ମଣ୍ଡଳ ସଭାପତି ମନୋଜ ପ୍ରଧାନ, ପବିତ୍ର ବେହେରା, ପ୍ରଦୀପ ସାହୁ, ମନୋଜ ପ୍ରଧାନ, ସୁମନ୍ତ ସାହୁ, ମୁନା ସାହୁ, ଅକ୍ଷୟ ସାହୁଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।

## ହାତୀ ଆକ୍ରମଣରେ ବୃଦ୍ଧ ଆହତ

ଅନୁଗୋଳ,୨୬।୭(ସମିସ): ଅନୁଗୋଳ ଜିଲ୍ଲା ବନ୍ତଲା ବନାଞ୍ଚଳ ଅନ୍ତର୍ଗତ ତଲଗଡ଼ କୋହ୍ଲସାହିର ବରଜୁ କୋହ୍ଲ (୬୦) ହାତୀ ଆକ୍ରମଣରେ ଆହତ ହୋଇଛନ୍ତି। ଶନିବାର ସକାଳେ ବରଜୁ ସାହି ନିକଟ ନାଳକୁ ଶୌଚ ହେବାକୁ ଯାଇଥିବା ବେଳେ ହଠାତ ଏକ ହାତୀ ସହ ମୁହାଁମୁହିଁ ହୋଇଥିଲା। ହାତୀ ତାଙ୍କୁ ଶୁଣ୍ଢରେ ଟେକି ଫିଙ୍ଗିଦେଇଥିଲା। ଫଳରେ ବରଜୁ ଆହତ ହେବା ସହ ଚିତ୍କାର କରିଥିଲେ। ତାଙ୍କ ପାଟିଶୁଣି ସାହିଲୋକେ ଘଟଣାସ୍ଥଳରେ ପହଞ୍ଚିଯିବାରୁ ହାତୀ ପଳାଇଥିଲା। ଏ ନେଇ ସାହି ବାସିନ୍ଦା ବନ ବିଭାଗକୁ ଖବର ଦେଇଥିଲେ ମଧ୍ୟ କର୍ମଚାରୀମାନେ ବହୁ ବିଳମ୍ବରେ ପହଞ୍ଚିଥିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ। ପରେ ବନ ବିଭାଗ କର୍ମଚାରୀ ବରଜୁଙ୍କୁ ଉଦ୍ଧାର କରି ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ତାଙ୍କର ସମସ୍ତ ଚିକିତ୍ସା ଖର୍ଚ୍ଚ ବନବିଭାଗ ବହନ କରିବ ବୋଲି ବନପାଳ ପ୍ରସନ୍ନ କୁମାର ସାହୁ କହିଛନ୍ତି।

## ମୃତ ଡାକ୍ତରୀ ଛାତ୍ରଙ୍କ ପରିବାରକୁ ଭେଟିଲେ ସାଂସଦ



ଗଁଦିଆ,୨୬।୭(ସମିସ): ଗଁଦିଆ ବ୍ଲକ ବେଗା ପଞ୍ଚାୟତ ବୈଦ୍ୟକାଟେଣୀ ଗ୍ରାମର ସ୍ୱର୍ଗତ ଉପେନ୍ଦ୍ର ସାହୁଙ୍କ ପୁଅ ଯାଦବେନ୍ଦ୍ର ସାହୁ ବିହାର ପାଟନା ଏମ୍ସରେ ୧ମ ବର୍ଷ ପିଜି ଛାତ୍ର ଭାବେ ପଢୁଥିଲେ। ତେବେ କିଛିଦିନ ତଳେ ହଷ୍ଟେଲ ରୁମ୍‌ରୁ ସନ୍ଦେହଜନକ ଅବସ୍ଥାରେ ତାଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ସେଠାରୁ ମୃତଦେହ ଅଣାଯାଇ ପୁରୀ ସ୍ୱର୍ଗଦ୍ୱାରାରେ ଶେଷକୃତ୍ୟ କରାଯାଇଥିଲା। ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ଯାଦବେନ୍ଦ୍ରଙ୍କ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ସରକାରଙ୍କ ପକ୍ଷରୁ ସମସ୍ତ ସହଯୋଗ ପ୍ରଦାନ ନିମନ୍ତେ ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହ ମୃତ୍ୟୁର ତଦନ୍ତ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡାଙ୍କୁ ଅନୁରୋଧ କରିବେ ବୋଲି କହିଛନ୍ତି। ଏହି ଅବସରରେ ସାଂସଦ ପାଣି ପାଟନା ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ରବିଶଙ୍କର ପ୍ରସାଦଙ୍କ ସହ ଫୋନ ଯୋଗେ କଥା ହୋଇ ଘଟଣା ସମ୍ପର୍କରେ ପଚାରି ବୁଝିଥଲେ। ସାଂସଦଙ୍କ ସହ ସମାଜସେବୀ ରାମଚନ୍ଦ୍ର ପାତ୍ର, ପୋରଖୋଜ ସରପଞ୍ଚ ରତିକାନ୍ତ ସାହୁ, ପୂର୍ବତନ ବେଗା ସରପଞ୍ଚ ପ୍ରଦୀପ କୁମାର ଦାସ, ପୂର୍ବତନ ଜିଲ୍ଲା ବିଜେପି ସଭାପତି ନରେଶ ଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ହ୍ୟୁମାନ୍ ରାଇଟ୍ସ ପକ୍ଷରୁ ରୋଗୀଙ୍କୁ ଫଳ ବଣ୍ଟନ

ତାଳଚେର,୨୬।୭(ସମିସ): ଅଲ୍ ଓଡ଼ିଶା ହ୍ୟୁମନ ରାଇଟ୍ସ କାଉନସିଲ ସଭାପତି ଡ. ଦେବେନ୍ଦ୍ର ସିଂହ ଓ ମା' ସେବକ ସଂଘ ସଦସ୍ୟମାନେ ତାଳଚେର ସରକାରୀ ମଣ୍ଡାପାଳ ଡାକ୍ତରଖାନାରେ ପହଞ୍ଚି ରୋଗୀମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ସେମାନଙ୍କୁ ଫଳ ବଣ୍ଟନ କରିଥିଲେ। ମେଡିକାଲରେ ୪୦ରୁ ୪୫ଜଣ ରୋଗୀ ଚିକିତ୍ସିତ ହେଉଥିବା ବେଳେ ସେମାନେ ଠିକ୍ ଭାବେ ସ୍ୱାସ୍ଥ୍ୟସେବା ପାଉଥିବା ପ୍ରକାଶ କରିଥିଲେ। ଫଳ ବଣ୍ଟନ କାର୍ଯ୍ୟକ୍ରମରେ ମା' ସେବକ ସଂଘର ଦିଲୀପ ବେହେରା,




ନିରୋଧ ବେହେରା, ଦେବେନ୍ଦ୍ର ବେହେରା, ଗୋବିନ୍ଦ ବେହେରା, ଅସିମ ସିଙ୍ଗ, ଚିନୁ ବେହେରା, ସୁଶୀଲ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ୧୧ନଂ ୱାର୍ଡରେ ଥିବା ବୃଦ୍ଧାଶ୍ରମରେ ଅନ୍ତେବାସୀଙ୍କୁ ଫଳ ବଣ୍ଟନ କରିବା ସହ ସେମାନଙ୍କ ଭଲମନ୍ଦ ବୁଝିଥିଲେ। ଆଗାମୀ ଦିନରେ ସିଂହ ସହାୟତାର ହାତ ବଢ଼ାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ପୂର୍ବତନ ବ୍ଲକ ଅଧ୍ୟକ୍ଷଙ୍କ ବିୟୋଗରେ ଶୋକ

ପାଲଲହଡ଼ା,୨୬।୭(ସମିସ): ପୂର୍ବତନ ପାଲଲହଡ଼ା ବ୍ଲକ ଅଧ୍ୟକ୍ଷ ତଥା ବରିଷ୍ଠ କଳାକାର ଅଜିତ କୁମାର ପ୍ରଧାନଙ୍କ ବିୟୋଗରେ ଶନିବାର ପାଲଲହଡ଼ା ଶାସନସାହି ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଶୋକସଭା ଅନୁଷ୍ଠିତ ହେଇଛି। ଅନୁଷ୍ଠାନର ସଦସ୍ୟମାନେ ସ୍ୱର୍ଗତ ପ୍ରଧାନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ତାଙ୍କ ବିୟୋଗ କଳାଜଗତ, କ୍ରିକେଟ ଖେଳ ତଥା ରାଜନୈତିକ କ୍ଷେତ୍ର ପାଇଁ ଅପୂରଣୀୟ କ୍ଷତି ବୋଲି ମତବ୍ୟକ୍ତ କରିଥିଲେ। ଏରେ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ଲିଙ୍ଗରାଜ ଦାଶ, ବିଷ୍ଣୁପ୍ରସାଦ ବେହେରା, ସନ୍ଦୀପ ଦ୍ୱିବେଦୀ, ମନମୋହନ ଭୁକ୍ତା, ଦୀପକ କୁମାର ନାୟକ, ସୁଶୀଲ କୁମାର ସାମଲ, ଶଙ୍କର ପ୍ରତାପ ଦେହୁରୀ, ସୁଶୀଲ କୁମାର ଉଦାବଳ, ହରିନାରାୟଣ ଦ୍ୱିବେଦୀ, ସତ୍ୟନାରାୟଣ ବୋଷ, ସୌଭାଗ୍ୟ ମହାକୁଳ, ସରୋଜ କୁମାର ଦ୍ୱିବେଦୀ, ପ୍ରଶାନ୍ତ ଦାସ, ନରେନ୍ଦ୍ର ଭୁକ୍ତା, ମିହିର କୁମାର ପାଳ, ସଂଗ୍ରାମ କେଶରୀ ମିଶ୍ର, ହଳଧର ସାମଲ, କନ୍ଦର୍ପ ସାହୁ, ସୋମନାଥ ସାହୁ, ଶିବସୁନ୍ଦର ଦ୍ୱିବେଦୀ, ଲଳିତ ମୋହନ ବେହେରା, ରଞ୍ଜିତ ସାମଲ, ସଞ୍ଜୀବ ସାହୁ, ମୁନୁ ଦାସ, ଅଭିଷେକ ସାହୁ, ରଞ୍ଜନ ସାହୁ, ସନ୍ତୋଷ ଆଚାର୍ଯ୍ୟ, ପ୍ରଦୀପ ନାୟକ, ବାବୁଲି ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



# ଢେଙ୍କାନାଳ ଜିଲ୍ଲାରେ ବିଭିନ୍ନ ପର୍ଯ୍ୟଟନସ୍ଥଳୀ ଅବହେଳିତ

ଢେଙ୍କାନାଳ,୨୬।୭(ସମିସ):

ଢେଙ୍କାନାଳ ଜିଲ୍ଲାରେ ପର୍ଯ୍ୟଟନ କେନ୍ଦ୍ର ଭରପୂର ରହିଥିବା ବେଳେ ଏଗୁଡ଼ିକ ଅବହେଳିତ



ଅବସ୍ଥାରେ ରହିଥିବା ଦେଖିବାକୁ ମିଳିଛି। ଏଠାରେ ଧାର୍ମିକ ପର୍ଯ୍ୟଟନ କ୍ଷେତ୍ର ସହ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ବହୁ ପର୍ଯ୍ୟଟନ କେନ୍ଦ୍ର ରହିଥିଲେ ମଧ୍ୟ ଦେବୋତ୍ତର, ପ୍ରତ୍ନତତ୍ତ୍ୱ ଓ ପର୍ଯ୍ୟଟନ ବିଭାଗର ବେପରୁଆ ନୀତି ଯୋଗୁଁ ଏହାର ବିକାଶ ହୋଇପାରୁ ନ ଥିବା ଅଭିଯୋଗ ହୋଇଛି।

ଜିଲ୍ଲାର ପ୍ରମୁଖ ଶୈବପୀଠ କପିଳାସର ଶ୍ରୀ ଶ୍ରୀ ଚନ୍ଦ୍ରଶେଖରଙ୍କ ପୀଠ ରାଜ୍ୟ ତଥା ଦେଶରେ ପ୍ରସିଦ୍ଧ। ତାହାର ବିକାଶ ଏବେ ପ୍ରଶ୍ନବାଚୀରେ ରହିଛି। ପୀଠରେ ପର୍ଯ୍ୟାପ୍ତ ପରିମାଣର ଚାରାରୋପଣ, ପାନୀୟ ଜଳ ସୁବିଧା, ଶୌଚାଳୟ, ରୋପ୍‌ୱେ ବ୍ୟବସ୍ଥା ପାଇଁ ଦୀର୍ଘଦିନ ହେବ ଦାବି ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଇନାହିଁ। ସେହିପରି ମନ୍ଦିର ଚାରିପାଖରେ ସୁରକ୍ଷାବାଡ଼ ନ ଥିବା ବେଳେ ଏଠାରେ ରହିବା ପାଇଁ କୌଣସି ବ୍ୟବସ୍ଥା ନାହିଁ। ଫଳରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସୁଥିବା ପର୍ଯ୍ୟଟକମାନେ ନିରାଶରେ ଫେରିଯାଉଛନ୍ତି। ଶ୍ରାବଣ ମାସରେ କାଉଡ଼ିଆମାନେ ଅସ୍ଥାୟୀ ଆଶ୍ରୟସ୍ଥଳୀରେ ରହୁଥିବା ବେଳେ ପର୍ଯ୍ୟାପ୍ତ ପାନୀୟ ଜଳ ବ୍ୟବସ୍ଥା ନାହିଁ। ଯୋରନ୍ଦାସ୍ଥିତ ମହିମା ଧର୍ମର ଆଦିପୀଠ ମହିମାଗାଦିରେ ମଧ୍ୟ ମଠ ବ୍ୟତୀତ ରହିବାର ଅନ୍ୟ କୌଣସି ବ୍ୟବସ୍ଥା ନାହିଁ। ଛ'ଦେଶ ଅଞ୍ଚଳର ପୁରାତନ ପଶ୍ଚିମେଶ୍ୱର ପୀଠର ବିକାଶ ହୋଇ ନ ଥିବା ବେଳେ ସପ୍ତଶଯ୍ୟାସ୍ଥିତ ରାମମନ୍ଦିରର ମଧ୍ୟ ସେଭଳି ବିକାଶ ହୋଇନାହିଁ। ହିନ୍ଦୋଳ ବ୍ଲକ ବ୍ରହ୍ମପୁରାସ୍ଥିତ ମହିମା କୁଟୀର ଅତି ପୁରାତନ ହୋଇଥିବାବେଳେ ସେଠାକୁ ଯାତାୟାତର କୌଣସି ବ୍ୟବସ୍ଥା ନାହିଁ। ହିନ୍ଦୋଳର ନନ୍ଦନିଆ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ହୋଇଥିବା ବେଳେ ଏଠାରେ ଝରଣା ମଧ୍ୟ ରହିଛି। ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟ ପ୍ରକୃତିପ୍ରେମୀ ତଥା ପର୍ଯ୍ୟଟକଙ୍କ ସର୍ବଦା ଆକୃଷ୍ଟ କରିଥାଏ। ତେବେ ତାହାର ମଧ୍ୟ ବିକାଶ କରାଯାଇ ନ ଥିବା ବେଳେ ସେଠାକୁ ଯିବାକୁ ଭଲ ରାସ୍ତା ବି ନାହିଁ। ରାସୋଳ ନିକଟ ସାପୁଆ ଡ୍ୟାମ ବଣଭୋଜି ପାଇଁ ପ୍ରକୃଷ୍ଟ ସ୍ଥାନ ହୋଇଥିବା ବେଳେ ସେଠାରେ ମଧ୍ୟ ରହିବା ବ୍ୟବସ୍ଥା ନାହିଁ। ହିନ୍ଦୋଳ ଚିତ୍ତଳପୁରସ୍ଥିତ ଶୈବପୀଠ, ଗଁଦି÷ଆ ବ୍ଲକରେ ଥିବା ଗଣେଶ ଖୋଲ, ଅଶ୍ୱଖୋଲ, ଉନ୍ନକୋଟିଶ୍ୱର, ନାଗନାଥେଶ୍ୱର, ଦୌଡ଼େଶ୍ୱର, ତପୋବନ ମହିମା ପୀଠ, କଙ୍କଡ଼ାହାଡ଼ ବ୍ଲକ ରାମିଆଳ, ପରଜଙ୍ଗର ବହୁପୁରାତନ ଶୈବପୀଠ କୁଆଳୋର ଅଷ୍ଟଶମ୍ଭୁ, ସରାଙ୍ଗସ୍ଥିତ ବ୍ରାହ୍ମଣୀ ନଦୀ ଶଯ୍ୟାରେ ଥିବା ଅନନ୍ତଶୟନ ବିଷ୍ଣୁଙ୍କ ପୀଠ, ଭୁବନ ବୁଦ୍ଧେଶ୍ୱର, ହିନ୍ଦୋଳ ଲଦାଗଡ଼, ନାଧରା ରାମଚଣ୍ଡୀ ପୀଠ, ଦଣ୍ଡାଧର ପ୍ରକଳ୍ପ, ଦଦରାଘାଟି ପ୍ରକଳ୍ପ, ସୋଗରସ୍ଥିତ ଏସିଆର ସର୍ବବୃହତ ଔଷଧୀୟ ଅରଣ୍ୟ, ଦ୍ୱିତୀୟ ବିଶ୍ୱଯୁଦ୍ଧର ସ୍ମାରକୀ ବହନ କରୁଥିବା ବିରାଶାଳ ଏୟାର ଷ୍ଟ୍ରିପ, କପିଳାସ ସାଇନ୍ସ ସେଣ୍ଟର, ଢେଙ୍କାନାଳ ସହରରେ ଥିବା ବଳରାମ ମନ୍ଦିର, ଯାଉଁଳିପୋଖରୀ ମଠ ପର୍ଯ୍ୟଟନ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ବହନ କରେ। କିନ୍ତୁ ପର୍ଯ୍ୟଟନର ବିକାଶ ହେବା ତ ଦୂର କଥା ରାଜ୍ୟ ବାହାରୁ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ସେଭଳି କୌଣସି ବ୍ୟବସ୍ଥା ନାହିଁ। ମୁଖ୍ୟତଃ ବିଭିନ୍ନ ସ୍ଥାନକୁ ଯାତାୟାତ ବ୍ୟବସ୍ଥା ନ ଥିବାରୁ ପର୍ଯ୍ୟଟନସ୍ଥଳୀଗୁଡ଼ିକ ଲୋକଲୋଚନରୁ ଦୂରରେ ରହିଯାଉଛି। ପର୍ଯ୍ୟଟନ ବିଭାଗ କେବଳ ଗୋଟିଏ ଗୋଟିଏ ଫଳକ ମାରି ଦେଉଥିବାବେଳେ ବିକାଶ ପ୍ରତି ଦୃଷ୍ଟି ଦେଉନାହିଁ। ଅଷ୍ଟମ ଶତାବ୍ଦୀର ପୁରାତନ ଶୈବପୀଠ କୁଆଳୋ, ଉନ୍ନକୋଟିଶ୍ୱର ମନ୍ଦିର, ନାଗନାଥେଶ୍ୱର ପୀଠର ମଧ୍ୟ ବିକାଶ ହୋଇନାହିଁ। କେତେକ ମନ୍ଦିର ଏଏସଆଇ ହାତକୁ ଯାଇଥିଲେ ମଧ୍ୟ ସେଠାରେ ଗତ ୨୫ ବର୍ଷ ଧରି କୌଣସି ବିକାଶ ହେଉ ନ ଥିବା ଜଣାପଡ଼ିଛି।


TPCODL | TPNODL | TPSODL | TPWODL

(Joint Ventures of Tata Power and Government of Odisha)


**PUBLIC NOTICE**

Installation of smart meters for new electricity connection and replacement of existing meters is in post paid mode by default. Pre-paid mode is optional and enabled only on consumer's request.

For any queries or service requests related to smart meters or other electricity services, please call on 24x7 toll-free number at 1912 or contact your nearest Customer Care Centre.



ମୂଳ ହିନ୍ଦୀ: ମୁନ୍‌ସୀ ପ୍ରେମଚାନ୍ଦ
ଅନୁବାଦ: ସ୍ନିଗ୍ଧା ନାୟକ



# ଏହା ବି ନିଶା ତାହା ବି ନିଶା

ହୋଲି ଦିନ, ରାୟ ସାହେବ ପଣ୍ଡିତ ଘସିଟେଲାଲଙ୍କ ବାରହଦରୀରେ ଭାଙ୍ଗ ଛଣା ହେଉଥିବା ବେଳେ, ତତ୍‌କ୍ଷଣାତ ଜଣାପଡ଼ିଲା ଯେ ଜିଲ୍ଲାଧୀଶ ମିଷ୍ଟର ବୁଲ୍ ଆସୁଛନ୍ତି। ବୁଲ୍ ସାହେବ ବହୁତ ମେଳାପୀ ବ୍ୟକ୍ତି ଥିଲେ ଆଉ ଏବେ ନିକଟରେ ବିଲାତରୁ ଆସିଥିଲେ। ଭାରତୀୟ ରୀତିନୀତିର ଜିଜ୍ଞାସୁ ଥିଲେ। ଅନେକ ମେଳାକୁ ଯାଉଥିଲେ। ବୋଧେ ଏଇ ବିଷୟ ଉପରେ କୌଣସି ଏକ ବଡ଼ ପୁସ୍ତକ ଲେଖୁଥିଲେ। ତାଙ୍କ ଆସିବାର ଖବର ପାଉପାଉ ଏଇଠି ବଡ଼ ହଙ୍ଗାମା ହେଲା। ସମସ୍ତେ ନଗ୍ନ ଅନାବୃତ ହୋଇ ଭାଙ୍ଗ ଛାଣୁଥିଲେ। କିଏ ଜାଣିଥିଲା କି ଏଇ ସମୟରେ ସାହେବ ଆସିବେ! ଫୁର୍ କରି ସବୁ ପଳାଇ ଗଲେ, କେହି ଉପରକୁ ଯାଇ ଲୁଚିଗଲା, କେହି ଘରକୁ ପଳାଇ ଗଲା କିନ୍ତୁ ବିଚରା ରାୟ ସାହେବ ଯେଉଁଠିକୁ ସେଇଠି ନିଶ୍ଚଳ ହୋଇ ବସି ରହିଲେ। ଅଧାଘଣ୍ଟା ଉଠିବାକୁ ନିଅନ୍ତି ଆଉ ଘଣ୍ଟାଏରେ ଗୋଟାଏ ପାଦ ରଖନ୍ତି, ଏଇ ଭାଗ ଦୌଡ଼ରେ ସେ କେମିତି ଭାଗନ୍ତେ! ଯେତେବେଳେ ଦେଖିଲେ ଯେ, ଆଉ ତାଙ୍କ ପ୍ରାଣ ବଞ୍ଚିବାର କୌଣସି ଉପାୟ ନାହିଁ ତ ଏମିତି ମୁହଁ ବନେଇ ଦେଲେ ଯେମିତି ଜାଣିଶୁଣି ଏଇ ସ୍ୱଦେଶୀ ଠାଣିରେ ସାହେବଙ୍କ ସ୍ୱାଗତ କରିବାକୁ ବସିଛନ୍ତି। ସାହେବ ବାରଣ୍ଡାକୁ ଆସୁ ଆସୁ କହିଲେ – "ହେଲୋ,ରାୟ ସାହେବ ଆଜି ତ ଆପଣଙ୍କର ହୋଲି ଅଟେ।"

ରାୟ ସାହେବ ହାତବାନ୍ଧି କହିଲେ - "ହଁ ସରକାର, ହୋଲି ଅଟେ।"

ବୁଲ୍- "ଖୁବ୍ ନାଲିରଙ୍ଗ ଖେଳୁଛ ?"

ରାୟ ସାହେବ – "ହଁ ସରକାର।"

ସାହେବ ପିଚକାରୀ ଉଠେଇ ନେଲେ। ସମ୍ମୁଖ ମାଠିଆରେ ରଙ୍ଗ ରଖା ହୋଇଥିଲା। ବୁଲ୍ ପିଚକାରୀ ଭାରି ନେଇ ପଣ୍ଡିତଜୀଙ୍କ ମୁହଁରେ ଛାଡ଼ିଲେ, ହେଲେ ପଣ୍ଡିତଜୀ ଉଠିଲେ ନାହିଁ।

ଧନ୍ୟ ଭାଗ! କେମିତି ଏ ସୌଭାଗ୍ୟପ୍ରାପ୍ତ ହେଇ ପାରିଛି। ବାଃରେ ହାକିମ ! ଏହାକୁ ପ୍ରଜାବତ୍ସଳ୍ୟ କୁହନ୍ତି। ଆହା ! ଏଇ ସମୟରେ ସେଠ୍ ଜୋଖନରାମ୍ ଥାଆନ୍ତେ ତ ଦେଖାଇ ଦିଅନ୍ତି କି ଏଠି ଜିଲ୍ଲାରେ ଅଫିସର୍ ଏତେ କୃପା କରନ୍ତି। କୁହନ୍ତୁ ଆସିକି ଯେ, ତାଙ୍କ ଉପରେ ଜଣେ ଗୋରା ମଧ୍ୟ ପିଚକାରୀ ମାରିଛନ୍ତି। ଜିଲ୍ଲାଧୀଶଙ୍କ କଥା ହିଁ କ'ଣ, ଏହା ପୂର୍ବ ତପସ୍ୟାର ଫଳ ଅଟେ ଆଉ କିଛି ନୁହଁ। କେହି ପ୍ରଥମେ ଏକ ସହସ୍ର ବର୍ଷ ତପସ୍ୟା କରୁ, ତେବେ ଏହି ପରମ ପଦ ପାଇପାରିବ। ହାତ ଯୋଡ଼ି କହିଲେ – "ଧର୍ମାବତାର, ଆଜି ଜୀବନ ସଫଳ ହେଇଗଲା ଯେ, ସରକାର ହୋଲି ଖେଳିଲେ ତ ମତେ ବି ହୁକୁମ ମିଳୁ ନିଜ ହୃଦୟର ଅଭିଳାଷ ପୂରଣ କରିନେବି।"

ଏହା କହି ରାୟ ସାହେବ ଫଗୁର ଗୋଟାଏ ଟିକା ସାହେବଙ୍କ ମଥାରେ ଲଗାଇଦେଲେ।

ବୁଲ୍ – "ଏହି ବଡ଼ ବେଲାରେ କ'ଣ ରଖାଯାଇଛି, ରାୟ ସାହେବ?"

ରାୟ – "ସରକାର, ଏହା ଭାଙ୍ଗ ଅଟେ। ବହୁତ ବିଧିପୂର୍ବକ ତିଆରି ହେଇଛି ହଜୁର୍।"

ବୁଲ୍ – "ଏହାକୁ ପିଇଲେ କ'ଣ ହେବ ?"

ରାୟ – "ହଜୁରଙ୍କ ଆଖି ଖୋଲିଯିବ। ବଡ଼ ବିଲକ୍ଷଣ ବସ୍ତୁ ଅଟେ ସରକାର।"

ବୁଲ୍ – "ଆମେ ବି ପିଇବା।"

ରାୟ ସାହେବଙ୍କୁ ଜଣାଗଲା ଯେମିତି ସ୍ୱର୍ଗର ଦ୍ୱାର ଖୋଲିଗଲା। ଆଉ ସେ ପୁଷ୍ପକ ବିମାନରେ ବସି ଉପରକୁ ଉଡ଼ିଉଡ଼ି ଚାଲିଛନ୍ତି। ଗ୍ଲାସ୍ ତ ସାହେବଙ୍କୁ ଦେବା ଉଚିତ ନ ଥିଲା, କିନ୍ତୁ କୁଲ୍ହଡ଼୍‌ରେ ଦେବାକୁ ସଙ୍କୋଚ ହେଉଥିଲା। ଶେଷରେ ଅନେକ ଉପର ତଳ ଭାବି ଗ୍ଲାସ୍‌ରେ ଭାଙ୍ଗ ଢାଳିଲେ ଆଉ ସାହେବଙ୍କୁ ଦେଲେ। ସାହେବ ପିଇଗଲେ। ତା' ସୁଗନ୍ଧରେ ଚିତ୍ତ ପ୍ରସନ୍ନ ହେଇଗଲା।

ତା' ପରଦିନ ରାୟ ସାହେବ ଏହି ସାକ୍ଷାତର ଉତ୍ତର ଦେବାକୁ ଗଲେ। ପ୍ରାତଃକାଳ ଜ୍ୟୋତିଷଙ୍କୁ ମୁହୂର୍ତ୍ତ ପଚାରିଲେ। ଠିକ୍ ସମୟରେ ଚାଲିଲେ। ସାହେବ ସେତେବେଳେ ଭୋଜନ କରୁଥିଲେ। ଖବର ପାଉପାଉ ସଲାମ୍ ଦେଲେ। ରାୟ ସାହେବ ଭିତରକୁ ଗଲେ ତ ମଦର ଦୁର୍ଗନ୍ଧରେ ନାକ ଫାଟିବାକୁ ଲାଗିଲା। ବିଚରା ଇଂରାଜୀ ଔଷଧ ପିଉ ନ ଥିଲେ। ନିଜ ଜୀବନରେ ମଦ କେବେ ଛୁଇଁ ନଥିଲେ। ଇଚ୍ଛା ହେଲା ଯେ ସେ ନାକ ବନ୍ଦ କରିଦିଅନ୍ତେ, କିନ୍ତୁ ଭୟ କଲେ ଯେ ସାହେବ ଖରାପ ନ ଭାବନ୍ତୁ! ଶ୍ୱାସ ରୋକି ବସିଥିଲେ। ସାହେବ ଗୋଟିଏ ଚୁସ୍କି ନେଲେ ଆଉ ଗ୍ଲାସ୍‌କୁ ମେଜ ଉପରେ ରଖି କହିଲେ – "ରାୟ ସାହେବ ମୁଁ କାଲି ଆପଣଙ୍କ ଭାଙ୍ଗ ପିଇଗଲି, ଆଜି ଆପଣଙ୍କୁ ଆମର ଭାଙ୍ଗ ପିଇବାକୁ ପଡ଼ିବ। ଆପଣଙ୍କ ଭାଙ୍ଗ ବହୁତ ଭଲ ଥିଲା। ମୁଁ ବହୁତ ଖାଦ୍ୟ ଖାଇଗଲି।"

ରାୟ – "ହଜୁର୍ ! ଆମେମାନେ ମଦକୁ ହାତରେ ବି ଛୁଉଁନା, ଆମ ଶାସ୍ତ୍ର ଏହାକୁ ଛୁଇଁବା ବି ପାପ ବୋଲି କହିଛି।"

ବୁଲ୍ ହସିକି କହିଲେ – "ନାଇଁ, ନାଇଁ ଆପଣଙ୍କୁ ପିଇବାକୁ ପଡ଼ିବ ରାୟ ସାହେବ! ପାପପୁଣ୍ୟ କିଛି ନୁହେଁ। ଏହା ଆମର ଭାଙ୍ଗ ଅଟେ। କିଛି ଫରକ୍ ନାହିଁ, ସେଥିରେ ବି ନିଶା ହୁଏ, ଏଥିରେ ବି ନିଶା ହୁଏ, ପୁଣି ଫରକ୍ କେମିତି ?"

ରାୟ – "ନା' ଧର୍ମାବତାର, ମଦକୁ ଆମର ଏଠି ବର୍ଜିତ କରାଯାଇଛି।"

ବୁଲ୍ – "ଏମିତି କେବେ ହେଇ ପାରେନା। ଶାସ୍ତ୍ର ମନା କରିବ ତ ଏହାକୁ ବି ମନା କରିବ, ସେଇଟାକୁ ବି ମନା କରିବ। ଆପଣ ଏହାକୁ ପିଅନ୍ତୁ। ଡରନ୍ତୁ ନାହିଁ, ବହୁତ ବଢ଼ିଆ ଅଟେ।" ଏହା କହି ସାହେବ ଗୋଟାଏ ଗ୍ଲାସ୍‌ରେ ମଦ ଢାଳି ରାୟ ସାହେବଙ୍କ ମୁହଁରେ ଲଗାଇଦେଲେ। ରାୟ ସାହେବ ମୁହଁ ଫେରାଇ ନେଲେ ଆଉ ଆଖି ବନ୍ଦ କରି ଦି' ହାତରେ ସାହେବଙ୍କ ହାତକୁ ହଟାଇବାକୁ ଲାଗିଲେ। ସାହେବଙ୍କୁ ଏ ରହସ୍ୟ ବୁଝା ପଡୁନଥିଲା। ସେ ଏଇୟା ବୁଝୁଥିଲେ ଯେ ସେ ଡରିଯାଇ ପିଉ ନାହାନ୍ତି। ନିଜ ମଜଭୁତ ହାତରେ ରାୟ ସାହେବଙ୍କ ବେକ ଧରିଲେ ଆଉ ଗ୍ଲାସ୍‌କୁ ମୁଁହ ଆଡ଼କୁ ବଢ଼ାଇଲେ। ରାୟ ସାହେବଙ୍କୁ କ୍ରୋଧ ଆସିଲା। ସେ ସମ୍ମାନ ସହିତ ସବୁ କିଛି କରି ପାରିବେ, କିନ୍ତୁ ଧର୍ମ ଛାଡ଼ିପାରିବେ ନାହିଁ। ଟିକିଏ କଠୋର ସ୍ୱରରେ କହିଲେ – "ହଜୁର୍, ଆମେ ବୈଷ୍ଣବ ଅଟୁ। ଆମେ ଏହାକୁ ଛୁଇଁବା ବି ପାପ ଭାବୁ।"

ରାୟ ସାହେବ ଏହା ପରେ ଆଗକୁ ଆଉ କିଛି କହି ପାରିଲେନି। କିଛି କ୍ଷଣ ପରେ ପୁଣି କହିଲେ – "ହଜୁର୍ ଭାଙ୍ଗ ପବିତ୍ର ବସ୍ତୁ ଅଟେ। ଋଷି, ମୁନି, ସାଧୁ, ମହାତ୍ମା, ଦେବୀ, ଦେବତା ସମସ୍ତେ ଏହାକୁ ସେବନ କରନ୍ତି। ସରକାର ଆମର ଏଠି ଏହାର ବଡ଼ ମହିମା ଲେଖା ଅଛି। କିଏ ଏମିତି ପଣ୍ଡିତ ଅଛି, ଯିଏ ବୁଟି ଛାଣି ନ ଥିବ। କିନ୍ତୁ ସରକାର ମଦର ନାମ ନେବା ବି ଆମେ ପାପ ମଣୁ।"

ବୁଲ୍ ଗ୍ଲାସ୍ ହଟାଇ ନେଲେ। ଆଉ ଚୌକି ଉପରେ ବସି କହିଲେ - "ତୁମେ ପାଗଳ ଭଳି କଥାବାର୍ତ୍ତା କରୁଛ। ଭାଙ୍ଗ ଓ ମଦ ଦିଟାକୁ ଧର୍ମଗ୍ରନ୍ଥ ଖରାପ କୁହେ। ତୁମେ ତାକୁ ଠିକ୍ ଭାବେ ବୁଝିନ। ନିଶାକୁ ତ ଏଥିପାଇଁ ସାରା ଦୁନିଆ ଖରାପ କୁହେ, କାରଣ ଏହାଦ୍ୱାରା ମଣିଷର ବିବେକ ମରିଯାଏ। ତେବେ ଭାଙ୍ଗ ପିଇବା ଦ୍ୱାରା ପଣ୍ଡିତ ଆଉ ଦେବତା ଲୋକଙ୍କ ବିବେକ କେମିତି ମରେନି! ଏହା ଆମେ ବୁଝି ପାରୁନି, ତୁମର ପଣ୍ଡିତ ଲୋକେ ଭାଙ୍ଗ ପିଇ ରାକ୍ଷସ କାହିଁକି ହୁଅନ୍ତି ନାହିଁ ! ମୁଁ ବୁଝୁଛି ଯେ, ତୁମର ପଣ୍ଡିତ ଲୋକ ଭାଙ୍ଗ ପିଇ ଶେଷ ହେଇଗଲେଣି। ତେବେ ତ ସେମାନେ କୁହନ୍ତି ଏଇଟା ଅଛୁତ, ସେ ଅପବିତ୍ର, ରୁଟି ଖାଇବୁନି, ମିଠାଇ ଖାଇବୁ। ଆମେ ଛୁଇଁ ଦେବୁ ତ ତୁମେ ପାଣି ପିଇବନି। ଏହି ସବୁ ବେକାର ଲୋକଙ୍କ କଥା। ଆଚ୍ଛା ସଲାମ୍ !"

ରାୟ ସାହେବଙ୍କ ଦେହରେ ଜୀବନ ଆସିଲା। ପଡ଼ିଉଠି ବାରଣ୍ଡାକୁ ଆସିଲେ, ଆଉ ଗାଡ଼ିରେ ବସି ଘର ଆଡ଼କୁ ଚାଲିଲେ। ■

ସୁନ୍ଦରଗଡ଼
ମୋ: ୯୫୭୧୦୩୩୨୭୯

# କବିତା ଆଉ ମୋ ଭିତରେ

ଉଦାସପଣ କେତେ ଯେ ସୁନ୍ଦର
ବରଷକ ଯାକ କବିତା ବୁଝାଇଲା
ନିଶୂନ ସଡ଼କରେ ନେଇ ବୁଲାଇଲା
ସନ୍ତପ୍ତ ଦୁନିଆ, ଉଦାସୀ ଚେହେରାର
କାହାଣୀ ଶୁଣାଇ

ଗଛତଳେ ବସାଇ
ବିଛେଇ ପଡ଼ିଥିବା ପତ୍ରମାନଙ୍କୁ
ପାପୁଲିରେ ଧରି
ପତ୍ରଝଡ଼ାର ନିଷ୍କର୍ଷ ବିଷୟରେ କୁହେ
ହସୁଥିବା ଲୋକମାନଙ୍କୁ ପଚାରିବାକୁ କହେ
ଅସମୟରେ କାହିଁକି ଯେ ହସୁଛନ୍ତି
ତାଙ୍କ ପାଖରେ ହସିବାର ସମୟ ଅଛି କି?
ଯେତେବେଳେ କି ପିଠି ପଛରେ ଆସୁଥାଏ
କ୍ରନ୍ଦନ-ଚିତ୍କାର-ହାହାକାର
ଆଲିଙ୍ଗନବଦ୍ଧ ଫୁସୁରୁଫାସର ପ୍ରେମ କରୁଥିବା
ଯୋଡ଼ିଙ୍କୁ ପଚାର
ତାଙ୍କୁ ଟିକିଏ ବି ଚିନ୍ତା ଅଛି
କାଲିର ପାଗ
ପ୍ରାଣଘାତକ ହୋଇପାରେ

ପଚାର ପଚାର ତାଙ୍କୁ ଯେଉଁମାନେ ଖୁସିରେ ଡେଇଁ
ତାଳି ମାରୁଛନ୍ତି, ସେମାନେ ଜାଣନ୍ତିନି କି?
ଚଳପ୍ରଚଳ ନିଃଶ୍ୱାସର କ'ଣ ବା ଭରସା
କେତେବେଳେ ବି ଅଟକି ଯାଇପାରେ ଆଉ ବାଲି ଘର ପରି
ଦେଖୁ ଦେଖୁ ଭୁଷୁଡ଼ି ପଡ଼ିବ ସମ୍ପୂର୍ଣ୍ଣ କୋଠାଘର
ପାରୁଛ ଯଦି ସମୟ ବଞ୍ଚାଅ
ପାରୁଛ ଯଦି ପ୍ରତି ପାହୁଣ୍ଡକୁ ପରୀକ୍ଷା କର
ଏସବୁ କି ରାସରଙ୍ଗ ଯେଉଁଠି ମିନିଟ୍‌ରେ ଯିବା ଆସିବା ନିର୍ଦ୍ଧାରିତ
ଦିନେ ମୁଁ ପଚାରି ବସିଲି
କ'ଣ ପାଇଁ ବସନ୍ତକୁ ମୁଁ ଜୀବନର
ନିଷ୍କର୍ଷ ବୋଲି ମାନିନେବି
ଯେତିକି ସତ୍ୟ ପତ୍ରଝଡ଼ା, ସେତିକି ବସନ୍ତ ବି
ଜୁଇ ନିଆଁ ଶୀତଳ ନ ହେଲେ ବି ଜନ୍ମ ବା କେଉଁଠି ଅଟକିଛି?
ବିୟୋଗ ଯଦି ସଦାସର୍ବଦା ତ ପ୍ରେମ କେଉଁଠି ନ ଫୁଟେ?
ଲକ୍ଷେ ସ୍ୱପ୍ନର ଅକାଳ ମୃତ୍ୟୁ ହେଲେ ବି
ଏଠାରେ ପ୍ରତ୍ୟେକ ପତ୍ର ସ୍ୱପ୍ନରେ କେଉଁ କ୍ଷଣେ ଯେ ବଞ୍ଚିନାହାନ୍ତି

ବଞ୍ଚିବି ଯେତେଦିନ
ରହିବି ବସନ୍ତ ସହିତ
ବନ୍ଧୁଗଣ, ଏ ତର୍କ ବିତର୍କ ଏଯାବତ୍ ଚାଲିଛି
କବିତା ଓ ମୋ ଭିତରେ। ■



ମୂଳ ହିନ୍ଦୀ: ରାଜକିଶୋର ରାଜନ
ଅନୁବାଦ: ଅଞ୍ଜୁମନ ଆରା



# ଦୁଃଖ

ତୁମ ଯିବାର ଦୁଃଖ ନାହିଁ
ମୋତେ ଛାଡ଼ି
ତୁମର ଯିବା ସୁନିଶ୍ଚିତ ଥିଲା
ତୁମକୁ କୋଉ କହିପାରିଲି
ତୁମେ ଅଛ ବୋଲି ଏ ଦୁନିଆ
ବଞ୍ଚିବା ପାଇଁ ଉପଯୁକ୍ତ

ଦିନେ ନା ଦିନେ ଏ ଦୁନିଆ
ତୁମ ପରି ସୁନ୍ଦର ହେବ
ଯଦିଓ ତାକୁ ଦେଖିବା ପାଇଁ
ମୁଁ ନଥିବି। ■

ହିନ୍ଦୀ ବିଭାଗ, ପ୍ରଫେସର ଏବଂ ଅଧ୍ୟକ୍ଷ
ରେଭେନ୍‌ସା ବିଶ୍ୱବିଦ୍ୟାଳୟ
କଟକ-୭୫୩୦୦୩
ମୋ: ୯୪୩୮ ୬୨୯୭୮୬

# ରବର୍ଟ ଫ୍ରଷ୍ଟଙ୍କ କବିତାରେ ଜୀବନର ଅନ୍ୱେଷା

ଅଧ୍ୟାପକ ସୁଶାନ୍ତ କୁମାର ମିଶ୍ର



ଇଂରାଜୀ ସାହିତ୍ୟର ଆଧୁନିକ ଯୁଗର ଚର୍ଚ୍ଚିତ ତଥା ପ୍ରତିଭାବାନ କବି ହେଉଛନ୍ତି ରବର୍ଟ ଲି. ଫ୍ରଷ୍ଟ (୧୮୭୪-୧୯୬୩)। ଆମେରିକାର ଏହି ଜନପ୍ରିୟ କବି ପାରିବାରିକ ଦୁରାବସ୍ଥା ଭିତରେ ମଧ୍ୟ କାଳଜୟୀ ସାହିତ୍ୟ ସୃଷ୍ଟି କରି ଯଥେଷ୍ଟ ସ୍ୱୀକୃତି ପାଇଛନ୍ତି। ପ୍ରକୃତିର ବିବିଧ ସୌନ୍ଦର୍ଯ୍ୟ ପ୍ରତି ସମର୍ପିତ ତାଙ୍କ କବିତାରେ ବାସ୍ତବବାଦୀ ସ୍ୱର ମଧ୍ୟ ଦେଖିବାକୁ ମିଳିଥାଏ। ଗ୍ରାମୀଣ ଜୀବନ, ସାଧାରଣ ଲୋକଙ୍କ କଥା ତଥା ଜୀବନ ଜଟିଳତାର ସରଳ ଚିତ୍ରଣ ଯୋଗୁଁ କବିତାଗୁଡ଼ିକ ଲୋକପ୍ରିୟ ହୋଇଥାଏ।

ମନୋରମ ପ୍ରକୃତି ମଧ୍ୟରେ ମାନବିକ ପ୍ରକ୍ରିୟା ଓ ମାନବ-ପ୍ରାଣରେ ପ୍ରକୃତିର ଅପରୂପ ପ୍ରଭାବ ହିଁ ପ୍ରକୃତି କବି ୱିଲିୟମ୍ ୱାର୍ଡସୱର୍ଥଙ୍କ ସାହିତ୍ୟର ଅନ୍ତଃସ୍ୱର। ତେବେ ଅନ୍ୟତମ ପ୍ରକୃତି କବି ରବର୍ଟ ଫ୍ରଷ୍ଟ ତାଙ୍କ ସାହିତ୍ୟରେ ପ୍ରକୃତିର ବାସ୍ତବ ଦିଗକୁ ଆକଳନ କରିପାରିଛନ୍ତି। ପ୍ରକୃତିର ଅପୂର୍ବ ସୌନ୍ଦର୍ଯ୍ୟରେ ସେ କେବଳ ବିଭୋର ହୋଇ ନାହାନ୍ତି। ଏହାର ଅନ୍ଧାର ଦିଗକୁ ମଧ୍ୟ ଦେଖିବାରେ ସମର୍ଥ ହୋଇଛନ୍ତି। ଏଭଳି ଏକ ବଳିଷ୍ଠ କବିତା ହେଉଛି 'Stopping by Woods on a snowy evening'। ଏକଦା ରାସ୍ତାରେ ଯାଉଥିବା ବେଳେ ଘୋଡ଼ାରୁ ଓହ୍ଲାଇ ବରଫାବୃତ ଜଙ୍ଗଲର ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ପାଇଁ କବି ଅଟକିଛନ୍ତି। କିନ୍ତୁ ଘୋଡ଼ା ଏହାକୁ ପସନ୍ଦ କରି ନାହିଁ। ତା'ର ବେକର ଘଣ୍ଟିକୁ ହଲାଇ ସତର୍କ କରୁଛି, ଆହୁରି ଆଗକୁ ଯିବା ପାଇଁ। ମଣିଷ ମନର ଇଚ୍ଛା ବିରୁଦ୍ଧରେ ଘୋଡ଼ା ରୂପୀ ବିବେକର ସତର୍କ ଘଣ୍ଟି ବାଜୁଛି। ଅଭିଭୂତ ମଧ୍ୟରେ ସଚେତନତା ନିଜକୁ ନୂତନ ଭାବରେ ଅବିଷ୍କାର କରିବାର ପ୍ରାଜ୍ଞବୋଧ ସୃଷ୍ଟି ହୋଇଛି। ବହୁ ଲୋକଙ୍କ ପସନ୍ଦ ହୋଇଥାଏ ଜୀବନର ଦର୍ଶନ ଆଧାରିତ ଏହି କବିତାର ଶେଷ ପଙ୍କ୍ତି "The woods are lovely, dark and deep..." ଓଡ଼ିଆ କବି ମାୟାଧର ମାନସିଂହଙ୍କ ଭାଷାରେ କବିଙ୍କ ଏହି ଶେଷ ପଙ୍କ୍ତି ହେଉଛି-

"ସୁନ୍ଦର ଯେତିକି ଅନ୍ଧାର ସେତିକି
ଏହି ଯେ ଗହନ ବନ।
ତେଣୁ ତୁ ଆପଣା ସଂକଳ୍ପେ ଅଟଳ
ଅଚଳ ରହରେ ମନ।
ଆଗକୁ ପଡ଼ିଛି ପଥ ବହୁଦୂର
ଆହୁରି କେତେ ଯେ ବାକି।
ଚାଲିବି ଚାଲିବି ନ ପଡ଼ିବି ଥକି
ମୁଦିବା ଆଗରୁ ଆଖି।"

ସେହିପରି କବିଙ୍କ ଜୀବନଧର୍ମୀ ଅନ୍ୟତମ କବିତା 'The road not taken' ମଣିଷ ଜୀବନର ମହାମନ୍ତ୍ର ଅଟେ। ବିଭକ୍ତ ହୋଇ ଦୁଇଟି ରାସ୍ତା ଜଙ୍ଗଲକୁ ପ୍ରବେଶ କରିଥିବା ବେଳେ ସ୍ୱଳ୍ପ ବ୍ୟବହୃତ ତଥା କଷ୍ଟକର ରାସ୍ତାକୁ କବି ଆପଣେଇଛନ୍ତି। ଜଟିଳ ରାସ୍ତାରେ ମଧ୍ୟ ଜୀବନର ଦୁଃସାହସିକତା ଅନୁଭବ କରିହୁଏ ଓ ସଫଳତା ମିଳିଥାଏ। ଏମିତି ମଣିଷ ଜୀବନରେ ଅନେକ ଦୋଛକି ଆସିଥାଏ। ନିର୍ଦ୍ଦିଷ୍ଟ ପସନ୍ଦକୁ ବାଛିବା କଷ୍ଟକର ହୋଇଥାଏ। ଜୀବନରେ ଗତିପଥକୁ ନିରୂପଣ କରିବା ପାଇଁ ସମ୍ମୁଖୀନ ହେଉଥିବା ଦ୍ୱନ୍ଦ୍ୱ କବିତାର ମୁଖ୍ୟ ଦିଗ ଅଟେ। କବିଙ୍କ ଆହୁରି ଏକ ପ୍ରତୀକଧର୍ମୀ କବିତା ହେଉଛି 'Fire & Ice'। କବି କହୁଛନ୍ତି, ଯଦି ପୃଥିବୀ ଧ୍ୱଂସ ହେବ ତା' ହେଲେ ଉତ୍ତପ୍ତ ଅଗ୍ନିରେ କିମ୍ବା ଜମାଟ ବାନ୍ଧିଥିବା ଶୀତଳ ବରଫରେ। ମଣିଷ ଅଧିକ ପାଇବାର ଇଚ୍ଛା ଅଥବା କାମନା ରୂପକ ଉତ୍ତାପ ହିଁ ସମାଜକୁ ଧ୍ୱଂସ କରିବ। ଠିକ୍ ସେହିପରି ବରଫ ଭଳି ଜମାଟ ବାନ୍ଧିଥିବା ମଣିଷ ମନର ଘୃଣା ସମାଜକୁ ରସାତଳଗାମୀ କରିବ। ତେଣୁ ଇଚ୍ଛା-ଅନିଚ୍ଛା, ପ୍ରେମ-ଘୃଣା ଆଦି ଯେ କୌଣସି ବିଷୟ ହେଉ ଜୀବନରେ ସମତୁଲ ରଖିବା ହିଁ ଜୀବନ ଜୀଇଁବାର ମନ୍ତ୍ର ଅଟେ। ସୁଖ-ଦୁଃଖ, ଆଲୁଅ-ଅନ୍ଧାର, ଆଶା-ନିରାଶାକୁ ନେଇ ମଣିଷ ଜୀବନ। ତେଣୁ ସବୁବେଳେ ଜଟିଳ ମିଶ୍ରିତ ବାସ୍ତବବାଦ, ନୈରାଶ୍ୟବାଦ ସହ ଅଦ୍ୱିତୀୟ ଆଶାବାଦ ହିଁ କବିଙ୍କ ସାହିତ୍ୟର ଦର୍ଶନ ଅଟେ। "ପାଚେରୀ ଭଲ ଥିଲେ ପଡ଼ୋଶୀ ଭଲ ରୁହନ୍ତି" ମାନସିକତାରେ ପରିବର୍ତ୍ତନ ଆଣିଛନ୍ତି ଲେଖକ। ମଣିଷର ଆଚରଣ ଭଲ ଥିଲେ କୌଣସି ପାଚେରୀର ଆବଶ୍ୟକତା ରହିବ ନାହିଁ ବୋଲି ତାଙ୍କ କବିତା 'Mending Wall' ବାର୍ତ୍ତା ଦେଇଥାଏ। ଭାଇ-ଭାଇ, ପାଖ-ପଡ଼ୋଶୀ କି ପରସ୍ପର ମଧ୍ୟରେ ସଂପର୍କର ତିକ୍ତତା, ଅହଂ ପ୍ରତିଦ୍ୱନ୍ଦ୍ୱିତା ଏକ ଧ୍ୱଂସାଭିମୁଖୀ ବିଶ୍ୱକୁ ଆମନ୍ତ୍ରିତ କରୁଥିବା ସମାଜ ପାଇଁ କବିତାର ଯଥେଷ୍ଟ ପ୍ରାସଙ୍ଗିକତା ରହିଛି। ଲୋକ ଗହଣରେ ଥାଇ ମଧ୍ୟ ସାଂପ୍ରତିକ ସମାଜରେ ନିଃସ୍ୱ, ନିଃସଙ୍ଗ, ନିରାଶା ତଥା ଏକାକୀତ୍ୱ ହେଉଥିବା ସ୍ୱଙ୍ଗ ନିର୍ଯାତନା ମଣିଷ ଜୀବନକୁ ନଷ୍ଟ ଭ୍ରଷ୍ଟ କରୁଛି। ଅନେକ ଯୁବପିଢ଼ି ଏହାର ଶିକାର ହେଉଛନ୍ତି। ଏଭଳି ସ୍ଥିତିରେ କବିଙ୍କ ସନେଟ୍ 'Acquainted with the Night' ଏକ ସଫଳ ବାର୍ତ୍ତା ଅଟେ।

ଚିନ୍ତା-ଚେତନା, ବାସ୍ତବ-କଳ୍ପନା, ସ୍ୱପ୍ନ-ସମ୍ଭାବନା ମଧ୍ୟରେ ଥିବା ବ୍ୟବଧାନକୁ ଦେଖିପାରିଛନ୍ତି କବି ରବର୍ଟ ଫ୍ରଷ୍ଟ। ଗୋଟିଏ ଆକାଶରେ ଚନ୍ଦ୍ର ଓ ସୂର୍ଯ୍ୟ ଥାଆନ୍ତି, ତଫାତ୍ ହେଉଛି ଦିନ ଓ ରାତି। ଠିକ୍ ସେହିପରି ଗୋଟିଏ ଶରୀରରେ କାମନା ବାସନାର ଲାଳସା ଓ ତୁଳସୀର ପବିତ୍ରତା ବି ପୂର୍ଣ୍ଣ ହୋଇଥାଏ, କିନ୍ତୁ ଫରକ୍ ହେଉଛି ମନ ଓ ବିବେକ। ମନ ଓ ବିବେକ ମଧ୍ୟରେ ଅନବରତ ସଂଗ୍ରାମ ଚାଲିଛି। ବିବେକ ହାରିଗଲେ ଅଭ୍ୟାସ କାବୁ କରିବ ଓ ମନ ହାରିଗଲେ ମଣିଷ ଅଭ୍ୟାସକୁ ମାରି ପାରିବ। ଆଜି ଏ ଦୋ ଛକିରେ ସମଗ୍ର ମଣିଷ ସମାଜ। ରାଜନୀତିର ଷଡ଼ଯନ୍ତ୍ରରେ ବିବସନା ହେଉଥିବା ଦ୍ରୌପଦୀ ବି ଦୋଛକିରେ ଥିଲେ, କିନ୍ତୁ ସଂଗ୍ରାମ କରିବାର ବଜ୍ର ଶପଥ ଗ୍ରହଣ କରିଥିଲେ। ଦିନେ ଅର୍ଜୁନ ବି ମହାଭାରତ ଯୁଦ୍ଧର ଦୋ ଛକିରେ ଛିଡ଼ା ହୋଇଥିଲେ। ଭଗବାନ ଶ୍ରୀକୃଷ୍ଣ କହିଥିଲେ- କର୍ମଣ୍ୟେ ବାଧିକାରସ୍ତେ...। ପଦ୍ମପତ୍ରର ଲିପ୍ତତା ଓ ନିର୍ଲିପ୍ତତା ଭଳି ବିକାର ଭିତରେ ନିର୍ବିକାର ଓ ନିର୍ଲିପ୍ତ ଖୋଜିବାକୁ ହେବ। ସରଳ ରେଖାରେ ନୁହେଁ, ଇସିଜି ପରୀକ୍ଷା କରୁଥିବା ଡାକ୍ତରଙ୍କ ଅଙ୍କାବଙ୍କା ଗାରରେ ହିଁ ଜୀବନ ଥାଏ। ତେଣୁ ବାସ୍ତବବାଦୀ କବି ରବର୍ଟ ଫ୍ରଷ୍ଟଙ୍କ କବିତାର ଜୀବନ ଦର୍ଶନ ହିଁ ସମୟର ଆହ୍ୱାନ ଅଟେ। ■

ବରଗଡ଼
ମୋ: ୯୩୮୨୭୭୬୩୫

## ପୁସ୍ତକ ପରିଚୟ

### ଅମୃତପୁରୁଷ ଶ୍ରୀଜଗନ୍ନାଥ

ସଂକଳନ ଓ ସଂପାଦନା
ପୀତବାସ ରାଉତରାୟ



ଅନନ୍ୟ ଶ୍ରୀଜଗନ୍ନାଥ ସଂସ୍ଥାନ
ପିପିଏଲ୍ ହାଉସିଂ କଲୋନୀ, ଖଣ୍ଡଗିରି ଛକ
ଭୁବନେଶ୍ୱର-୧୯
ଦ୍ୱିତୀୟ ପରିବର୍ଦ୍ଧିତ ସଂସ୍କରଣ: ୨୦୨୫
ମୂଲ୍ୟ: ୪୦୦ ଟଙ୍କା

ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ଲୀଳା ଅପାର। ଶ୍ରୀମନ୍ଦିରରେ ବିରାଜିତ ଦେବଦେବୀଙ୍କ ପୂଜାପାର୍ବଣ, ବସନ, ଭୂଷଣ, ଭୋଗ, ସେବା କାର୍ଯ୍ୟରେ ସମର୍ପିତ ଅନେକ ସେବକ। ଶ୍ରୀଜୀଉଙ୍କ ସେବାରେ ସମର୍ପିତ ସେଭଳି କିଛି ସେବକଙ୍କ ଅନୁଭୂତି ଓ ଅନୁଭବକୁ ନେଇ ପୀତବାସ ରାଉତରାୟଙ୍କ ସଂପାଦନାରେ ପ୍ରକାଶ ପାଇଛି 'ଅମୃତପୁରୁଷ ଶ୍ରୀଜଗନ୍ନାଥ' ପୁସ୍ତକ। ଶ୍ରୀମନ୍ଦିରର ସେବାୟତଙ୍କ ନିଆରା ଅନୁଭୂତି, ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି ରଚିତ କେତୋଟି ହୃଦୟସ୍ପର୍ଶୀ ଗପ, କବିତା, ପ୍ରବନ୍ଧ, ସ୍ମୃତିକଥା, ସାକ୍ଷାତକାର ସଂକଳିତ ହୋଇଛି। ଦେଉଳ ପୁରୋହିତ ସିଦ୍ଧେଶ୍ୱର ମହାପାତ୍ର, ବଡ଼ସୁଆର ସେବକ ବିଶ୍ୱନାଥ ସାମନ୍ତରା, ଚୁନରା ସେବକ ଶରତ କୁମାର ମହାନ୍ତି, ନନ୍ଦିଘୋଷ ରଥର ମୁଖ୍ୟ ବିଶ୍ୱକର୍ମା ବିଜୟ କୁମାର ମହାପାତ୍ର, ଗରାବଡୁ ସେବକ ପୂର୍ଣ୍ଣଚନ୍ଦ୍ର ଗୋଛିକାର, ଶ୍ରୀଜଗନ୍ନାଥଙ୍କ କରଣ ସେବକ ରବିନାରାୟଣ ଦାସ, ଦଇତାପତି ସୁଦର୍ଶନ ଦାସମହାପାତ୍ର ପ୍ରମୁଖ ସେବକଙ୍କ ଅନନ୍ୟ ଅନୁଭୂତି ପ୍ରକାଶ ପାଇଛି ଏହି ପୁସ୍ତକରେ। ସେହିପରି ବଳଦେବ ମହାରଥାଙ୍କ 'ଅମୃତପୁରୁଷ ଏକ ଅତିବାସ୍ତବ ପରିକଳ୍ପନା', ରଜତ କୁମାର କରଙ୍କ 'ଜଗନ୍ନାଥଙ୍କୁ ଜର', ଅଚ୍ୟୁତାନନ୍ଦ ପତିଙ୍କ 'ସବୁ କରାଉଥିବାର ଠାକୁର' ପ୍ରଭୃତି ଲେଖାଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି। ଏହି ପୁସ୍ତକଟି ଜଗନ୍ନାଥପ୍ରେମୀଙ୍କୁ ଭକ୍ତିଭାବରେ ତଲ୍ଲୀନ କରିବ ନିଶ୍ଚୟ। ■

### ପାପ ଓ ଅନ୍ୟାନ୍ୟ ଗଳ୍ପ

ପ୍ରଦ୍ୟୁମ୍ନ ପଟ୍ଟନାୟକ





ପକ୍ଷୀଘର ପ୍ରକାଶନୀ
୩୨, ମଧୁସୂଦନ ନଗର
ଭୁବନେଶ୍ୱର-୦୧
ପ୍ରଥମ ସଂସ୍କରଣ: ୨୦୨୪
ମୂଲ୍ୟ: ୨୨୫ ଟଙ୍କା

ଜୀବନର କିଛି କଥା ଓ ବ୍ୟଥାରେ ଯେତେବେଳେ କଳ୍ପନାର ରଙ୍ଗ ବୋଳି ଦିଆଯାଏ, ସେଇଠି ସୃଷ୍ଟି ହୁଏ ଏକ ମନଛୁଆଁ ଗପ। ଜୀବନର ଏଭଳି କିଛି ନିଆରା ଅନୁଭୂତି ଓ ଅନୁଭବକୁ ନେଇ ପ୍ରକାଶ ପାଇଛି ପ୍ରଦ୍ୟୁମ୍ନ ପଟ୍ଟନାୟକଙ୍କ 'ପାପ ଓ ଅନନ୍ୟା ଗଳ୍ପ' ପୁସ୍ତକ। ଏହି ପୁସ୍ତକରେ ମୋଟ ୧୭ଟି ଗପ ସଂକଳିତ ହୋଇଛି। 'ପାପ', 'ଜନ୍ମାନ୍ତର', 'ବୁଝାମଣାର ଜୀବନ', 'ପ୍ରଶ୍ନବାଚୀ', 'ଅବିଶ୍ୱାସ', 'ସାୟାହ୍ନର ବର୍ଣ୍ଣବିଭା', 'ଲେଉଟାଣି', 'ନିଖୋଜ' ପ୍ରଭୃତି ଗପଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି। ଜୀବନର କିଛି ଅଭୁଲା ମୁହୂର୍ତ୍ତ, ଘଟଣା, ବାସ୍ତବ ଚରିତ୍ରକୁ ଆଧାର କରି ଏହି ପୁସ୍ତକର ଗପଗୁଡ଼ିକର କାହାଣୀ ଗତିଶୀଳ। ମଣିଷର ସବୁ କିଛି ଥିଲେ ମଧ୍ୟ କେବେ କେବେ ଜୀବନ ନିଃସଙ୍ଗ ମନେ ହୁଏ – ଏଭଳି ଏକ ବାସ୍ତବ କଥା ଅତି ଚମତ୍କାର ଭାବେ ପ୍ରସ୍ଫୁଟିତ ହୋଇଛି 'ନିଃସଙ୍ଗ ଜୀବନ' ଗପରେ। ରୁପା ଓ ମୁକୁନ୍ଦ ମାଷ୍ଟ୍ରେ ଚରିତ୍ର ଭିତରେ ଏହି ନିଃସଙ୍ଗ ଜୀବନକୁ ପାଠକମାନେ ଅନୁଭବ କରିପାରିବେ। ସେହିପରି ମଣିଷ – ମଣିଷ ମଧ୍ୟରେ ଆକର୍ଷଣରେ ନଥାଏ ବୟସ ବା ପଦପଦବିର ତାରତମ୍ୟ ନଥାଏ। ଏହା ପ୍ରମାଣିତ ହୋଇଛି 'ଆକର୍ଷଣ' ଗପର 'ଅଙ୍କିତା ମାଡାମ୍' ଓ 'ଅମର'ଙ୍କ ସମ୍ବନ୍ଧରୁ। ମାନବୀୟ ସଂପର୍କ, ମଣିଷର ସୁଖ-ଦୁଃଖ, ଆବେଗ-ଅନୁରାଗ, ଭୋଗ-ଅନିଭୋଗ, ସାମାଜିକ ବାସ୍ତବତାକୁ ଅତି ଚମତ୍କାର ଭାବେ ଗାଳ୍ପିକ ଏହି ପୁସ୍ତକର ଗପଗୁଡ଼ିକରେ ବର୍ଣ୍ଣନା କରିଛନ୍ତି। 'ପାପ ଓ ଅନନ୍ୟା ଗଳ୍ପ' ପୁସ୍ତକର ଗପଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ। ■

### ଚେତନାର ଚିତ୍ରଲିପି

ଲକ୍ଷ୍ମୀପ୍ରିୟା ପୃଷ୍ଟି



ବନଫୁଲ
ବୀର ସୁରେନ୍ଦ୍ର ସାଏ ନଗର
ଭୁବନେଶ୍ୱର-୧୯
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୧୫୦ ଟଙ୍କା

"ଗରମ ଜାଉରୁ ଶିବେଇ ସାନ୍ତରା/ ଶିଖିଲେ ମନ୍ଦିର ଗଢ଼ି,/ ଯେଉଁ ମନ୍ଦିରରେ ରହିଥିଲା ଶିଳ୍ପୀ/ ଜୀବନ ଯନ୍ତ୍ରଣା ଜଡ଼ି।" (କଳ୍ପନାର କୋଣାର୍କ) ବିଶ୍ୱ ବିଖ୍ୟାତ କୋଣାର୍କର ସୂର୍ଯ୍ୟ ମନ୍ଦିରର ସୌନ୍ଦର୍ଯ୍ୟ ଯେଭଳି ପର୍ଯ୍ୟଟକଙ୍କୁ ଅଭିଭୂତ କରେ, ସେହିପରି ଏହି ମନ୍ଦିର ନିର୍ମାଣ ପଛର ଇତିହାସ ଆଶ୍ଚର୍ଯ୍ୟଚକିତ କରେ। କୋଣାର୍କ ମନ୍ଦିରର ଇତିହାସ, ସୂକ୍ଷ୍ମ କାରୁକାର୍ଯ୍ୟ, ଶିଳ୍ପୀମାନଙ୍କ ଜୀବନଯନ୍ତ୍ରଣା ଅତି ହୃଦୟସ୍ପର୍ଶୀ ଭାବେ ପ୍ରକାଶ ପାଇଛି ଲକ୍ଷ୍ମୀପ୍ରିୟା ପୃଷ୍ଟିଙ୍କ 'ଚେତନାର ଚିତ୍ରଲିପି' ପୁସ୍ତକର କବିତାଗୁଡିକରେ। ଏହି ପୁସ୍ତକର କବିତାଗୁଡ଼ିକକୁ ଦୁଇଟି ଭାଗରେ ବିଭକ୍ତ କରାଯାଇଛି। ପ୍ରଥମ ଭାଗ 'କଳ୍ପନାର କୋଣାର୍କ'ରେ ଏକାବନଟି ଓ ଦ୍ୱିତୀୟ ଭାଗ 'ଏକପଦୀ'ରେ ୨୬୪ଟି ମନଛୁଆଁ ଏକପଦୀ କବିତା ସଂକଳିତ ହୋଇଛି। 'କଳ୍ପନାର କୋଣାର୍କ'ରେ କୋଣାର୍କର ମନ୍ଦିର ନିର୍ମାଣଠାରୁ ଆରମ୍ଭ କରି ଭଗ୍ନସ୍ତୁପ ପାଲଟିବା ପର୍ଯ୍ୟନ୍ତ ଅତି ଚମତ୍କାର ଭାବେ କବି ବର୍ଣ୍ଣନା କରିଛନ୍ତି। ଦ୍ୱିତୀୟ ଭାଗର ଏକପଦୀଗୁଡ଼ିକରେ ଋତୁ ବର୍ଣ୍ଣନା, ପ୍ରାକୃତିକ ସୌନ୍ଦର୍ଯ୍ୟ, ଈଶ୍ୱର ଭକ୍ତି, ମାନବୀୟ ପ୍ରେମ, ଜୀବନବୋଧ, ମୃତ୍ୟୁଚେତନା, ନିଃସଙ୍ଗବୋଧ ଆଦି ପ୍ରତିଫଳିତ ହୋଇଛି। କମ୍ ଶବ୍ଦ, ସରଳ ଭାଷା ଓ ନିରାଡ଼ମ୍ବର ଶୈଳୀରେ ନିଜର ଭାବକୁ କବି ପ୍ରକାଶ କରିଛନ୍ତି। ଏହି ପୁସ୍ତକର କବିତାଗୁଡ଼ିକ ପାଠକମାନଙ୍କ ମନଛୁଆଁ ହୋଇପାରିବ ବୋଲି ଆଶା କରାଯାଏ। ■

## ବଜେଟ ବିଗାଡୁଛି ଜଳବାୟୁ ପରିବର୍ତ୍ତନ

# ୨୦୨୪ରେ ୮୦% ବଢ଼ିଛି ଆଳୁ-ପିଆଜ ଦର

ନୂଆଦିଲ୍ଲୀ, ୨୬।୭ (ଏଜେନ୍ସି): ଜଳବାୟୁ ପରିବର୍ତ୍ତନ ଏବଂ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଲୋକଙ୍କ ଦୁର୍ଦ୍ଦଶା ବଢ଼ାଇବାରେ ଲାଗିଛି। ଏହା ଭାରତ ଉପରେ ପ୍ରତିକୂଳ ପ୍ରଭାବ ପକାଉଛି। ଏଥିପାଇଁ ଗତ ବର୍ଷ (୨୦୨୪)ରେ ଖାଦ୍ୟ ସାମଗ୍ରୀ ମୂଲ୍ୟ ଅହେତୁକ ବୃଦ୍ଧି ପାଇଛି। ବିଶେଷ କରି ଆଳୁ ଏବଂ ପିଆଜ ମୂଲ୍ୟ ଆକାଶ ଛୁଆଁ ହୋଇଛି। ୨୦୨୪ର ଦ୍ୱିତୀୟ ତ୍ରୈମାସିକରେ ଏହି ମୂଲ୍ୟ ୮୦ ପ୍ରତିଶତରୁ ଅଧିକ ବଢ଼ିଛି। ଏହା ସାଧାରଣ ଲୋକଙ୍କ ଆର୍ଥିକ ସ୍ଥିତିକୁ ଉତ୍କଟ କରିଦେଇଛି। ପାରିବାରିକ ବଜେଟକୁ ବିଗାଡ଼ି ଦେଇଛି। ଏକ ଅନ୍ତର୍ଜାତୀୟ ଅଧ୍ୟୟନରୁ ଏହା ଜଣାପଡ଼ିଛି। ବାର୍ସିଲୋନା ସୁପରକମ୍ପ୍ୟୁଟିଂ ସେଣ୍ଟରର ମ୍ୟାକ୍ସିମିଲିୟନ କୋଟ୍‌ଜ ଏହାର ନେତୃତ୍ୱ ନେଇଥିଲେ। ୟୁରୋପୀୟ ସେଣ୍ଟ୍ରାଲ ବ୍ୟାଙ୍କ, ପୋଟ୍ସଡାମ ଇନ୍‌ଷ୍ଟିଚ୍ୟୁଟ ଫର କ୍ଲାଇମେଟ ଇମ୍ପାକ୍ଟ ରିସର୍ଚ୍ଚ ଏବଂ ବ୍ରିଟେନର ଫୁଡ୍ ଫାଉଣ୍ଡେସନର ବିଶେଷଜ୍ଞ ଏହି ଅଧ୍ୟୟନରେ ସାମିଲ ଥିଲେ। ୨୦୨୨ରୁ ୨୦୨୪ ମଧ୍ୟରେ ୧୮ ଦେଶର ୧୬ଟି ଖାଦ୍ୟ ସାମଗ୍ରୀ ଉପରେ ଜଳବାୟୁ ପରିବର୍ତ୍ତନ ଜନିତ ପ୍ରଭାବର ବିଶ୍ଳେଷଣ କରାଯାଇଥିଲା। ଅଧ୍ୟୟନରୁ ଜଣାପଡ଼ିଥିଲା ଯେସବୁ ଖାଦ୍ୟସାମଗ୍ରୀ ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ପୂର୍ବର ସମସ୍ତ ରେକର୍ଡ ଭାଙ୍ଗି ଦେଇଛି।

ବିଶେଷଜ୍ଞଙ୍କ ଅନୁଯାୟୀ ମେ' ମାସରେ ଭାରତରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ହୋଇଥିଲା। ଏହା ଫସଲ ଉତ୍ପାଦନ ଏବଂ ଯୋଗାଣ ଶୃଙ୍ଖଳକୁ ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ କରିଥିଲା। ଏହା ଦ୍ୱାରା ପନିପରିବା ମୂଲ୍ୟ

### ବଢ଼ିବ ଆର୍ଥିକ ଅସମାନତା

### ବିଗିଡ଼ିପାରେ ସ୍ୱାସ୍ଥ୍ୟାବସ୍ଥା; ବଢ଼ିପାରେ ଜଟିଳ ରୋଗ

ଆକାଶ ଛୁଇଁ ଥିଲା। ପିଆଜ ଏବଂ ଆଳୁ ଦର ୮୦ ପ୍ରତିଶତରୁ ଅଧିକ ବୃଦ୍ଧି ପାଇଥିଲା। ଅଧ୍ୟୟନରେ ଚେତାବନୀ ଦିଆଯାଇଛି ଯେ ଖାଦ୍ୟ ସାମଗ୍ରୀ ମୂଲ୍ୟରେ ଏଭଳି ହ୍ରାସ ବୃଦ୍ଧି ଜାରି ରହିଲେ କୁପୋଷଣ ବଢ଼ିବ। ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ି ପାରେ। ଏହା ଦ୍ୱାରା ଆର୍ଥିକ ଅସମାନତା ବୃଦ୍ଧି ପାଇପାରେ। କୋଟ୍‌ଜ କହିଛନ୍ତି ଯେ ଖାଦ୍ୟପଦାର୍ଥ ସାମଗ୍ରୀ ମୂଲ୍ୟ ବୃଦ୍ଧି ହେତୁ ଖାଦ୍ୟ ସୁରକ୍ଷା ଉପରେ ପ୍ରଭାବ ପଡୁଛି। ବିଶେଷ କରି ଗରିବ ଏବଂ କମ୍ ଆୟକାରୀ ପରିବାର ପ୍ରଭାବିତ ହେଉଛନ୍ତି। ଦରଦାମ ବଢ଼ିଲେ ଏଭଳି ପରିବାର ପୁଷ୍ଟିକର ଖାଦ୍ୟ ଖାଇପାରୁ ନାହାନ୍ତି। ଶସ୍ତା ସାମଗ୍ରୀକୁ ଭରସା କରିଥାନ୍ତି। ଏଭଳି ଖାଦ୍ୟ ପଦାର୍ଥ ଦ୍ୱାରା କର୍କଟ, ମଧୁମେହ, ହୃତ୍‌ପିଣ୍ଡ ଆଦି ରୋଗ ହୋଇପାରେ।

ଗବେଷକଙ୍କ ଅନୁଯାୟୀ ଜଳବାୟୁ ପରିବର୍ତ୍ତନ ପାଇଁ ଖାଦ୍ୟ ସାମଗ୍ରୀର ମୂଲ୍ୟ ବଢ଼ିଲେ ମୁଖ୍ୟ ମୁଦ୍ରାସ୍ଫୀତିକୁ ବି ବଢ଼ିବ। ଏହା ଦ୍ୱାରା ମୂଲ୍ୟରେ ସ୍ଥିରତା ରଖିବା କେନ୍ଦ୍ରୀୟ ବ୍ୟାଙ୍କ କଷ୍ଟସାଧ ହୋଇଯିବ। ଉଚ୍ଚ ଦରଦାମ ଯୋଗୁଁ ନିର୍ବାଚନ ଫଳାଫଳ ମଧ୍ୟ ପ୍ରଭାବିତ ହେବ। ଲୋକଙ୍କୁ ଲୋଭନୀୟ ପ୍ରତିଶ୍ରୁତି ଦେଉଥିବା ଦଳ ବେଶ ଉପକୃତ ହୋଇପାରନ୍ତି। ସବୁଜ କୋଠରୀ ଗ୍ୟାସ ହ୍ରାସ ପାଇଁ ତୁରନ୍ତ କାର୍ଯ୍ୟ କରିବାକୁ ଗବେଷକମାନେ ଚେତାବନୀ ଦେଇଛନ୍ତି। ଶୂନ୍ୟ ନିର୍ଗମନ ପର୍ଯ୍ୟନ୍ତ ନ ପହଞ୍ଚିଲେ ଜଳବାୟୁ ଅଧିକ ବିଗିଡିଯିବ। ଏହା ଦିନକୁ ଦିନ ଅଧିକ ଖରାପ ପ୍ରଭାବ ପକାଇବ। ଏହା ପୂର୍ବରୁ ଫସଲ କ୍ଷତି କରୁଛି। ଏଥିଯୋଗୁଁ ସାରା ବିଶ୍ୱରେ ଖାଦ୍ୟ ମୂଲ୍ୟ ବୃଦ୍ଧି ପାଇଚାଲିଛି।

## କ୍ୱାକ୍‌ର ଭୁଲ୍ ଇଞ୍ଜେକସନ୍ ନେଲା ମହିଳାଙ୍କ ଜୀବନ

### ଗିରଫ ଦାବି ନେଇ ଥାନାର ଦ୍ୱାରସ୍ଥ ପରିବାର



କଣ୍ଟାବାଞ୍ଜି/ତୁରେକେଲା,୨୬।୭ (ସମିସ): କ୍ୱାକ୍‌ର ଭୁଲ୍ ଇଞ୍ଜେକସନ୍‌ରୁ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମୃତ ମହିଳାଜଣଙ୍କ ହେଲେ, ବଲାଙ୍ଗିର ଜିଲ୍ଲା ତୁରେକେଲା ଥାନା ମହୁଲପାଟିଗାଁର ଡିଙ୍ଗରପୁଟାଙ୍କ ସ୍ତ୍ରୀ ଭଗବାନୀ ପୁଟା। ପୁଲିସ୍ ତାଙ୍କ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନାନୁଯାୟୀ, କିଛି ଦିନ ଧରି ଭଗବାନୀ ଅସୁସ୍ଥ ହୋଇ ଘରେ ଚିକିତ୍ସିତ ହେଉଥିଲେ। ତେବେ ଗାଁରେ ବୁଲୁଥିବା କ୍ୱାକ୍ ଲର୍କଗାଁର ରଂଜିତ ମେହେର ତାଙ୍କର ଚିକିତ୍ସା କରିଥିଲେ। ସେ ତାଙ୍କୁ ଏକ ଇଞ୍ଜେକସନ୍ ଦେଇଥିଲେ। ଏହାର କିଛି ସମୟ ପରେ ଭଗବାନୀ ଅଚେତ ହୋଇଯାଇଥିଲେ। ତାଙ୍କ ଚେତା ନ ଫେରିବାରୁ ପରିବାରଲୋକ ତାଙ୍କୁ ତୁରେକେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପରିବାରବର୍ଗ ସମ୍ପୃକ୍ତ କ୍ୱାକ ରଂଜିତ ମେହେରଙ୍କ ବିରୋଧରେ ତୁରେକେଲା ଥାନାରେ ଅଭିଯୋଗ କରିଛନ୍ତି। ପ୍ରମାଣ ସ୍ୱରୂପ ରଂଜିତ ଦେଇଥିବା ଉକ୍ତ ଇଞ୍ଜେକସନ୍‌କୁ ପୁଲିସ୍‌କୁ ଦେଇଛନ୍ତି।

## ବାସୁଦେବପୁର ପୌରାଧ୍ୟକ୍ଷାଙ୍କ ଘରୁ ନେଇଗଲେ ୧୫ଲକ୍ଷର ଗହଣା, ନଗଦ ୧୦ ଲକ୍ଷ

ବାଲେଶ୍ୱର,୨୬।୭ (ସମିସ): ବାଲେଶ୍ୱର ସହରରେ ଚୋରି ଡକାୟତି ବଢ଼ି ଚାଲିଛି। ସଦର ଥାନା ଅଞ୍ଚଳରେ ଏକ ଆପାର୍ଟମେଣ୍ଟରେ ରହୁଥିବା ଭଦ୍ରକ ବାସୁଦେବପୁର ଏନ୍‌ଏସି ଅଧ୍ୟକ୍ଷା ନିବେଦିତା ବେହେରାଙ୍କ ଘରେ ଦୁର୍ବୃତ୍ତ କଳାକନା ବୁଲାଇଛନ୍ତି। ୧୫ ଲକ୍ଷର ସୁନାଗହଣା ସହ ନଗଦ ୧୦ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଏ ସଂପର୍କରେ ନିବେଦିତାଙ୍କ ସ୍ୱାମୀ ଶୁଭେନ୍ଦୁ ଭୂଷଣ ବେହେରା ଥାନାରେ ଅଭିଯୋଗ କରିଛନ୍ତି। ଅତିରିକ୍ତ ଏସ୍‌ପି ଆଲୋକ ରାୟ, ସଦର ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।


**AFFIDAVIT**

By virtue of an affidavit sworn before Executive Magistrate, Bissam Cuttack, no. 1147/25 dtd.25.07. 2025, I Sri Kumuti Kutruka, S/o- Late Raiphul Kutruka resident of Vill.- Dambakupa, Po.- Jhigidi, Ps.- Bissam Cuttack, Dist.- Rayagada, Odisha state that, actual name of my son is **Bijaya Kutruka** but in his Aadhar card his name has been wrongly mentioned as Biju Kutruka and date of birth wrongly mentioned as 01/01/2013 instead of 09/11/2007. Hence actual name of my son is **Bijaya Kutruka** and **DOB: 09/11/2007** for all purposes.

**AFFIDAVIT**

I, Sanjay Poddar, aged about 52 years, S/o- Shyam Sundar Poddar, resident of At- Old Station Road, Rourkela, Ps- Plant Site, Dist- Sundargarh, Odisha, Pin- 769004 declare by this affidavit No. 1462, dtd. 24.07.2025, that now onwards I shall be known as **SANJAY KUMAR PODDAR** for all future purposes.

**NOTICE**

By virtue of an affidavit sworn before The Notary Public, Sunabeda dated 26/07/2025, I, Sri Khagapati Petia, S/o Pachu Petia, Vill.- Hadaput, Po.- Nandapur, Ps.- Nandapur, District- Koraput declare that, I have changed my son's name from **Kailash Chandra Petia** to **Kailash Petia**. Henceforth, my son shall be known as **Kailash Petia** for all purposes.
Sd/-
Khagapati Petia


■ **ସଫେଇ କର୍ମଚାରୀଙ୍କ ପାଇଁ ଜାତୀୟ କର୍ମଶାଳା**

## ୧୦ ଲକ୍ଷ ଟଙ୍କାର ଜୀବନ ବୀମା, କର୍ମକ୍ଷେତ୍ରରେ ଜୀବନହାନୀ ପାଇଁ ୩୦ ଲକ୍ଷ ଟଙ୍କା: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୬।୭ (ସମିସ): ଲୋକସେବା ଭବନର କନ୍‌ଭେନ୍‌ସନ ସେଣ୍ଟରରେ ସଫେଇ କର୍ମଚାରୀ ମାନଙ୍କ ପାଇଁ ଜାତୀୟ କର୍ମଶାଳା ଆୟୋଜିତ ହୋଇଯାଇଛି। ଏହି ଜାତୀୟ କର୍ମଶାଳାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ସଫେଇ କର୍ମଚାରୀଙ୍କୁ ସେମାନଙ୍କୁ ନ୍ୟାୟ, ସୁରକ୍ଷା ଓ ମର୍ଯ୍ୟାଦା ପ୍ରଦାନ କରିବା ହେଉଛି ଆମର ନୈତିକ ଦାୟିତ୍ୱ। ଏହାସହ ସେମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି। ପରିମଳ କାର୍ଯ୍ୟରେ ନିୟୋଜିତ ଥିବା ପ୍ରମୁଖ ପରିମଳ କର୍ମଚାରୀ (ସ୍ୱରେଜ ଓ ସେପ୍‌ଟିକ୍ ଟାଙ୍କି ସଫେଇ କର୍ମଚାରୀ)ଙ୍କ ପାଇଁ ୧୦ ଲକ୍ଷ ଟଙ୍କାର ଜୀବନ ବୀମା ଯୋଗାଇ ଦିଆଯିବ। କର୍ମ କ୍ଷେତ୍ରରେ ଜୀବନହାନୀ ପାଇଁ ୩୦ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ। ପ୍ରମୁଖ ପରିମଳ କର୍ମୀଙ୍କୁ ମୋବାଇଲ ଫୋନ ଯୋଗାଇ ଦିଆଯିବ। ପ୍ରଧାନମନ୍ତ୍ରୀ ଆବାସ (ସହରୀ) ଯୋଜନାରେ ବାସଗୃହ ଯୋଗାଇ ଦିଆଯିବ। ପରିମଳ କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରିବା ପାଇଁ ଅଗଷ୍ଟ ୧୫ରୁ ୩୦ ତାରିଖ ପର୍ଯ୍ୟନ୍ତ ୧୫ ଦିନିଆ ରାଜ୍ୟବ୍ୟାପୀ ଆଇଇସି କାର୍ଯ୍ୟକ୍ରମ କରାଯିବ। ଏହା ସହିତ ପ୍ରତିବର୍ଷ ଓଡ଼ିଶାରେ ଏ ସମ୍ପର୍କିତ ଜାତୀୟ କର୍ମଶାଳା ଆୟୋଜନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏହି ଅବସରରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର କହିଥିଲେ, ପ୍ରମୁଖ ପରିମଳ କର୍ମଚାରୀମାନେ ହେଉଛନ୍ତି ଆମ ସହରର ଓ ଗ୍ରାମର ଅଦୃଶ୍ୟ ନାୟକ। ସେମାନେ ବର୍ଷ ବର୍ଷ ଧରି ଆମ ପାଇଁ ଅତ୍ୟନ୍ତ ଆବଶ୍ୟକ ସେବା ଯୋଗାଇ ଆସୁଛନ୍ତି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଥିଲେ ସହରାଞ୍ଚଳ ସହିତ ଆମକୁ ଗ୍ରାମାଞ୍ଚଳର ପରିମଳ ବ୍ୟବସ୍ଥାକୁ ମଧ୍ୟ ସୁଦୃଢ଼ କରିବାକୁ ପଡ଼ିବ। କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରାଳୟର ସଚିବ ଅମିତ ଯାଦବ କହିଥିଲେ ଆମ ସମସ୍ତଙ୍କର ନୈତିକ ଦାୟିତ୍ୱ ହେଉଛି ପରିମଳ କର୍ମଚାରୀଙ୍କୁ ଉପଯୁକ୍ତ ସମ୍ମାନ ଓ ସୁରକ୍ଷା ପ୍ରଦାନ କରିବା। କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଅତିରିକ୍ତ ସଚିବ ଦୁର୍ଗେଶ ନନ୍ଦିନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରତିଭା ରାୟଙ୍କୁ ଅଟଳ ଶ୍ରେଷ୍ଠ ଓଡ଼ିଆ ରତ୍ନ ସମ୍ମାନ

ଭୁବନେଶ୍ୱର,୨୬।୭ (ସମିସ): ଶନିବାର ସ୍ଥାନୀୟ ଜୟଦେବ ଭବନ ଠାରେ ଅଟଳ ଯୁବଶକ୍ତି ପକ୍ଷରୁ ଆୟୋଜିତ ଅଟଳ ପ୍ରତିଭା ସମ୍ମାନ-୨୦୨୫ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ



ଯୋଗ ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଶିଷ୍ଟ ସାରସ୍ୱତ ସାଧିକା ପ୍ରତିଭା ରାୟଙ୍କୁ ଅଟଳ ଶ୍ରେଷ୍ଠ ଓଡ଼ିଆ ରତ୍ନ ସମ୍ମାନ ପ୍ରଦାନ କରିଛନ୍ତି। ଯେତେବେଳେ ବି ଅଟଳ ବିହାରୀ ବାଜପେୟୀଙ୍କ କଥା ଆଲୋଚନା ହେବ, "ପୋଖରାନ ପରମାଣୁ ପରୀକ୍ଷଣ' ଏବଂ 'କାର୍ଗିଲ ବିଜୟ' କଥା ସର୍ବାଗ୍ରେ ଆସିବ। ଅଟଳଜୀ କେବଳ ଏକ ରାଜନେତା ନୁହଁ, ସେ ଜନମାନସର ହୃଦୟରେ ଥିବା ଏକ ଅଭିନ୍ନ ଅନୁଭୂତି ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି।

ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ କହିଥିଲେଯେ ଅଟଳଜୀଙ୍କ ଓଡ଼ିଶାପ୍ରତି ପ୍ରଗାଢ଼ ଭଲପାଇବା ଥିଲା। ସେ ଅନେକ ସମୟରେ ଓଡ଼ିଶା ପାଇଁ ରାସ୍ତା, ରେଳପଥ, ଶିକ୍ଷା, ଔଦ୍ୟୋଗିକ ରୂପାନ୍ତରଣ ଆଦି ରେ ଏକ ନୂଆ ଯୁଗର ଆରମ୍ଭ କରିଥିଲେ। ସେହି ଯୁଗପୁରୁଷଙ୍କ ସ୍ମରଣରେ ଏହି ସ୍ମରଣିକା 'ଯୁଗଜନ୍ମା ଅଟଳ' ଦ୍ୱାରା ଅଟଳଜୀଙ୍କ ଜୀବନ, ଚିନ୍ତାଧାରା, ସଂସ୍କୃତି, ଦୃଷ୍ଟିକୋଣ, ତାଙ୍କ ଦୃଢ଼ ପଦକ୍ଷେପ ଓ ଦେଶପ୍ରେମ ଉପରେ ଆଧାରିତ ଗୁରୁତ୍ୱପୂର୍ଣ୍ଣ ଲେଖାମାନେ ସଂପ୍ରେକ୍ଷଣ କରିବାକୁ ଚେଷ୍ଟା କରାଯାଇଛି। ଏହା କେବଳ ସ୍ମୃତି ନୁହଁ, ଏହା ଏକ ଦିଗଦର୍ଶନ – ଏକ ଅଟଳ ମାର୍ଗ ଯାହା ଆସନ୍ତା ପିଢ଼ିଙ୍କୁ ଅନୁପ୍ରେରଣା ଦେବ। ଏହି ଅବସରରେ ଓଡ଼ିଶାର ଅନେକ କ୍ଷେତ୍ରରେ ନିଜ ପ୍ରତିଭା ଦ୍ୱାରା ଦେଶ ଓ ରାଜ୍ୟକୁ ଗର୍ବିତ କରୁଥିବା ବ୍ୟକ୍ତିମାନଙ୍କୁ 'ଅଟଳ ସମ୍ମାନ ୨୦୨୫' ମୁଖ୍ୟମନ୍ତ୍ରୀ ପ୍ରଦାନ କରିଥିଲେ। ସମାଜସେବୀ ତଥା ରାଜନେତା ସମୀର ମହାନ୍ତିଙ୍କୁ ଅଟଳ ମିତ୍ର ରତ୍ନ, ବରିଷ୍ଠ ପ୍ରଶାସକ ତଥା ସାହିତ୍ୟିକ ଦେବପ୍ରସାଦ ଦାଶଙ୍କୁ ଅଟଳ ସାହିତ୍ୟ ରତ୍ନ, ଆନ୍ତର୍ଜାତିକ କ୍ରିକେଟର ଦେବାଶିଷ ମହାନ୍ତିଙ୍କୁ ଅଟଳ ଖେଳ ରତ୍ନ ସମ୍ମାନ ସମେତ ଅନ୍ୟାନ୍ୟ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଭା ମାନଙ୍କୁ ଅଟଳ ସମ୍ମାନରେ ସମ୍ମାନିତ କରାଯାଇଥିଲା।


**AFFIDAVIT**

I, Upendra Prasad Pandia S/o Late-Lakshman Pandia, Resident of Vill-Kanhupur, PO-Manipur, Via-Tudigadia, Dist-Baleswar, Odisha Pin-756047, declare by this affidavit No 3014 Dated 16.07.2025 that now onwards I shall be known as **UPENDRA PANDIA** for all future purposes.

**AFFIDAVIT**

By virtue of an affidavit sworn before Executive Magistrate Keonjhar dated 11th July 2025, I, Hemanta Kumar Kalandi, Address At/Po-Khendra, Ps-Jhumpura, Dist-Keonjhar, Odisha, India, Pin Code-758031 declare that I have changed the name of my son from Udit Kumar Kalandi to Pratyush Kalandi. Henceforth, he shall be known as **Pratyush Kalandi** for all purposes.

**AFFIDAVIT**

By virtue of an affidavit sworn before Notary Public, Cuttack, no. 9395/23725 dated 22.07.2025, I, HIMANSHU SEKHAR SATAPATHY, S/o-Umesh Chandra Satapathy, resident of At- Lochapada Bank Colony, Third Lane, Gate Bazar, Brahmapur Sadar, Dist.- Ganjam-760001, Odisha, state that, my actual name is **Himanshu Sekhar Satapathy** but in my Passport my name has been wrongly mentioned as Himanshu Sekher Satpathy. Hence **Himanshu Sekher Satapathy** and **Himanshu Sekhar Satapathy** is one and same person. That I will be known as **Himanshu Sekhar Satapathy** from now onwards.

**AFFIDAVIT**

I, Rina Raul, aged about 45 years, W/o- Prabodha Kumar Samal, resident of At- Mundideuli, Po/Ps- Kamakhyanagar, Dist- Dhenkanal, Odisha, Pin- 759018 declare by this affidavit No. 1461, dtd- 25/07/2025, that now onwards I shall be known as **RINARANI SAMAL** for all future purposes.


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିହାରରେ ଚଳନ୍ତା...

ସେ ପୁଲିସକୁ କହିଥିଲେ। ଏହାପରେ ଦୁଷ୍କର୍ମର ଶିକାର ହୋଇଥିଲି ବୋଲି ଓ ହୋସ ଆସିବା ପରେ ଏହା ଜାଣିବାକୁ ପାଇଥିଲି ବୋଲି ସେ କହିଛନ୍ତି। ଏହି ଘଟଣାକୁ ନେଇ ରାଜନୀତି ଆରମ୍ଭ ହୋଇଯାଇଛି। ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ଏଥିପାଇଁ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି। ସେହିପରି ଏଲଜେପି ନେତା ତଥା କେନ୍ଦ୍ରୀୟ ମନ୍ତ୍ରୀ ଚିରାଗ ପାସ୍ୱାନ ମଧ୍ୟ ଏଥିପାଇଁ ରାଜ୍ୟ ସରକାରଙ୍କୁ ନିନ୍ଦା କରିଛନ୍ତି। ରାଜ୍ୟ ସରକାରକୁ ସମର୍ଥନ କରୁଥିବାରୁ ସେ ଅବସୋସ ଜାହିର କରିଛନ୍ତି।

### ପୁଣି ଝୁଲିଲା...

ସେ କହିଛନ୍ତି ଯେ କେନ୍ଦ୍ରୀୟ ନେତୃତ୍ୱଙ୍କ ସହ ପ୍ରଥମେ ରାଜ୍ୟ କମିଟି, ପଦାଧିକାରୀ ଓ ରାଜ୍ୟ କାର୍ଯ୍ୟକାରିଣୀ ଗଠନ ନେଇ ଆଲୋଚନା ହୋଇଛି। ଏହାସହ ବୋର୍ଡ ଏବଂ ନିଗମ ପଦ ନେଇ ମଧ୍ୟ ଖୁବଶୀଘ୍ର ନିଷ୍ପତ୍ତି ହେବ ବୋଲି ସେ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ ରାଜ୍ୟରେ ନିଗମ, ବୋର୍ଡରେ ଦୀର୍ଘଦିନ ଧରି ନିଯୁକ୍ତି ହୋଇନଥିବାରୁ ଏଗୁଡ଼ିକ ପ୍ରାୟ ଅକାମୀ ଅବସ୍ଥାରେ ରହିଛି। ବିଭିନ୍ନ ଅକାଦେମୀ ଏବଂ କମିଶନ ମଧ୍ୟ ସମଦଶା ଭୋଗୁଛନ୍ତି। ଏଗୁଡ଼ିକ ସବୁ ରାଜ୍ୟ ସରକାର ଏବଂ ପ୍ରଶାସନର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଅଟନ୍ତି। ଏସବୁ ଅଙ୍ଗ ଏତେଦିନ ଧରି ମୂରବୀଶୂନ୍ୟ ହୋଇ ପଡ଼ିବା ରାଜ୍ୟ ପାଇଁ ଭଲ ସଙ୍କେତ ନୁହେଁ। ସରକାର ତୁରନ୍ତ ସମସ୍ତ ପଦବୀ ପୂରଣ କରି ରାଜ୍ୟ ପ୍ରଶାସନକୁ ଗତିଶୀଳ କରନ୍ତୁ ବୋଲି ପରାମର୍ଶ ଦେଇଛନ୍ତି ବିଶେଷଜ୍ଞ ମଣ୍ଡଳୀ।

### ଅବପାତ ଆଣିଲା...

ଏଥିଯୋଗୁଁ ଆଜି ସନ୍ଧ୍ୟା ସୁଦ୍ଧା ଖଇରମାଲଠାରେ ୪,୯୦,୦୦୦ କ୍ୟୁସେକ୍, ବାରମୁଲଠାରେ ୩,୯୨,୫୦୦ କ୍ୟୁସେକ୍ ଏବଂ ମୁଣ୍ଡଲୀଠାରେ ୨,୧୭,୧୫୨ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ବେଳେ ଅଧିକ ସଂଖ୍ୟକ ଗେଟ୍ ଖୋଲିଲେ ଏହା ବୃଦ୍ଧି ପାଇ ନିକଟବର୍ତ୍ତୀ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା ରହିଛି। ଗତ ୨୪ ଘଣ୍ଟାରେ ତଳମୁଣ୍ଡରେ ମଧ୍ୟ ୨୯.୭୫ ମିମି ବର୍ଷା ହୋଇଛି। ପୁଣି ଏଭଳି ବର୍ଷା ଲାଗି ରହିବା ସହ ଗେଟ୍ ସଂଖ୍ୟା ୩୦ରୁ ଊର୍ଦ୍ଧ୍ୱ ହେଲେ ସମ୍ବଲପୁର ସହରରୁ ମହାନଦୀକୁ ଯାଉଥିବା ଜଳପ୍ରବାହକୁ ଅବରୋଧ କରାଯାଇ ସମ୍ବଲପୁରରେ ପଛୁଆ ପାଣି (ବ୍ୟାକ୍-ୱାଟର) ଯୋଗୁଁ କୃତ୍ରିମ ବନ୍ୟା ସ୍ଥିତି ଉତ୍ପନ୍ନ ହେବାର ସମ୍ଭାବନା ମଧ୍ୟ ରହିଛି।

ହୀରାକୁଦ ମହାନଦୀ ଅବବାହିକା, ବୁର୍ଲା ମୁଖ୍ୟଯନ୍ତ୍ରୀ ଓ ଅବବାହିକା ପରିଚାଳକ ଇଂ. ସୁଶୀଳ କୁମାର ବେହେରା କହିଛନ୍ତି, ହୀରାକୁଦ ନଦୀବନ୍ଧରେ ୬୨୫ଫୁଟ୍ ପର୍ଯ୍ୟନ୍ତ ଜଳଧାରଣ କ୍ଷମତା ଅଛି। ତେଣୁ ବନ୍ୟାର କୌଣସି ଆଶଙ୍କା ନାହିଁ। ଉପରମୁଣ୍ଡରୁ ଜଳଭଣ୍ଡାରକୁ ପ୍ରବେଶ କରୁଥିବା ଜଳ ବୃଦ୍ଧି ପାଇବା ଯୋଗୁଁ ଜଳସ୍ତର ବୃଦ୍ଧି ପାଉଛି। ବର୍ଷା କମିଗଲେ, ତାହା ମଧ୍ୟ କମିଯିବ। ଏବେ ସେହି ୨୦ଟି ଗେଟ୍ ଖୋଲା ରହିବ। ଜଳଭଣ୍ଡାରକୁ ପ୍ରବେଶ କରୁଥିବା ଜଳ କମିଲେ ତାହା ମଧ୍ୟ ପର୍ଯ୍ୟାୟକ୍ରମେ ବନ୍ଦ କରାଯିବ ବୋଲି ସେ କହିଛନ୍ତି।

ଉପରମୁଣ୍ଡରେ ବର୍ଷା ଯୋଗୁଁ ହୀରାକୁଦ ଜଳଭଣ୍ଡାର ଫୁଲିବାରେ ଲାଗିଛି। ଆଜି ସଂଧ୍ୟା ୬ଟା ସୁଦ୍ଧା ନଦୀବନ୍ଧର ଜଳସ୍ତର ୬୧୧.୫୮ ଫୁଟ୍‌ରେ ପହଞ୍ଚିଛି। ଗତକାଲିଠାରୁ ୨୦ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଥିବା ବେଳେ କ୍ରମାଗତ ଭାବେ ବଢୁଥିବା ଜଳସ୍ତରକୁ ଦୃଷ୍ଟିରେ ରଖି ଅଧିକ ସଂଖ୍ୟକ ଗେଟ୍ ଖୋଲାଯିବାର ସମ୍ଭାବନା ରହିଛି। ବର୍ତ୍ତମାନ ନଦୀବନ୍ଧର ବାମପଟର ୧୩ଟି ଓ ଡାହାଣ ପଟର ୭ଟି ସ୍ଲୁଇସ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୫,୨୩,୩୭୫ ଘନଫୁଟ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୩,୩୮,୮୧୦ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୨,୯୯,୫୬୦ ଘନଫୁଟ, ପାୱାର ଚେନାଲ ଦେଇ ୩୪,୯୮୮ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୩୪ ଘନଫୁଟ, କେନାଲ ପାଇଁ ୪,୦୨୮ ଘନଫୁଟ ଜଳ ନିଷ୍କାସିତ ହେଉଛି।

ଅପରପକ୍ଷେ, ତଳମୁଣ୍ଡରେ ବେଲଗାଁଠାରେ ୧୫,୫୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ବେଳେ ପଥର୍ଲାଠାରେ ୫୯,୦୨୦କ୍ୟୁସେକ୍, ଖଇରମାଲଠାରେ ୪,୯୦,୦୦୦ କ୍ୟୁସେକ୍, ବାରମୁଲଠାରେ ୩,୯୨,୫୦୦ କ୍ୟୁସେକ୍ ଏବଂ ମୁଣ୍ଡଲୀଠାରେ ୨,୧୭,୧୫୨କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୪୯.୪୭ମିମି ଏବଂ ତଳମୁଣ୍ଡରେ ୨୯.୭୫ମିମି ବର୍ଷା ହୋଇଥିବା ଜଣାପଡ଼ିଛି।

### କୁଶଭଦ୍ରାକୁ ଖସିପଡ଼ିଲା...

ଭାସୁଥିବା ଅବସ୍ଥାରେ ନିକଟରେ ଉପସ୍ଥିତ ଟ୍ରେନିଂ ସେଣ୍ଟରରୁ ଶତାଧିକ ଅଗ୍ନିକ ତତ୍କାଳ ପାଣିକୁ ଡେଇଁ କାର୍‌ର କାଚ ଭାଙ୍ଗି ଦମ୍ପତିଙ୍କୁ ଉଦ୍ଧାର କରିଥିଲେ। ତାଙ୍କର ବିଶେଷ କ୍ଷତି ହୋଇନଥିଲେ ମଧ୍ୟ ସେମାନେ ଅତ୍ୟନ୍ତ ଭୟଭୀତ ହୋଇପଡ଼ିଥିବା ଚମ୍ପାହାର ଅଗ୍ନିଶମ ଅଧିକାରୀ ବିଚିତ୍ର କୁମାର ଚୌଧୁରୀ ପ୍ରକାଶ କରିଛନ୍ତି।

### ଦେବଝରଣରେ ବୁଡ଼ି...

ମୀନା (୨୪) ବୋଲି ସୂଚନା ମିଳିଛି। ସହକାରୀ ଅଗ୍ନିଶମ ଅଧିକାରୀ ସୁଦାମ ଚନ୍ଦ୍ର କିସ୍‌କୋଙ୍କ ସୂଚନା ଅନୁଯାୟୀ, ଅପରାହ୍ଣ ପ୍ରାୟ ୧ଟା ୪୦ ମିନିଟ ସମୟରେ ଯୁଯୋମୁରା ଅଗ୍ନିଶମ କେନ୍ଦ୍ରକୁ ଏନେଇ ଖବର ଆସିଥିଲା। ଏହାପରେ ଯୁଯୋମୁରା କେନ୍ଦ୍ରାଧିକାରୀ ଲକ୍ଷ୍ମୀକାନ୍ତ ଥାପାଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ପାଣିରେ ଖୋଜାଖୋଜି କରି ଛାତ୍ରଛାତ୍ରୀଙ୍କୁ ଉଦ୍ଧାର କରି ଯୁଯୋମୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଡାକ୍ତରୀ ଛାତ୍ରଛାତ୍ରୀ ଦୁଇଜଣ ରାଜସ୍ଥାନ ଓ ଦିଲ୍ଲୀର ବୋଲି ସୂଚନା ମିଳିଛି। ଭିମସାରର ଅଧୀକ୍ଷକ ଡା. ଲାଲମୋହନ ନାୟକ ଓ ଡିନ୍ ଡା. ପ୍ରଦୀପ ମହାନ୍ତିଙ୍କ ସହ ଏକ ଡାକ୍ତରୀ ଟିମ୍ ଯୁଯୋମୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇଛନ୍ତି। ଘଟଣାସ୍ଥଳରେ ରେଢ଼ାଖୋଲ ଏସ୍‌ଡିପିଓ ପ୍ରଶାନ୍ତ ମେହେର ତଥା ପୁଲିସ ଓ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହିଛନ୍ତି।

ପ୍ରତିବର୍ଷ ବୁର୍ଲାର ଭିମସାର, ଭିସୁଟ୍ ଆଦି ବିଭିନ୍ନ ଶିକ୍ଷାନୁଷ୍ଠାନର ଜଣେ ଦୁଇଜଣ ଲେଖାଏ ଛାତ୍ରଛାତ୍ରୀ ମୃତ୍ୟୁବରଣ କରୁଛନ୍ତି। ଏପରିକି ପାଣି ପାଖକୁ ନଯିବା ପାଇଁ ଅନୁଷ୍ଠାନ ପକ୍ଷରୁ ନିର୍ଦ୍ଦେଶନାମା ମଧ୍ୟ ଜାରି କରାଯାଇଛି। ତେବେ, ଏହାପରେ ବି ଭିମସାର ହଷ୍ଟେଲର ଛାତ୍ରଛାତ୍ରୀ ମାନେ ବାହାରକୁ ଯିବା ଏବଂ ମୃତ୍ୟୁବରଣ କରିଥିବାବେଳେ ଦାୟୀ କିଏ ହେବ ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି।

### ମଉଳିଲା ମେଟ୍ରୋ...

ଭଲପାଇବାରେ ଲାଗିଲେ। ତ୍ରିଶୂଳିଆ ପର୍ଯ୍ୟନ୍ତ ନୁହେଁ କଟକର ଏସ୍‌ସିବି ପର୍ଯ୍ୟନ୍ତ ମେଟ୍ରୋ ଗଡାଇବେ ବୋଲି ରାଜ୍ୟବାସୀଙ୍କୁ ପ୍ରତିଶ୍ରୁତି ଦେଲେ।

ଏଭଳି ବୟାନବାଜି ଚାଲିଥିଲା ବେଳେ ସରକାର ଚୁପଚାପ୍ ଅଚାନକ ମେଟ୍ରୋ ପ୍ରକଳ୍ପ କାର୍ଯ୍ୟକୁ ସ୍ଥଗିତ କରିଦେଲେ। ସବୁ କିଛି ଧିରେ ଧିରେ ବନ୍ଦ କରିଦିଆଇଗଲା। ପ୍ରକଳ୍ପ ପାଇଁ ଚାଲିଥିବା ମୃତ୍ତିକା ପରୀକ୍ଷା ଅଧାରୁ ବନ୍ଦ ହୋଇଗଲା। ଠିକା ସଂସ୍ଥା ମେସିନ୍ ହଟାଇନେଲା। ଏହାସତ୍ତ୍ୱ ମଧ୍ୟ ମନ୍ତ୍ରୀମାନଙ୍କ ଭାଷଣବାଜି ବନ୍ଦ ହୋଇ ନ ଥିଲା। ଗୋଟିଏ ପଟେ ଷଡ଼ଯନ୍ତ୍ର ଚାଲିଥିଲା ବେଳେ ଅନ୍ୟପଟେ ମନ୍ତ୍ରୀମାନେ ରାଜ୍ୟବାସୀଙ୍କୁ ନୂଆ ନୂଆ ସ୍ୱପ୍ନ ବିକ୍ରି କରିଚାଲିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ମାଝୀ ମେଟ୍ରୋ ପ୍ରକଳ୍ପ ପାଇଁ ମନ୍ତ୍ରୀସ୍ତରୀୟ ବୈଠକ ଡାକଲେ। ଗୃହ ନଗର ଉନ୍ନୟନ ମନ୍ତ୍ରୀ କହିବାକୁ ଲାଗିଲେ ମେଟ୍ରୋ ପ୍ରକଳ୍ପକୁ ଅତ୍ୟାଧୁନିକ କରାଯିବ। ଉପରେ ଟ୍ରେନ୍ ଚାଲିବ ତଳେ ଯାନବାହାନ ଚଳାଚଳ କରିବ। ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ନିଜ ବିଭାଗ ଛାଡି ମେଟ୍ରୋ କଥା କହିବାକୁ ଲାଗିଲେ। ସେ ଆଉ ପାଦେ ଅଗକୁ ଯାଇ କହିଲେ ଯେ ଭୁବନେଶ୍ୱରରେ ମେଟ୍ରୋ ମାଟିତଳେ ଯିବ। ହେଲେ ମନ୍ତ୍ରୀ ମାନଙ୍କ ଏଭଳି ବୟାନବାଜିରୁ ବୁଦ୍ଧିଜୀବୀମାନେ ଯଦିଓ ମେଟ୍ରୋ ପ୍ରକଳ୍ପ ଅନିଶ୍ଚିତତା ଭିତରକୁ ଠେଲି ହୋଇ ଯାଉଛି ବୋଲି ଅନୁମାନ କରୁଥିଲେ। କିନ୍ତୁ ମନ୍ତ୍ରୀମାନେ ନିଜ କଥାର ଚାତୁର୍ଯ୍ୟତାରେ ମେଟ୍ରୋକୁ ନେଇ ଗଣମାଧ୍ୟମରେ ହେଡ୍‌ଲାଇନ୍ ବନାଇ ଚାଲିଥିଲେ। ଏପରିକି ମେଟ୍ରୋକୁ ନେଇ ବୈଠକ ପରେ ବୈଠକ ଡକାଯାଉଥିଲା। ଗତ ସପ୍ତାହରେ ମଧ୍ୟ ଉପମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସିଥିଲା। ଯଦି ମେଟ୍ରୋ ପ୍ରକଳ୍ପକୁ ବନ୍ଦ କରିବାର ଥିଲା ତେବେ ଏତେ ନାଟକବାଜି କାହିଁକି ବୋଲି ସାଧାରଣରେ ପ୍ରଶ୍ନ କରାଯାଉଛି।

ଦିଲ୍ଲୀ ଭଳି ଓଡ଼ିଶାରେ ବି ମେଟ୍ରୋ ଗଡ଼ିବ ବୋଲି ରାଜ୍ୟବାସୀ ସ୍ୱପ୍ନ ଦେଖିଥିଲେ। ପୂର୍ବ ସରକାରଙ୍କ ସମୟରେ ଏଥିପାଇଁ କାମ ବି ଆରମ୍ଭ ହୋଇଯାଇଥିଲା। ଦିଲ୍ଲୀ ମେଟ୍ରୋ ରେଲ୍ କର୍ପୋରେସନ ସହ ଚୁକ୍ତି ବାତିଲ କରିବା ପରେ ସରକାରଙ୍କ ଏଭଳି ଷଡ଼ଯନ୍ତ୍ରକୁ ନେଇ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି।

### ୧୦ ବର୍ଷ ପଛକୁ...

କରିଛି। ଏହା ସହର ଭିତରେ ଜନଗହଳିକୁ ଉଲ୍ଲେଖନୀୟ ଭାବେ ହ୍ରାସ କରିବା ସହିତ ସହରର ସଂପ୍ରସାରଣ ପାଇଁ ଏକ ବଡ଼ ମାଧ୍ୟମ ହୋଇଥାନ୍ତା। ଉନ୍ନତ ଗତିଶୀଳତା ପାଇଁ ମେଟ୍ରୋ ସିଷ୍ଟମର ଜରୁରୀ ଆବଶ୍ୟକତାକୁ ଉପଲବ୍‌ଧ କରି ଆମେ ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ ପାଇଁ ୨୦୨୭ ସୁଦ୍ଧା ଏକ ଦୃଢ଼ ସମୟସୀମା ନିର୍ଦ୍ଧାରଣ କରିଥିଲୁ। ଏବେ ଦିଲ୍ଲୀ ମେଟ୍ରୋ ରେଳ ନିଗମ (ଡିଏମଆରସି)ର ଠିକାଦାରମାନଙ୍କୁ ଦିଆଯାଇଥିବା ନୋଟିସରୁ ଜଣାପଡ଼ିଛି ଯେ ଓଡ଼ିଶା ସରକାର ଭୁବନେଶ୍ୱର ମେଟ୍ରୋ ରେଳପ୍ରକଳ୍ପକୁ ରଦ୍ଦ କରିଦେଇଛନ୍ତି। ଡବଲ ଇଞ୍ଜିନ ସରକାର ମେଟ୍ରୋ ରେଳ ପରି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପକୁ ବାତିଲ କରି ଓଡ଼ିଶାର ଜନତାଙ୍କ ପ୍ରତି ବିଶ୍ୱାସଘାତକତା କରିଛନ୍ତି। ଡବଲ ଇଞ୍ଜିନର ଏହି ଆଘାତକାରୀ ନିଷ୍ପତ୍ତି ସହରକୁ ୧୦ ବର୍ଷ ପଛକୁ ଠେଲିଦେବ।


**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETELCONBBST-357ER, ତା.18.07.2025ରିଖ

କାର୍ଯ୍ୟର ନାମ: ପୂର୍ବ ତଟ ରେଳପଥ ଅଧୀନସ୍ଥ ଖୋର୍ଦ୍ଧା ରୋଡ୍ ମଣ୍ଡଳରେ 1x25 kV ବିଷମ୍ର ଡାଇଟେଇ-ପାରଲଡ଼ୀ ସେକ୍ସନ ମଧ୍ୟରେ ଟ୍ରାକ୍ସନ ସବ୍-ଷ୍ଟେସନ (TSS), ସେକ୍ସନିଙ୍ଗ୍ ଏବଂ ପାରାଲେଲିଙ୍ଗ୍ (Paralleling) ପୋଷ୍ଟ(SP) ଏବଂ ସବ୍-ସେକ୍ସନିଙ୍ଗ୍ ଏବଂ ପାରାଲେଲିଙ୍ଗ୍ (Paralleling) ପୋଷ୍ଟ(SSP)ର ଡିଜାଇନ୍, ଯୋଗାଣ, ନିର୍ମାଣ, ରୂପାୟଣ, ପରୀକ୍ଷଣ ଏବଂ ପ୍ରଚଳନ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 2079.58 ଲକ୍ଷ, EMD (ଟଙ୍କାରେ): 11,89,800/-, କାର୍ଯ୍ୟ ଶେଷ ହେବା ଅବଧି: 18 ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.19.08.2025 ଦିନ 1200 ଘଟିକାରେ।

ଏହି ଇ-ଟେଣ୍ଡର ନିମନ୍ତେ ହସ୍ତଲିଖିତ କିମ୍ବା ଡାକଯୋଗେ ପଠାଯାଇଥିବା କୌଣସି ପ୍ରକାର ଅଫର ଗ୍ରହଣୀୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର କାଗଜପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଛି। ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ର ଜାଣିବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି। ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଉପର୍ଯ୍ୟୁକ୍ତ ଅଧିକାରୀଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯଥା ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B, G ଏବଂ G1ର ଦାଖଲ ସହିତ, ଟେଣ୍ଡର କାଗଜପତ୍ର ଭାଗର 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ଭିଡ଼) ର ଯାଞ୍ଚ ସୂଚୀ, ପାରା 3.1 (ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ଉପ ମୁଖ୍ୟ ବିଦ୍ୟୁତ ଯନ୍ତ୍ରୀ/ନିର୍ମାଣ-I/ ଭୁବନେଶ୍ୱର
PR-66/CI/25-26

Office of the Principal
**GETESWAR SANSKRIT COLLEGE**
Matigada, Oupada, Balasore, Pin - 756049
Mob: 9937348089, Mail Id: geteswarsanskritcollege@gmail.com

**TENDER NOTICE**

Inviting tender for IT & Internet from registered IT suppliers for Geteswar Sankrit College.
1) Desktop H.P. (i3 - 13 GENERATION) – 6 NOS, 2) UPS – 6 Nos., 3) H.P. MFM printers – 2 Nos., 4) LED SONY (65 inch) – 1 Nos., 5) Wireless Mice and Camera for virtual meeting: 1 no. (Logi Tech), 6) Internet facilities.
Last date of tender application within **7 day** from the date of paper advertisement.

For details contact: 9937348089

Sd/- Principal
Geteswar Sanskrit College,
Matigada, Oupada, Balasore

GOVT. OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE: KEONJHAR
email: se_nerwkjr@rediffmail.com
O-486

eProcurement Notice for Road Works under Periodical Maintenance

Identification No. NCB-10/RWCKJR/2025-26
No. 3004 / Date 22.07.2025

1. Name of the work :- Periodical Renewal Work of 5 year completed PMGSY (Post DLP) roads for Financial Year: 2025-26 under State Budget Grant in the District of Keonjhar.
2. No. of work :- 06 (Six) Nos.
3. Estimated Cost :- As per Annexure in NIT.
4. Class of Contractor (Eligible) :- As per Annexure in NIT.
5. Period of Completion :- As per Annexure in NIT.
6. Other details :-

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification | Date & Time of Opening of Tender in O/O C.C.E., R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Keonjhar | NCB-10/ RWCKJR/ 2025-26 | Dt.30.07.25 at 11.00 A.M. | Dt.13.08.25 up to 5.00 P.M. | Dt.12.08.25 up to 5.00 P.M. | Dt.14.08.25 at 11.00 A.M. | Will be intimated later |

• Further details can be seen from the website: www.tendersorissa.gov.in

OIPR-25177/11/0083/2526

Chief Construction Engineer,
R.W. Circle, Keonjhar.

**AFFIDAVIT**

By virtue of an affidavit No. 8032, dtd. 21.07.2025 before the Notary Public, Nabarangpur, I, Surendra Harijan, have changed my name, my son's name and my father's name from Surendra Das / Raja Das / Harishchandra Das to Surendra Harijan / Raja Harijan / Harishchandra Harijan respectively. Henceforth I shall be known as Surendra Harijan, S/o- Harishchandra Harijan and my son will be called as Raja Harijan, S/o- Surendra Harijan for all purposes.
Sd/- Surendra Harijan

**AFFIDAVIT**

By virtue of an affidavit before the Notary Public, Titilagarh, on dated- 23/07/2025. I, **Motimala Padhan** (new name), formerly called as **Ruji Padhan** (old name), W/o Dukhiram Padhan, permanent resident of AT- Solbandh, P.O.- Solbandh, P.S. Patnagarh, Dist- Balangir, (Odisha), PIN- 767025 affirm that I have changed my name from **Ruji Padhan** (old name) To **Motimala Padhan** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Motimala Padhan** (new name).
**Motimala Padhan**

**NOTICE**
**(above 18 years of age)**

By virtue of an affidavit sworn before Executive Magistrate, Kaptipada, Udala , dated 21-07-2025 (affidavit date) I, Vizayeeta Raysingha (new name) , Address At/P.O.-Sainkula Dist- Mayurbhanj, Pin-757102 (Complete Odisha address) declare that I have changed my name from Biyayita Rayasingh (old name) to Vizayeeta Raysingha (new name) Henceforth, I shall be known as Vizayeeta Raysingha (new name) for all purposes.
Vizayeeta Raysingha

### ବଡ଼ମୂଳବସନ୍ତ କୃଷି ସମବାୟ ସମିତିରେ ସାର ଯୋଗାଣରେ ବିଳମ୍ବ

# ଚିନ୍ତାରେ ଚାଷୀ; ତୁରନ୍ତ ସାର ଯୋଗାଇବାକୁ ଦାବି

ପଟ୍ଟାମୁଣ୍ଡାଇ,୨୬।୭ (ସମିସ)



ପଟ୍ଟାମୁଣ୍ଡାଇ ବ୍ଲକ ଅର୍ନ୍ତଗତ ବଡ଼ମୂଳବସନ୍ତ କୃଷି ସମବାୟ ସମିତିରେ ସରକାର ସାର ଯୋଗାଇବାରେ ବିଳମ୍ବ କରିଥିବାରୁ ଚାଷୀ ହତାଶ ହୋଇପଡିଛନ୍ତି। ଚାଷୀ ଜମି ହଳ କରି ସାର ପାଇଁ ଅପେକ୍ଷା କରି ବସିଛନ୍ତି। ସାର ଅଭାବରୁ ଏ ପର୍ଯ୍ୟନ୍ତ ଧାନ ରୁଆ ହୋଇପାରୁନାହିଁ। ଖୋଲା ବଜାରରେ ସାର ପର୍ଯ୍ୟାପ୍ତ ପରିମାଣରେ ବିକ୍ରି ହେଉଥିବାବେଳେ ସରକାର ସମବାୟ ସମିତିକୁ ସାର ଯୋଗାଇବାରେ କାହିଁକି ବିଳମ୍ବ କରୁଛନ୍ତି ବୋଲି ବଡ଼ମୂଳବସନ୍ତ ସମବାୟ ସମିତି ସଭାପତି ସଞ୍ଜୟ କୁମାର ଲେଙ୍କା ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି, ବଡ଼ମୂଳବସନ୍ତ ସମବାୟ ସମିତି ଅଧୀନସ୍ଥ ପଞ୍ଜିକୃତ ଚାଷୀଙ୍କ ୧୦୦୦ କ୍ୱିଣ୍ଟାଲ ଡିଏପି ଓ ୧୦୦୦ କ୍ୱିଣ୍ଟାଲ ୟୁରିଆ ସାର ଆବଶ୍ୟକ ଥିବାବେଳେ ସରକାର କେବଳ ୟୁରିଆ ସାର ୧୦୦ କ୍ୱିଣ୍ଟାଲ ଦେଇଛନ୍ତି। ଯାହା ସମୁଦ୍ରକୁ ଶଙ୍ଖେ ସଦୃଶ ହୋଇଛି।

ଚାଷୀ ସାଧାରଣତଃ ରୁଆ ପୂର୍ବରୁ ଜମିରେ ଡିଏପି ଓ ୟୁରିଆ ସାର ମିଶାଇ ପକାଇଥା'ନ୍ତି। ସରକାରୀ ସାର ମିଳୁ ନ ଥିବାରୁ ପ୍ରତ୍ୟେକ ଦିନ ଚାଷୀ ସାର ପାଇଁ ବଡ଼ମୂଳବସନ୍ତ ସମବାୟ ସମିତି କାର୍ଯ୍ୟାଳୟକୁ ଆସି ସାର ନ ପାଇ ନିରାଶ ହୋଇ ଫେରୁଛନ୍ତି। ଖୋଲା ବଜାରରେ ସାର ଚଢ଼ା ଦରରେ ବିକ୍ରି ହେଉଥିବାରୁ ଗରିବ ଚାଷୀ ଓ ଭାଗଚାଷୀ ଅଧିକ ଟଙ୍କା ଦେଇ କିଣିବା ସମ୍ଭବ ହେଉନାହିଁ। ଏ ନେଇ ଚାଷୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ରାଜ୍ୟ ସରକାର ତଥା ନୂତନ ଜିଲ୍ଲାପାଳ ଚାଷୀଙ୍କ ସମୂହ ସ୍ୱାର୍ଥ ଦୃଷ୍ଟିରୁ ତୁରନ୍ତ ବଡ଼ମୂଳବସନ୍ତ ସମବାୟ ସମିତିକୁ ଡିଏପି ଓ ୟୁରିଆ ସାର ଯୋଗାଇ ଦେବାକୁ ସମିତି ସଭାପତି ସଞ୍ଜୟ ଲେଙ୍କାଙ୍କ ସମେତ ସମସ୍ତ ନିର୍ଦ୍ଦେଶକ ଓ ଚାଷୀ ଦାବୀ କରିଛନ୍ତି। ଏଥିରେ ଅନ୍ୟଥା ହେଲେ ଚାଷୀ ବାଧ ହୋଇ ଆନ୍ଦୋଳନ କରିବାକୁ ରାଜରାସ୍ତାକୁ ଓହ୍ଲାଇବେ ବୋଲି ବଡ଼ମୂଳବସନ୍ତ ସରପଞ୍ଚ ସନ୍ତୋଷ ସେଠୀ, ଗାଙ୍ଗପଡା ସରପଞ୍ଚ ଅଶ୍ୱିନୀ ପାତ୍ର, ନିର୍ଦ୍ଦେଶକ ବିଶ୍ୱନାଥ ବାରିକ, ସୁବାସ ଚନ୍ଦ୍ର ଅଧିକାରୀ, ମକର ସେଠୀ, ଜ୍ଞାନେନ୍ଦ୍ର ସେଠୀ, କୃଷ୍ଣଚନ୍ଦ୍ର ଧଳ, ଛତିଶ ଚନ୍ଦ୍ର ପରିଡା, ପ୍ରମୋଦ ପାତ୍ର, ଅକ୍ଷୟ ଦାସ, ସଞ୍ଜୟ ଦାସ, ବାମଦେବ ପଣ୍ଡା ଓ ଶ୍ରୀଧର ସ୍ୱାଇଁ ପ୍ରମୁଖ ଚେତାବନୀ ଦେଇଛନ୍ତି।

## ତୃତୀୟ ସୋମବାର ଜଳାଭିଷେକ ଲାଗି ପାଣି ଉଠାଇଲେ କାଉଡ଼ିଆ



ରାଜନଗର,୨୬।୭ (ସମିସ): ସକଳ ଶକ୍ତିର ଆଧାର ମହାଦେବଙ୍କ ଅପାର କରୁଣା ଓ କୃପା ଲାଭ କରିବା ପାଇଁ ପବିତ୍ର ଶ୍ରାବଣ ମାସର ତୃତୀୟ ସୋମବାରରେ ଜଳାଭିଷେକ ପାଇଁ ଆଜି ରାଜନଗର ଓ ଆଖପାଖ ଅଞ୍ଚଳର ବୋଲବମ ଭକ୍ତ ପାଣି ଉଠାଇଛନ୍ତି। ଆଜି ଶହ ଶହ ବୋଲବମ ଭକ୍ତ ଜଳାଭିଷେକ କରିବା ପାଇଁ ସୁଦୂର ଆରଡିସ୍ଥ ମହାପ୍ରଭୁ ଆଖଣ୍ଡଳମଣି, କପିଳାସ, ଧବଳେଶ୍ୱର, ମହାବିନାୟକ, ହରପାର୍ବତୀ, ଚନ୍ଦ୍ରମୌଳି, ଗର୍ତ୍ତେଶ୍ୱର ପ୍ରଭୃତି ଶୈବପୀଠରେ ସୋମବାର ଦିନ ଜଳାଭିଷେକ କରିବା ପାଇଁ ଯାତ୍ରା ଆରମ୍ଭ କରିଛନ୍ତି। ଧର୍ମର ମାସ ଶ୍ରାବଣରେ ଶିବ ଭକ୍ତ ବ୍ରତ ରଖି ଏହି ଜଳାଭିଷେକ କରିଥା'ନ୍ତି। ଆଜି ବଙ୍ଗୋପସାଗର ତଟବର୍ତ୍ତୀ ପେଣ୍ଠ ଓ ରାଜନଗରରେ ପ୍ରବାହିତ ହଂସୁଆ ନଦୀରୁ ବୋଲବମ୍ ଭକ୍ତ ପୂଜାର୍ଚ୍ଚନା କରି ଜଳ ଉଠାଇ ରୁଦ୍ରଙ୍କ ମନ୍ତ୍ର ଉଚ୍ଚାରଣ କରିବା ସମୟରେ ରାଜନଗର ପ୍ରକମ୍ପିତ ହୋଇଥିଲା।

## ଜିଲ୍ଲାପାଳଙ୍କ ଆଳି ଓ ପଟ୍ଟାମୁଣ୍ଡାଇ ବନ୍ୟାଞ୍ଚଳ ପରିଦର୍ଶନ



କେନ୍ଦ୍ରାପଡ଼ା,୨୬।୭ (ସମିସ): ଜିଲ୍ଲାପାଳ ରଘୁରାମ ଆର ଆୟାର ଆଜି ଆଳି ଓ ପଟ୍ଟାମୁଣ୍ଡାଇ ବନ୍ୟାଞ୍ଚଳ ଗସ୍ତ କରି ବନ୍ୟା ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ଜିଲ୍ଲାପାଳ ଆଳି ଓ ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ନଦୀ ପାର୍ଶ୍ୱବର୍ତ୍ତୀ ପଞ୍ଚାୟତ ଗସ୍ତ କରିଥିଲେ। ପରେ ଜିଲ୍ଲାପାଳ ବନ୍ୟା ପ୍ରସ୍ତୁତିକୁ ନେଇ ସମସ୍ତ ଲାଇନ ବିଭାଗର ଅଧିକାରୀଙ୍କ ସହିତ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଏହି ଗସ୍ତ କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କ ସହିତ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ, ରାଜସ୍ୱ ) ନବକ୍ରିଷ୍ଣ ଜେନା ଓ ରବୀନ୍ଦ୍ର କୁମାର ମଲ୍ଲିକ, ଆଳି ଓ ପଟ୍ଟାମୁଣ୍ଡାଇ ବିଡିଓ, ତହସିଲଦାର ଓ ସମସ୍ତ ଲାଇନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ଗୋଜାବନ୍ଧ ବିଦ୍ୟାଳୟରେ ବନ ମହୋତ୍ସବ




ମହାକାଳପଡ଼ା,୨୬।୭ (ସମିସ):ମହାକାଳପଡ଼ା ବ୍ଲକ ଗୋଜାବନ୍ଧ ଗାନ୍ଧିଜୀ ନୋଡାଲ ବିଦ୍ୟାପୀଠରେ ବନମହୋତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ଇକୋ କ୍ଲବ୍ ସଂଯୋଜକ ଶିକ୍ଷକ ପ୍ରଶାନ୍ତ କୁମାର ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ବସନ୍ତ କୁମାର ଜେନା ସଭାପତିତ୍ୱ କରିଥିଲେ। ସିଆରସିସି ଦିଲ୍ଲୀପ ବାରିକ, ସମାଜସେବୀ ନରୋତ୍ତମ ପାର୍ଥସାରଥୀ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟସଦସ୍ୟା, ସ୍ଥାନୀୟ ଉତ୍ସାହୀ ଯୁବକ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିସରରେ ୫୦ ପ୍ରକାରର ଫୁଲଫଳ ବୃକ୍ଷ ଚାରା ରୋପଣ କରାଯାଇଥିଲା। ପରିବେଶ ଓ ବୃକ୍ଷର ଉପକାରିତା ସମ୍ପର୍କରେ ତର୍କ, ପ୍ରବନ୍ଧ, ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଉଦ୍ଧରଣ ବିଶ୍ୱାଳ, ଦେବରାଜ ଗିରି, ପୁଷ୍ପଲତା ହାତୀ, ପ୍ରକାଶ ସାହୁ, କୈବଲ୍ୟ ସାହୁ, ନିର୍ମଳ ସ୍ୱାଇଁ, ମମତା ପରିଡା, ବିଜୟ ଶବର, ଅଜୟ ଲେଙ୍କା, ପ୍ରଭାତ ମଲିକ, ଭାବଗ୍ରାହୀ ସ୍ୱାଇଁ, ରଶ୍ମିରେଖା ମହାପାତ୍ର, ମୌସୁମୀ ମହାପାତ୍ର, ଏଲିନା ସ୍ୱାଇଁ, ଜିତେନ୍ଦ୍ର ଦାସ, ସୁଷମା ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ମେଧାବୀ ଛାତ୍ରୀଙ୍କୁ ଶିକ୍ଷାବୃତ୍ତି ପ୍ରଦାନ

କେନ୍ଦ୍ରାପଡ଼ା,୨୬।୭ (ସମିସ): ବାଞ୍ଛାନିଧି ଦାସ-ଶ୍ରୀମତୀ ଦେବୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଜଣେ ଗରିବ ମେଧାବୀ ଛାତ୍ରୀଙ୍କୁ ଶିକ୍ଷାବୃତ୍ତି ପ୍ରଦାନ କରାଯାଇଛି। ଟ୍ରଷ୍ଟର ମୁଖ୍ୟ ପୃଷ୍ଠପୋଷକ ଆମେରିକାସ୍ଥ ଆଲାସ୍କା ବିଶ୍ୱବିଦ୍ୟାଳୟର ଏମରିଟସ ପ୍ରଫେସର ଡ. ଦେବେନ୍ଦ୍ର କୁମାର ଦାସଙ୍କ ପରାମର୍ଶକ୍ରମେ ଟ୍ରଷ୍ଟର ଟ୍ରଷ୍ଟି ଭୁବନମୋହନ ଦାସ ବସପୁର ଗ୍ରାମର ଦିଲ୍ଲୀପ କୁମାର ନାୟକଙ୍କ ଘରେ ପହଞ୍ଚି ତାଙ୍କ ଝିଅ ତଥା କେନ୍ଦ୍ରାପଡ଼ା ଉଚ୍ଚମାଧ୍ୟମିକ ବିଦ୍ୟାଳୟର +୨ ବିଜ୍ଞାନ ଛାତ୍ରୀ ବର୍ଷା ପ୍ରିୟଦର୍ଶିନୀ ନାୟକଙ୍କୁ ୩ ହଜାର ଟଙ୍କା ଶିକ୍ଷାବୃତ୍ତି ପ୍ରଦାନ କରିବା ସହ ତାଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ।

### ବିଜ୍ଞାନ ଶିକ୍ଷକଙ୍କ ବିରୁଦ୍ଧରେ ୧୫ ଛାତ୍ରୀଙ୍କ ଅସଦାଚରଣ ଅଭିଯୋଗ


# ଶିକ୍ଷକଙ୍କୁ ସ୍କୁଲରୁ ଉଠାଇନେଲା ପୁଲିସ



ରାଜନଗର, ୨୬।୭ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ତାଳଚୁଆ ସାମୁଦ୍ରିକ ଥାନା ଅଞ୍ଚଳରେ ଥିବା ସରକାରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଛାତ୍ରୀଙ୍କୁ ଅସଦାଚରଣ କରିଥିବା ନେଇ ଅଭିଯୋଗ ଆସିଛି। ୧୫ ଜଣ ଛାତ୍ରୀ ଶିକ୍ଷକଙ୍କ ଅସଦାଚରଣ ନେଇ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ପୁଲିସ ଏହି ଘଟଣାରେ ଅଭିଯୁକ୍ତ ବିଜ୍ଞାନ ଶିକ୍ଷକଙ୍କୁ ବିଦ୍ୟାଳୟରୁ ଉଠାଇ ନେଇଥିବା ଜଣାପଡ଼ିଛି।

ସୂଚନା ମୁତାବକ, ବିଜ୍ଞାନ ଶିକ୍ଷକ ଅମର ପ୍ରସାଦ ମଲ୍ଲିକ ବିଦ୍ୟାଳୟର ଛାତ୍ରୀମାନଙ୍କ ସହିତ ଦୀର୍ଘଦିନ ଧରି ଅସଦାଚରଣ କରିଆସୁଥିଲେ। ଗତକାଲି ୭ ଜଣ ସପ୍ତମ ଶ୍ରେଣୀ ଛାତ୍ରୀଙ୍କ ସହ ଶିକ୍ଷକ ଜଣକ ଅସଦାଚରଣ କରିଥିଲେ। ଜଣେ ଛାତ୍ରୀ କାନ୍ଦି କାନ୍ଦି ଏ ନେଇ ଶିକ୍ଷୟିତ୍ରୀଙ୍କୁ ଜଣାଇଥିଲେ। ଆଜି ବିଦ୍ୟାଳୟରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ବିଦ୍ୟାଳୟ ପରିଚାଳନା କମିଟି, ଦୁଇଟି ପଞ୍ଚାୟତର ସରପଞ୍ଚଙ୍କ ସମ୍ମୁଖରେ ଅଭିଯୋଗ କରିଥିବା ଛାତ୍ରୀଙ୍କ ଅଭିଭାବକ ଉପସ୍ଥିତିରେ ଛାତ୍ରୀମାନଙ୍କୁ ସେମାନଙ୍କ ଅଭିଯୋଗ ସମ୍ପର୍କରେ ପଚରାଯାଇଥିଲା। ଛାତ୍ରୀମାନେ ବିଜ୍ଞାନ ଶିକ୍ଷକ ସେମାନଙ୍କ ସହିତ ଗତକାଲି ଓ ପୂର୍ବରୁ କିପରି ଅସଦାଚରଣ କରିଆସୁଥିଲେ, ତାହା କହିଥିଲେ। ଆଜି ପ୍ରଧାନଶିକ୍ଷକଙ୍କୁ ସପ୍ତମ ଶ୍ରେଣୀର ୭ ଜଣ ଓ ନବମ ଶ୍ରେଣୀର ୮ ଜଣ ଛାତ୍ରୀ ଲିଖିତ ଭାବେ ଏ ସମ୍ପର୍କରେ ଜଣାଇଥିଲେ। ଛାତ୍ରୀଙ୍କ ଅଭିଭାବକ ମଧ୍ୟ ଏ ନେଇ ପ୍ରଧାନଶିକ୍ଷକଙ୍କୁ ଲିଖିତ ଭାବେ ଜଣାଇଥିଲେ। ଏହି ପଚରାଉଚରା ପରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ତାଳଚୁଆ ସାମୁଦ୍ରିକ ଥାନାକୁ ଫୋନ ଯୋଗେ ଜଣାଇଥିଲେ। ଆଇଆଇସି ବିମଳ ମଲ୍ଲିକ ବିଦ୍ୟାଳୟରେ ପହଞ୍ଚି ପ୍ରଧାନଶିକ୍ଷକ, ଅଭିଭାବକ, ପୀଡିତ ଛାତ୍ରୀଙ୍କୁ ପଚରାଉଚରା କରିବା ପରେ ବିଜ୍ଞାନ ଶିକ୍ଷକଙ୍କୁ ଉଠାଇ ଥାନାକୁ ନେଇଯାଇଛନ୍ତି। ଘଟଣା ସମ୍ପର୍କରେ ପ୍ରଧାନଶିକ୍ଷକ ଥାନାରେ ଲିଖିତ ଅଭିଯୋଗ କରିବା ସହିତ ଜିଲ୍ଲା ଶିକ୍ଷାଧିକାରୀ ଓ ବ୍ଲକ ଶିକ୍ଷାଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

## ଯୌନ ଶୋଷଣ ନିବାରଣ ଆଇନ ସମ୍ପର୍କିତ ସଚେତନତା ବୈଠକ



କେନ୍ଦ୍ରାପଡ଼ା,୨୬।୭ (ସମିସ): ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଯୌନ ଶୋଷଣ ନିବାରଣ ଆଇନ ସମ୍ପର୍କିତ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସମାଜ କଲ୍ୟାଣ ବିଭାଗ ଆନୁକୂଲ୍ୟରେ ଆୟୋଜିତ ବୈଠକରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ବ୍ଲକ ଶିକ୍ଷା ଅଧିକାରୀଙ୍କ ସମେତ ସମସ୍ତ ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ମହାବିଦ୍ୟାଳୟ ମୁଖ୍ୟ ଉପସ୍ଥିତ ଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାନ୍ତି ପୋଷ ଆଇନ ବ୍ୟବସ୍ଥା ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷାନୁଷ୍ଠାନକୁ ଯୌନ ଶୋଷଣରୁ ମୁକ୍ତ କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସମସ୍ତ ଶିକ୍ଷାନୁଷ୍ଠାନରେ ପୋଷ ଆଇନ ସମ୍ପର୍କରେ ସଚେନତା କରିବା ସହିତ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠନକୁ ସୁନିଶ୍ଚିତ କରିବା, ଅନୁଷ୍ଠାନକୁ ସୁରକ୍ଷିତ, ଛାତ୍ରଛାତ୍ରୀ ଓ କର୍ମଚାରଙ୍କ ମଧ୍ୟରେ ଏକ ଉତ୍ତମ ପରିବେଶ ଗଠନ କରିବାକୁ ଅତିରିକ୍ତ ଜିଲ୍ଲାପାଳ ସମସ୍ତ ଶିକ୍ଷାନୁଷ୍ଠାନ ମୁଖ୍ୟଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ବସ୍ ଧକ୍କାରେ ଶଳା, ଭିଣୋଇଙ୍କ ମୃତ୍ୟୁ




ପଟ୍ଟାମୁଣ୍ଡାଇ/ମାଳିପୁର, ୨୬।୭ (ସମିସ): ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ମଦନପୁର ଛକରେ ଆଜି ଅପରାହ୍ନ ପ୍ରାୟ ୨ଟା ସମୟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ବସ୍ ଧକ୍କାରେ ଦୁଇ ସ୍କୁଟି ଆରୋହୀ ଶଳା ଓ ଭିଣୋଇଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ପ୍ରତିବାଦରେ ଉତ୍ତ୍ୟକ୍ତ ଲୋକେ ପଟ୍ଟାମୁଣ୍ଡାଇ- ମଦନପୁର- ରାଜନଗର ରାସ୍ତାରେ ଟାୟାର ଜାଳି ଦୀର୍ଘ ସମୟ ଧରି ରାସ୍ତାରୋକ କରିଥିଲେ। ଏହି ଘଟଣା ସମଗ୍ର ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

ସୂଚନା ମୁତାବକ, ଆଜି ଅପରାହ୍ନରେ ଏକ ସ୍କୁଟି ଯୋଗେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବଳଭଦ୍ରପୁର ଗ୍ରାମର ସମାଜସେବୀ ସରୋଜ ଧଳ (କାବୁଲି) (୫୭) ତାଙ୍କ ସ୍କୁଟିରେ ତାଙ୍କ ଶଳା ରାଜନଗର ଥାନା ନଗଡ଼ ଗ୍ରାମର ଲମ୍ବୋଦର ପ୍ରଧାନ (୪୫)ଙ୍କୁ ବସାଇ ମଦନପୁରରେ ଥିବା ତାଙ୍କ ଜଗନ୍ନାଥ ଚୁଡ଼ା ମିଲରୁ ବାହାରି ମଦନପୁର ଛକକୁ ଆସୁଥିବାବେଳେ କଟକରୁ ରାଜନଗର ଯାଉଥିବା ଶ୍ରୀଜଗନ୍ନାଥ ନାମକ ଯାତ୍ରୀବାହୀ ବସ ଉଭୟ ଭିଣୋଇ ସରୋଜ ଓ ଶଳା ଲମ୍ବୋଦରଙ୍କୁ ପଛ ପଟୁ ଧକ୍କା ଦେଇ ପ୍ରାୟ ୨୦ ମିଟର ପର୍ଯ୍ୟନ୍ତ ଘୋଷାଡି ନେଇଥିଲା। ଫଳରେ ଘଟଣାସ୍ଥଳରେ ଉଭୟ ଶଳା ଓ ଭିଣୋଇଙ୍କ ମୃତ୍ୟୁ ଘଟିଛି। ଏହି ଘଟଣା ପରେ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ କ୍ଷତିପୂରଣ ଦାବିରେ ଟାୟାର ଜାଳି ପଟ୍ଟାମୁଣ୍ଡାଇ-ମଦନପୁର-ରାଜନଗର ରାସ୍ତା ଅବରୋଧ କରିଥିଲେ। ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ପୁଲିସ, ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୁଲିସ ଓ ରାଜନଗର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ଶାନ୍ତ କରିଥିଲେ। ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ରଙ୍କ ନେତୃତ୍ୱରେ ପୁଲିସ ଦୁର୍ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ବଳଭଦ୍ରପୁର ସରପଞ୍ଚ ପ୍ରିୟବ୍ରତ ଓଝା, ପୂର୍ବତନ ସରପଞ୍ଚ ବାବାଜୀ ଧଳ, ଶିକ୍ଷାବିତ ଗୌରାଙ୍ଗ ମହାନ୍ତି ଓ ମନ୍ମଥ ମଲିକ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଉଭୟ ଭିଣୋଇ ସରୋଜ ଓ ଶଳା ଲମ୍ବୋଦରଙ୍କୁ ରାଜନଗର ହସ୍ପିଟାଲକୁ ଆଣିଥିଲେ ହେଁ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଗ୍ରାମାଞ୍ଚଳ ଥାନା ପୁଲିସ ଏକ ମୋକଦମା ରୁଜୁ କରି ମୃତଦେହ ଦୁଇଟିକୁ ବ୍ୟବଚ୍ଛେଦ ପାଇଁ ଆଳି ଡାକ୍ତରଖାନାକୁ ପଠାଇବା ସହିତ ଦୁର୍ଘଟଣାର ଛାନଭିନ୍ନ ଆରମ୍ଭ କରିଛି। ଦୁର୍ଘଟଣା ଘଟାଇଥିବା ବସ୍‌କୁ ପୋଲିସ ଜବତ କରିଛି।

## ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ କାର୍‌ଗିଲ୍ ବିଜୟ ଦିବସ ପାଳିତ

ରାଜନଗର,୨୬।୭ (ସମିସ): ରାଜନଗରସ୍ଥ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ଅଧ୍ୟକ୍ଷ ମେଜର ମନୋରଞ୍ଜନ ମହାନ୍ତିଙ୍କ ପୌରୋହିତ୍ୟରେ କାର୍‌ଗିଲ୍ ବିଜୟ ଦିବସ ପାଳିତ ହୋଇଯାଇଛି। ଏଥିରେ ଜେସିଓ ଅଚ୍ୟୁତାନନ୍ଦ ପ୍ରଧାନ, ପ୍ରଫେସର ସତ୍ୟବାଦୀ ଜେନା, ଅଧ୍ୟାପକ ଅଭିମନ୍ୟୁ ରାଉତ, ଅଧ୍ୟାପକ ସନ୍ଦୀପ କୁମାର ମହାପାତ୍ର ଯୋଗ ଦେଇଥିଲେ।




କାରଗିଲ ଯୁଦ୍ଧ ୧୯୯୯ ମେ' ୩ରୁ ଆରମ୍ଭ ହୋଇ ଜୁଲାଇ ୨୬ ତାରିଖରେ ଶେଷ ହୋଇଥିଲା। ଯୋଜନାବଦ୍ଧ ଭାବେ ପାକିସ୍ତାନ ୧୯୯୮ରୁ ହିଁ ଯୁଦ୍ଧର ଆରମ୍ଭ କରିଥିଲା। ପାକିସ୍ତାନ ୫ ହଜାର ସୈନ୍ୟଙ୍କୁ କାରଗିଲ ଦଖଲ ପାଇଁ ପଠାଇଥିଲା। ଭାରତୀୟ ସେନା ଏହା ଜାଣିବା ପରେ ଆରମ୍ଭ ହୋଇଥିଲା ଅପରେସନ ବିଜୟ। କାରଗିଲ ଯୁଦ୍ଧକୁ ୨୬ ବର୍ଷ ପୂରିଲାଣି। ଆଜି ଯାଏଁ ଭାରତର କୋଟି କୋଟି ଜନତା ଏହି ଦିନକୁ ଭୁଲିନାହାନ୍ତି। ଦେଶ ପାଇଁ ଜୀବନ ଦେଇଥିବା ବୀର ଯବାନଙ୍କୁ ମଧ୍ୟ ଭୁଲିନାହାନ୍ତି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏଥିରେ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଓ କର୍ମଚାରୀ ଯୋଗ ଦେଇଥିଲେ।

## କାର୍‌ଗିଲ୍ ସହିଦଙ୍କୁ ଶ୍ରଦ୍ଧାଞ୍ଜଳି

କେନ୍ଦ୍ରାପଡ଼ା,୨୬।୭ (ସମିସ): କେନ୍ଦ୍ରାପଡ଼ା ଜନଶକ୍ତି ପାର୍ଟିର ତିନିମୁହାଣି ସହିଦ ସ୍ତମ୍ଭ ନିକଟରେ କାର୍‌ଗିଲ୍ ଯୁଦ୍ଧରେ ପ୍ରାଣ ହରାଇଥିବା ସହିଦ ଓ ଦେଶ ପାଇଁ ସର୍ମପିତ ଆତ୍ମା ଓ ପୁରୀ ଜିଲ୍ଲାର ବଳଙ୍ଗା ପୀଡ଼ିତାଙ୍କ ଆରୋଗ୍ୟ କାମନା କରାଯାଇ କ୍ୟାଣ୍ଡେଲ୍ ଶୋଭାଯାତ୍ରା କରାଯାଇଛି। ରାଜ୍ୟ ଜନଶକ୍ତି ପାର୍ଟି ସଭାପତି ଆଇନଜୀବୀ ପ୍ରଦୀପ ଦାଶଙ୍କ ନେତୃତ୍ୱରେ ମହାଦେବ ସେନା ସଭାପତି ଧନେଶ୍ୱର ଦାସ, ଯାଜପୁର ଜିଲ୍ଲା ପ୍ରଭାରୀ ମନୋଜ ମଲ୍ଲିକ,



ମନ୍ମଥ ସାହୁ, ଅଶୋକ ରାଉତ, ଅନନ୍ତ ବେହେରା, ବାବୁଲି ପଣ୍ଡା, ବରିଷ୍ଠ ଆଇନଜୀବୀ ମୋହନ ମହନ୍ତ, ମନୋଜ ବସନ୍ତିଆ, ଅନନ୍ତ ନାୟକ, ନେତା ବସନ୍ତ ଦାସ, ଯୋଗେଶ ଚନ୍ଦ୍ର ଦାସ, ସାଗର ଜେନା, ଉଦ୍ଧବ ମଲ୍ଲିକ ପ୍ରମୁଖ ଉପସ୍ଥିତ ଯୋଗ ଦେଇଥିଲେ। ଦେଶ ମାତୃତାର ସେବା କରି ସହିଦ ହୋଇଥିବା ଯବାନଙ୍କୁ ସର୍ବଦା ମନେରଖିବା ପ୍ରତ୍ୟେକ ନାଗରିକଙ୍କ କର୍ତ୍ତବ୍ୟ ଓ ଦେଶରକ୍ଷା ନିମନ୍ତେ ଅବଦାନ ଅତୁଳନୀୟ ବୋଲି ଶ୍ରୀ ଦାଶ କହିଥିଲେ।

# ଦୁଇଟି ବଉଳା କୁମ୍ଭୀର ଉଦ୍ଧାର





ରାଜନଗର,୨୬।୭ (ସମିସ): ଆଜି ରାଜନଗରରେ ଦୁଇଟି ବଉଳା କୁମ୍ଭୀର ଉଦ୍ଧାର କରାଯାଇଛି। ରାଜନଗର ରେଞ୍ଜ ଅନ୍ତର୍ଗତ ଏଣ୍ଡୁଳାପୁର ଗ୍ରାମର ଦିବାକର ସେଠୀଙ୍କ ପୋଖରୀରୁ ୬.୬ ଫୁଟର ଏକ ମାଈ ବଉଳା କୁମ୍ଭୀର ଉଦ୍ଧାର କରାଯାଇ ଗୁପ୍ତି ନିକଟସ୍ଥ ହବଲ କ୍ରିକ୍‌ରେ ଛଡ଼ାଯାଇଛି। କୁମ୍ଭୀରଟି ନିକଟସ୍ଥ ନାଳରୁ ପୋଖରୀ ମଧ୍ୟକୁ ଚାଲିଆସିଥିବା ଅନୁମାନ କରାଯାଉଛି। ଡିଏଫ୍‌ଓ ଗୋପୀନାଥ ସୁଦର୍ଶନ ଯାଦବଙ୍କ ନିର୍ଦ୍ଦେଶକ୍ରମେ ପ୍ରବଳ ବର୍ଷା ସତ୍ତ୍ୱେ ସକାଳ ୧୧ଟା ସମୟରେ ଫରେଷ୍ଟର ବିଜୟ କୁମାର ପାତ୍ରଙ୍କ ନେତୃତ୍ୱରେ ଫରେଷ୍ଟ ଗାର୍ଡ ସବିତା ବେହେରା, ଦୋଳଗୋବିନ୍ଦ ନାୟକ, ସଙ୍ଗୀତ ସ୍ୱାଇଁ, ବନ କର୍ମଚାରୀ ମନୋରଞ୍ଜନ ସାହୁ, ଚନ୍ଦନ ମଲିକ, ସୁବାସ ମାଝୀ, ଦୁର୍ଯ୍ୟୋଧନ ଦାସ, ରତ୍ନାକର ବିଶ୍ୱାଳ, ଅକ୍ଷୟ ଜେନା, ବୁଦ୍ଧଦେବ ରାଉତ, ଅଞ୍ଜନ ସେଠୀ ପହଞ୍ଚି ବହୁ ପରିଶ୍ରମ କରି କୁମ୍ଭୀରକୁ ଉଦ୍ଧାର କରିଥିଲେ। ବର୍ଷାଦିନ ଯୋଗୁଁ ନଦୀ, ନାଳରେ ପାଣି ଅଧିକ ହେବାରୁ କୁମ୍ଭୀର ପୋଖରୀ ମଧ୍ୟକୁ ପଶିଆସୁଛନ୍ତି। ଏଥିପ୍ରତି ଲୋକମାନେ ସତର୍କତା ଅବଲମ୍ବନ କରିବା ପାଇଁ ବନ ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ସେହିପରି ଭିତରକନିକା ଜାତୀୟ ଉଦ୍ୟାନ ନିକଟସ୍ଥ ଡାଙ୍ଗମାଳ ଗ୍ରାମର କାର୍ତ୍ତିକ ବେହେରାଙ୍କ ପୋଖରୀରୁ ୫ ଫୁଟ ଲମ୍ବର ବଉଳା କୁମ୍ଭୀର ଉଦ୍ଧାର କରାଯାଇଛି। ଏସିଏଫ ମାନସ କୁମାର ଦାସଙ୍କ ନିର୍ଦ୍ଦେଶକ୍ରମେ ସକାଳ ୧୧ଟା ସମୟରେ ଡାଙ୍ଗମାଳ ସେକ୍ସନ ଷ୍ଟାଫ୍‌ଙ୍କ ଦ୍ୱାରା କୁମ୍ଭୀର ଉଦ୍ଧାର କରାଯାଇ ଭିତରକନିକା ଜାତୀୟ ଉଦ୍ୟାନସ୍ଥ ଭିତରକନିକା ନଦୀରେ ଛାଡ଼ି ଦିଆଯାଇଛି। ଉଦ୍ଧାର କାର୍ଯ୍ୟରେ ବନପାଳ ପ୍ରଶାନ୍ତ କୁମାର ସିଂ, ବନରକ୍ଷୀ କଳ୍ପତରୁ ସେଠୀ, ବନରକ୍ଷୀ ବବୁଲ୍ କୁମାର ପରିଡ଼ା, ଯଶବନ୍ତ ବେହେରା, ଅର୍ଜୁନ ଦଳାଇ, ସଞ୍ଜୟ ଦଳାଇ ପ୍ରମୁଖ ସାମିଲ ଥିଲେ।

### ବ୍ରଜବନ୍ଧୁ ହାଇସ୍କୁଲ

# ୪ ଜଣ ଶିକ୍ଷକରେ ଚାଲିଛି ଶିକ୍ଷାଦାନ

ରାଜକନିକା,୨୬।୭ (ସମିସ)




ଆରସାସ୍ଥ ବ୍ରଜବନ୍ଧୁ ହାଇସ୍କୁଲରେ ଶିକ୍ଷକ ଅଭାବ ଦେଖାଦେଇଛି। ମାତ୍ର ୪ ଜଣ ଶିକ୍ଷକରେ ଚାଲିଛି ଶିକ୍ଷାଦାନ। ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ଆବଶ୍ୟକ ଶିକ୍ଷକ ନ ଥିବାରୁ ପାଠପଢାର ଖସଡ଼ା ଅନୁଯାୟୀ କୌଣସି ମାସର ପାଠପଢା ସଠିକ ଢାଞ୍ଚାରେ ହୋଇପାରୁନି। ତେଣୁ ଉକ୍ତ ସ୍କୁଲରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନିଯୁକ୍ତ କରାଯିବାକୁ ଦାବି ହେଉଛି।

ବ୍ରଜବନ୍ଧୁ ହାଉସ୍କୁଲରେ ନବମ ଶ୍ରେଣୀରେ ୩୩ ଜଣ ଓ ଦଶମ ଶ୍ରେଣୀରେ ୪୧ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଦୁଇଜଣ ବିଜ୍ଞାନ, ଜଣେ କଳା ଶିକ୍ଷକ, ଜଣେ ସଂସ୍କୃତ ଶିକ୍ଷକ ଏମିତି ସମୁଦାୟ ୪ ଜଣ ଶିକ୍ଷକରେ ଚାଲିଛି ପାଠପଢା ଚାଲିଛି। ଚଳିତ ଶିକ୍ଷାବର୍ଷ ଏପ୍ରିଲ ୨ ତାରିଖରୁ ଆରମ୍ଭ ହୋଇଥିବାବେଳେ ଏଠାରେ ଇତିହାସ, ଭୂଗୋଳ, ହିନ୍ଦୀ ଭଳି ବିଷୟ ପଢା ଯାଇ ନ ଥିବା ଜଣାପଡିଛି। ଏହି ସ୍କୁଲରେ କିରାଣି ନ ଥିବାବେଳେ ଅଫିସ୍‌ର ଯାବତୀୟ କାର୍ଯ୍ୟ ପାଇଁ ଜଣେ ଶିକ୍ଷକ ବ୍ୟସ୍ତ ରହୁଛନ୍ତି। ରାଜକନିକା ସଦରର ଏହି ବିଦ୍ୟାଳୟରେ କାମଚଳା ଭାବେ ଦୁଇଜଣ ପୁରାତନ ଶିକ୍ଷକ ଏସବୁ ପାଠ ପଢ଼ାଉଥିବା ତାଙ୍କ ବଦାନ୍ୟତା ପାଲଟିଛି। ତେବେ ପ୍ରତ୍ୟେକ ହାଇସ୍କୁଲରେ ଦୁଇଜଣ କଳା ଶିକ୍ଷକ, ଦୁଇଜଣ ବିଜ୍ଞାନ, ଜଣେ ହିନ୍ଦୀ, ଜଣେ ସଂସ୍କୃତ, ଜଣେ ଖେଳ ଶିକ୍ଷକ ସହ ଜଣେ କିରାଣି ଓ ଦୁଇଜଣ ପିଅନ ରହିବା ନିୟମ ଥିବାବେଳେ ରାଜକନିକାର ୮୦ ଭାଗ ହାଇସ୍କୁଲରେ ଏହାର ବ୍ୟତିକ୍ରମ ଦେଖାଯାଇଛି। ଦୀର୍ଘବର୍ଷ ହେବ ରାଜକନିକାର ସମୁଦାୟ ୩୭ଟି ହାଇସ୍କୁଲରେ ଶିକ୍ଷକ ଅଭାବରେ ପାଠପଢା ବ୍ୟାହତ ହେଉଛି। ଏପରିକି ଏଫଏ-୧ ପରୀକ୍ଷା ସରିଥିବାବେଳେ ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ସାମାଜିକ ବିଜ୍ଞାନର ଇତିହାସ, ଭୂଗୋଳ, ହିନ୍ଦୀ ଭଳି ବହି ଖୋଲା ଯାଇ ନ ଥିବା ଅନୁସନ୍ଧାନରୁ ଜଣାପଡିଛି। ଅନେକ ବ୍ଲକଗ୍ରାଣ୍ଟ ବିଦ୍ୟାଳୟରେ ବହୁ ଶିକ୍ଷକ ଅବସର ନେଉଥିବାବେଳେ ସେହିସବୁ ସ୍ଥାନରେ ଅତିଥି ଶିକ୍ଷକ ନିଯୁକ୍ତିର ବ୍ୟବସ୍ଥା ମଧ୍ୟ ହୋଇନାହିଁ। ଫଳରେ ବହୁ ହାଇସ୍କୁଲର ଛାତ୍ରଛାତ୍ରୀଙ୍କ ଉପଯୁକ୍ତ ଭବିଷ୍ୟତ ଗଠନ ପାଇଁ ତୁରନ୍ତ ଶିକ୍ଷକ ନିଯୁକ୍ତି ଦେବାକୁ ଦାବି ହେଉଛି।

## ଟ୍ରକ ଧକ୍କାରେ ବାଇକ ଆରୋହୀ ଗୁରୁତର



ପରଜଙ୍ଗ, ୨୬।୭(ସମିସ): ୫୩ନଂ ଜାତୀୟ ରାଜପଥର ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ପିତିରି ଗାଁ ନିକଟରେ ଶନିବାର ଅପରାହ୍ନରେ ଟ୍ରକ ଧକ୍କାରେ ଜଣେ ବାଇକ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ପଥରଖୁମ୍ବ ଗ୍ରାମର ମୁକୁନ୍ଦ ନାୟକଙ୍କ ପୁଅ ସିଦ୍ଧାର୍ଥ ନାୟକ (୨୪)। ବହ୍ଲର ଦିଗରୁ ଆସୁଥିବା ଟ୍ରକ ପିତିରି ଛକରୁ ଓଭର ରାସ୍ତାରେ ଆସୁଥିବା ବେଳେ ପିତିରି ଗାଁର ରାସ୍ତାକୁ ଲାଗି ରହିଥିବା ପୋଖରୀ ନିକଟରେ ଚାଳକ ହଠାତେ ସର୍ଭିସ ରାସ୍ତାକୁ ବୁଲାଇ ଦେଇଥିଲେ। ଏହି ସମୟରେ ତାଳଚେର ଦିଗରୁ ପରଜଙ୍ଗ ଦିଗକୁ ଆସୁଥିବା ସିଦ୍ଧାର୍ଥ ଟ୍ରକ ତଳେ ପଡ଼ିଯାଇ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ପରଜଙ୍ଗ ମେଡିକାଲରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କାମାକ୍ଷାନଗର ମେଡିକାଲ ସ୍ଥାନାନ୍ତର କରାଯାଇଛି।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଜ୍ଞାନ ମେଳା



କାମାକ୍ଷାନଗର, ୨୬।୭(ସମିସ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ପ୍ରଧାନ ଆଚାର୍ଯ୍ୟ ବିପ୍ରଚରଣ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯନ୍ତାରୀବୋଲ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ମହାନ୍ତି, ବିଶେଷ ଅତିଥି ଭାବେ ଅନୁଗୋଳ ଆରସିସିଏଫ ସଞ୍ଜୟ କୁମାର ସ୍ୱାଇଁ ଯୋଗଦେଇଥିଲେ। ପରିବେଶ ସମ୍ବନ୍ଧୀୟ ଅଧିକ ପ୍ରକଳ୍ପ ଆସିଥିବାରୁ ଅତିଥିମାନେ ଖୁସିବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ଶିକ୍ଷକ ପବିତ୍ର କୁମାର ରାଉଳ, ବିଦ୍ୟାଳୟ ସମ୍ପାଦକ ଶ୍ରୀକାନ୍ତ ସ୍ୱାଇଁ ଉପସ୍ଥିତ ଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଲକ୍ଷ୍ମୀକାନ୍ତ ମହାନ୍ତ, ଅନ୍ୟତମ ଅତିଥି ଭାବେ ବାଇସିଙ୍ଗା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁରେନ୍ଦ୍ର କୁମାର ବେହେରା, ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ମିଶ୍ର, ଏସିଏଫଓ ସତ୍ୟ ନାରାୟଣ ସାହୁ, କୁଞ୍ଜବିହାରୀ ନାୟକ, ରେଞ୍ଜର କୈଳାସ ଚନ୍ଦ୍ର ସାହୁ, କାମାକ୍ଷାନଗର ସାମ୍ବାଦିକ ସଂଘ ସଭାପତି ହିମାଂଶୁ ଶେଖର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜ୍ଞାନବିଜ୍ଞାନ ମେଳା



ଯୋରନ୍ଦା, ୨୬।୭(ସମିସ): ଢେଙ୍କାନାଳ ଜିଲ୍ଲା ଯୋରନ୍ଦା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ଛାତ୍ରଛାତ୍ରୀମାନେ ୨୫ଟି ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ବିଦ୍ୟାଳୟ କମିଟି ସଭାପତି ପ୍ରସନ୍ନ କୁମାର ରାଉତ, ମୁଖ୍ୟବକ୍ତା ଭାବେ ଜିଲ୍ଲା ସହ ପ୍ରମୁଖ ତଥା ବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ମନମୋହନ ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ପ୍ରଶାସନିକ ସଦସ୍ୟ ଧର୍ମାନନ୍ଦ ରାଉତ, ଅଶୋକ ରାଉତ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଭାରପ୍ରାପ୍ତ ପ୍ରଧାନ ଆଚାର୍ଯ୍ୟା ସବିତା ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଚାରକ ଭାବେ ମହିମା ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ନମିତା ନାୟକ ଓ ଶିକ୍ଷୟିତ୍ରୀ ତୃପ୍ତିମୟୀ ସାହୁ ପ୍ରମୁଖ ଯୋଗଦେଇ ପ୍ରକଳ୍ପଗୁଡ଼ିକ ବୁଲି ଦେଖିବା ସହ ମୂଲ୍ୟାଙ୍କନ କରିଥିଲେ। ବିଜ୍ଞାନ ପ୍ରଶ୍ନମଞ୍ଚ, ଗଣିତ ପ୍ରଶ୍ନମଞ୍ଚ, ସଂସ୍କୃତି ଜ୍ଞାନ ପ୍ରଶ୍ନମଞ୍ଚ, ପତ୍ରବାଚନ, କଥାକଥନ, ମୂର୍ତ୍ତିକଳା, ପ୍ରୟୋଗ ଓ ନିବନ୍ଧ ପ୍ରତିଯୋଗିତାରେ ୧୫୦ ଜଣ ଶିଶୁ ଅଂଶଗ୍ରହଣ କରିଥିଲେ। ଧର୍ମାନନ୍ଦ ରାଉତ ଧନ୍ୟବାଦ ଦେଇଥିଲେ।

### ସାଂଗଠନିକ ଶକ୍ତି ବୃଦ୍ଧି ନିମନ୍ତେ ଜିଲ୍ଲା କଂଗ୍ରେସର ବୈଠକ

# ସକ୍ରିୟ ସଦସ୍ୟଙ୍କୁ ନେଇ ସମସ୍ୟା ସମାଧାନ କରାଯିବ

ଢେଙ୍କାନାଳ, ୨୬।୭(ସମିସ)



ସ୍ଥାନୀୟ ଗାନ୍ଧୀ ମନ୍ଦିରରେ ଜିଲ୍ଲା କଂଗ୍ରେସର ସାଂଗଠନିକ ଶକ୍ତିବୃଦ୍ଧି ନିମନ୍ତେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲା କଂଗ୍ରେସ ସଂଯୋଜକ ଛବିରାଜ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସଦର ବିଧାନସଭା ପ୍ରାର୍ଥିନୀ ସୁସ୍ମିତା ସିଂହଦେଓ ଏବଂ ପୌରାଧକ୍ଷା ପ୍ରାର୍ଥିନୀ ସ୍ମିତାରାଣୀ ସାମଲଙ୍କ ଯୋଗଦେଇଥିଲେ। ପୌରାଞ୍ଚଳର ୨୩ ୱାର୍ଡରେ ଦଳର ସଂଗଠନକୁ ମଜବୁତ କରିବା ନିମନ୍ତେ ବିଭିନ୍ନ ମତ ପ୍ରକାଶ ପାଇଥିଲା। ବିଭିନ୍ନ ୱାର୍ଡରୁ ନିମନ୍ତ୍ରିତ ହୋଇ ଆସିଥିବା ସ୍ଥାନୀୟ ନାଗରିକ ବିଶେଷ କରି ଯୁବବର୍ଗ, ମହିଳା ଏବଂ ବୁଦ୍ଧିଜୀବୀଙ୍କ ସହିତ କଂଗ୍ରେସର ବରିଷ୍ଠ ନେତା ଏବଂ କର୍ମକର୍ତ୍ତା ଆଲୋଚନା କରିଥିଲେ। ପୂର୍ବତନ ଜିଲ୍ଲା ସଭାପତି ସମରେନ୍ଦ୍ର ନନ୍ଦ, ବରିଷ୍ଠ ନେତା ଡା. ତୁଷାରକାନ୍ତି ନାୟକ, ଆଦିତ୍ୟ ମହାପାତ୍ର, ଗୋପାଳ ଚନ୍ଦ୍ର ସାହୁ, ଦ୍ୱିତୀକୃଷ୍ଣ ବରାଳ, ଅଖିଳ ମହାପାତ୍ର, ସରୋଜ ଶତପଥୀ, ରାଜୀବ ଲୋଚନ ସିଂହଦେଓ ପ୍ରମୁଖ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ବିଧାନସଭା ପ୍ରାର୍ଥିନୀଙ୍କ ନେତୃତ୍ୱରେ ବରିଷ୍ଠ ନେତାମାନଙ୍କୁ ନେଇ ଏକ କୋର୍ କମିଟି ଗଠନ କରାଯିବ ଓ ପ୍ରତ୍ୟେକ ୱାର୍ଡରେ କିଛି ସକ୍ରିୟ ସଦସ୍ୟଙ୍କୁ ସାଙ୍ଗରେ ନେଇ ଲୋକସମ୍ପର୍କ ସ୍ଥାପନ କରିବା ସହ ସ୍ଥାନୀୟ ସମସ୍ୟା ସମାଧାନ ନିମନ୍ତେ ପ୍ରଶାସନ ନିକଟରେ ଦାବି କରିବାକୁ ନିଷ୍ପତ୍ତି ନିଆଯାଇଛି। ଡ୍ରେନେଜ୍ ସିଷ୍ଟମ ଏବଂ ବର୍ଷାଜଳ ନିଷ୍କାସନର ସ୍ଥାୟୀ ସମାଧାନ, ପାନୀୟ ଜଳ ଯୋଗାଣ ଅବ୍ୟବସ୍ଥାକୁ ଦୂର କରିବା, ବିଜୁଳି ଉପଭୋକ୍ତାଙ୍କୁ ବିତରଣ କମ୍ପାନୀର ଶୋଷଣରୁ ରକ୍ଷା କରିବା, ବସ୍ତି ବାସିନ୍ଦାଙ୍କ ବିକାଶ ନିମନ୍ତେ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦେବା, ୱାର୍ଡରେ ଅର୍ବାନ ହେଲ୍‌ଥ ସେଣ୍ଟର ପ୍ରତିଷ୍ଠା ନିମନ୍ତେ ଦାବି କରିବା ଆଦି କାର୍ଯ୍ୟ କରାଯିବ। ବୈଠକରେ ନୁରୁଲ୍ ଇସଲାମ୍, ନିଶାକର ସାହୁ, ପ୍ରିୟବ୍ରତ ଗଡ଼ନାୟକ, ପ୍ରଫୁଲ୍ଲ ମହାନ୍ତି, ରୁମେନା ବେଗମ୍, ସରସ୍ୱତୀ ଘଡ଼ାଇ ପ୍ରମୁଖ ସହଯୋଗ କରିଥିଲେ। ବରିଷ୍ଠ ନେତା ମହମ୍ମଦ ଏର୍ଶାଦ ଧନ୍ୟବାଦ ଅର୍ପଣ କରିଥିଲେ।

## ସାଂସଦଙ୍କ ନିହଳପ୍ରସାଦ ଗସ୍ତ
## ବେଗା ଗ୍ରାମରେ ଡାକଘର ସ୍ଥାପନ ପାଇଁ ଦୃଷ୍ଟି ଆକର୍ଷଣ

ଗଁଦିଆ, ୨୬।୭(ସମିସ): ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ଶନିବାର ଗଁଦିଆ ବ୍ଲକ ନିହଳପ୍ରସାଦ ଗସ୍ତ କରି ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ସକାଳ ୯ଟାରେ ସେ ପ୍ରଥମେ ପିଙ୍ଗୁଆ ଛକରେ ପହଞ୍ଚି ପଞ୍ଚାୟତବାସୀଙ୍କ ବିଭିନ୍ନ ସମସ୍ୟା ଶୁଣିବା ସହ ଏହାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପରେ ବେଗା, ଲାଉଲଇ, ଲେଥକା, ରତନପୁର, ନିହଳପ୍ରସାଦ, କରନ୍ଦା ଓ ପିଙ୍ଗୁଆରେ ଲୋକଙ୍କ ଅଭିଯୋଗ ଶୁଣିବା ସହ ତୁରନ୍ତ ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ସ୍ଥାନୀୟ ଲୋକେ ରାସ୍ତା, ସ୍ୱାସ୍ଥ୍ୟ, ଶିକ୍ଷା ଓ ଧାର୍ମିକ ଅନୁଷ୍ଠାନର ବିକାଶ ସମ୍ପର୍କିତ ଅଭିଯୋଗ କରିଥିଲେ। ବେଗା ଗାଁର ଗ୍ରାମଦେବୀ ମା' ବଡ଼ସାଳ ଠାକୁରାଣୀଙ୍କ ପୀଠର ଉନ୍ନତୀକରଣ, ଲାଉଲଇ ଶିବ ମନ୍ଦିରର ଉନ୍ନତୀକରଣ, ପିଙ୍ଗୁଆ ମହୋତ୍ସବ ପଡ଼ିଆ ଓ ଫାଟକର ଉନ୍ନତୀକରଣ ସହିତ ଜନଜାତି ଛାତ୍ରଛାତ୍ରୀଙ୍କ ପାଇଁ ଧନ୍ଦାମୂଳକ ଶିକ୍ଷାର ପ୍ରସାର ନିମନ୍ତେ ବେଗା ପଞ୍ଚାୟତ ନେହେରା ଗ୍ରାମରେ ଛାତ୍ରାବାସ ଓ ଧନ୍ଦାମୂଳକ ଏକଲବ୍ୟ ବିଦ୍ୟାଳୟ ସ୍ଥାପନ କରିବାକୁ ସ୍ଥାନୀୟ ୮ ପଞ୍ଚାୟତର ଜନପ୍ରତିନିଧି ଓ ବୁଦ୍ଧିଜୀବୀ ସାଂସଦଙ୍କୁ ଲିଖିତ ଭାବେ ଦୃଷ୍ଟି ଆକର୍ଷଣ କରିଥିଲେ। ଆଜି ପର୍ଯ୍ୟନ୍ତ ବେଗା ପଞ୍ଚାୟତରେ ସ୍ଥାୟୀ ଡାକଘର ନ ଥିବାରୁ ସ୍ଥାନୀୟ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଏ ସମ୍ପର୍କରେ ଅବଗତ ହେବା ପରେ ସାଂସଦ ଏଠାରେ ଡାକଘର ସ୍ଥାପନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପିଙ୍ଗୁଆଠାରେ ଏକ ପଥପ୍ରାନ୍ତ ଗୃହ ଅଥବା ଡାକବଙ୍ଗଳା ନିର୍ମାଣ ନିମନ୍ତେ ଲୋକେ ନିବେଦନ କରିଥିଲେ। ସ୍ଥାନୀୟ ଅଞ୍ଚଳରେ ହାତୀ ଉତ୍ପାତ ଦିନକୁ ଦିନ ବଢ଼ି ଚାଲିଛି। ଏହାର ତୁରନ୍ତ ପ୍ରତିକାର ବ୍ୟବସ୍ଥା କରିବାକୁ ସାଂସଦଙ୍କୁ ଲୋକେ ଜଣାଇଥିଲେ।



ସାଂସଦଙ୍କ ସହ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ରାମଚନ୍ଦ୍ର ପାତ୍ର, ପୂର୍ବତନ ଜିଲ୍ଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ମନ୍ତ୍ରୀଙ୍କ ପ୍ରତିନିଧି ରତିକାନ୍ତ ସାହୁ, ମଣ୍ଡଳ ସଭାପତି ଆନନ୍ଦ ଚନ୍ଦ୍ର ସାହୁ, ପୂର୍ବତନ ସରପଞ୍ଚ ପ୍ରଦୀପ କୁମାର ଦାସ, ସାଂସଦଙ୍କ ପ୍ରତିନିଧି ବୁଲୁ ତ୍ରିପାଠୀ, ଲଳିତ ଦାସ, ସ୍ଥାନୀୟ ନେତୃତ୍ୱ ସଜଳେନ୍ଦ୍ର ଜେନା, ଚିତ୍ତରଞ୍ଜନ ମହାନ୍ତି, ସୁଧାକର ସାହୁ ରବି ପରିଡ଼ା, ପୂର୍ବତନ ସରପଞ୍ଚ ବାବାଜୀ ସ୍ୱାଇଁ, ହଳଧର ରାଉତ, ଶରତ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## କାମାକ୍ଷାନଗର ସାମ୍ବାଦିକ ସଂଘ ପକ୍ଷରୁ ଚାରାରୋପଣ



କାମାକ୍ଷାନଗର, ୨୬।୭(ସମିସ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଏନଏସି ସାରଙ୍ଗଧର ସ୍କୁଲ ହଷ୍ଟେଲ ପରିସରରେ କାମାକ୍ଷାନଗର ସାମ୍ବାଦିକ ସଂଘ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିର ପଡ଼ିଆରେ ସାମ୍ବାଦିକ ସଂଘ ସଭାପତି ହିମାଂଶୁ ଶେଖର ମହାପାତ୍ରଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବିଧାୟକ ଶତ୍ରୁଘନ ଜେନା, ସ୍ୱତନ୍ତ୍ର ଅତିଥି ଭାବେ ଅନୁଗୋଳ ଆରସିସିଏଫ ସଞ୍ଜୟ କୁମାର ସ୍ୱାଇଁ ଯୋଗଦେଇ ସାମ୍ବାଦିକ ସଂଘର ଏହି ମହତ୍ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଢେଙ୍କାନାଳ ବନଖଣ୍ଡରେ ଚଳିତ ବର୍ଷ ୧୦ ଲକ୍ଷ ଚାରା ରୋପଣ କରାଯିବ ବୋଲି ଆର୍‌ସିସିଏଫ୍ ସ୍ୱାଇଁ କହିଥିଲେ। ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ଜିଲ୍ଲା ବିଜେପି ସଭାପତି ରାସବିହାରୀ ବେହେରା, ବରିଷ୍ଠ ଆଇନଜୀବୀ ସଞ୍ଜୟ ମିଶ୍ର, ସାମ୍ବାଦିକ ସଂଘ ମୁଖ୍ୟ ଆଇନ ପରାମର୍ଶଦାତା ଧର୍ମାନନ୍ଦ ମଲ୍ଲିକ, ଏସିଏଫଓ ସତ୍ୟନାରାୟଣ ସାହୁ, କୁଞ୍ଜବିହାରୀ ନାୟକ, ରେଞ୍ଜର କୈଳାସ ସାହୁ, ସୁଶାନ୍ତ କୁମାର ପାତ୍ର ପ୍ରମୁଖ ଯୋଗଦେଇଥିଲେ। ଅଁଳା, ପିଜୁଳି, ପଣସ, ଲେମ୍ବୁ, ଆତ, ବଉଳ ଆଦି ବିଭିନ୍ନ ପ୍ରଜାତିର ଚାରା ଲଗାଯାଇଥିଲା। ସମସ୍ତେ ନିଜ ନିଜ ବାଡ଼ିବଗିଚାରେ ଗୋଟିଏ ଗୋଟିଏ ଗଛ ଲଗାଇବାକୁ ଅତିଥିମାନେ ଆହ୍ୱାନ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ସାମ୍ବାଦିକ, ବନ ବିଭାଗ କର୍ମଚାରୀ ଓ ଅନ୍ୟମାନେ ସହଯୋଗ କରିଥିଲେ।

## ସାମାଜିକ ଅନୁଷ୍ଠାନର ମିଳିତ ବୈଠକ

ଢେଙ୍କାନାଳ, ୨୬।୭(ସମିସ): ବିଜୁ ପଟ୍ଟନାୟକ ସାଂସ୍କୃତିକ ପରିଷଦ, ଦୈନିକ ଖବରକାଗଜ ଆଗେଇବା, ଆମ ପ୍ରତିଭା ଆମ ସମ୍ମାନ ଓ ଆମ ଗୋଶାଳାର କର୍ମକର୍ତ୍ତାମାନେ ମିଳିତ ହୋଇ ଅନୁଷ୍ଠାନର ଉନ୍ନତି ଓ ପରିବର୍ତ୍ତେ ପଦକ୍ଷେପ ଉପରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ମିଳିତ ବୈଠକରେ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ପୂର୍ବତନ ସାଂସଦ ମହେଶ ସାହୁ ଅଧ୍ୟକ୍ଷତା କରିଥିଲେ। ପ୍ରାୟ ସବୁ ସଂଗଠନରୁ ମୋଟ ୧୭ଜଣ ସଭ୍ୟ ଯୋଗଦେଇ ଆଗାମୀ କାର୍ଯ୍ୟକ୍ରମ ଓ ରୀତିମତ ବୈଠକ କରି ବ୍ୟାଙ୍କରେ ଆକାଉଣ୍ଟ୍ ଖୋଲିବା ନିଷ୍ପତ୍ତି ନିଆଯାଇଥିଲା। ନନ୍ଦିନୀ ଦେବୀଙ୍କ ଶ୍ରାଦ୍ଧ ଦିବସ ପାଳନ ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଆମ ଗୋଶାଳାରେ ସଭ୍ୟ ସଂଖ୍ୟା ବୃଦ୍ଧି ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ମାସକୁ ୪ଦିନ ଉପରୋକ୍ତ ସାମାଜିକ ସଂଗଠନ ପାଇଁ ସମୟ ଦେବା ନିମନ୍ତେ ସାହୁ ପ୍ରକାଶ କରିଥିଲେ। ବରିଷ୍ଠ ସଭ୍ୟ ବାଦଲ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ରୋଟ୍ରାକ୍ଟ କ୍ଲବ୍ ନୂତନ କର୍ମକର୍ତ୍ତା
## ପ୍ରେମଜିତ୍ ସଭାପତି ଓ ପୁଷ୍ପାଞ୍ଜଳି ସମ୍ପାଦକ




ଢେଙ୍କାନାଳ, ୨୬।୭(ସମିସ): ବିଶ୍ୱର ୨୧୫ରୁ ଊର୍ଦ୍ଧ୍ୱ ଦେଶରେ ସମାଜସେବା କ୍ଷେତ୍ରରେ ପରିବ୍ୟାପ୍ତ ରୋଟାରୀ ଇଣ୍ଟରନ୍ୟାସନାଲ୍ ଦ୍ୱାରା ପ୍ରାୟୋଜିତ ତଥା ଅନ୍ତର୍ଜାତୀୟ ଯୁବ ନେତୃତ୍ୱ ବୃଦ୍ଧି, ବିଶ୍ୱ ଭାତୃତ୍ୱ ପ୍ରତିଷ୍ଠା ଓ ଗୋଷ୍ଠୀଗତ ସମାଜ ସେବା ପ୍ରଦାନ ଲକ୍ଷ୍ୟରେ ପ୍ରତିଷ୍ଠିତ ରୋଟ୍ରାକ୍ଟ କ୍ଲବ୍, ଢେଙ୍କାନାଳ ପକ୍ଷରୁ ରୋଟାରୀ ବର୍ଷ ୨୦୨୫-୨୬ ନିମନ୍ତେ ନୂତନ କର୍ମକର୍ତ୍ତା ମନୋନୟନ ହୋଇଯାଇଛି। ରୋଟ୍ରାକ୍ଟର ଶିବ ପ୍ରସାଦ ସ୍ୱାଇଁ ଓ ରୋଟ୍ରାକ୍ଟର ଅବିନାଶ ସାହୁ ମନୋନୟନ ପ୍ରକ୍ରିୟା ପରିଚାଳନା କରିଥିଲେ। ସର୍ବସମ୍ମତି କ୍ରମେ ରୋଟ୍ରାକ୍ଟର ପ୍ରେମଜିତ୍ ରାଜ୍-ସଭାପତି ଓ ରୋଟ୍ରାକ୍ଟର ପୁଷ୍ପାଞ୍ଜଳି ରାଉତ ସମ୍ପାଦିକା ଭାବେ ମନୋନୀତ ହୋଇଥିଲେ। ରୋଟ୍ରାକ୍ଟର ଅମିଶା ନାୟକ ପୂର୍ବ ସଭାପତି ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ରୋଟ୍ରାକ୍ଟର ରଞ୍ଜନ, କାଦମ୍ବରୀ, ସୌମ୍ୟବ୍ରତ, ମୁକୁନ୍ଦ ରାଜ, ପ୍ରଜ୍ଞା, ଅନିଶ, ଆଶୀର୍ବାଦ, ଇନ୍ଦ୍ରଜିତ୍, କୁନାଲ, ବିନୟ, ସ୍ୱପ୍ନା, ସଞ୍ଚିତା, ବୈଶାଖୀ ପ୍ରମୁଖ କାର୍ଯ୍ୟକାରୀ କମିଟିକୁ ମନୋନୀତ ହୋଇଛନ୍ତି। ରୋଟାରୀ କ୍ଲବ୍, ଢେଙ୍କାନାଳର ପୂର୍ବ ସଭାପତି ତଥା ରୋଟାରୀ ଡିଷ୍ଟ୍ରିକ୍ଟ ୩୨୬୨ର ପୂର୍ବ ଆସିଷ୍ଟାଂଟ୍ସ୍ ଗଭର୍ଣ୍ଣର ରୋଟାରିଆନ୍ ରାଜ କିଶୋର ବେହେରା ଚଳିତ ରୋଟାରୀ ବର୍ଷ ନିମନ୍ତେ ରୋଟ୍ରାକ୍ଟ କ୍ଲବ୍‌ର ଅଧ୍ୟକ୍ଷ ଭାବେ ମନୋନୀତ ସମସ୍ତ କର୍ମକର୍ତାମାନଙ୍କୁ ପଦମର୍ଯ୍ୟାଦା ରକ୍ଷା, ଶୃଙ୍ଖଳା ଓ ସମୟାନୁବର୍ତୀତା ସହ ନିଜର ଦାୟିତ୍ୱ ସମ୍ପାଦନ କରି ସୁନାମ ବୃଦ୍ଧି କରିବାକୁ ପରାମର୍ଶ ଦେଇଥିଲେ। ରୋଟାକ୍ଟ କ୍ଲବ୍ ଢେଙ୍କାନାଳ ପକ୍ଷରୁ ଚଳିତ ବର୍ଷ ବ୍ୟାପକ ଚାରା ରୋପଣ, ପ୍ଲାଷ୍ଟିକ୍ ମୁକ୍ତ ପରିବେଶ ସଚେତନତା, ଯୁବ ବର୍ଗଙ୍କ କୌଶଳ ବିକାଶ ଓ ଧନ୍ଦାମୂଳକ ପ୍ରଶିକ୍ଷଣ, ଏଡ୍ସ ଓ କ୍ୟାନସର ରୋଗର ନିରାକରଣ ସମ୍ପର୍କରେ ସଚେତନତା, ଶରୀର ଓ ଅଙ୍ଗଦାନ ଅଭିଯାନ, ବସ୍ତିରେ ଥିବା ଶିଶୁମାନଙ୍କ ମୌଳିକ ସମସ୍ୟା ସମାଧାନ, ଆନ୍ତର୍ଜାତିକ ସ୍ତରରେ ସାଂସ୍କୃତିକ ଓ ଭାବଗତ ବନ୍ଧୁତା ସ୍ଥାପନ ପୂର୍ବକ ଏକ ବିକଶିତ ସମାଜ ପ୍ରତିଷ୍ଠା ଲକ୍ଷ୍ୟ ରଖାଯାଇଛି। ରୋଟାରୀ କ୍ଲବ୍‌ର ଅଧ୍ୟକ୍ଷ ବିନୋଦ ଅଗ୍ରୱାଲ, ସଭାନେତ୍ରୀ ରୋଟାରିଆନ୍ ସାଗରିକା ମିଶ୍ର, ସମ୍ପାଦକ ରୋଟାରିଆନ୍ ତପନ ପାଲ୍, ଇନର୍ ହୁଇଲ୍ କ୍ଲବ୍‌ର ସଭାନେତ୍ରୀ ଅଳକାନନ୍ଦା ସିଂହଦେଓ ଓ ସମ୍ପାଦିକା ମିନଲ କୁମାରୀ ସିଂହଦେଓ ପ୍ରମୁଖ ମନୋନୀତ ସମସ୍ତ କର୍ମକର୍ତାମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ନିଶାମୁକ୍ତି କ୍ୟାମ୍ପସ ସମ୍ବନ୍ଧୀୟ ପାଠଚକ୍ର ଅନୁଷ୍ଠିତ



ଢେଙ୍କାନାଳ, ୨୬।୭(ସମିସ): ଢେଙ୍କାନାଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନା ତରଫରୁ ନିଶାମୁକ୍ତି କ୍ୟାମ୍ପସ ସମ୍ବନ୍ଧୀୟ ଏକ ସଚେତନତାମୂଳକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ନୋଡାଲ ଅଧିକାରୀ ଏବଂ ଓଡ଼ିଶା ଉଚ୍ଚ ଶିକ୍ଷା ବିଭାଗର ଉପନିର୍ଦ୍ଦେଶକ ଡ.ରମେଶ ଚନ୍ଦ୍ର ବେହେରା ଯୋଗଦେଇ ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ ଓ କର୍ମଚାରୀମାନଙ୍କୁ ମହାବିଦ୍ୟାଳୟର ପରିସରକକୁ କିପରି ନିଶାମୁକ୍ତ ରଖାଯିବ ସେ ସମ୍ପର୍କରେ ସଚେତନ କରିଥିଲେ। ମାନ ପୋର୍ଟାଲ ସମ୍ପର୍କରେ କ୍ୟାମ୍ପସରେ ସଚେତନତା କାର୍ଯ୍ୟକ୍ରମ କରିବା ଉପରେଗୁରୁତ୍ୱ ପ୍ରଦାନ କରିବା ଉପରେଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ ଏବଂ ମାଇ ଗର୍ଭ ପ୍ଲାଟ ଫର୍ମ ମାଧ୍ୟମରେ ଆଣ୍ଟି ଡ୍ରଗସ ଉପରେ ଶପଥ ପାଠ କରିବା ପାଇଁ ସମସ୍ତଙ୍କୁ ସଚେତନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ଚିତ୍ତଚିତ୍ତ ରଞ୍ଜନ ସାହୁ ପାଠଚକ୍ରରେ ଅଧ୍ୟକ୍ଷତା କରି ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ କ୍ୟାମ୍ପସରେ ନିଶା ସେବନ ନକରିବା ପାଇଁ ପରାମର୍ଶ ଦେବା ସହିତ ଏକ ସୁସ୍ଥ ବାତାବରଣରେ ସହାୟକ ହେବା ପାଇଁ ପ୍ରର୍ବତ୍ତାଇଥିଲେ। ମହାବିଦ୍ୟାଳୟ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଡ.ଉଇଲସନ ଭତ୍ରା ଅତିଥି ପରିଚୟ ପ୍ରଦାନ ସହିତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ପାଠଚକ୍ରରେ ଡ୍ରଗସ ବ୍ୟବହାର ସମ୍ପର୍କିତ ଅଭିଯୋଗ ଦାଖଲ କରିବା ପାଇଁ ହେଲପଲାଇନ ନମ୍ବର ୧୯୩୩ ଏବଂ ମୋବାଇଲ ଆପ ଉମଙ୍ଗ ମାଧ୍ୟମରେ ତଥ୍ୟ ପ୍ରଦାନ ନିମନ୍ତେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଯାଇଥିଲା। ଗଣିତ ବିଭାଗର ଅଧ୍ୟାପିକା ବିଦୁଷୀ ମଧୁସ୍ମିତା ଧନ୍ୟବାଦ ଅର୍ପଣ କରିଥିଲେ। ପାଠଚକ୍ରରେ ଶତାଧିକ ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ ଓ କର୍ମଚାରୀମାନେ ଯୋଗଦେଇଥିଲେ।

## ଅଶ୍ଳୀଳତା ସାମାଜିକ ବ୍ୟାଧି
## ପାର୍ଲାମେଣ୍ଟରେ ଆଇନ ସତ୍ତ୍ୱେ ସଚେତନତା ଆବଶ୍ୟକ

ଢେଙ୍କାନାଳ, ୨୬।୭(ସମିସ)




ପାର୍ଲିଆମେଣ୍ଟରେ ଅଶ୍ଳୀଳତା ବିରୋଧୀ ଆଇନ ଗୃହୀତ ହୋଇଛି। ଆଇନ ହେଲେ ବି ଲୋକମାନଙ୍କ ମଧ୍ୟରେ ସଚେତନତା ଆବଶ୍ୟକ ସାମାଜିକ ଗଣମାଧ୍ୟମରେ ସଚେତନତା ଆବଶ୍ୟକ। ସାମାଜିକ ଗଣମାଧ୍ୟମ ରେ ତଥା ୟୁଟ୍ୟୁବ ରେ ଭଲ ତଥ୍ୟ ଲୋକ ଲୋଚନ କୁ ଆସୁଛି ପୁଣି ମିଥ୍ୟା ଓ ଖରାପ ଖବର ମଧ୍ୟ ପରିବେଶଣ ହେଉଛି। ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମ ଲୋକମାନଙ୍କ ମଧ୍ୟରେ ଅଶ୍ଳୀଳତା ବିରୋଧ ରେ ସଚେତନ କରିବା ସହ ପାର୍ଲିଆମେଣ୍ଟ ରେ ଗୃହୀତ ଆଇନ ସମ୍ପର୍କରେ ଲୋକମାନଙ୍କୁ ଜାଗ୍ରତ କରିବା ଆବଶ୍ୟକ। ମିଥ୍ୟାପ୍ରଚାର ମଧ୍ୟ ବନ୍ଦ ହେବା ଆବଶ୍ୟକ ସେନ୍ସସନ କରିବା ଖବରକୁ ଅତିରଞ୍ଜିତ କରିବା ଦ୍ୱାରା ସମାଜ ରେ ଖରାପ ପ୍ରଭାବ ପଡ଼ିଛି ବୋଲି ଢେଙ୍କାନାଳ ସାଂସଦ ତଥା ବିଜେପି ର ବରିଷ୍ଠ ନେତା ରୁଦ୍ରନାରାୟଣ ପାଣି ସୂଚନା ଦେଇଥିଲେ। ବସଷ୍ଟାଣ୍ଡ ଠାରେ ଥିବା ମିଶନ ରିକନଷ୍ଟ୍ରକ୍ସନ, ରେଡ଼ିଓ ରିଲେ କେନ୍ଦ୍ର କାର୍ଯ୍ୟାଳୟ ରେ ସଂସ୍ଥା ତରଫରୁ ଏକ ୟୁଟ୍ୟୁବ ଚାନେଲ ମିଶନ ନିୟୁଜ ନାମରେ ଶୁଭାରମ୍ଭ କରିଥିଲେ ମିଶନ ନିୟୁଜ ଚାନେଲ କୁ କମ୍ପୁଟର ରେ ଅନଲାଇନ ମାଧ୍ୟମରେ ଶୁଭାରମ୍ଭ କରିଥିଲେ। ଏହି ମିଶନ ନିୟୁଜ ୟୁଟ୍ୟୁବ ଚାନେଲ ରେ ଅପରାଧ ଓ ଗଭୀର ରାଜନୈତିକ ଖବର ଛାଡି ଅନ୍ୟ ସବୁ ଖବର ଯଥା ଉନ୍ନୟନ, ବାର୍ତ୍ତାଳାପ, ପୋଡକାଷ୍ଟ, ସାକ୍ଷାତକାର, ସାମ୍ବାଦିକତା, ଓ ଗବେଷଣାଧର୍ମୀ ନିୟୁକ୍ତି, ଇତ୍ୟାଦି ଖବର ପରିବେଷଣ ହେବ। ଉଦବୋଧନ ଦେଇ ସାଂସଦ କହିଲେ ରାଜନୀତିରେ ରହି ପ୍ରବଳ ରାଜନୈତିକ ଲୋଭ ରଖିବା ଠିକ ନୁହେଁ। ଗଣମାଧ୍ୟମ ରେ କାର୍ଯ୍ୟକରୀ ରାଜନୀତି ରେ ଅଧିକ କ୍ଷମତା ଲୋଭ ଠିକ ନୁହେଁ ବୋଲି ସାଂସଦ କହିଥିଲେ। ୭୫ ବର୍ଷ ପୂର୍ବରୁ ଗଣତାନ୍ତ୍ରିକ ପଦ୍ଧତି ରେ ଭୋଟ ପାଇଥିଲେ। ୭୫ ବର୍ଷ ପରେ ମଧ୍ୟ ସେ କ୍ଷମତା ରେ ରହିପାରିବେ। ବିଜେପି ବରିଷ୍ଠ ନେତା ଅଟଳବିହାରୀ ବାଜପେୟୀ ଓ ଲାଲ କୃଷ୍ଣ ଆଡ଼ଭାନୀ ୭୫ ବର୍ଷ ପରେ କ୍ଷମତା ରେ ରହି ଦେଶ ସେବା କରିଥିଲେ। ମୋଦି ଙ୍କ ଜନପ୍ରିୟତା ଦିନକୁ ଦିନ ବଢ଼ିଥିବାରୁ ୨୦୨୯ ରେ ହେବାକୁ ଥିବା ନିର୍ବାଚନରେ ତାଙ୍କ ନାମରେ ବହୁ ଭୋଟ ମ୍ୟାଣ୍ଡେଟ ରହିଛି। ଏହି କାର୍ଯ୍ୟକ୍ରମରେ ମିଶନ ରିକନଷ୍ଟ୍ରସ୍କନ ଅଧ୍ୟକ୍ଷ ଡ. ବିଜୟ କୁମାର ମହାପାତ୍ର, ଉପଦେଷ୍ଟା ବିରଞ୍ଚି ନାରାୟଣ ପାଣି, ବ୍ରହ୍ମାକୁମାରୀ ସଂସ୍ଥାର ମୁଖ୍ୟ ସଞ୍ଚାଳିକା ବିକେ ଉଷା, ସଂସ୍ଥାର ସାଧାରଣ ସମ୍ପାଦକ ମନୋଜ ପଟ୍ଟନାୟକ ଉପସ୍ଥିତ ରହି ସକାରାତ୍ମକ ଖବର ଉପରେ ଆଲୋଚନା କରିଥିଲେ।

## ଭକ୍ତି ସାହିତ୍ୟରେ କବି ଦୀନକୃଷ୍ଣ ଦାସ ଆଲୋଚନାଚକ୍ର



ଢେଙ୍କାନାଳ, ୨୬।୭(ସମିସ): ସ୍ଥାନୀୟ ଗୋପବନ୍ଧୁ ଟାଉନହଲ ପରିସରରେ ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ନାଟ୍ୟ ଅନୁଷ୍ଠାନ କଳାପରିଷଦ ମିଳିତ ସହଯୋଗରେ ଓଡ଼ିଆ ଭକ୍ତି ସାହିତ୍ୟରେ କବି ଦୀନକୃଷ୍ଣ ଦାସ ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। କଳାପରିଷଦ ସଭାପତି ନାଟ୍ୟକାର ଦିଲେଶ୍ୱର ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ପୁରୀ ଶ୍ରୀମନ୍ଦିରର ପୂର୍ବତନ ପ୍ରଶାସକ ରଞ୍ଜନ କୁମାର ଦାସ ଯୋଗଦେଇ ଓଡ଼ିଆ ଭକ୍ତି ସାହିତ୍ୟରେ ଦୀନକୃଷ୍ଣ ଅନନ୍ୟ ପ୍ରଚଣ୍ଡ ପ୍ରତିଭାଧାରୀ ଥିଲେ ବୋଲି କହିଥିଲେ। ରସକଲ୍ଲୋଳ ତାଙ୍କ ଅନନ୍ୟ ସୃଷ୍ଟି ବୋଲି କହିବା ସହ ଓଡ଼ାପଡ଼ା ବ୍ଲକ ଏକଘରିଆ ତାଙ୍କ ସାଧନ କ୍ଷେତ୍ର ଥିଲା ବୋଲି କହିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ଡ. ଦୁର୍ଗାମାଧବ ପୃଷ୍ଟି ଯୋଗଦେଇ କବିଙ୍କ ପ୍ରଚଣ୍ଡ ପ୍ରଭିତା ଏବଂ କଳାକୃତି ସମ୍ପର୍କରେ ଆଲୋଚନା କରିଥିଲେ। କଳାପରିଷଦର ସମ୍ପାଦକ ଇଂ. ଅଶୋକ କୁମାର ଦାଶ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ଉପସଭାପତି ଶତ୍ରୁଘ୍ନ ମାଟି ଧନ୍ୟବାଦ ଅର୍ପଣ କରିଥିଲେ। ସଙ୍ଗଠନ ସମ୍ପାଦକ ଅବନୀ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ କବି ନିର୍ମଳା ମହାପାତ୍ରଙ୍କ ଦ୍ୱାରା କବିତା ପାଠ ଅନୁଷ୍ଠିତ ହୋଇଥିଲା। ବିନୋଦ ମହାନ୍ତି, ପ୍ରବୀର ମହାନ୍ତି, ଦ୍ୱିତୀକୃଷ୍ଣ ମଲ୍ଲିକ, ମନ୍ମଥ ପଟ୍ଟନାୟକ, ସୁରେଶ ମିଶ୍ର, ଲକ୍ଷ୍ମୀକାନ୍ତ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଅନ୍‌ଲାଇନରେ ପତିତପାବନ ବାନା

# ବିକ୍ରି ପାଇଁ ଅନୁମତି ଦେଇଛି କିଏ ?

ପୁରୀ,୨୬।୭(ସମିସ): ଅନ୍‌ଲାଇନରେ ବିକ୍ରି ହେଉଛି ପତିତପାବନ ବାନା। ଯାହାକୁ ନେଇ ଏବେ ସନ୍ଦେହରେ ଭକ୍ତ, ସେବାୟତ। ବାସ୍ତବରେ ଏହି ବାନାକୁ ଅନ୍‌ଲାଇନରେ ବିକ୍ରି କରାଯିବା ପାଇଁ ସମ୍ପୃକ୍ତ କମ୍ପାନୀ ଅନୁମତି ପାଇଛି ନା ନାହିଁ, ଯଦି କିଏ ଦେଇଛି ଏମିତି ଅନେକ ପ୍ରଶ୍ନ ଏବେ ଉଙ୍କି ମାରିଛି। କେବଳ ବାନା ନୁହେଁ, ପୂର୍ବରୁ ଅନ୍‌ଲାଇନରେ ନିର୍ମାଲ୍ୟ, ଶୁଖିଲା ଭୋଗ, ମହାପ୍ରସାଦ ବିକ୍ରିକୁ ନେଇ ସ୍ୱର ଉଠାଇଛନ୍ତି ସେବାୟତ। ଅନ୍‌ଲାଇନରେ ବିକ୍ରି ହେଲେ ଏହିସବୁର ପବିତ୍ରତା ରକ୍ଷା ହେବ ନାହିଁ ବୋଲି ମନ୍ଦିର ପ୍ରଶାସନକୁ ଜଣାଇଛନ୍ତି। ହେଲେ ଏ ଦିଗରେ ମନ୍ଦିର ପ୍ରଶାସନ ନୀରବଦ୍ରଷ୍ଟା ସାଜିଥିବାବେଳେ ଏମିତି କିଛି କମ୍ପାନୀ ଏବଂ ବ୍ୟକ୍ତିବିଶେଷ ମନମାନୀ କରିବାକୁ ପରୋକ୍ଷରେ ସାହସ ପାଇଛନ୍ତି। ଏହାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ଶ୍ରଦ୍ଧାଳୁ। ଏବେ ଅନ୍‌ଲାଇନରେ ପତିତପାବନ ବାନା ବିକ୍ରି କରାଯାଉଥିବା କୁହାଯାଉଥିଲେ ହେଁ, ବାସ୍ତବରେ ତାହାର ଶୁଦ୍ଧତା ଓ ପବିତ୍ରତାକୁ ନେଇ ଉଠିଛି ପ୍ରଶ୍ନ। ଅନ୍‌ଲାଇନରେ ଯିଏ ଯାହା ବିକ୍ରି କରୁ କିନ୍ତୁ ପତିତପାବନ ନାଁ କହି ପତାକା ବିକ୍ରି କରିବା ଦୋଷାବହ ବୋଲି କହିଛନ୍ତି ଶ୍ରୀମନ୍ଦିର ଚୁନରା ସେବାୟତ। ଏଠାରେ ପ୍ରଶ୍ନଉଠୁଛି ଅନ୍‌ଲାଇନରେ ବିକ୍ରି ପାଇଁ ଅନୁମତି ଦେଇଛି କିଏ?

ମହାପ୍ରଭୁଙ୍କ ପ୍ରତି ବିଶ୍ୱବ୍ୟାପୀ ଭକ୍ତଙ୍କ ଗଭୀର ଶ୍ରଦ୍ଧା, ଭକ୍ତି ଓ ବିଶ୍ୱାସ ରହିଛି। ଅନେକ ସମୟରେ ଭକ୍ତଙ୍କ ଭାବାବେଗର ଫାଇଦା ଉଠାଇଛନ୍ତି ଅନେକ ବ୍ୟକ୍ତି। ସେମାନେ ମହାପ୍ରଭୁଙ୍କ ନାଁ ଯୋଡ଼ି ବ୍ୟକ୍ତିଗତ ଭାବେ ଲାଭବାନ ହେଉଥିବା




ଅନେକ ନଜିର ରହିଛି। ଏବେ ଶ୍ରୀମନ୍ଦିର ନୀଳଚକ୍ରରେ ଲାଗୁଥିବା ବାନା କ୍ଷେତ୍ରରେ ଏଭଳି ଘଟଣା ନଜରକୁ ଆସିଛି। ଫ୍ଲିପ୍‌କାର୍ଟରେ ପତିତପାବନ ନାଁରେ ବାନା ବିକ୍ରି କରାଯାଉଛି। କମ୍ପାନୀ ଅନ୍‌ଲାଇନରେ ଏହା ଜଗନ୍ନାଥ ମନ୍ଦିର ପତିତପାବନ ବାନା ବୋଲି ଉଲ୍ଲେଖ କରିଛି। ଦୁଇଟି ରଙ୍ଗ ଅର୍ଥାତ୍ ହଳଦିଆ ଏବଂ ନାଲି ରଙ୍ଗରେ ଏହା ଉପଲବ୍ଧ। ଏହାର ମାହାତ୍ମ୍ୟ କ'ଣ, ଏହା କେଉଁ କାର୍ଯ୍ୟରେ ଲାଗେ ଏସବୁ ଉଲ୍ଲେଖ କରି ଶ୍ରଦ୍ଧାଳୁଙ୍କୁ ଆକୃଷ୍ଟ କରିବା ପାଇଁ ଚେଷ୍ଟା କରିଛି। ତେବେ ସବୁଠୁ ବଡ଼ କଥା ହେଉଛି ମହାପ୍ରଭୁଙ୍କ ନାଁରେ ଭକ୍ତଙ୍କୁ ଏକପ୍ରକାର ଶୋଷଣ କରାଯାଉଛି ବୋଲି କୁହାଯାଇପାରିବ। କାରଣ ଏଥିରେ ଏହି ପତାକା ପାଇଁ ଯେଉଁ ମୂଲ୍ୟ ରଖାଯାଇଛି ତାହା ବାସ୍ତବରେ ବିକ୍ରି ହେଉଥିବା ମୂଲ୍ୟଠାରୁ ଢେର୍ ଅଧିକ। ଏଥିରେ କମ୍ପାନୀ ପକ୍ଷରୁ ବିଭିନ୍ନ ସାଇଜ୍‌ର ପତାକା ପାଇଁ ଭିନ୍ନ ଭିନ୍ନ ମୂଲ୍ୟ ରହିଛି। ଗୋଟିଏ ୭୦୧ ଟଙ୍କା, ଗୋଟିଏ ୧,୫୪୯ ଟଙ୍କା, ଗୋଟିଏ ୧,୪୯୮ ଟଙ୍କା ରଖାଯାଇଛି। ତେବେ ଏଠାରେ ପ୍ରଶ୍ନ ଉଠୁଛି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା କେନ୍ଦ୍ରରେ ସବୁଠୁ ବଡ଼ ବାନା (ନୀଳଚକ୍ରର ଅଗ୍ରଭାଗରେ ଲାଗୁଥିବା ୧୪ ହାତିଆ) ୩୦୦ ଟଙ୍କାରେ ବିକ୍ରି ହେଉଥିବାବେଳେ କମ୍ପାନୀ ପ୍ରାୟ ୫ରୁ ୬ ଗୁଣା ଅଧିକରେ ବିକ୍ରି କରୁଛି। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଶ୍ରୀମନ୍ଦିର ପତିତପାବନ ବାନା କହି ଯେଉଁ ପତାକା ବା ଧ୍ୱଜା ବିକ୍ରି କରାଯାଉଛି ବାସ୍ତବରେ ତା'ର ଶୁଦ୍ଧତା କିଏ ପରଖୁଛି। ଏହା ଶ୍ରୀମନ୍ଦିର ବାନା ନା ଅନ୍ୟ କେଉଁଠାର ସଠିକତା କ'ଣ? ବିଗତ ଦିନରେ ଏମିତି ଅନେକ ଜିନିଷ ମହାପ୍ରଭୁଙ୍କ ନାଁ ଯୋଡ଼ି ବିକ୍ରି କରାଯିବାର ନଜିର ରହିଛି। ତେଣୁ ବର୍ତ୍ତମାନ ଯେଉଁ ପତିତପାବନ ବାନା ଅନ୍‌ଲାଇନରେ ପୁଣି ମାତ୍ରାଧିକ ମୂଲ୍ୟରେ ବିକ୍ରି କରାଯାଉଛି ତାହାକୁ ଅନୁମତି ଦେଇଛି କିଏ? ଏମିତି ପ୍ରଶ୍ନ ଏବେ ଉଙ୍କି ମାରୁଥିବାବେଳେ ଏହାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ଚୁନରା ସେବକ।

ଅନ୍ୟପକ୍ଷରେ ଚୁନରା ସେବକଙ୍କ ମତରେ ଯେ କେହି ଅନ୍‌ଲାଇନରେ ତାଙ୍କର ସାମଗ୍ରୀ ଯେତେ ଟଙ୍କାରେ ବିକନ୍ତୁ ଆମର କିଛି କହିବାର ନାହିଁ। କିନ୍ତୁ ଶ୍ରୀମନ୍ଦିର ପତିତପାବନ ବାନା କହି ଏହାକୁ ବିକ୍ରି କରିବା ଦୋଷାବହ। ନୀଳଚକ୍ର ଓଲାଗି ବାନାକୁ ଶ୍ରୀମନ୍ଦିର ଭିତରେ କେବଳ ଚୁନରା ସେବକମାନେ ହିଁ ବିକ୍ରି କରିପାରିବେ। ଏହା ଆମର ଅଧିକାର। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଆମାଜନ୍ କମ୍ପାନୀ ପାଖରେ ଏହା ପହଞ୍ଚିଲା କିପରି? ସେମାନେ ଭକ୍ତଙ୍କ ଭାବାବେଗକୁ କୁଠାରାଘାତ କରି ମିଛି କହି ବିକ୍ରି କରୁଛନ୍ତି। ପତିତପାବନ ବାନା କହିଲେ କେବଳ ଶ୍ରୀମନ୍ଦିର ଧ୍ୱଜାକୁ ହିଁ ବୁଝାଏ। ଏହା ଦୋଷାବହ, ସମସ୍ତଙ୍କ ଦୃଷ୍ଟିଗୋଚର ହେବା ଦରକାର। ଏ ନେଇ ଆମ ନିଯୋଗ କେବଳ ମନ୍ଦିର ପ୍ରଶାସନକୁ ଅବଗତ କରିବ, କିନ୍ତୁ ମନ୍ଦିର ପ୍ରଶାସନ ଏ ଦିଗରେ ପଦକ୍ଷେପ ନେବା ଉଚିତ୍।

# ଡିଏସପି ନିଯୁକ୍ତିରେ ପାତରଅନ୍ତର

## ପଦୋନ୍ନତିର ୩ ମାସ ପରେ ବି ଥାନା ସମ୍ଭାଳିଛନ୍ତି

ଭୁବନେଶ୍ୱର, ୨୬।୭(ସମିସ): ରାଜ୍ୟରେ ସରକାର ପରିବର୍ତ୍ତନ ପରେ ଅଜବ ବ୍ୟବସ୍ଥା ଦେଖାଦେଇଛି। ପଦୋନ୍ନତି ପାଇଥିବା ୧୬୯ ଜଣ ଡିଏସପିଙ୍କ ମଧ୍ୟରୁ ୭୦ ଜଣଙ୍କର ପୋଷ୍ଟିଂ ହୋଇଥିଲେ ମଧ୍ୟ ୯୯ ଜଣ ଡିଏସପି ପୋଷ୍ଟିଂ ପାଇ ପାରିନାହାନ୍ତି। ଫଳରେ ସେମାନେ ପୂର୍ବଭଳି ଥାନାରେ କାମ କରୁଛନ୍ତି। ପୂର୍ବରୁ ଡିଏସପି ପୋଷ୍ଟିଂର କ୍ଷମତା ରାଜ୍ୟ ପୁଲିସ ମୁଖିଆଙ୍କ ପାଖରେ ରହିଥିବା ବେଳେ ଏବେ ଏହି କ୍ଷମତା ରାଜ୍ୟ ଗୃହ ବିଭାଗ ଛଡ଼ାଇ ନେଇଛି। ଗୃହ ବିଭାଗ ପାଖରେ କ୍ଷମତା ଥାଇ ମଧ୍ୟ ଡିଏସ୍‌ପି

- ଡିଏସପିର କାମ; ଇନ୍ସପେକ୍ଟରର ଦରମା
- ପୁଲିସ ମହଲରେ ଅସନ୍ତୋଷ
- ପୋଷ୍ଟିଂ ଅପେକ୍ଷାରେ ୯୯ ଡିଏସପି

ପୋଷ୍ଟିଂରେ ଏଭଳି ଅବ୍ୟବସ୍ଥା ଦେଖାଦେଇଛି। ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ଭୁଶୁଡ଼ିବାରେ ଲାଗିଥିବା ବେଳେ ଏଭଳି ପାତରଅନ୍ତର ପୁଲିସର ଅଧିକାରୀଙ୍କ ମନୋବଳକୁ ଆହୁରି ଆଘାତ ପହଞ୍ଚାଇଛି।

ଗତ ମାସ ଏପ୍ରିଲ ୨୩ ତାରିଖ ଦିନ ରାଜ୍ୟ ସରକାର ୧୬୮ ଜଣ ଇନ୍ସପେକ୍ଟରଙ୍କୁ ଡିଏସପି ପାହ୍ୟାକୁ ପଦୋନ୍ନତି କରିଥିଲେ। ପରବର୍ତ୍ତୀ ସମୟରେ ଆଉ ଜଣେ ଅଧିକାରୀ ମଧ୍ୟ ଡିଏସ୍‌ପି ପାହ୍ୟାକୁ ପଦୋନ୍ନତି ହୋଇଥିଲେ। ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ସେହି ସ୍ଥାନରେ କାର୍ଯ୍ୟ କରିବାକୁ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହାର ଦୁଇମାସ ପରେ ଅର୍ଥାତ୍ ଜୁନ୍ ୨୬ ତାରିଖରେ ନୂଆ କରି ପଦୋନ୍ନତି ପାଇଥିବା ୭୦ଜଣଙ୍କୁ ମିଶାଇ ମୋଟ ୭୯ ଡିଏସପିଙ୍କର ନିଯୁକ୍ତି ମିଳିଥିଲା। ହେଲେ ବାକି ୯୯ଜଣ ଡିଏସପି ଏବେ ମଧ୍ୟ ପୂର୍ବ ପଦବୀରେ କାର୍ଯ୍ୟ କରୁଛନ୍ତି।

ଡିଏସପି ନିଯୁକ୍ତି କ୍ରମାନ୍ୱୟରେ ହୋଇନଥିବାରୁ ଅନେକ କନିଷ୍ଠ ବ୍ୟାଚର ଅଧିକାରୀ ପୋଷ୍ଟିଂ ହୋଇଥିବା ବେଳେ ବରିଷ୍ଠମାନେ ସେହି ତାଲିକାରୁ ବାଦ୍ ପଡ଼ିଛନ୍ତି। ଫଳରେ କନିଷ୍ଠ ଓ ବରିଷ୍ଠଙ୍କ ମଧ୍ୟରେ ଭେଦଭାବ ଭଳି ପରିସ୍ଥିତି ଉପୁଜିଛି। ଏହାର ଭିତରେ ପଦୋନ୍ନତିକୁ ୩ ମାସ ବିତିଯାଇଥିଲେ ମଧ୍ୟ ୯୯ଜଣ ଏପର୍ଯ୍ୟନ୍ତ ନିଯୁକ୍ତି ପାଇନାହାନ୍ତି। ଫଳରେ ନିଯୁକ୍ତି ନପାଇ ଥାନା ଦାୟିତ୍ୱରେ ଥିବା ଇନ୍ସପେକ୍ଟରମାନେ ଡିଏସ୍‌ପି (ଇନଚାର୍ଜ) ଭାବେ କାର୍ଯ୍ୟ କରୁଛନ୍ତି। ଅନୁସୂଚିତ ଜାତି ଓ ଜନଜାତି ଜନିତ ମାମଲା ସର୍ବନିମ୍ନ ଡିଏସପି ପାହ୍ୟାର ଅଧିକାରୀ କରିବାର ପ୍ରାବଧାନ ରହିଛି। ଥାନାରେ ଡିଏସ୍‌ପି ଇନ୍‌ଚାର୍ଜ ଭାବେ କାର୍ଯ୍ୟରତ ଅଧିକାରୀମାନେ ଅନୁସୂଚିତ ଜାତି ଓ ଜନଜାତି ଜନିତ ମାମଲାର ତଦନ୍ତ ଦାୟିତ୍ୱ ନେଉଛନ୍ତି। ମୋଟାମୋଟି କହିବାକୁ ଗଲେ, ଇନ୍ସପେକ୍ଟର ପଦବୀରେ ଥାଇ ମଧ୍ୟ ଡିଏସପି ପାହ୍ୟାର ଅଧିକାରୀଙ୍କ କାମ କରୁଛନ୍ତି।

ଡିଏସପି ଭାବେ ଦାୟିତ୍ୱ ତୁଲାଉଥିଲେ ମଧ୍ୟ ଅନେକ ଅଧିକାରୀ ଏବେ ବି ଇନ୍ସପେକ୍ଟର୍ ପାହ୍ୟାର ଦରମା ପାଉଛନ୍ତି। ପୂର୍ବରୁ ଇନ୍ସପେକ୍ଟର୍ ଭାବେ କାର୍ଯ୍ୟରତ ଅଧିକାରୀମାନେ ପଦୋନ୍ନତି ପାଇ ଡିଏସ୍‌ପି ହୋଇଛନ୍ତି। ହେଲେ ଉକ୍ତ ପୁଲିସ ଜିଲ୍ଲାଗୁଡ଼ିକରେ ମଞ୍ଜୁରୀପ୍ରାପ୍ତ ଡିଏସପି ପଦବୀ ସଂଖ୍ୟା ପୂର୍ବଭଳି ରହିଛି। ଫଳରେ ପୂର୍ବମଞ୍ଜୁରୀ ପଦବୀ ଅନୁସାରେ ଦରମା ମିଳୁଛି। ଏହାଦ୍ୱାରା ନୂଆକରି ପଦୋନ୍ନତି ପାଇ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଡିଏସ୍‌ପି ଭାବେ କାମ କରୁଥିବା ଅଧିକାରୀମାନେ ଇନ୍ସପେକ୍ଟର ପାହ୍ୟାର ଦରମା ପାଉଛନ୍ତି। ପଦୋନ୍ନତିର ୩ ମାସ ପରେ ମଧ୍ୟ ୯୯ଜଣ ଡିଏସପିଙ୍କୁ ନିଯୁକ୍ତି ନ ମିଳିବା ସରକାରଙ୍କ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେପଟେ, ବରିଷ୍ଠ ବ୍ୟାଚର ଅଧିକାରୀଙ୍କ ପୂର୍ବରୁ କନିଷ୍ଠ ବ୍ୟାଚର ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇଥିବାରୁ ପୁଲିସ ବିଭାଗରେ ଖରାପ ପରମ୍ପରା ସୃଷ୍ଟି ହୋଇଛି ବୋଲି କିଛି ବରିଷ୍ଠ ଅଧିକାରୀ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି।

# ବାଇକ୍‌କୁ ରକ୍ଷା କରିବାକୁ ଯାଇ ଦୁଇ ଟ୍ରକ୍ ମୁହାଁମୁହିଁ; ୩ ମୃତ

ଗଣିଆ/ଦଶପଲ୍ଲା,୨୬।୭(ସମିସ): ଏକ ବାଇକ୍‌କୁ ରକ୍ଷା କରିବାକୁ ଯାଇ ଦୁଇ ଟ୍ରକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ୩ ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଦୁଇ ଜଣ ଗୁରୁତର ଅଛନ୍ତି। ଆଜି ସନ୍ଧ୍ୟା ଖୋର୍ଦ୍ଧା-ବଲାଙ୍ଗିର ୫୭ ନମ୍ବର ଜାତୀୟ ରାଜପଥର ନୟାଗଡ଼ ଜିଲ୍ଲା ଦଶପଲ୍ଲା ଟାକରା ନିକଟରେ ଏହି ଦୁର୍ଘଟଣା ଘଟିଛି। ଏକ ବାଇକ୍‌କୁ ରକ୍ଷା କରିବାକୁ ଯାଇ ଦୁଇ ମାଲ୍ ବୋଝେଇ ଟ୍ରକ୍ ଭାରସାମ୍ୟ ହରାଇ ପରସ୍ପରକୁ ଧକ୍କା ଦେଇଥିଲେ। ପୁଲିସ ସୂଚନା ପାଇ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଯାଇଛି।



ଆସନ୍ତାକାଲି ବ୍ୟବଚ୍ଛେଦ ପରେ ମୃତକଙ୍କ ପରିବାରରୁ ଶବ ହସ୍ତାନ୍ତର କରାଯିବ। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଜାରି ରଖିଛି। ଦୁର୍ଘଟଣାଗ୍ରସ୍ତ ୨ଟି ଟ୍ରକ୍‌କୁ ଜବତ କରିଛି ପୁଲିସ। ଗୋଟିଏ ଟ୍ରକ୍ ରାୟଗଡ଼ାରୁ ଆସିଥିବା ବେଳେ ସେଥିରେ ଦୁଇ ଜଣ ଥିଲେ। ସେଥିମଧ୍ୟରୁ ଡ୍ରାଇଭର ଦୀପକ ଚୌହ୍ୱାନ ମୃତ୍ୟୁବରଣ କରିଥିବା ବେଳେ ଜଣେ ଜୀବିତ ଅଛନ୍ତି। ଆଉ ଗୋଟିଏ ଟ୍ରକ୍ ଆନ୍ଧ୍ରପ୍ରଦେଶରୁ ଆସିଥିବା ବେଳେ ସେଥିରେ ୩ ଜଣ ଥିଲେ। ସେଥିମଧ୍ୟରୁ ଆପଲା ନାଇଡୁ ମୃତ୍ୟୁବରଣ କରିଥିବା ବେଳେ କୋୟା ମୋହନ ଜୀବିତ ଅଛନ୍ତି। ଆଉ ଜଣେ ମୃତକଙ୍କ ପରିଚୟ ମିଳିପାରିନାହିଁ।

■ ମୃତ୍ୟୁ ପରେ ବି ମିଳିଲାନି ସମ୍ମାନ

# ଟ୍ରାକ୍ଟରରେ ବୁହାହେଲା ଶବ

ନାକଟିଦେଉଳ, ୨୬।୭(ସମିସ): ମୃତ୍ୟୁ ପରେ ବି ମିଳିଲାନି ସମ୍ମାନ। ମିଳିଲାନି ମହାପ୍ରୟାଣ ଗାଡ଼ି କି ଶବବାହକ ଗାଡ଼ି। ଶେଷରେ ଟ୍ରାକ୍ଟର ଡାଲାରେ ବୁହା ହେଲା ଶବ। ଏଭଳି ଅଭାବନୀୟ ଘଟଣା ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକ୍ ବୁରୁବୁଡା ଗାଁରେ ଦେଖିବାକୁ ମିଳିଛି। ସୂଚନାନୁସାରେ, କିସିଣ୍ଡା ଗାଁର ୭୫ବର୍ଷୀୟ ବୃଦ୍ଧ ନାରାୟଣ ନାୟକ ପାଖ ବୁରୁବୁଡ଼ା ଗାଁରେ ଜଣଙ୍କ ଘରେ ରହି ମୁଢ଼ି ବିକ୍ରି କରିଚଳୁଥିଲେ। ହଠାତ ଘରେ ଥିବା ବେଳେ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ କିସିଣ୍ଡାଗାଁରୁ ନାରାୟଣଙ୍କ



ପରିବାରଲୋକେ ବୁରୁବୁଡା ଗାଁକୁ ଆସିଥିଲେ। ହେଲେ ବୁରୁବୁଡା ଗାଁରେ ଶବଦାହ ପାଇଁ ସମସ୍ୟା ହେବାରୁ ୫ କି.ମି ଦୂର ନିଜ ଗାଁ କିସଣ୍ଡାରେ ଶବ ସତ୍କାର ପାଇଁ ପରିବାରଲୋକେ ଚାହିଁଲେ। ସ୍ଥାନୀୟ ଗିରିଶ୍ଚନ୍ଦ୍ରପୁର ସରପଞ୍ଚ ମହାପରାୟଣ ଗାଡ଼ି , ଶବବାହାକ ଗାଡ଼ିକୁ ଯୋଗାଯୋଗ କରିଥିଲେ ମଧ୍ୟ ମହାପ୍ରୟାଣ ଗାଡ଼ି ମିଳିନଥିଲା। ଶେଷରେ ମୃତକଙ୍କ ପରିବାରଲୋକ ଏକ ଟ୍ରାକ୍ଟର ଡାଲାରେ ମୃତଦେହକୁ ପକାଇ ୫କି.ମି ଦୂରରେ ଥିବା କିସିଣ୍ଡା ଗାଁ ଶ୍ମଶାନ ଘାଟରେ ଶବ ଦାହ କରିଥିଲେ। ଏହି ଅଞ୍ଚଳ ସମ୍ବଲପୁର ଓ ରେଢାଖୋଲ ଠାରୁ ଦୂରରେ ରହୁଥିବାରୁ ଏଠାରେ ଏକ ଶବ ବାହାକ ଗାଡିର ଆବଶ୍ୟକତା ରହିଛି ବୋଲି ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଅନ୍ୟପଟେ ଏଭଳି ଘଟଣା ଦୁଃଖଦାୟକ ବହୁ ଚେଷ୍ଟା ସତ୍ତ୍ୱେ ଶବବାହାକ ଗାଡ଼ି ମିଳିଲାନି ବୋଲି କହିଛନ୍ତି ଗରିଶ୍ଚନ୍ଦ୍ରପୁର ସରପଞ୍ଚ।

# ହତ୍ୟାକାରୀକୁ ଆଜୀବନ

ଟିଟିଲାଗଡ଼, ୨୬।୭ (ସମିସ): ୨୦୧୭ ମସିହାରେ ସଂଘଟିତ ଏକ ହତ୍ୟା ମାମଲାର ବିଚାର କରି ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ଅତିରିକ୍ତ ଜିଲ୍ଲା ଏବଂ ଦୌରାଜଜ୍ ସନ୍ଦୀପ କୁମାର ପଟ୍ଟନାୟକ ଆଜି ଅଭିଯୁକ୍ତ ଲକ୍ଷ୍ମଣ ଖରସେଲଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ ଜେଲ୍ ଓ ୨୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଲକ୍ଷ୍ମଣର ଘର ଟିଟିଲାଗଡ଼ ଥାନା ଅନ୍ତର୍ଗତ କୁମୁଡ଼ା ଗ୍ରାମରେ। ଅପରପକ୍ଷେ, ଏହି ମାମଲାରେ ଜଡ଼ିତ ଅନ୍ୟତମ ଅଭିଯୁକ୍ତ ଧନେଶ୍ୱର ବାଗ ଓରଫ୍ ରାହୁଲ ପୂର୍ବରୁ ଜାମିନରେ ଥିବା ବେଳେ ବର୍ତ୍ତମାନ ଫେରାର୍ ରହିଛି। ଜରିମାନା ଅନାଦେୟ ହେଲେ ଅଧିକ ୬ମାସ କାରାଦଣ୍ଡ ଭୋଗିବାକୁ ରାୟରେ ନିର୍ଦ୍ଦେଶ ରହିଛି। ୧୬ଜଣଙ୍କ ସାକ୍ଷ୍ୟ ପ୍ରମାଣ, ୭୧ ଦସ୍ତାବିଜ, ହତ୍ୟାକାଣ୍ଡରେ ବ୍ୟବହୃତ ପଥର ଠେଙ୍ଗା ଆଦି ୯ଟି ପ୍ରମାଣକୁ ଆଧାର କରି ଅଦାଲତ ଏହି ରାୟ ଶୁଣାଇଛନ୍ତି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ୨୦୧୭ ଜୁନ୍ ୩ ତାରିଖରେ ଏହି ହତ୍ୟାକାଣ୍ଡ ହୋଇଥିଲା। ଅଭିଯୁକ୍ତଦ୍ୱୟ ଗ୍ରାମର ରୋମାଞ୍ଚ ଖରସେଲଙ୍କୁ ହତ୍ୟା କରିଥିଲେ। ଉକ୍ତ ଦିନ ରୋମାଞ୍ଚଙ୍କ ଭଉଣୀ ଚମ୍ପାଙ୍କୁ ଲକ୍ଷ୍ମଣର ପତ୍ନୀ, ମା', ଝିଅ ଓ ଝିଆରୀ ମରଣାନ୍ତକ ଆକ୍ରମଣ କରିଥିଲେ। ପୁଣି ସେହି ରାତିରେ ରୋମାଞ୍ଚଙ୍କୁ ଅଭିଯୁକ୍ତ ରାହୁଲ ଏକ ଠେଙ୍ଗା ଏବଂ ଲକ୍ଷ୍ମଣ ପଥରରେ ଆକ୍ରମଣ କରିଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେହି ମାସ ୮ ତାରିଖରେ ରୋମାଞ୍ଚଙ୍କର ବୁର୍ଲା ଡାକ୍ତରଖାନାରେ ମୃତ୍ୟୁ ହୋଇଯାଇଥିଲା। ଏନେଇ ଅଭିଯୋଗ ହେବାରୁ ପୁଲିସ୍ ଲକ୍ଷ୍ମଣ ଓ ରାହୁଲକୁ ଗିରଫ କରିଥିଲା। ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ରାଧାକାନ୍ତ ପାଢ଼ୀ ମାମଲା ପରିଚାଳନା କରୁଥିଲେ।

# ଜେଲ୍ ଗଲେ କୁବେର ଡେପୁଟୀ ରେଞ୍ଜର୍

ଜୟପୁର/ଭୁବନେଶ୍ୱର, ୨୬।୭(ସମିସ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଜୟପୁର ବନଖଣ୍ଡର ଡେପୁଟି ରେଞ୍ଜର ରାମଚନ୍ଦ୍ର ନେପାକଙ୍କୁ ଆଜି ଭିଜିଲାନ୍ସ ଗିରଫ କରି କୋର୍ଟଚାଲାଣ କରିଛି। ତାଙ୍କୁ ସ୍ଥାନୀୟ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଥିଲା। କିନ୍ତୁ ସେଠାରେ ଜାମିନ

- ଆୟଠାରୁ ୫୦୧ ପ୍ରତିଶତ ଅଧିକ ସଂପତ୍ତି
- ଘରୁ ଜବତ ହୋଇଥିଲା ୧.୪୩ କୋଟି ଟଙ୍କା

ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଶ୍ରୀ ନେପାକ ଆୟଠାରୁ ୫୦୧ ପ୍ରତିଶତ ଅଧିକ ସଂପତ୍ତିର ମାଲିକ ବୋଲି ଭିଜିଲାନ୍ସ କହିଛି।

ସୂଚନାନୁଯାୟୀ, ଶୁକ୍ରବାର ଡେପୁଟି ରେଞ୍ଜର୍ ଶ୍ରୀ ନେପାକଙ୍କ ଜୟପୁର ଓ ଭୁବନେଶ୍ୱରର ୬ଟି ଠିକଣାରେ ଚଢ଼ଉ କରିଥିଲା ଭିଜିଲାନ୍ସ ଟିମ୍। ଜୟପୁର ଏନ୍‌କେଟି ରୋଡ୍‌ରେ ଥିବା ୪୦୦୦ ବର୍ଗଫୁଟର ୩ ମହଲା କୋଠା ଓ ଜୟପୁର ଗୋଲଡେନ୍ ହାଇଟ୍ସ ଆପାର୍ଟମେଣ୍ଟରେ ଚଢ଼ଉ ବେଳେ ତାଙ୍କ ସଂପତ୍ତି ଦେଖି ଭିଜିଲାନ୍ସ ଅଧିକାରୀ ଜଳକା ହୋଇଯାଇଥିଲେ। ଆପାର୍ଟମେଣ୍ଟର ୫୧୦ ନଂ ରୁମରୁ ଭିଜିଲାନ୍ସକୁ ଏକ ଗୁପ୍ତ ଟ୍ରେଜେରୀ ମିଳିଥିଲା। ସେଥିରେ ୧.୪୩ କୋଟି ନଗଦ ଟଙ୍କା ରହିଥିଲା। ପୁଳାପୁଳା ଟଙ୍କାବିଡ଼ା ସହିତ ୪ଟି ସୁନା ବିସ୍କୁଟ, ୧୦ ଗ୍ରାମ୍ ଓଜନର ୧୬ଟି ସୁନା କଏନ୍, ସୁନା ହାର, ଚୁଡ଼ି, ମାଳି, ମଙ୍ଗଳସୂତ୍ର ଭଳି ବହୁ ଦାମୀ ଅଳଙ୍କାର ସାମଗ୍ରୀ ମିଳିଥିଲା। ଏହାବ୍ୟତୀତ ଜୟପୁର ସହରାଞ୍ଚଳରେ ୨ଟି ମୂଲ୍ୟବାନ ଜମି, ଭୁବନେଶ୍ୱର ପଟିଆ ରଘୁନାଥପୁରରେ ୧୮୦୦ ବର୍ଗଫୁଟର ୩ ବିଏଚ୍‌କେ ଫ୍ଲାଟ୍ ତାଙ୍କ ନାମରେ ଥିବା ଭିଜିଲାନ୍ସ ଜାଣିବାକୁ ପାଇଥିଲା। ସେହିପରି ଘରେ ଥିବା ସାମଗ୍ରୀର ଦାମ ୧୫.୫୦ଲକ୍ଷ ହେବ ବୋଲି ଭିଜିଲାନ୍ସ ଆକଳନ କରିଛି। ଭୁବନେଶ୍ୱର ଫ୍ଲାଟ୍, ନେପାକଙ୍କ ସମ୍ପର୍କୀୟ ଓ ଶ୍ୱଶୁର ଘରେ ଚଢ଼ଉ ହୋଇଥିଲେ ମଧ୍ୟ ସେଠାରୁ କିଛି ଟଙ୍କା ମିଳିନାହିଁ। ୬ଟି



ସ୍ଥାନରେ ହୋଇଥିବା ଚଢ଼ଉରେ ଜୟପୁର, ନବରଙ୍ଗପୁର, ମାଲକାନଗିରି ଭିଜିଲାନ୍ସ କାର୍ଯ୍ୟାଳୟର ୬ଡିଏସ୍‌ପି, ୫ ଇନ୍ସପେକ୍ଟର, ୯ ଏଏସଆଇ ଏବଂ ଏକାଧିକ କର୍ମଚାରୀ ସାମିଲ୍ ହୋଇଥିଲେ।

# ୟୁନିଫାଏଡ୍ ଅଟୋମେସନ ସିଷ୍ଟମ୍ ଲାଗୁ କରିବା ପୂର୍ବରୁ ଆବଶ୍ୟକ ଭିତ୍ତିଭୂମି ଯୋଗାଇ ଦିଆଯାଉ: ଓଷ୍ଟା

ଭୁବନେଶ୍ୱର,୨୬।୭(ସମିସ): ଆବଶ୍ୟକ ଭିତ୍ତିଭୂମି ନ ଯୋଗାଇ ବିଦ୍ୟାଳୟସ୍ତରରେ ନୂତନ ଭାବେ ଲାଗୁ କରାଯାଉଥିବା ୟୁଏଏସ୍ ପୋର୍ଟାଲ୍ ବା ୟୁନିଫାଏଡ୍ ଅଟୋମେସନ ସିଷ୍ଟମ ବ୍ୟବସ୍ଥାକୁ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ବା ଓଷ୍ଟା ତୀବ୍ର ବିରୋଧ କରିଛି। ବିଦ୍ୟାଳୟଗୁଡ଼ିକରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନିଯୁକ୍ତି, ମୋବାଇଲ୍, ଇଣ୍ଟରନେଟ୍, କମ୍ପ୍ୟୁଟର ସୁବିଧା ଓ କମ୍ପ୍ୟୁଟର ଶିକ୍ଷକ ନିଯୁକ୍ତି ଭଳି ଉପଯୁକ୍ତ ଭିତ୍ତିଭୂମି ପ୍ରସ୍ତୁତ କରିବା ପରେ ୟୁଏଏସ୍ ପୋର୍ଟାଲ୍ ବ୍ୟବସ୍ଥା ଲାଗୁ କରିବାକୁ ଓଷ୍ଟାର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ ସୂଚନା ଦେଇଛନ୍ତି।

ଓଷ୍ଟା ପକ୍ଷରୁ କୁହାଯାଇଛି ଯେ ୟୁଏଏସ୍ ବ୍ୟବସ୍ଥା ଶିକ୍ଷକମାନଙ୍କ ମାନବିକ ଅଧିକାରକୁ କ୍ଷୁଣ୍ଣ କରିବା ସହିତ ଶିକ୍ଷକମାନଙ୍କ ମଧ୍ୟରେ ଏକ ପରାଧୀନ ଗୋତିଶ୍ରମିକ ଭଳି ହୀନ ମନ୍ୟତା ସୃଷ୍ଟି କରିବ। ସମସ୍ତ ବିଭାଗର କର୍ମଚାରୀମାନଙ୍କ ପାଇଁ ଏ ବ୍ୟବସ୍ଥା ଲାଗୁ କରା ନ ଯାଇ କେବଳ ଶିକ୍ଷକମାନଙ୍କ କ୍ଷେତ୍ରରେ ଏହା କାର୍ଯ୍ୟକାରୀ କରିବା ସରକାରଙ୍କ ବାଛବିଚାର ମନୋବୃତ୍ତି। ଏହା ନିନ୍ଦନୀୟ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ସୂଚନାଥାଉ କି, ରାଜ୍ୟ ସରକାର ବିଦ୍ୟାଳୟସ୍ତରରେ ୟୁନିଫାଏଡ୍ ଅଟୋମେସନ ସିଷ୍ଟମ୍ ଲାଗୁ କରିଛନ୍ତି। ଏହା ମାଧ୍ୟମରେ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଏକ ନିର୍ଦ୍ଦିଷ୍ଟ ସମୟରେ ଦୈନିକ ଉପସ୍ଥାନ ପକାଇବେ ବୋଲି ଗଣଶିକ୍ଷା ବିଭାଗ ତରଫରୁ ଯେଉଁ ନିର୍ଦ୍ଦେଶନାମା ଜାରି କରାଯାଇଛି, ତାହା କେତେ ଯୁକ୍ତିଯୁକ୍ତ ବୋଲି ସଂଘ ପ୍ରଶ୍ନ କରିଛି। ଉପରିସ୍ଥ ସମସ୍ତ ଦାବିକୁ ବିଚାର କରିବା ସହ ଆବଶ୍ୟକ ବ୍ୟବସ୍ଥା କରିବାକୁ ଓଷ୍ଟା ପକ୍ଷରୁ ସଭାପତି ଅକ୍ଷୟ କୁମାର ମିଶ୍ର, କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ, ସାଧାରଣ ସଂପାଦକ ରଞ୍ଜନ କୁମାର ଦାଶ, ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜ କିଶୋର ବିଶ୍ୱାଳ, କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର ପ୍ରମୁଖ ଦାବି କରିଛନ୍ତି।

## ନାବାଳିକା ପୋଡ଼ି ଘଟଣାର

# ୮ ଦିନ ପରେ ମୁହଁ ଖୋଲିଲେ ଏସ୍‌ପି

ବଳଙ୍ଗା,୨୬।୭(ସମିସ): ବଳଙ୍ଗା ଘଟଣାରେ ମୁହଁ ଖୋଲିଛନ୍ତି ଏସ୍‌ପି ପିନାକ୍ ମିଶ୍ର। ବଳଙ୍ଗା ଘଟଣା ଉପରେ ତଦନ୍ତ ଆହୁରି ଚାଲିଛି। ଏ ଘଟଣାର ସମ୍ପୂର୍ଣ୍ଣ ତଥ୍ୟ ତଦନ୍ତ ପାଇଁ ଆଉ ଟିକେ ସମୟ ଲାଗୁଛି। ତଦନ୍ତ

- ‘କୌଣସି ନିଷ୍କର୍ଷ ଭିତରେ ଆମେ ପହଞ୍ଚି ପାରିନୁ’
- ୪ ଜଣଙ୍କ ବୟାନ ରେକର୍ଡ

ଯାହାବି କରୁଛୁ ତଦନ୍ତ ସପକ୍ଷ ଟିକେ ସମୟ ଲାଗୁଛି। ତଦନ୍ତରେ କୌଣସି ପ୍ରକାରର ଖିଅ ଯେମିତି ନ ଛାଡୁ, ସେଥିପ୍ରତି ଧ୍ୟାନ ରଖୁଛୁ। କୌଣସି ନିଷ୍କର୍ଷ ଭିତରେ ଆମେ ପହଞ୍ଚି ପାରିନୁ। ମୂଲ୍ୟବାନ ପ୍ରମାଣ ଆମେ ହସ୍ତଗତ କରିଛୁ। ଆଗାମୀ ଦିନରେ ଏହା ପ୍ରତିକ୍ରିୟା ରଖିବୁ ବୋଲି କହିଛନ୍ତି।



ଏପଟେ ଶୁକ୍ରବାର ବଳଙ୍ଗା ପୁଲିସ ଏବଂ କ୍ରାଇମ୍‌ବ୍ରାଞ୍ଚ ମିଳିତ ଭାବେ ଦିଲ୍ଲୀ ଏମ୍‌ସରେ ପୀଡ଼ିତାଙ୍କ ବୟାନ ଆଉଥରେ ରେକର୍ଡ କରିଥିବା ବେଳେ ଶନିବାର ସମ୍ପୂର୍ଣ୍ଣ ଘଟଣା ଉପରୁ ପରଦା ଉଠିବା ନେଇ ଯେଉଁ ଚର୍ଚ୍ଚା ଚାଲିଥିଲା, ବର୍ତ୍ତମାନ ପୁରୀ ଏସ୍‌ପିଙ୍କ ବୟାନ ଘଟଣାରେ ଆହୁରି ଦ୍ୱନ୍ଦ୍ୱ ସୃଷ୍ଟି କରିଛି। ଏପଟେ ପୀଡ଼ିତାଙ୍କ ପ୍ରଥମ ବୟାନ ଆଉ ବର୍ତ୍ତମାନର ବୟାନ ତାଳମେଳ ଖାଉ ନଥିବା ଚର୍ଚ୍ଚା ହେବା ପରେ ପୁଣି କ୍ରାଇମ୍‌ବ୍ରାଞ୍ଚ ପୀଡ଼ିତାଙ୍କ ବୟାନ ରେକର୍ଡ କରିପାରେ ବୋଲି କୁହାଯାଉଛି। ସମସ୍ତ ତଦନ୍ତ ପ୍ରକ୍ରିୟା ଏବଂ ଘଟଣା ଭିତରେ ଗୋଟିଏ କଥା ଏବେ ସମସ୍ତଙ୍କ ସାମ୍ନାକୁ ଆସିଛି ପୁଲିସର ନିଷ୍କ୍ରିୟତା। ସେପଟେ ଏହି ଘଟଣାରେ ପୁରୀ ହେଡ୍‌କ୍ୱାର୍ଟର ଏସ୍‌ଡିପିଓଙ୍କ ଉପସ୍ଥିତିରେ ପୀଡ଼ିତାଙ୍କ ଜଣେ ସମ୍ପର୍କୀୟ ପିଉସୀ, ବାନ୍ଧବୀ, ଗାଁର ଜଣେ ଯୁବକ ଓ ଅନ୍ୟ ଜଣେ ମହିଳା ପ୍ରମୁଖ ୪ ଜଣଙ୍କ ଶନିବାର ସନ୍ଧ୍ୟାରେ ନିମାପଡ଼ା ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ବୟାନ ରେକର୍ଡ କରାଯାଇଛି। ପୁରୀ ଏସ୍‌ପି ପିନାକ ମିଶ୍ର ଏହି ୪ଜଣଙ୍କୁ ଉକ୍ତ ଘଟଣା ସମ୍ପର୍କରେ ପଚରାଉଚରା ପରେ ସେମାନଙ୍କୁ ନିମାପଡ଼ା ଜେଏମ୍‌ଏଫ୍‌ସିଙ୍କ କୋର୍ଟରେ ହାଜର କରାଯାଇଥିଲା।

# ୪ ମାଓବାଦୀ ନିହତ; ବିସ୍ଫୋରକ ଜବତ

ମାଲକାନଗିରି,୨୬।୭(ସମିସ): ମାଓଦମନ ଲାଗି ଆରମ୍ଭ ହୋଇଥିବା ଅପରେସନ୍ ‘ମନସୁନ୍’କୁ ବଡ଼ଧରଣର ସଫଳତା ମିଳିଛି। ଛତିଶଗଡ଼ର ବିଜାପୁର ଜିଲ୍ଲାରେ ପୁଲିସ୍ ଏନକାଉଣ୍ଟର୍‌ରେ ୪ ମାଓବାଦୀ ନିହତ ହୋଇଛନ୍ତି। ସୂଚନାନୁଯାୟୀ, ବିଜାପୁର ଜିଲ୍ଲା ଅନ୍ତର୍ଗତ ଗଙ୍ଗାଲୁର ଜଙ୍ଗଲରେ ସୁରକ୍ଷା କର୍ମୀମାନେ ଅପରେସନ୍ ଚଳାଇଥିବାବେଳେ ମାଓବାଦୀଙ୍କ ସହ ମୁହାଁମୁହିଁ ହୋଇଥିଲା। ଉଭୟ ପକ୍ଷରୁ ଗୁଳି ବିନିମୟ ହୋଇଥିବା ବେଳେ ଏଥିରେ ୪ ମାଓବାଦୀ ନିହତ ହୋଇଥିଲେ। ଘଟଣାସ୍ଥଳରୁ କିଛି ବିସ୍ଫୋରକ ସାମଗ୍ରୀ ଜବତ ହୋଇଛି। ଆଉ କିଛି ମାଓବାଦୀ ଆତ୍ମଗୋପନ କରିଥିବା ସନ୍ଦେହରେ ପୁଲିସ୍ ପକ୍ଷରୁ ଅଭିଯାନକୁ ଜୋରଦାର୍ କରାଯାଇଛି।

## ଉତ୍କଳ ସାହିତ୍ୟ ସମାଜର ୧୨୩ତମ ସମାବର୍ତ୍ତନ ଉତ୍ସବ

# ବିଶ୍ୱଭୂଷଣ ହରିଚନ୍ଦନଙ୍କୁ ‘ଉତ୍କଳରତ୍ନ’ ସମ୍ମାନ

କଟକ,୨୬।୭(ସମିସ): ଭାଷାଭିତ୍ତିରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଓ ଓଡ଼ିଆ ଭାଷା-ସାହିତ୍ୟର ବିକାଶ କ୍ଷେତ୍ରରେ ଉତ୍କଳ ସାହିତ୍ୟ ସମାଜ ପ୍ରମୁଖ ଭୂମିକା ପ୍ରଶଂସନୀୟ। ଏକ ଶତାବ୍ଦୀରୁ ଊର୍ଦ୍ଧ୍ୱ ସମୟ ଧରି ଏହି ଅନୁଷ୍ଠାନ ଭାଷା-ସାହିତ୍ୟର ଯେପରି ସେବା କରିଆସୁଛି, ତାହା ଅନନ୍ୟ ବୋଲି ଉତ୍କଳ ସାହିତ୍ୟ ସମାଜର ୧୨୩ତମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍‌ପାଟି କହିଛନ୍ତି।

‘ଉତ୍କଳ ସାହିତ୍ୟ ସମାଜ’ର ସଭାପତି ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବର୍ତ୍ତନ ଉତ୍ସବରେ ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ର ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କୁ ଅନୁଷ୍ଠାନର ସର୍ବୋଚ୍ଚ ସମ୍ମାନ ‘ଉତ୍କଳରତ୍ନ’ ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥି ରାଜ୍ୟପାଳ ଡକ୍ଟର କମ୍ଭମ୍‌ପାଟି ଶ୍ରୀ ହରିଚନ୍ଦନଙ୍କୁ ଅନୁଷ୍ଠାନର ରୁପାର ସ୍ମାରକୀ ଚିହ୍ନ, ତାମ୍ର ପ୍ରଶଂସାପତ୍ର ଓ ଉପଢ଼ୌକନ ପ୍ରଦାନ କରି ସମ୍ମାନିତ କରିଥିଲେ।




ସମ୍ମାନ ଗ୍ରହଣ କରି ଶ୍ରୀଯୁକ୍ତ ହରିଚନ୍ଦନ କହିଲେ ଯେ ଜାତିକୁ ଜାଗ୍ରତ କରିବା ପାଇଁ ସାହିତ୍ୟିକମାନେ ଅଗ୍ରଣୀ ଭୂମିକା ଗ୍ରହଣ କରିଆସିଛନ୍ତି। ମାଟି, ମାଆ ଓ ମଣିଷର ସମ୍ମାନ ପାଇଁ ଲେଖକମାନଙ୍କର ବିଶେଷ ଭୂମିକା ରହିଛି। ଉତ୍ସବରେ ମୁଖ୍ୟବକ୍ତା ଭାବରେ ‘ଉତ୍କଳ ସାହିତ୍ୟ ସମାଜ’ର ପୂର୍ବତନ ସଭାପତି ଡକ୍ଟର ବିଜୟାନନ୍ଦ ସିଂହ ଯୋଗଦେଇ ଉତ୍କଳ ସାହିତ୍ୟ ସମାଜ ଓଡ଼ିଆ ସାହିତ୍ୟକୁ ପ୍ରତିଷ୍ଠା ଦେବା କ୍ଷେତ୍ରରେ ଯେଉଁ ଅବଦାନ ରଖିଛି, ତାହା ଅବିସ୍ମରଣୀୟ ବୋଲି କହିଥିଲେ।

ଉତ୍ସବରେ ଅନୁଷ୍ଠାନର ଉପସଭାପତି ଜୀବନାନନ୍ଦ ଅଧିକାରୀ ସ୍ୱାଗତ ଭାଷଣ, ସାଧାରଣ ସଂପାଦକ ପ୍ରାଧ୍ୟାପକ ଆଦିତ୍ୟ ପ୍ରତାପ ଧଳ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ସଂଗଠନ ସଂପାଦକ ଡକ୍ଟର ସୁନାମଣି ରାଉତ ମାନପତ୍ର ପାଠ କରିଥିଲେ। ମନୋଜ ପଟ୍ଟନାୟକ, ବ୍ରହ୍ମାନନ୍ଦ ବିଶ୍ୱାଳ, ଶିବାଶିଷ କର,ଆଦିତ୍ୟ ପ୍ରତାପ ବାଘସିଂହ, ଶ୍ରୀମତୀ ସରୋଜିନୀ ମିଶ୍ର, ତପନ କୁମାର ସ୍ୱାଇଁ, ଦିଲ୍ଲୀପ କୁମାର ଦାସ, ଶଶିକାନ୍ତ ରାଉତ, ମୁରଲୀଧର ଶତପଥୀ, ରାଧାଶ୍ୟାମ ରାଉଳ, ସୁକାନ୍ତ ପ୍ରସାଦ ନନ୍ଦ, ଡକ୍ଟର ସୁଶୀଳ କୁମାର ବାଗ୍, ସରୋଜ କୁମାର ସାମଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଉତ୍ସବରେ ଓଡ଼ିଶାର ବହୁ ବିଶିଷ୍ଟ ସାହିତ୍ୟିକ, ସାହିତ୍ୟପ୍ରେମୀ, ଶିକ୍ଷାବିତ୍, ସାମ୍ବାଦିକ ଯୋଗ ଦେଇଥିଲେ।

# ବର୍ଷାଦିନେ ପାଦର ଯତ୍ନ



**କେଶ ଓ ତ୍ୱଚା ଭଳି ପାଦର ଯତ୍ନ ନେବା ଜରୁରୀ । ବିଶେଷ କରି ବର୍ଷାଦିନେ ଏଥି ପ୍ରତି ଯତ୍ନବାନ୍ ହେବାକୁ ପଡ଼ିଥାଏ । କାରଣ ଏହିଦିନେ ପାଦ ଓଦା ରହିଥାଏ । ଫଳରେ ପାଦରେ ବିଭିନ୍ନ ପ୍ରକାର ସଂକ୍ରମଣ ହେବାର ଆଶଙ୍କା ରହିଥାଏ ।**

- ପାଦକୁ ନିୟମିତ ସଫା କରିବା ଆବଶ୍ୟକ । ବାହାରୁ ଘରକୁ ଆସିଲେ, ମେଡିକେଟେଡ୍ ସାବୁନ୍‌ରେ ପାଦ ସଫା କରିବା ଜରୁରୀ । ଏହାସହ ଆଣ୍ଟିଫଙ୍ଗଲ୍ ପାଉଡର ସ୍ପ୍ରେ କରିବାକୁ ପଡ଼ିଥାଏ ।
- ସେହିପରି ନିୟମିତ ପେଡିକ୍ୟୁୟର କରିବା ଦ୍ୱାରା ପାଦ ନରମ ଓ କୋମଳ ରହିଥାଏ । ଏଥିରେ ପାଦର ଅଙ୍ଗୁଳିଗୁଡ଼ିକୁ ସଫା କରିବା ସହ ପାଦକୁ ମସାଜ୍ ମଧ୍ୟ କରାଯାଇଥାଏ ।
- ନଖକୁ ମଝିରେ ମଝିରେ କର୍ଭ ସେପ୍‌ରେ କାଟିବା ଆବଶ୍ୟକ । ଏହାଦ୍ୱାରା ନଖରେ ମଇଳା ଜମି ରହେ ନାହିଁ ।
- ସର୍ବଦା ବାୟୁ ଚଳାଚଳ କରୁଥିବା ଚପଲ ପିନ୍ଧିବା ଭଲ । ଏହାଦ୍ୱାରା ପାଦ ସବୁବେଳେ ଶୁଖିଲା ରହିଥାଏ ।
- ବର୍ଷାଦିନେ ସଂକ୍ରମଣ ସମସ୍ୟାରୁ ସୁରକ୍ଷା ଦେବାପାଇଁ ଗୋଟିଏ ଟବ୍ ନେଇ ସେଥିରେ ଦୁଇ ଚାମଚ ଲୁଣ ପକାଇ ୧୫ ମିନିଟ୍ ଯାଏ ପାଦକୁ ବୁଡ଼ାଇ ରଖନ୍ତୁ । ଏପରି କରିବା ଦ୍ୱାରା ସଂକ୍ରମଣ ଆଶଙ୍କା କମିଥାଏ ।

# ରାକ୍ଷୀରୁ ସ୍ୱାବଲମ୍ବୀ ମହିଳା

**ପାଖେଇ ଆସୁଛି ରାକ୍ଷୀ ପୂର୍ଣ୍ଣିମା । ଏହିଦିନ ଭାଇ ହାତରେ ଭଉଣୀ ରାକ୍ଷୀ ବାନ୍ଧି ନିଜ ସୁରକ୍ଷାର ପ୍ରତିଶ୍ରୁତି ଲୋଡ଼ିଥାଏ । ଏଥିପାଇଁ ବଜାରରେ ବିଭିନ୍ନ ଡିଜାଇନ୍‌ର ଭଳିକି ଭଳି ରାକ୍ଷୀ ସବୁ ଦେଖିବାକୁ ମିଳିଥାଏ । ହେଲେ ବଜାରରେ ମିଳୁଥିବା ପ୍ଲାଷ୍ଟିକ୍ ରାକ୍ଷୀ ଚର୍ମଜନିତ ସମସ୍ୟା ସୃଷ୍ଟି କରିଥାଏ ଏବଂ ଏହା ପରିବେଶକୁ ଦୂଷିତ କରିଥାଏ । ତେଣୁ ଧାନ, ଚାଉଳ, ମାଟି, ଗହମ, କଉଡ଼ି, କୁଲା ଭଳି ପ୍ରାକୃତିକ ଜିନିଷକୁ ଉପଯୋଗ କରି ପରିବେଶ ଅନୁକୂଳ ରାକ୍ଷୀ ପ୍ରସ୍ତୁତ କରୁଛନ୍ତି, ଖୋର୍ଦ୍ଧା ଜିଲ୍ଲା ଆଶା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ । ଏହାଦ୍ୱାରା ସେମାନେ ଦୁଇ ପଇସା ରୋଜଗାର କରି ସ୍ୱାବଲମ୍ବୀ ହୋଇଛନ୍ତି ।**





ଆଶା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଥିମ୍ ଅନୁଯାୟୀ ପର୍ବ ପର୍ବାଣୀକୁ ଦୃଷ୍ଟିରେ ରଖି ବିଭିନ୍ନ ଜିନିଷ ପ୍ରସ୍ତୁତ କରିଥାନ୍ତି । ଏଇ ଯେମିତି ରାକ୍ଷୀ ପୂର୍ଣ୍ଣିମାରେ ରାକ୍ଷୀ ପ୍ରସ୍ତୁତି । ଧାନ, ଗହମ, ଚାଉଳ, ମାଟି, କୁଲା, ମୁଦ୍ରା, ବାଉଁଶ ଆଦିକୁ ବ୍ୟବହାର କରି ଭଳିକି ଭଳି ରାକ୍ଷୀ ପ୍ରସ୍ତୁତ କରିଥାନ୍ତି । ଜଗନ୍ନାଥ, କଉଡ଼ି, କାର୍ଟୁନ, ଗଣେଶ ଓ କୁଲା ଆଦି ଡିଜାଇନର ରାକ୍ଷୀ ତିଆରି କରନ୍ତି । ସାଧାରଣତଃ ରାକ୍ଷୀ ପୂର୍ଣ୍ଣିମା ପରେ ଲୋକେ ରାକ୍ଷୀକୁ ଏଣେତେଣେ ଫୋପାଡ଼ି ଦିଅନ୍ତି । ଏହାଦ୍ୱାରା ପ୍ଲାଷ୍ଟିକ୍ ଜିନିଷ ମାଟିରେ ପଡ଼ି ପରିବେଶକୁ ଦୂଷିତ କରିଥାଏ । ଏପରି ସ୍ଥଳେ ପରିବେଶ ଅନୁକୂଳ ରାକ୍ଷୀ ଖୁବ୍ ଲାଭଦାୟକ ହୋଇଥାଏ । ରାକ୍ଷୀରେ ବ୍ୟବହୃତ ଧାନ, ଗହମ, ଚାଉଳ ଆଦି ସହଜରେ ମାଟିରେ ମିଳେଇଯାଏ । ଏଥିସହ ଏହି ରାକ୍ଷୀ ପିନ୍ଧିବାକୁ ଖୁବ୍ ଆରାମଦାୟକ ଲାଗିଥାଏ । ଏହା ତ୍ୱଚାକୁ କୌଣସି ପ୍ରକାର କ୍ଷତି ପହଞ୍ଚାଏ ନାହିଁ ।



ଗୋଷ୍ଠୀର ସଭାପତି ସ୍ୱପ୍ନା ମହାନ୍ତିଙ୍କ କହିବାନୁଯାୟୀ, ଆଧୁନିକ ଛାପ ଥିବା ଷ୍ଟୋନ୍, ଚେନ୍, ପ୍ଲାଷ୍ଟିକ୍ ରାକ୍ଷୀ ବଦଳରେ ଲୋକେ ଆକାରରେ ଛୋଟ, ନାଲିକଳା ରଙ୍ଗର ହାତ ତିଆରି ଜଗନ୍ନାଥ ରାକ୍ଷୀକୁ ବେଶି ପସନ୍ଦ କରୁଛନ୍ତି । ଏହା ତୁଳସୀ, କଉଡ଼ି ଧାନରେ ନିର୍ମିତ ହୋଇଥିବାରୁ ଏହା ଅଧିକ ସଂଖ୍ୟାରେ ଅର୍ଡର ମଧ୍ୟ ଆସୁଛି । ଏଥିସହ ଲୋକଙ୍କ ଆକର୍ଷଣ ସାଜିଛି କୁଲା ରାକ୍ଷୀ । ଗୋଟିଏ ଛୋଟ କୁଲାକୁ ସଜେଇ ସେଥିରେ ରାକ୍ଷୀ, ସିନ୍ଦୂର, ଚାଉଳ ଆଦି ରଖି ପ୍ୟାକେଟ୍ କରାଯାଇଛି । ରାକ୍ଷୀ ପୂର୍ଣ୍ଣିମା ପାଇଁ ଏହି ସ୍ୱତନ୍ତ୍ର କୁଲା ରାକ୍ଷୀ ପ୍ରସ୍ତୁତ ହୋଇଛି ।

ମହିଳାମାନେ ବର୍ଷକ ବାରମାସ ହସ୍ତତନ୍ତ ସାମଗ୍ରୀ ପ୍ରସ୍ତୁତ କରିଥାନ୍ତି । ଏଥି ସହିତ ଲୋକଙ୍କ ଚାହିଦା, ପୂଜା, ଉତ୍ସବ ଆଦି ଦିନଗୁଡ଼ିକୁ ଧ୍ୟାନରେ ରଖି ଅନ୍ୟାନ୍ୟ ଜିନିଷ ପ୍ରସ୍ତୁତ କରିଥାନ୍ତି । ସେହିପରି ବାକି ଦିନଗୁଡ଼ିକରେ ସମ୍ବଲପୁରୀ କପଡ଼ାରୁ କାନଫୁଲ, ଚାବିରିଙ୍ଗ, କ୍ଲିପ୍, ବ୍ରେସ୍‌ଲେଟ୍ ଆଦି ପ୍ରସ୍ତୁତ କରିଥାନ୍ତି । ବଜାରରେ ଏହି ଜିନିଷର ଚାହିଦା ମଧ୍ୟ ରହିଛି । ସେହିପରି ଦୀପାବଳିରେ ମଧ୍ୟ ଭଳିକି ଭଳି କ୍ୟାଣ୍ଡେଲ ପ୍ରସ୍ତୁତ କରିଥାନ୍ତି । ସେହିପରି ରାକ୍ଷୀ ପୂର୍ଣ୍ଣିମାର ଦୁଇମାସ ପୂର୍ବରୁ ରାକ୍ଷୀ ପ୍ରସ୍ତୁତ କରିଥାନ୍ତି । ଏହାକୁ ବିକ୍ରି କରି ଦୁଇପଇସା ରୋଜଗାର କରିଥାନ୍ତି ।

# କ୍ଲେ ମାସ୍କ



**ସାଧାରଣତଃ ଧୂଳି, ପ୍ରଦୂଷଣ ତେଲ ଆଦି ମୁହଁରେ ଜମି ତ୍ୱଚାକୁ କଳା କରିଥାଏ । ଏହାଦ୍ୱାରା ମୁହଁର ଉଜ୍ଜ୍ୱଳତା କମିଯାଏ । ଏପରି ସ୍ଥଳେ କ୍ଲେ ମାସ୍କ ତ୍ୱଚା ପାଇଁ ଏକ ବରଦାନ । ଏହା ତ୍ୱଚାର ଅତିରିକ୍ତ ତେଲକୁ ଅବଶୋଷିତ କରିଥାଏ । ବିଶେଷ କରି ତେଲିଆ ଏବଂ ବ୍ରଣତ୍ୱଚା ପାଇଁ ଲାଭଦାୟକ ହୋଇଥାଏ । ଜାଣିବା ସେ ବିଷୟରେ...**

## ପ୍ରସ୍ତୁତି

- ଗୋଟିଏ ପାତ୍ରରେ ମୁଲ୍‌ତାନୀ ମାଟି, ଗୋଲାପଜଳ, ଆଲୋଭେରା ଜେଲ୍, ଅଳ୍ପ ହଳଦୀଗୁଣ୍ଡ ନେଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହାକୁ ମୁହଁରେ ଲଗାଇ ୧୦-୧୫ ମିନିଟ୍ ପରେ ଧୋଇ ଦିଅନ୍ତୁ ।
- ସେହିପରି ତ୍ୱଚା ଶୁଷ୍କ ଥିଲେ ଅଳ୍ପ ମହୁ ଓ କ୍ଷୀର ମିଶାଇପାରିବେ । ଏହା ତ୍ୱଚାରେ ଆଦ୍ରତା ବଜାୟ ରଖିଥାଏ ।
- ସପ୍ତାହରେ ଥରେ ଦୁଇଥର ଏହି ମାସ୍କକୁ ବ୍ୟବହାର କଲେ, ଏହା ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧି କରିଥାଏ ।




## ଧ୍ୟାନ ଦିଅନ୍ତୁ

- ଏହା ଲଗାଇବା ପୂର୍ବରୁ ପ୍ରଥମେ ତ୍ୱଚାକୁ ଭଲକରି ସଫା କରନ୍ତୁ ।
- ମାସ୍କ ଲଗାଇବା ପରେ ତ୍ୱଚାକୁ ଦୀର୍ଘ ସମୟ ଶୁଖାନ୍ତୁ ନାହିଁ ।
- ମାସ୍କ ଶୁଖିଗଲା ପରେ ତ୍ୱଚାକୁ ସଫା କରି ମଏଶ୍ଚରାଇଜର୍ ଲଗାନ୍ତୁ ।
- ସେହିପରି ସମ୍ବେଦନଶୀଳ ତ୍ୱଚା ଥିଲେ ପ୍ରଥମେ ପ୍ୟାଚ୍ ଟେଷ୍ଟ କରନ୍ତୁ । ପରେ ଯାଇ ଏହାକୁ ତ୍ୱଚାରେ ଲଗାନ୍ତୁ ।
- ପ୍ରାକୃତିକ ଉପାୟରେ ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧି କରିବାକୁ ଚାହୁଁଥିଲେ, ରାସାୟନିକ ପଦାର୍ଥଯୁକ୍ତ ପ୍ରସାଧନ ଲଗାଇବାରୁ ଦୂରେଇ ରୁହନ୍ତୁ । କ୍ଲେ ମାସ୍କକୁ ରୁଟିନ୍‌ରେ ସାମିଲ କରନ୍ତୁ ।
- ଏହା ତ୍ୱଚାକୁ ଗଭୀରରୁ ସଫା କରି ଏକ ପ୍ରାକୃତିକ ଚମକ ଦେଇଥାଏ ।

# ବିନା ବିଜୁଳିରେ ଇସ୍ତ୍ରୀ

**ଅନେକ ସମୟରେ ପୋଷାକ ଇସ୍ତ୍ରୀ କରୁଥିବା ସମୟରେ ବିଜୁଳି କଟିଯାଏ । ଫଳରେ ଇସ୍ତ୍ରୀ ଅଧା ରହିଯାଏ । କିନ୍ତୁ କିଛି ଘରୋଇ ଟିପ୍‌ସ ଆପଣାଇ ବିଦ୍ୟୁତ୍ କଟିଗଲେ ମଧ୍ୟ ପୋଷାକକୁ ଇସ୍ତ୍ରୀ କରିପାରିବେ, ଜାଣିବା ସେ ବିଷୟରେ...**

- ଗୋଟିଏ କଡ଼େଇରେ ପାଣି ନେଇ ଗରମ କରନ୍ତୁ । ଗରମପାଣିକୁ ଏକ ପ୍ୟାନ୍‌ରେ କାଢ଼ି ଦିଅନ୍ତୁ । ଏହା ଉପରେ ଏକ ଢାଙ୍କୁଣି ଘୋଡ଼ାଇ ପୋଷାକ ଉପରେ ଧୀରେ ଧୀରେ ଘସି ଇସ୍ତ୍ରୀ କରିପାରିବେ । ଏହାଦ୍ୱାରା ଲୋଚାକୋଚା କପଡ଼ା ସିଧା ହୋଇଯାଏ ।
- ସେହିପରି ଘରେ କୋଇଲା ଥିଲେ ଏହାକୁ ମଧ୍ୟ ବ୍ୟବହାର କରିପାରିବେ । ଏକ ଷ୍ଟିଲ୍ ପାତ୍ର ନେଇ ସେଥିରେ କୋଇଲାକୁ ଦେଇ ଗରମକରନ୍ତୁ । ଏହାପରେ ଏହାକୁ ଗୋଟିଏ କପଡ଼ାରେ ଧରି ଧୀରେ ଧୀରେ ପୋଷାକ ଉପରେ ଘଷନ୍ତୁ । ଏହାଦ୍ୱାରା ଇସ୍ତ୍ରୀ ଭଲ ହୋଇଥାଏ ।



ମୋ ହାଣ୍ଡିଶାଳରୁ...

# ପନିର୍ ଟିକି



## ଆବଶ୍ୟକ ସାମଗ୍ରୀ

ରସୁଣ- ଏକ କୋଳା, କଞ୍ଚା ଲଙ୍କା – ତିନି, ଚାରୋଟି, ବାଦାମ – ଅଧା କପ୍, ଜିରା – ଏକ ଚାମଚ, ରାଶି- ଏକ ଚାମଚ, ପନିର୍ – ୨୦୦ ଗ୍ରାମ୍, ଧନିଆପତ୍ର – ଏକ ବିଡ଼ା, ଲୁଣ – ସ୍ୱାଦ ଅନୁସାରେ , ତେଲ – ଆବଶ୍ୟକତା ଅନୁସାରେ ।

## ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ଗ୍ୟାସ୍ ଲଗାଇ ତାୱା ବସାନ୍ତୁ । ତାୱା ଗରମ ହୋଇଗଲେ, ରସୁଣ ପକାନ୍ତୁ । ପରେ ସେଥିରେ କଞ୍ଚାଲଙ୍କା, ଚିନାବାଦାମ, ପକାଇ ଭାଜନ୍ତୁ । ହାଲୁକା ଭାଜି ହୋଇଗଲେ ଜିରା, ରାଶି ଓ ସାମାନ୍ୟ ଲୁଣ ପକାଇ ଭାଜନ୍ତୁ । କିଛି ସମୟ ପରେ ଗ୍ୟାସ୍ ବନ୍ଦ କରି ଦିଅନ୍ତୁ । ଥଣ୍ଡା ହୋଇଯିବା ପରେ ଗ୍ରାଇଣ୍ଡିଂ ଜାର୍‌ରେ ପୂରାଇ ଅଳ୍ପ ଧନିଆ ପତ୍ର ଦେଇ ବାଟି ଦିଅନ୍ତୁ । ଏହାପରେ ଗୋଟିଏ ପାତ୍ର ନେଇ ପନିର୍‌କୁ ଗ୍ରେଡେଟ୍ କରି ଦିଅନ୍ତୁ । ସେଥିରେ ପୂର୍ବରୁ ଗ୍ରାଇଣ୍ଡିଂ କରି ରଖିଥିବା ବାଦାମ ଧନିଆପତ୍ର ବଟାକୁ ଦେଇ ଭଲଭାବେ ଗୋଳାଇ ଦିଅନ୍ତୁ । ସେଥିରୁ କିଛି ହାତରେ ନେଇ ଥାପି ଟିକି ପ୍ରସ୍ତୁତ କରନ୍ତୁ । ଗ୍ୟାସ୍‌ରେ ତାୱା ବସାଇ ତେଲ ଦିଅନ୍ତୁ । ତେଲ ଗରମ ହୋଇଗଲେ ପନିର୍ ଟିକି ସବୁକୁ ଦେଇ ସେକନ୍ତୁ । ଦୁଇପାଖ ନାଲି ହୋଇଗଲେ ପ୍ଲେଟ୍‌କୁ କାଢ଼ି ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା 'ପନିର ଟିକି' ।

# ସ୍କର୍ଟ ପାଇଁ ଟପ୍‌ସ



**ବର୍ଷାଦିନ ପାଇଁ ସ୍କର୍ଟ ଭଲ ବିକଳ୍ପ । ଏହା ଦେଖିବାକୁ ଯେତିକି ସୁନ୍ଦର ପିନ୍ଧିବାକୁ ମଧ୍ୟ ସେତିକି ଆରାମଦାୟକ ହୋଇଥାଏ । କିନ୍ତୁ ସ୍କର୍ଟ ସହ କେଉଁ ପ୍ରକାର ଟପ୍‌ସ ପିନ୍ଧିଲେ ଭଲ ମାନିବ, ତାକୁ ନେଇ ଅନେକ ମହିଳା ଦ୍ୱନ୍ଦରେ ଥାଆନ୍ତି । ତେଣୁ ସ୍କର୍ଟରେ ସ୍ଲିମ୍ ଓ ସୁନ୍ଦର ଦିଶିବାକୁ ଚାହୁଁଥିଲେ, ଆପଣାନ୍ତୁ ଏହି ଟିପ୍‌ସ ।**

## ବଟନ୍ – ଡାଉନ୍

ବଟନ୍ – ଡାଉନ୍ ଟପ୍ସ ପିନ୍ଧିଲେ ଏଥିରୁ ଏକ ସ୍ମାର୍ଟ ଲୁକ୍ ମିଳିଥାଏ । ଏହାକୁ ମିଡି ସ୍କର୍ଟ କିମ୍ବା ପେନ୍‌ସିଲ୍ ସ୍କର୍ଟ ସହ ପିନ୍ଧିପାରିବେ । ଏଥିରେ ଲାଗିଥିବା ସ୍ଲିଭସ୍‌କୁ ମୋଡ଼ିପାରିବେ । ଏଥିସହ ଚାହିଁଲେ ବ୍ରେସ୍‌ଲେଟ୍ ପିନ୍ଧିପାରିବେ । ଏଥିରୁ ଏକ ଷ୍ଟାଇଲିଶ୍ ଲୁକ୍ ମିଳିଥାଏ ।

## ଫିଟେଡ୍ କ୍ରପ୍

ଫିଟେଡ୍ କ୍ରପ ଟପ୍ ପିନ୍ଧିବା ଦ୍ୱାରା ଅଣ୍ଟା ପତଳା ଦେଖାଯାଏ । ଏହି ଟପ୍‌ସ ହାଇୱେଷ୍ଟ ସ୍କର୍ଟସ୍‌କୁ ଭଲ ମାନିଥାଏ । ଏହାଦ୍ୱାରା ଏକ ଷ୍ଟାଇଲିଶ୍ ଲୁକ୍ ମିଳିଥାଏ । ସେହିପରି ପତଳା ଦିଶିବାକୁ ଚାହୁଁଥିଲେ, ସ୍କର୍ଟ ଓ ଟପ୍‌ସ ସମାନ ରଙ୍ଗର ପିନ୍ଧିପାରିବେ । ଏହାଦ୍ୱାରା ଲମ୍ବା ଓ ପତଳା ଦିଶିଥାଏ ।

## ଭି-ନେକ୍ ଟପ୍‌ସ

ଭି-ନେକ୍ ଟି ସାର୍ଟ ପିନ୍ଧିବା ଦ୍ୱାରା ବେକ ଲମ୍ବା ଦିଶିଥାଏ । ଏଥିସହ ଚେହେରା ମଧ୍ୟ ପତଳା ଦିଶିଥାଏ । ତେବେ ଏହି ଟି-ସାର୍ଟ ହାଲୁକା ଫିଟିଙ୍ଗ୍ ହେବା ଜରୁରୀ । ଏହାକୁ ଡେନିମ୍ ସ୍କର୍ଟ କିମ୍ବା ମିଡି ସ୍କର୍ଟ ସହ ପିନ୍ଧିପାରିବେ । ସେହିପରି ଚାହିଁଲେ ସ୍କର୍ଟରେ ଟପ୍‌ସକୁ ଟ୍ୟାଙ୍କ୍ କରି ଏକ ବେଲ୍ଟ ଲଗାଇପାରିବେ ।

## ପେପ୍ଲମ୍

ସେହିପରି ପେଟ ବଡ଼ ଥିଲେ ଏହାକୁ ଲୁଚାଇବା ପାଇଁ ପେପ୍ଲମ୍ ଟପ୍‌ସ ପିନ୍ଧିପାରିବେ । ଏହା ଅଣ୍ଟାପାଖରୁ ଫ୍ଲେୟାର ଥାଏ । ଏହା ଶରୀରକୁ ଏକ ସୁନ୍ଦର ଆକାର ଦେଇଥାଏ । ଚାହିଁଲେ ପ୍ରିଣ୍ଟେଡ୍ ଟପ୍ସ ମଧ୍ୟ ପିନ୍ଧିପାରିବେ ।

## ଅଫ୍ ସୋଲଡର୍

କୌଣସି ପାର୍ଟି, ଫଙ୍କ୍‌ସନ୍‌କୁ ଯାଉଥିଲେ ଅଫ୍‌ସୋଲଡର ଟପ୍ସ ପିନ୍ଧିପାରିବେ । ଏହା ଷ୍ଟାଇଲିଶ୍ ସହ ସୁନ୍ଦର ଦେଖାଯାଏ । ଏଥିସହ ସହ ଆସେସରିଜ୍ ମଧ୍ୟ ପରିଧାନ କରିପାରିବେ ।

### ଲୋକେଶ ରାହୁଲ (୮୭*) ଓ ଶୁବମନ ଗିଲ୍ (୭୮*)ଙ୍କ ଲଢୁଆ ବ୍ୟାଟିଂ

# ମ୍ୟାଚ୍ ବଞ୍ଚାଇବାକୁ ଭାରତର ସଂଘର୍ଷ

ଓଲ୍ଡ ଟ୍ରାଫୋର୍ଡ,୨୬।୭ (ଏଜେନ୍ସି):

ଅଭିଜ୍ଞ ଓପନର ଲୋକେଶ ରାହୁଲ (୮୭*) ଓ ଅଧିନାୟକ ଶୁବମନ ଗିଲ୍ (୭୮*)ଙ୍କ ଲଢୁଆ ବ୍ୟାଟିଂ ବଳରେ ଏଠାରେ ଚାଲିଥିବା ଇଂଲଣ୍ଡ ବିପକ୍ଷ ଚତୁର୍ଥ ଟେଷ୍ଟରେ ପରାଜୟ ଏଡ଼ାଇବାକୁ ଭାରତ ଜୋରଦାର ସଂଘର୍ଷ କରୁଛି। ଏହି ମ୍ୟାଚ୍‌ରେ ଇଂଲଣ୍ଡର ପ୍ରଥମ ଇନିଂସ ୬୬୯ ରନ୍‌ରେ ଶେଷ ହେବା ପରେ ଭ୍ରମଣକାରୀ ଭାରତ ୩୧୧ ରନ୍‌ରେ ପଛୁଆ ହୋଇଥିଲା। ଦ୍ୱିତୀୟ ଇନିଂସ ବ୍ୟାଟିଂ ଆରମ୍ଭ କରି କ୍ରିସ୍ ଓକ୍ସ ବୋଲିଂ କରିଥିବା ପ୍ରଥମ ଓଭରରେ ଦଳ ଖାତା ଖୋଲିବା ପୂର୍ବରୁ ଓପନର ଯଶସ୍ୱୀ ଜୟସ୍ୱାଲ ଓ ନଂ-୩ ସାଇ ସୁଦର୍ଶନଙ୍କ ୱିକେଟ କ୍ରମାଗତ ବଲ୍‌ରେ ହରାଇଥିଲା। ଏହା ପରେ ରାହୁଲଙ୍କ ସହ ଗିଲ ଯୋଗଦେବା ପରେ ଚମତ୍କାର ଟେକ୍‌ନିକ୍ ଓ ଟେମ୍ପରାମେଣ୍ଟରେ ଇଂଲଣ୍ଡ ବୋଲରଙ୍କୁ ମୁକାବିଲା କରି ଚତୁର୍ଥ ଦିନ ଖେଳ ଶେଷ ବେଳକୁ ଆଉ କୌଣସି ୱିକେଟ ହରାଇ ୧୭୪ ରନ୍ ଭରଣା କରିନେଇଥିଲା। ଷ୍ଟମ୍ପ ଅପସାରଣ ବେଳକୁ ରାହୁଲ ୨୧୦ ବଲ ଖେଳି ୮ ଚୌକା ସହ ୮୭ ଓ ଗିଲ୍ ୧୬୭ ବଲରୁ ୧୦ ଚୌକା ସହ ୭୮ ରନ୍‌ରେ ଅପରାଜିତ ରହିଥିଲେ। ଖେଳ ଆଉ ଗୋଟିଏ ଦିନ ବାକି ଥିଲାବେଳେ ଭାରତ ୧୩୭ ରନ୍‌ରେ ପଛୁଆ ରହିଛି। ପୂର୍ବରୁ ଜୋ ରୁଟ୍ (୧୫୦) ଓ ବେନ୍ ଷ୍ଟୋକ୍ସ (୧୪୧)ଙ୍କ ଦମ୍‌ଦାର ଶତକ ସହାୟତାରେ ଇଂଲଣ୍ଡର ପ୍ରଥମ ଇନିଂସରେ ୬୬୯ ରନ୍ କରିଥିଲା।




### ଅଧିନାୟକ ବେନ୍‌ଙ୍କ ଶତକ

ଏହି ମ୍ୟାଚ୍‌ର ଶନିବାର ଚତୁର୍ଥ ଦିନ ସକାଳେ ଇଂଲଣ୍ଡ ତାହାର ଅସମାପ୍ତ ପ୍ରଥମ ଇନିଂସ ୭ ୱିକେଟରେ ୫୪୪ ରନ୍‌ରୁ ଖେଳ ଆରମ୍ଭ କରି ଦ୍ରୁତଗତିରେ ରନ୍ ସଂଗ୍ରହ କରିଥିଲା। ବିଶେଷ କରି ଅଧିନାୟକ ବେନ୍ ଷ୍ଟୋକ୍ସ ଏକାକୀ ଭାରତୀୟ ବୋଲରଙ୍କୁ ଚୌକା ଛକା ମାଧ୍ୟମରେ ନିଷ୍ପ୍ରଭ କରିଦେଇଥିଲେ। ଗତକାଲି ୬୬ ରନ୍‌ରେ ରିଟାୟର୍ଡ ହୋଇଥିବା ଷ୍ଟୋକ୍ସ ପରେ ବ୍ୟାଟିଂ କରିବାକୁ ଆସି ୭୭ ରନ୍‌ରେ ଅପରାଜିତ ରହିଥିଲେ। ଆଜି ସେ ଏହି ସ୍କୋରକୁ ଆଗକୁ ବଢ଼ାଇବା ସହ ଇଂଲଣ୍ଡକୁ ଏକ ବିଶାଳ ସ୍କୋରରେ ପହଞ୍ଚାଇଥିଲେ। ସେ ଓ ବ୍ରାଇଡନ କାର୍ସ ୯ମ ୱିକେଟରେ ୯୭ ବଲ୍‌ରୁ ୯୫ ରନ୍ ଉଠାଇବା ଫଳରେ ଇଂଲଣ୍ଡ ୬୬୯ ରନ୍‌ର ବିଶାଳ ସ୍କୋର କରିବାରେ ସମର୍ଥ ହୋଇଥିଲା। ଏହା ଓଲ୍ଡ ଟ୍ରାଫୋର୍ଡରେ ସର୍ବାଧିକ ହୋଇଥିଲାବେଳେ ଭାରତ ବିପକ୍ଷରେ ଦ୍ୱିତୀୟ ସର୍ବାଧିକ ଟେଷ୍ଟ ସ୍କୋର। ଭାରତୀୟ ବୋଲରଙ୍କୁ ନିରାଶ କରିବା ପରେ ଷ୍ଟୋକ୍ସ ଏକାଧିକ ରେକର୍ଡ କରି ୧୪୧ ରନ୍‌ରେ ଜାଡେଜାଙ୍କ ଦ୍ୱାରା ଆଉଟ ହୋଇଥିଲେ। ଏହି ସ୍କୋର ଲାଗି ସେ ୧୯୮ଟି ବଲ୍‌ର ସମ୍ମୁଖୀନ ହୋଇ ୧୧ ଚୌକା ଓ ୩ ଛକା ମାରିଥିଲେ। ଟେଷ୍ଟ କ୍ରିକେଟରେ ଷ୍ଟୋକ୍ସର ଏହା ୧୪ତମ ଶତକ ଥିଲା।

### ପ୍ରଥମଥର ବୁମରା ଖର୍ଚ୍ଚ କଲେ ୧୦୦+ ରନ୍

ଏହି ଇନିଂସରେ ଭାରତୀୟ ବୋଲରଙ୍କ ପ୍ରଦର୍ଶନ ସବୁଠାରୁ ନିକୃଷ୍ଟ ଥିଲା। ଇଂଲଣ୍ଡ ୧୫୭.୧ ଓଭର ଭାରତୀୟଙ୍କୁ ପଡ଼ିଆରେ ରଖିଥିଲା। ଏଥିରେ ବୁମ୍‌ରା ୩୩ ଓଭର ବୋଲିଂ କରି ୧୧୨ ରନ୍ ଦେଇଥିଲେ। ଟେଷ୍ଟ କ୍ରିକେଟ କ୍ୟାରିୟରରେ ବୁମ୍‌ରା ପ୍ରଥମଥର ଗୋଟିଏ ଇନିଂସରେ ୧୦୦ରୁ ଅଧିକ ରନ୍ ବ୍ୟୟ କରିଥିଲେ। ତାଙ୍କ ବ୍ୟତୀତ ଆଉ ୪ଜଣ ବୋଲର ମହମ୍ମଦ୍ ସିରାଜ ୩୦ ଓଭରରେ ୧୪୦, ରବୀନ୍ଦ୍ର ଜାଡେଜା ୩୭.୧ ଓଭରରେ ୧୪୩ ଓ ୱାଶିଂଟନ ସୁନ୍ଦର ୨୮ ଓଭରରେ ୧୦୭ ରନ୍ ବ୍ୟୟ କରିଥିଲେ। ଏହା ୨୫ତମ ଅବସର ଯେଉଁଥିରେ ଭାରତର ୪ଜଣ ବୋଲର ୧୦୦ କିମ୍ବା ତା'ଠାରୁ ଅଧିକ ରନ୍ ବ୍ୟୟ କରିଥିଲେ। ଜାଡେଜାଙ୍କୁ ସର୍ବାଧିକ ୪ଟି, ବୁମ୍‌ରା ଓ ସୁନ୍ଦରଙ୍କୁ ୨ଟି ଲେଖାଏଁ ୱିକେଟ ମିଳିଥିଲା।

### ସଂକ୍ଷିପ୍ତ ସ୍କୋର

**ଭାରତ ପ୍ରଥମ ଇନିଂସ: ୩୫୮/୧୦, ୧୧୪.୧ ଓଭର** (ସୁଦର୍ଶନ-୬୧, ଜୟସ୍ୱାଲ-୫୮, ପନ୍ତ-୫୪, ଷ୍ଟୋକ୍ସ-୫/୭୨, ଆର୍ଚର-୩/୭୩)।

**ଇଂଲଣ୍ଡ ପ୍ରଥମ ଇନିଂସ: ୬୬୯/୧୦, ୧୫୭.୧ ଓଭର** (ଜୋ ରୁଟ୍-୧୫୦, ବେନ୍ ଷ୍ଟୋକ୍ସ-୧୪୧, ଡକେଟ-୯୪, କ୍ରାଲୀ-୮୪, ପୋପ୍-୭୧, ଜାଡେଜା-୪/୧୪୩, ସୁନ୍ଦର-୨/୧୦୭, ବୁମ୍‌ରା-୨/୧୧୨)।

**ଭାରତ ଦ୍ୱିତୀୟ ଇନିଂସ: ୧୭୪/୨, ୬୩ ଓଭର** (ଲୋକେଶ ରାହୁଲ-ବ୍ୟାଟିଂ-୮୭, ଶୁବମନ ଗିଲ-ବ୍ୟାଟିଂ-୭୮, ଜୟସ୍ୱାଲ-୦, ସୁଦର୍ଶନ-୦, କ୍ରିସ୍ ଓକ୍ସ-୨/୪୮)।

## ଷ୍ଟୋକ୍ସଙ୍କ ବିରଳ କୀର୍ତ୍ତିମାନ

### ଟେଷ୍ଟରେ ୭୦୦୦ ରନ୍ ଓ ୨୦୦ ୱିକେଟ ନେବାରେ ତୃତୀୟ

ଓଲ୍ଡ ଟ୍ରାଫୋର୍ଡ,୨୬।୭ (ଏଜେନ୍ସି): ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ ଏଠାରେ ଚାଲିଥିବା ଭାରତ ବିପକ୍ଷ ଚତୁର୍ଥ ଟେଷ୍ଟରେ ଏକ ବିରଳ ସଫଳତା ପାଇଛନ୍ତି। ଏହି ଟେଷ୍ଟରେ ସେ ୫ ୱିକେଟ ଓ ୧୪୧ ରନ୍ କରିଛନ୍ତି। ଏହି ଟେଷ୍ଟରେ ସେ ଇଂଲଣ୍ଡର ଚତୁର୍ଥ ଖେଳାଳି ତଥା ବିଶ୍ୱର ୫ମ ଅଧିନାୟକ ଭାବେ ଗୋଟିଏ ଟେଷ୍ଟରେ ୫ ୱିକେଟ ନେବା ସହ ଶତକ ହାସଲ କରିଛନ୍ତି। ଏହି ସଫଳତା ବଳରେ ଏଠାରେ ୧୧୫ତମ ଟେଷ୍ଟ ଖେଳୁଥିବା ଷ୍ଟୋକ୍ସ ଟେଷ୍ଟ କ୍ରିକେଟରେ ୭୦୦୦ ରନ୍ ପୂରଣ କରିବା ସହ ଦୁଇଶହ ୱିକେଟ ନେବାରେ ସଫଳ ହୋଇଛନ୍ତି। ଏହି ବିରଳ ସଫଳତା ପାଇବାରେ ସେ ବିଶ୍ୱର ମାତ୍ର ତୃତୀୟ ଅଲରାଉଣ୍ଡର। ତାଙ୍କ ପୂର୍ବରୁ ଦକ୍ଷିଣ ଆଫ୍ରିକାର ଜ୍ୟାକ୍ କାଲିସ୍ (୧୩୨୮୯ ରନ୍ ଓ ୨୯୨ ୱିକେଟ) ଓ ୱେଷ୍ଟଇଣ୍ଡିଜ୍‌ର ଗ୍ୟାରୀ ସୋବର୍ସ (୮୦୩୨ ରନ୍ ଓ ୨୩୫ ୱିକେଟ) ଏହି କ୍ଲବ୍‌ର ସଦସ୍ୟ ହୋଇଥିଲେ। ଷ୍ଟୋକ୍ସ ୧୧୫ତମ ଟେଷ୍ଟରେ ମୋଟ ୭୦୩୨ ରନ୍ କରିବା ସହ ୨୨୯ଟି ୱିକେଟ ଅକ୍ତିଆର କରିଛନ୍ତି। ଏହା ମଧ୍ୟରେ ୧୪ଟି ଶତକ ରହିଥିଲାବେଳେ ଗୋଟିଏ ଇନିଂସରେ ୫ମଥର ୫ କିମ୍ବା ତା'ଠାରୁ ଅଧିକ ୱିକେଟ ନେବାରେ ସମର୍ଥ ହୋଇଛନ୍ତି।

ଏହି ଟେଷ୍ଟରେ ଇଂଲଣ୍ଡର ପ୍ରଥମ ଇନିଂସ ୬୬୯ ରନ୍‌ରେ ସୀମିତ ରହିବା ଫଳରେ ଭାରତ ବିପକ୍ଷରେ ଘରୋଇ ଦଳ ଦ୍ୱିତୀୟ ସର୍ବାଧିକ ଟେଷ୍ଟ ସ୍କୋର ସଂଗ୍ରହ କରିଛି। ପୂର୍ବରୁ ୨୦୧୧ ବର୍ମିଂହାମ ଟେଷ୍ଟରେ ଇଂଲଣ୍ଡ ୭ ୱିକେଟରେ ୭୧୦ ରନ୍ କରି ଭାରତ ବିପକ୍ଷରେ ସର୍ବାଧିକ ଟେଷ୍ଟ ସ୍କୋର ସଂଗ୍ରହ କରିଥିଲା। ଟେଷ୍ଟ କ୍ରିକେଟରେ ଇଂଲଣ୍ଡର ଏହା ୫ମ ସର୍ବାଧିକ ସ୍କୋର। ୨୦୧୪ରେ ଶେଷଥର ଭାରତ ବିପକ୍ଷରେ ପ୍ରତିପକ୍ଷ ଦଳ ୬୦୦ (ନ୍ୟୁଜିଲାଣ୍ଡ, ୬୮୦/୮) ରନ୍ କରିଥିଲା।

## ତ୍ରି-ରାଷ୍ଟ୍ରୀୟ ଟି-୨୦ ସିରିଜ୍ ଜିତିଲା ନ୍ୟୁଜିଲାଣ୍ଡ

ହରାରେ, ୨୬।୭ (ଏଜେନ୍ସି): ରୋମାଞ୍ଚକର ଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ୩ ରନରେ ହରାଇ ନ୍ୟୁଜିଲାଣ୍ଡ ଏଠାରେ ଅନୁଷ୍ଠିତ ତ୍ରି-ରାଷ୍ଟ୍ରୀୟ ଟି-୨୦ ସିରିଜରେ ଚାମ୍ପିଅନ ହୋଇଛି। ସ୍ଥାନୀୟ ହରାରେ ସ୍ପୋର୍ଟ୍ସ କ୍ଲବରେ ଶନିବାର ଅନୁଷ୍ଠିତ ଫାଇନାଲରେ ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ୫ ୱିକେଟରେ ୧୮୦ ରନ କରିଥିଲା। ଡେଭିଡ୍ କନୱେ ଓ ରାଚିନ ରବୀନ୍ଦ୍ର ୪୭ ରନ ଲେଖାଏ କରିଥିଲେ। ଜବାବରେ ଦକ୍ଷିଣ ଆଫ୍ରିକା ଓପନର୍ ଲୁଆନ ଡ୍ରି-ପ୍ରିଟୋରିୟସ (୫୧ ରନ), ରିଜା ହେଣ୍ଡ୍ରିକ୍ସ (୩୭) ଓ ଡେୱାଲ୍ଡ ବ୍ରେଭିସ (୩୧)ଙ୍କ ଉପଯୋଗୀ ପାଳି ସତ୍ତ୍ୱେ ୬ ୱିକେଟ୍‌ରେ ୧୭୭ ରନ କରିପାରିଥିଲା। ଶେଷ ଓଭରରେ ଜିତିବାକୁ ୭ ରନ ଆବଶ୍ୟକ ହେଉଥିବାବେଳେ ନ୍ୟୁଜିଲାଣ୍ଡ ବୋଲର ମ୍ୟାଟ୍ ହେନରୀ ୩ ରନ ବ୍ୟୟ କରି ୨ଟି ୱିକେଟ୍ ନେଇଥିଲେ।

## ଡେଭିଡ୍‌ଙ୍କ ଶତକ: ଅଷ୍ଟ୍ରେଲିଆର ସିରିଜ୍ କବ୍‌ଜା

ସେଣ୍ଟ କିଟ୍ସ, ୨୬।୭ (ଏଜେନ୍ସି): ଟିମ୍ ଡେଭିଡ୍‌ଙ୍କ ୩୭ ବଲ୍‌ରେ ଅପରାଜିତ ୧୦୨ ଓ ଅବିଭକ୍ତ ୫ମ ୱିକେଟ ଯୋଡିରେ ମିଚେଲ ଓଏନ୍ (୩୬)ଙ୍କ ସହ ୧୨୮ ରନ୍ ସଂଗୃହୀତ ହେବା ଫଳରେ ଏଠାରେ ଅନୁଷ୍ଠିତ ତୃତୀୟ ଟି-୨୦ରେ ଅଷ୍ଟ୍ରେଲିଆ ୬ ୱିକେଟରେ ୱେଷ୍ଟଇଣ୍ଡିଜ୍‌କୁ ହରାଇଛି। କ୍ରମାଗତ ୩ଟି ମ୍ୟାଚ୍‌ରେ ବିଜୟୀ ହୋଇ ଅଷ୍ଟ୍ରେଲିଆ ୩-୦ରେ ଅପରାଜେୟ ଅଗ୍ରଣୀ ରହିବା ସହ ସିରିଜ୍ କବ୍‌ଜା କରିଛି। ଇଣ୍ଡିଜ୍‌ର ସାଇ ହୋପ୍ ଅପରାଜିତ ୧୦୨ ରନ୍ କରିଥିଲେ।

## ଦ୍ୱିତୀୟଥର ଲାଗି ସ୍ଥଗିତ ରହିଲା କବାଡ଼ି ବିଶ୍ୱକପ୍

ନୂଆଦିଲ୍ଲୀ, ୨୬।୭ (ଏଜେନ୍ସି): ଆସନ୍ତା ମାସରେ ଖେଳାଯିବାକୁ ଥିବା ମହିଳା କବାଡ଼ି ବିଶ୍ୱକପ୍‌ର ଦ୍ୱିତୀୟ ସଂସ୍କରଣକୁ ସ୍ଥଗିତ ରଖାଯାଇଛି। ଅଗଷ୍ଟ ୩ରୁ ୧୦ ତାରିଖ ପର୍ଯ୍ୟନ୍ତ ହାଇଦରାବାଦ୍‌ର ଗାଛିବୋଲି ଇଣ୍ଡୋର ଷ୍ଟାଡିୟମରେ ଏହି ମେଗା ଇଭେଣ୍ଟ ଅନୁଷ୍ଠିତ ହେବାକୁ ଥିଲା। କିନ୍ତୁ ପ୍ରଶାସନିକ ସମସ୍ୟା ଯୋଗୁ ଅନିର୍ଦ୍ଦିଷ୍ଟକାଳ ଲାଗି ଏହାକୁ ସ୍ଥଗିତ ରଖାଯାଇଥିବା ଭାରତୀୟ ଆମେଚର କବାଡ଼ି ମହାସଂଘ (ଏକେଏଫ୍‌ଆଇ) ପକ୍ଷରୁ କୁହାଯାଇଛି। ଫଳରେ ମହିଳା କବାଡ଼ି ବିଶ୍ୱକପ୍ ୨ୟଥର ଲାଗି ସ୍ଥଗିତ ହୋଇଛି। ଏଥିପୂର୍ବରୁ ମହିଳା କବାଡ଼ି ବିଶ୍ୱକପ୍ ଜୁନରେ ବିହାରରେ ଆୟୋଜିତ ହେବାର ଥିଲା। କିନ୍ତୁ ବିହାର ସରକାର ପରେ ଆୟୋଜନ ନେଇ ଅସମର୍ଥ ପ୍ରକାଶ କରିଥିଲେ।

### ୟୁଏଇରେ ଏସିଆ କପ୍ ସେପ୍ଟେମ୍ବର ୯ରୁ ୨୮

## ୧୪ରେ ଭାରତ-ପାକିସ୍ତାନ ମୁକାବିଲା

ନୂଆଦିଲ୍ଲୀ,୨୬।୭ (ଏଜେନ୍ସି): ୟୁଏଇ ବା ୟୁନାଇଟେଡ ଆରବ ଏମିରେଟ୍ସରେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ସେପ୍ଟେମ୍ବର ୯ରୁ ୨୮ ତାରିଖ ଯାଏ ଏସିଆ କପ୍ ପୁରୁଷ କ୍ରିକେଟ ଖେଳାଯିବ। ଏ ସମ୍ପର୍କରେ ଏସିଆନ୍ କ୍ରିକେଟ କାଉନ୍ସିଲ (ଏସିସି) ଶନିବାର ବିଧିବଦ୍ଧ ଘୋଷଣା କରିଛି। ଟି-୨୦ ଫର୍ମାଟରେ ୮ଟି ଦଳକୁ ନେଇ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯିବ ବୋଲି ଏସିସିର ସଭାପତି ପାକିସ୍ତାନର ମୋହସିନ ନକ୍‌ଭି ଆଜି ଏକ୍ସ'ରେ ସୂଚନା ଦେଇଛନ୍ତି। ଭାରତ ଓ ଶ୍ରୀଲଙ୍କାରେ ଟି-୨୦ ବିଶ୍ୱକପ୍ ଖେଳାଯିବାକୁ ଥିବାରୁ ଏଥର ଏସିଆ କପ୍‌କୁ ସମାନ ଫର୍ମାଟରେ ଆୟୋଜନ କରାଯିବାକୁ ସ୍ଥିର ହୋଇଛି। ଏହି ଟୁର୍ଣ୍ଣାମେଣ୍ଟ ସେପ୍ଟେମ୍ବର ୯ରୁ ଆରମ୍ଭ ହୋଇ ୨୮ରେ ଶେଷ ହେବ। ଖେଳସୂଚୀ ଘୋଷଣା ହୋଇ ନ ଥିଲେ ମଧ୍ୟ ଗୋଟିଏ ଗ୍ରୁପ୍‌ରେ ସ୍ଥାନ ପାଇଥିବା ଭାରତ ଓ ପାକିସ୍ତାନ ମଧ୍ୟରେ ମୁକାବିଲା ସେପ୍ଟେମ୍ବର ୧୪ରେ ଅନୁଷ୍ଠିତ ହେବ। ଏହି ଟୁର୍ଣ୍ଣାମେଣ୍ଟର ଆୟୋଜକ ଭାବେ ଭାରତ ରହିଛି। କିନ୍ତୁ ଏସିସିର ରାଜିନାମା ଅନୁଯାୟୀ ଭାରତ ଓ ପାକିସ୍ତାନ ଯଦି ଆୟୋଜକ ହୁଅନ୍ତି, ତେବେ ଆସନ୍ତା ୩ ବର୍ଷ ଯାଏ ଏହି ଟୁର୍ଣ୍ଣାମେଣ୍ଟ ନିରପେକ୍ଷ କେନ୍ଦ୍ରରେ ଖେଳାଯିବ। ଏଥିଲାଗି ଏଥର ଟୁର୍ଣ୍ଣାମେଣ୍ଟ ୟୁଏଇରେ ଖେଳାଯିବ ବୋଲି ସ୍ଥିର ହୋଇଛି।

**ଭାରତର ଖେଳସୂଚୀ**
- ସେପ୍ଟେମ୍ବର ୯: ଭାରତ-ୟୁଏଇ
- ସେପ୍ଟେମ୍ବର ୧୪: ଭାରତ-ପାକିସ୍ତାନ
- ସେପ୍ଟେମ୍ବର ୧୯: ଭାରତ-ଓମାନ

## ଗ୍ରୀନ୍ ବେଜ୍ କ୍ଲାସିକ ଅଲ୍ ଓଡ଼ିଶା ସ୍ନୁକର ଉଦ୍‌ଘାଟିତ

ଭୁବନେଶ୍ୱର, ୨୬।୭ (ସମିସ): ଆଇଆର୍‌ସି ଭିଲେଜ୍‌ସ୍ଥିତ ଭିନଟେଜ୍ କ୍ଲବ ଆନୁକୂଲ୍ୟରେ ଗ୍ରୀନ୍ ବେଜ୍ କ୍ଲାସିକ ଅଲ୍‌ଓଡ଼ିଶା ଓପନ୍ ୧୦-ରେଡ୍ ସ୍ନୁକର ଚାମ୍ପିଅନସିପ୍ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଦିବସରେ ଅନୁଷ୍ଠିତ ମ୍ୟାଚରେ ଜାକିର ଅଲି, ଶ୍ୟାମ ଅଗରୱାଲ, ଅଲ୍‌ତାଫ୍ ଅଲି, ସନ୍ଦୀପ ଅଗରୱାଲ, ଗୋବିନ୍ଦ ରାଓ, ଅଭିଳାଷ ମହାରଣା, ରୁମିତ ଗୁପ୍ତା, ଆଶିଷ ପାତ୍ର, ପ୍ରିୟଗୋବିନ୍ଦ ମହାପାତ୍ର, ଚେତନ ଆନନ୍ଦ, ଆଦିତ୍ୟ ହାଲଦାର, ମିଶାଲ ସ୍ୱାଇଁ, ସାଗର ସ୍ୱାଇଁ, ଜ୍ଞାନ ଦାଶ, ଦେବୀ ପ୍ରସାଦ ସାହୁ ଓ ବରୁଣ ନାୟକ ବିଜୟୀ ହୋଇଛନ୍ତି। ମିଶାଲ, ଜ୍ଞାନ, ଜାକିର ଓ ଗୋବିନ୍ଦ ରାଓ ଏଥିସହ ମୁଖ୍ୟ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ରବିବାର ମୁକାବିଲା ପରେ ଅନ୍ୟ କେଉଁ ପ୍ରତିଯୋଗୀ ମୁଖ୍ୟ ପର୍ଯ୍ୟାୟକୁ ଯୋଗ୍ୟତା ଅର୍ଜନ କରିବେ ତାହା ସ୍ପଷ୍ଟ ହେବ। ପୂର୍ବରୁ ମିଶାଲ ସ୍ୱାଇଁ, ଶ୍ୟାମ ଅଗରୱାଲ, ଟୁର୍ଣ୍ଣାମେଣ୍ଟ ଡିରେକ୍ଟର ନିଶାନ୍ତ ବିଶ୍ୱାଳ ଅତିଥିଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ।

## ଟ୍ୟାଲେଣ୍ଟ ଟେନିସ ସିରିଜ: ସୁତଭ୍ୟାଙ୍କୁ ଡବଲ୍ ଟାଇଟଲ୍

ଭୁବନେଶ୍ୱର, ୨୬।୭ (ସମିସ): ଓଡ଼ିଶା ଟେନିସ ଆସୋସିଏସନ (ଓଟିଏ) ଓ ରାଜ୍ୟ କ୍ରୀଡ଼ା ବିଭାଗରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଏଆଇଟିଏ-ଓଟିଏ ଟ୍ୟାଲେଣ୍ଟ ସିରିଜ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଓଡ଼ିଶାର ସୁତଭ୍ୟା କର୍ମାକର ଡବଲ୍ ଟାଇଟଲ୍ ଜିତିଛନ୍ତି। ସେ ୧୬ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ ଓ ଡବଲ୍ସରେ ଚାମ୍ପିଅନ ହୋଇଛନ୍ତି। ସେହିଭଳି ୧୪ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସରେ ପଶ୍ଚିମବଙ୍ଗର ସ୍ୱପ୍ନିଏ ଘୋଷ ଟାଇଟଲ୍ ଜିତିଛନ୍ତି। ଉଦ୍‌ଯାପନୀ ଉତ୍ସବରେ ଓଟିଏ ସମ୍ପାଦକ ଆଇପିଏସ୍ ସଞ୍ଜୀବ ପଣ୍ଡା, ଯୁଗ୍ମ ସମ୍ପାଦକ ସମ୍ବିତ ପଟ୍ଟନାୟକ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଓ ରନର୍ସଅପ୍ ଖେଳାଳିଙ୍କୁ ଯଥାକ୍ରମେ ୧୫ ଓ ୧୨ ଆଇଟା ପଏଣ୍ଟ ପାଇଛନ୍ତି। ଗତ ୨୧ ତାରିଖରୁ ଚାଲିଥିବା ଏହି ଟେନିସ ଟୁର୍ଣ୍ଣାମେଣ୍ଟରେ ଆୟୋଜକ ଓଡ଼ିଶା ସମେତ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ତ୍ରିପୁରା ଓ ଆସାମର ୫୨ ଖେଳାଳି ଅଂଶଗ୍ରହଣ କରିଥିଲେ।

### ଏସିଆ କପ୍ ଜୁନିଅର ବ୍ୟାଡ୍‌ମିଣ୍ଟନ

## ତନ୍ୱି, ଭେନାଲାଙ୍କୁ କାଂସ୍ୟ ପଦକ

ନୂଆଦିଲ୍ଲୀ, ୨୬।୭ (ଏଜେନ୍ସି): ଇଣ୍ଡୋନେସିଆରେ ଶନିବାର ଶେଷ ହୋଇଛି ଏସିଆ କପ୍ ଜୁନିଅର ବ୍ୟାଡ୍‌ମିଣ୍ଟନ। ଏହି ପ୍ରତିଯୋଗିତାରେ ଭାରତର ମହିଳା ଦଳ ପ୍ରଥମଥର ଲାଗି ୨ଟି ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ଭାରତ ପକ୍ଷରୁ ତନ୍ୱି ଶର୍ମା ଓ ଭେନାଲା କାଲାଗୋଟାଲା ମହିଳା ଏକକ ସେମିଫାଇନାଲରେ ପରାଜିତ ହେବା ଫଳରେ କାଂସ୍ୟ ପଦକ ହାସଲ କରିଛନ୍ତି। ଚୀନର ପ୍ରତିଯୋଗୀ ଉଭୟ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ଦ୍ୱିତୀୟ ସେମିଫାଇନାଲରେ ବିଶ୍ୱର ନଂ-୧ ଖେଳାଳି ତନ୍ୱି ଶର୍ମା ଏକାଧିକ ତ୍ରୁଟି କରିବା ଫଳରେ ଏହି ମ୍ୟାଚ୍ ହାରିଯାଇଥିଲେ।

# ସାହାଣୀ କପ୍ ଫାଇନାଲରେ କଟକ

ଭୁବନେଶ୍ୱର, ୨୬।୭ (ସମିସ): ପ୍ରଥମ ଦଳ ଭାବେ କଟକ ଚଳିତ ଆନ୍ତଃଜିଲ୍ଲା ସିନିଅର ପୁରୁଷ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ସାହାଣୀ କପ୍‌ର ଫାଇନାଲରେ ପ୍ରବେଶ କରିଛି। କେନ୍ଦ୍ରାପଡ଼ାର ରାଜକନିକା ଜୋନରେ ଶନିବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ କଟକ ଓ ସୁନ୍ଦରଗଡ଼ ସାମ୍ନାସାମ୍ନି ହୋଇଥିଲେ। ଏଥିରେ ଦୀନବନ୍ଧୁ ଦାସଙ୍କ ହ୍ୟାଟ୍ରିକ ଗୋଲ୍ ବଳରେ କଟକ ୫-୦ରେ ବିଜୟୀ



ହୋଇ ଫାଇନାଲ ଟିକଟ୍ ହାସଲ କରିଥିଲା। ଦୀନବନ୍ଧୁ ମ୍ୟାଚର ପ୍ରଥମାର୍ଦ୍ଧ (୩୬ତମ, ୪୩ତମ ଓ ୪୫ତମ ମିନିଟ୍)ରେ ୩ଟି ଯାକ ଗୋଲ୍ ଦେଇଥିଲେ। ସେହିଭଳି ବାପୁନି ବିନ୍ଧାଣୀ ଅନ୍ୟ ୨ଟି ଗୋଲ୍ ଦେଇଥିଲେ। ରବିବାର ଦ୍ୱିତୀୟ ସେମିଫାଇନାଲ ଖେଳାଯିବ। ବ୍ରହ୍ମପୁରର ମହାତ୍ମା ଗାନ୍ଧି ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ମ୍ୟାଚରେ କୋରାପୁଟ ଓ ସମ୍ବଲପୁର ସାମ୍ନାସାମ୍ନି ହେବେ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ: ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS